# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଫେବୃୟାରୀ ୧୯ /୨୦୧୯ (୨୦ ପୃଷ୍ଠା) Bhubaneswar, Tuesday, February 19/ 2019 ★★★★

୪୫ଶ ଭାଗ ୮୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-






KP GROUP
Quality Since 1965
Safal
PAN MASALA
ସେହି ମଜାର ପ୍ରତିଶ୍ରୁତି
ଏବେ ଦୁଇଗୁଣରୁ ବି ବେଶି !
20% EXTRA
KP GROUP
MADHUBAN
Safal
PAN MASALA
NO TOBACCO, NO NICOTINE ADDED
9g.
₹10/-
ମୂଲ୍ୟର ନୂଆ
ଜମ୍ବୋ ପ୍ୟାକ୍
0% TOBACCO • NICOTINE NOT ADDED • NOT FOR MINORS • ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଫେବୃୟାରୀ ୧୯ /୨୦୧୯ | Bhubaneswar, Tuesday, February 19/ 2019 | ପୃଷ୍ଠା-୧




**‘ଜୟ୍ ମମି ଦି’ରେ ଅଭିନୟ କରିବେ ପୁନମ୍**

ବିଶିଷ୍ଟ ଅଭିନେତ୍ରୀ ପୁନମ୍ ଧିଲନ୍ ଆଗାମୀ ଫିଲ୍ମ ‘ଜୟ୍ ମମି ଦି’ରେ ଅଭିନୟ କରିବା ପାଇଁ ଉତ୍ସାହିତ ଅଛନ୍ତି।

୦୯

୧୭

**କ୍ରୀଡ଼ା ବିଜ୍ଞାନ କେନ୍ଦ୍ରକୁ ନେଇ ବିନ୍ଦ୍ରା ଆଶାବାଦୀ**

କଳିଙ୍ଗ ଷ୍ଟାଡିୟମ ପରିସରରେ ଉଦ୍‌ଘାଟିତ ବିଶ୍ୱସ୍ତରୀୟ କ୍ରୀଡ଼ା ବିଜ୍ଞାନ କେନ୍ଦ୍ର ଆଥଲେଟ୍‌ଙ୍କ ପାଇଁ ଉପାଦେୟ ହୋଇପାରିବ ବୋଲି ତାରକା ଶୁଟର ଅଭିନବ ବିନ୍ଦ୍ରା ଆଶାବାଦୀ।



# ପୁଲ୍‌ୱାମା ଆକ୍ରମଣର ପ୍ରତିଶୋଧ

## ଏନ୍‌କାଉଣ୍ଟରରେ ମାଷ୍ଟରମାଇଣ୍ଡ ଗାଜି ନିହତ

ଶ୍ରୀନଗର,୧୮।୨(ପି.ଟି.)

ଜମ୍ମୁ-କଶ୍ମୀରରେ ସୋମବାର ସୁରକ୍ଷା ବଳକୁ ବଡ଼ ସଫଳତା ମିଳିଛି। ଯବାନଙ୍କ ପକ୍ଷରୁ ୧୨ ଘଣ୍ଟା ଧରି ଚାଲିଥିବା ଏନ୍‌କାଉଣ୍ଟରରେ ପୁଲ୍‌ୱାମା ଆକ୍ରମଣର ମାଷ୍ଟରମାଇଣ୍ଡ ଅବ୍‌ଦୁଲ ରଶିଦ୍ ଗାଜିଙ୍କ ସହ ଜୈଶ୍-ଇ-ମହମ୍ମଦ (ଜେଇଏମ୍)ର ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଆତଙ୍କବାଦୀମାନେ ଲୁଚି ରହିଥିବା ଘରର ୨ ମାଲିକ ମଧ୍ୟ ଗୁଳି ବିନିମୟ ବେଳେ ନିହତ ହୋଇଛନ୍ତି। ଅନ୍ୟପକ୍ଷରେ ଆତଙ୍କବାଦୀଙ୍କ ଆକ୍ରମଣରେ ସେନାର ଜଣେ ମେଜର ଓ ୩ ଯବାନ ଶହୀଦ ହୋଇଥିବାବେଳେ ୬ ଆହତ ହୋଇଛନ୍ତି। ଏହି କାର୍ଯ୍ୟାନୁଷ୍ଠାନକୁ ପୁଲ୍‌ୱାମା ଆକ୍ରମଣର ପ୍ରଥମ ପ୍ରତିଶୋଧ ବୋଲି କୁହାଯାଉଛି। ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆଲୋଚନା କରିଛନ୍ତି।

ପୁଲ୍‌ୱାମାର ଅୱନ୍ତିପୋରାସ୍ଥିତ ଲେଥ୍‌ପୋରାରେ ୪ ଦିନ ତଳେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍)ର ବସ୍‌କୁ ଜେଇଏମ୍ ଟାର୍ଗେଟ କରିଥିଲା। ଏଥିରେ ୪୯ ଯବାନ ଶହୀଦ ହୋଇଥିଲେ। ଆତ୍ମଘାତୀ ବିସ୍ଫୋରଣରେ ୨୦ ବର୍ଷୀୟ କଶ୍ମୀରୀ ଆତଙ୍କବାଦୀ ଆଦିଲ ଅହମ୍ମଦ ଦାର୍ ନିହତ ହୋଇଥିଲେ। ହେଲେ ମାଷ୍ଟରମାଇଣ୍ଡ ଅବ୍‌ଦୁଲ ରଶିଦ୍ ଗାଜି ଦକ୍ଷିଣ କଶ୍ମୀରରେ ଆତ୍ମଗୋପନ କରିଥିଲେ। ଲେଥ୍‌ପୋରା ଆକ୍ରମଣସ୍ଥଳରୁ ୧୨ କି.ମି. ଦୂର ପିଙ୍ଗ୍‌ଲାନ୍‌ରେ ପାକିସ୍ତାନ ନାଗରିକ ଗାଜି ଲୁଚି ରହିଥିବା ନେଇ ସୁରକ୍ଷା ବଳକୁ ରବିବାର ରାତିରେ ଗୋଇନ୍ଦା ସୂଚନା ମିଳିଥିଲା। ଯବାନମାନେ ସମ୍ପୃକ୍ତ ଅଞ୍ଚଳକୁ ଘେରି ତଲାସି ଅଭିଯାନ ଚଳାଇଥିବାବେଳେ ଗାଜି ଓ ଜୈଶ୍ ଆତଙ୍କବାଦୀମାନେ ସୁରକ୍ଷା ବଳକୁ ଟାର୍ଗେଟ କରିଥିଲେ। ଗୁଳିମାଡ଼ରେ ମେଜର ଭି.ଏସ୍. ଧୋଣ୍ଡିଆଲ, ହାବିଲଦାର ଶେଓ ରାମ, ସିପାହି ହରି ସିଂ ଓ ଅଜୟ କୁମାର ଶହୀଦ ହୋଇଛନ୍ତି। ସେହିପରି ଦକ୍ଷିଣ କଶ୍ମୀର ପୋଲିସ ଡିଆଇଜି ଅମିତ୍ କୁମାରଙ୍କ ସମେତ ୬ ଯବାନ ଆହତ ହୋଇଛନ୍ତି। ସୁରକ୍ଷା ବଳର ଜବାବୀ କାର୍ଯ୍ୟାନୁଷ୍ଠାନ ୧୨ ଘଣ୍ଟା ଧରି ଚାଲିଥିଲା। ଆତଙ୍କବାଦୀ ଲୁଚି ରହିଥିବା ଏକ କୋଠାକୁ ସୁରକ୍ଷା ବଳ ବିସ୍ଫୋରଣରେ ଉଡ଼ାଇଦେବା ପରେ ଘନଘନ ଗୁଳିବର୍ଷା କରିଥିଲା। ଏଥିରେ ପୁଲ୍‌ୱାମା ଆକ୍ରମଣର ମାଷ୍ଟରମାଇଣ୍ଡ ଦୁର୍ଦ୍ଦାନ୍ତ ଆତଙ୍କବାଦୀ ଗାଜିଙ୍କ ସହ ଜେଇଏମ୍ କମାଣ୍ଡର କାମରାନ୍ ଓ ମୁଦାସିର ମହମ୍ମଦ ନିହତ ହୋଇଛନ୍ତି। ଗାଜି ଗତ ଡିସେମ୍ବରରେ ଦୁଇଜଣ ସହଯୋଗୀଙ୍କ ସହ ଭାରତକୁ ଅନୁପ୍ରବେଶ କରିବାରେ ସଫଳ ହୋଇଥିଲେ। ୨୦୦୮ରେ ଜେଇଏମ୍‌ରେ ସାମିଲ ହୋଇଥିବା ୩୨ ବର୍ଷୀୟ ଗାଜି ଆଫଗାନିସ୍ତାନରେ ତାଲିବାନଠାରୁ ତାଲିମପ୍ରାପ୍ତ। ସେ ଜଣେ ଆଇଇଡି ବିଶେଷଜ୍ଞ ଥିଲେ। ସଦ୍ୟ ଏନ୍‌କାଉଣ୍ଟରରେ ନିହତ ହୋଇଥିବା କାମ୍‌ରାନ ଓ ମୁଦାସିର ସ୍ଥାନୀୟ ଯୁବକ ବୋଲି ଜଣାପଡ଼ିଛି। ସେମାନଙ୍କ ମୃତଦେହ ନିକଟରୁ ବିପୁଳ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ଏହାକୁ ଏକ ବଡ଼ ସଫଳତା ବୋଲି ଅଭିହିତ କରିବା ସହ ଏନ୍‌କାଉଣ୍ଟରରେ ସାମିଲ ଥିବା ୫୫ ରାଷ୍ଟ୍ରୀୟ ରାଇଫଲ୍ସ, ସିଆର୍‌ପିଏଫ୍ ଏବଂ ସ୍ଥାନୀୟ ପୋଲିସର ଯବାନଙ୍କୁ ପ୍ରଶଂସା କରିଛନ୍ତି।





ଏନ୍‌କାଉଣ୍ଟରବେଳେ ବିସ୍ଫୋରଣରେ ଧ୍ୱସ୍ତ ଆତଙ୍କବାଦୀ ଲୁଚିଥିବା ପିଙ୍ଗ୍‌ଲାନ୍‌ସ୍ଥିତ ଘର। ଆକ୍ରମଣର ମାଷ୍ଟରମାଇଣ୍ଡ ଅବ୍‌ଦୁଲ ରଶିଦ୍ ଗାଜି।

**୧୨ ଘଣ୍ଟାର ଏନ୍‌କାଉଣ୍ଟର**

- ଟଳିଲେ ଆଉ ୨ ଜେଇଏମ୍ ଆତଙ୍କବାଦୀ
- ମେଜର ଓ ୩ ଯବାନ ଶହୀଦ, ୬ ଆହତ
- ଆତଙ୍କବାଦୀ ଲୁଚିଥିବା ଘରେ ୨ ନାଗରିକ ନିହତ

■ ଜିଲାପାଳ, ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ

# ଧାନ ସରିବା ଯାଏ କିଣ

ଭୁବନେଶ୍ୱର,୧୮।୨(ବ୍ୟୁରୋ)

- ଅସାଧୁ ମିଲର, ପ୍ୟାକ୍ସ ଉପରେ କାର୍ଯ୍ୟାନୁଷ୍ଠାନ ନିଅ
- କ୍ଷେତ୍ର ଅଧିକାରୀ ନିୟମିତ ମଣ୍ଡି ପରିଦର୍ଶନ କରି ପ୍ରତ୍ୟେକ ଦିନ ସନ୍ଧ୍ୟା ସୁଦ୍ଧା ରିପୋର୍ଟ ଦେବାକୁ ପରାମର୍ଶ

ଫେବୃୟାରୀ ୨୮ ତାରିଖରେ ଚଳିତବର୍ଷର ଖରିଫ ଧାନ ସଂଗ୍ରହ ଶେଷ କରିବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପୂର୍ବରୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲା। ଧାର୍ଯ୍ୟ ତାରିଖ ପରେ ଆଉ ଧାନ ସଂଗ୍ରହ ହେବ ନାହିଁ ବୋଲି କୁହାଯାଇଛି। ଧାନ କିଣା ସମୟ ଶେଷ ହୋଇ ଆସୁଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଚାଷୀଙ୍କ ଅସନ୍ତୋଷକୁ ଶାନ୍ତ କରିବା ଉଦ୍ଦେଶ୍ୟ ରଖି ଯୋଗାଣ ବିଭାଗ ନିଜ ନିଷ୍ପତ୍ତି ବଦଳାଇବାକୁ ବାଧ୍ୟ ହୋଇଛି। ଧାର୍ଯ୍ୟ ସମୟ ପରେ ମଧ୍ୟ ଧାନ କିଣିବାକୁ ଜିଲାପାଳମାନଙ୍କୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଚାଷୀଙ୍କ ନିକଟରେ ଯେଉଁ ବଳକା ଧାନ ରହିଛି, ସେସବୁକୁ କ୍ରୟ କରିବାକୁ ସୋମବାର ବିଭାଗୀୟ ସଚିବ ଭି.ଭି ଯାଦବ ୧୯ ଜିଲା କଟକ, ଭଦ୍ରକ, ଅନୁଗୋଳ, ବାଲେଶ୍ୱର, ଢେଙ୍କାନାଳ, ଗଞ୍ଜାମ, ଗଜପତି, ଜଗତ୍‌ସିଂହପୁର, ଯାଜପୁର, କନ୍ଧମାଳ, କେନ୍ଦ୍ରାପଡା, କେନ୍ଦୁଝର, ଖୋର୍ଦ୍ଧା, ମାଲକାନଗିରି, ମୟୂରଭଞ୍ଜ, ନୟାଗଡ, ପୁରୀ, ରାୟଗଡା ଏବଂ ସୁନ୍ଦରଗଡ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ଯାଦବ ଲେଖିଥିବା ଚିଠିରେ ଉଲ୍ଲେଖ କରାଯାଇଛି ଯେ ଚାଷୀଙ୍କ ପାଖରୁ ସମସ୍ତ ଧାନ ଶେଷ ହେବା ଯାଏ ରାଜ୍ୟ ସରକାର କ୍ରୟ କରିବେ। ସରକାରୀ ନିୟମ ଅନୁଯାୟୀ ଯେଉଁମାନେ ଧାନ ବିକ୍ରି କରିବାକୁ ଚାହୁଁଛନ୍ତି ସେମାନେ ବିକି ପାରିବେ। ଏହାଛଡା ଧାନ ସଂଗ୍ରହ କରୁଥିବା ଅସାଧୁ ମିଲର ଓ ପ୍ରାଥମିକ ସମବାୟ ସମିତି(ପ୍ୟାକ୍ସ) ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ପ୍ୟାକ୍ସ ଧାନ ବିକ୍ରି କରିବାକୁ ଆସୁଥିବା ଚାଷୀଙ୍କୁ ଟୋକନ୍ ଦେବାକୁ ବାଧ୍ୟ। ସମବାୟ ସମିତିର ସହକାରୀ ରେଜିଷ୍ଟ୍ରାର ଏବଂ ଅନ୍ୟ ଅଧିକାରୀମାନେ ନିୟମିତ ମଣ୍ଡି ପରିଦର୍ଶନ କରିବେ। ଯେଉଁ ପ୍ୟାକ୍ସରେ ଅନିୟମିତତା ହେଉଥିବା ପ୍ରମାଣିତ ହେବ ସେଠାରେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। ଯଦି ବିନା ଟୋକନ୍‌ରେ କୌଣସି ଧାନ ମଣ୍ଡିକୁ ଆସୁଥିବ ତାହାକୁ ତୁରନ୍ତ ଜବତ କରିବେ। ଯଦି କୌଣସି ମିଲର ମଣ୍ଡିକୁ ନ ଆସି ଚାଷୀଙ୍କ ଠାରୁ ସିଧା କିଣୁଥିବେ ସେମାନଙ୍କୁ ତୁରନ୍ତ ଧାନ କିଣା ପ୍ରକ୍ରିୟାରୁ ବାଦ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାସ୍ତରରେ ଥିବା ସ୍କ୍ୱାଡ୍ ଚାଷୀମାନଙ୍କୁ ଧାନ ବିକ୍ରି କରିବାରେ ସହାୟତା କରିବା ସହ ମଣ୍ଡିରେ ହେଉଥିବା ଅନିୟମିତତାକୁ ନଜର ରଖିବାକୁ କୁହାଯାଇଛି। ଅଧିକାରୀମାନେ ନିୟମିତ ଭାବେ ମଣ୍ଡି ଓ ମିଲ୍‌କୁ ଯାଇ ଯାଞ୍ଚ କରିବା ସହ ବିଭାଗ ପକ୍ଷରୁ କରାଯାଇଥିବା ହ୍ୱାଟ୍‌ସ ଆପ୍‌ରେ ପ୍ରତ୍ୟେକ ଦିନ ସନ୍ଧ୍ୟା ସୁଦ୍ଧା ଜଣାଇବାକୁ କୁହାଯାଇଛି। ଚାଷୀଙ୍କୁ ଟଙ୍କା ଦେବା ମାତ୍ରେ ପ୍ୟାକ୍ସଗୁଡିକ ଧାନ କିଣା ନେଇ ସମସ୍ତ ତଥ୍ୟ ୱେବ୍‌ସାଇଟରେ ଅପଲୋଡ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି କୌଣସି ପ୍ୟାକ୍ସ ତଥ୍ୟ ଅପଲୋଡ କରିବେ ନାହିଁ ଯୋଗାଣ ଅଧିକାରୀ(ସିଏସଓ) ସ୍କ୍ୱାଡ୍ ପଠାଇ ଉକ୍ତ ପ୍ୟାକ୍ସକୁ ଯାଞ୍ଚ କରିବେ। ଚାଷୀମାନେ ଯେପରି ଧାନ ଅଭାବୀ ବିକ୍ରିର ସମ୍ମୁଖୀନ ହେବେ ନାହିଁ ସେ ନେଇ ସମସ୍ତ ପଦକ୍ଷେପ ନେବାକୁ ଜିଲାପାଳ ଓ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଚଳିତ ବର୍ଷ (୨୦୧୮-୧୯) ଖରିଫ ଓ ରବି ଋତୁ ପାଇଁ ରାଜ୍ୟ ସରକାର ୫୫ ଲକ୍ଷ ମେଟ୍ରିକ ଟନ୍ ଧାନ ତଥା ଚାଉଳ ହିସାବରେ ୩୭ ଲକ୍ଷ ମେଟ୍ରିକ୍ ଟନ୍ ସଂଗ୍ରହ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ୨୬୦୮ଟି ସମବାୟ ସମିତି ଜରିଆରେ ପ୍ରକୃତ ଚାଷୀ, ଭାଗ ଚାଷୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯାଉଛି । ୨୦୧୮ ନଭେମ୍ବର ପହିଲାରୁ ୨୦୧୯ ଏପ୍ରିଲ ମଧ୍ୟରେ ଖରିଫ ଧାନ ସଂଗ୍ରହ କରାଯିବ। ସେହିପରି ୨୦୧୯ ମେ’ରୁ ଜୁନ ମଧ୍ୟରେ ରବି ଧାନ ସଂଗ୍ରହ ହେବ। ୨୦୧୭-୧୮ରେ ଉଭୟ ଖରିଫ ଓ ରବି ଋତୁ ପାଇଁ ରାଜ୍ୟ ସରକାର ୫୪ ଲକ୍ଷ ମେଟ୍ରକ ଟନ ଧାନରୁ ୩୯ ଲକ୍ଷ ମେଟ୍ରିକ ଟନ ଚାଉଳ ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ☞ପୃଷ୍ଠା-୨

■ ଆଇସିଜେରେ ପକ୍ଷ ରଖିଲା ଭାରତ

# କୁଳଭୂଷଣଙ୍କୁ ତୁରନ୍ତ ମୁକ୍ତ କରାଯାଉ

**ଆଜି ପାକିସ୍ତାନର ପାଳି**



କୁଳଭୂଷଣ ଯାଦବ



ହରିଶ୍ ସାଲ୍‌ଭେ

ହେଗ୍,୧୮।୨(ଆଇଏଏନ୍‌ଏସ୍)

ନେଦରଲାଣ୍ଡର ହେଗ୍‌ସ୍ଥିତ ଅନ୍ତର୍ଜାତୀୟ ଅଦାଲତ (ଆଇସିଜେ)ରେ ସୋମବାର ପୂର୍ବତନ ନୌସେନା ଅଧିକାରୀ କୁଳଭୂଷଣ ଯାଦବଙ୍କ ମୃତ୍ୟୁ ଦଣ୍ଡାଦେଶ ମାମଲାରେ ଭାରତର ଆବେଦନକୁ ନେଇ ଶୁଣାଣି ଆରମ୍ଭ ହୋଇଛି। ଇସ୍‌ଲାମାବାଦ ୧୯୬୩ ଭିଏନା ଚୁକ୍ତିକୁ ଉଲ୍ଲଂଘନ କରି କୁଳଭୂଷଣଙ୍କୁ ବେଆଇନ ଭାବେ ଜେଲ୍‌ରେ ଅଟକ ରଖିଛି। ତେଣୁ କୁଳଭୂଷଣଙ୍କ ମୃତ୍ୟୁ ଦଣ୍ଡାଦେଶକୁ ଖାରଜ କରି ତାଙ୍କୁ ତୁରନ୍ତ ମୁକ୍ତ କରିବାକୁ ଇସ୍‌ଲାମାବାଦକୁ ନିର୍ଦ୍ଦେଶ ଦେବା ପାଇଁ ଭାରତ ଅନୁରୋଧ କରିଛି। ୪ ଦିନ ଧରି ଶୁଣାଣି ଚାଲିବାକୁ ଥିବାବେଳେ ପ୍ରଥମ ଦିନ ବରିଷ୍ଠ ଆଇନଜୀବୀ ହରିଶ୍ ସାଲ୍‌ଭେ ଆଇସିଜେରେ ଭାରତର ପକ୍ଷ ରଖିଛନ୍ତି। ଅନ୍ତର୍ଜାତୀୟ ଅଦାଲତରେ ମଙ୍ଗଳବାର ପକ୍ଷ ରଖିବ ବୋଲି କୋର୍ଟ କହିଛନ୍ତି।

ନୌସେନାର ଅବସରପ୍ରାପ୍ତ ଅଧିକାରୀ ତଥା ମୁମ୍ବାଇ ବାସିନ୍ଦା କୁଳଭୂଷଣ ୨୦୧୬ରେ ବ୍ୟବସାୟ ପାଇଁ ଇରାନ ଯାଇଥିବାବେଳେ ସେହିବର୍ଷ ମାର୍ଚ୍ଚ ୩ରେ ପାକିସ୍ତାନୀ ସୁରକ୍ଷା ବଳ ତାଙ୍କୁ ଅପହରଣ କରିନେଇଥିଲେ। ୪୮ ବର୍ଷୀୟ ☞ପୃଷ୍ଠା-୨

**ଶୁଣାଣି ବେଳେ ପାକିସ୍ତାନୀ ବିଚାରପତିଙ୍କୁ ହୃଦ୍‌ଘାତ**

ଇସ୍‌ଲାମାବାଦ,୧୮।୨(ପି.ଟି.)

ହେଗ୍‌ସ୍ଥିତ ଅନ୍ତର୍ଜାତୀୟ ଅଦାଲତ (ଆଇସିଜେ)ରେ ସୋମବାର କୁଳଭୂଷଣ ଯାଦବଙ୍କ ମାମଲାର ଶୁଣାଣି ଚାଲିଥିବାବେଳେ ପାକିସ୍ତାନର ଅସ୍ଥାୟୀ ବିଚାରପତି ତସାଦୁକ୍ ହୁସେନ ଗିଲାନୀଙ୍କୁ ହୃଦ୍‌ଘାତ ହୋଇଥିବା ଜଣାପଡ଼ିଛି। ଶୁଣାଣି ବେଳେ ସେଠାରେ ଉପସ୍ଥିତ ଥିବା ୬୯ ବର୍ଷୀୟ ଗିଲାନୀଙ୍କୁ ହଠାତ୍ ହୃଦ୍‌ଘାତ ହୋଇଥିଲା। ତାଙ୍କୁ ତୁରନ୍ତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଥିବା ନେଇ ଏକ ରିପୋର୍ଟ ପାକିସ୍ତାନୀ ଗଣମାଧ୍ୟମ ‘ଅବ୍ ତକ୍’ରେ ପ୍ରସାରିତ ହୋଇଛି।

**ଆଜିର ସମ୍ପାଦକୀୟ**

ନିଯୁକ୍ତି ପାଇଁ ମାର୍କ

**ଆଜିର ମନ୍ତବ୍ୟ**

“ଏବେ ପାକିସ୍ତାନ ସହ ଆଲୋଚନା ନୁହେଁ, ବରଂ କାର୍ଯ୍ୟାନୁଷ୍ଠାନର ବେଳା।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ


SUDHAKAR
PIPES AND FITTINGS
PIONEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com


NECC NATIONAL EGG CO-ORDINATION COMMITTEE 18.02.2019 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 75 | 126 | 136 |
| CTC | 76 | 127 | 137 |
| DKL | 75 | 126 | 136 |
| BDK | 80 | 132 | 142 |
| BLS | 81 | 133 | 143 |
| ANG | 77 | 128 | 138 |

*Conditions Apply

Eggs Retail Price- 54/-Dozen
Issued in the Interest of Consumers





Prices reduced across all variants*

2 automatic options: CVT AUTOMATIC Available in Petrol | AMT Available in Diesel | Available in 4X4 AWD | More than 1.80 lakh DUSTERs on road | Available in 85 PS and 110 PS diesel variants | Benefits up to ₹65,000^

For a test drive, SMS 'DUSTER' to 53030 or call on 1800 300 44444 (Open from Monday to Sunday, 7:00 am - 11:00 pm).
Also available in CSD. Special offers for Defence Personnel, Government, PSU and Corporate employees.

*Terms and conditions apply. Model/accessories shown may not be a part of the standard fitment. ##Price mentioned is ex-showroom price for the RxS Petrol Automatic variant and is exclusive of taxes. #Price mentioned is ex-showroom price for the base variant (RxE – Petrol) and is exclusive of taxes. ^Benefits of ₹65,000 available on all DUSTER Diesel variants and includes exchange benefit of ₹20,000 and Insurance at ₹1 for first year only. The abovementioned offers are valid till 28th February, 2019. Due to printing limitation, the colour that appears in this advertisement may slightly differ from the actual print. Visit www.renault.co.in/offers for offer details and conditions on each model. Renault India Pvt. Ltd. reserves the right to change or modify the mentioned schemes and conditions without prior notice. Contact your nearest dealer for offer details and scheme validity. Benefits may vary across variants and cities. For detailed terms and conditions, please visit www.renault.co.in

SHOWROOMS: ODISHA: BHUBANESWAR: RENAULT Bhubaneswar North Mob: +91 9643800532, RENAULT Bhubaneswar Mob: +91 8860076082. BALANGIR: RENAULT Balangir Mob: +91 9643800378. JHARSUGUDA: RENAULT Jharsuguda Mob: +917290055349. ROURKELA: RENAULT Rourkela Mob: + 91 8860875802, + 91 9778845542. SAMBALPUR: RENAULT Sambalpur Mob: +91 8860048351.

L&K | SAATCHI & SAATCHI


# ଦିନସାରା ବନ୍ଦ ରହିଲା ବ୍ୟବସାୟ ପ୍ରତିଷ୍ଠାନ

ଭୁବନେଶ୍ୱର,୧୮।୨(ବ୍ୟୁରୋ)

**ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି**

ବାଧ୍ୟବାଧକତା ନ ଥିଲା। ବନ୍ଦ କରିବାକୁ କେହି ଚାପ ପକାଇ ନ ଥିଲେ। ଆପେ ବନ୍ଦ ହୋଇଯାଇଥିଲା ଦୋକାନ ବଜାର। ଚାରିଆଡେ ସତେ ଯେପରି ନୀରବତା ଛାଇ ଯାଇଥିଲା। ଗାଡ଼ିମୋଟର ଚଳାଚଳ କରୁଥିଲେ ମଧ୍ୟ ରାଜ୍ୟସାରା ଛୋଟବଡ଼ ଦୋକାନ ବଜାର ବନ୍ଦ ରହିଥିଲା। ସହରଠାରୁ ଆରମ୍ଭ କରି ଗଳିକନ୍ଦିରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ସ୍ୱଇଚ୍ଛାରେ ଏହି ବନ୍ଦରେ ସାମିଲ ହୋଇ ଜମ୍ମୁ-କଶ୍ମୀର ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏଥିପାଇଁ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଦୋକାନ, ବଜାର, ମଲ୍, ବାଣିଜ୍ୟିକ କେନ୍ଦ୍ର ଆଦି ବନ୍ଦ ରହିଥିଲା। ବିଭିନ୍ନ ବ୍ୟବସାୟୀ ସଂଘ ପକ୍ଷରୁ ନୀରବ ପ୍ରାର୍ଥନା ସହ କ୍ୟାଣ୍ଡେଲ ଶୋଭାଯାତ୍ରା, ଦୀପଦାନ, ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। ପାକିସ୍ତାନ ବିରୋଧୀ ସ୍ଲୋଗାନ ଦେବା ସହ ଭାରତ ପ୍ରତିଶୋଧ ନେଉ ବୋଲି ବ୍ୟବସାୟୀମାନେ ଦାବି କରିଥିଲେ। କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା, ସୁନ୍ଦରଗଡ଼, ବାଲେଶ୍ୱର, ☞ପୃଷ୍ଠା-୨



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ମାମା
ପରିବାରବର୍ଗ


କଳ୍ପନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified



## SALE

Bhubaneswar Pitapalli Chack ପାଖରେ BDA plot 30' ରାସ୍ତାଥାଇ ମିଳୁଅଛି: 9090963952. D-65361

**Bhubaneswar AIIMS Hospitalଠାରେ yellowzone gharabari 30'road, ଇଲେକ୍ଟ୍ରିସିଟିଥାଇ plot sqft. 1500/-ରେ ବିକ୍ରିହେବ: 9937819395.** D-65362

Bhubaneswar KIIT ଜଗନ୍ନାଥ ମନ୍ଦିର ପାଖରେ 40' ରାସ୍ତାଥାଇ boundarywall, electricity, water ସୁବିଧାଥାଇ plot ବିକ୍ରିହେବ: 7894760783. D-65360

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

Sthitiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

**Readymade Gheri (prawn farm) Gadadharipur, Jagatsinghpur 7 acres land 15,00,000/-. 7809525452.** D-65829

Yellowzone sthitiban plot sale at AIIMS Hospital, Bhubaneswar. 8280037688. D-65368

Bhubaneswar GITA Collegeଠାରେ 1200 sqft. 3,99,000/-ରେ demarcated plot ମିଳୁଅଛି। 9937146640. D-65369

Bhubaneswar Khandagiri AMRI Hospital ନିକଟରେ ଘରକରିବା ପାଇଁ plot sqft. 1400/-. 9776452737. D-65367

**Plot on lowest buduget Brahmanajharilo, 9km. from BBSR 16km. from Cuttack 250/- sqft. 7809525452.** D-65830

ନଖରା ତ୍ରିନାଥବଜାରଠାରେ SC ଘରବାରି plot 1200କୁ 3,60,000/- general plot 1200କୁ 5,40,000/- (outright) 9938177361, 7749026703. D-65353

ଭୁବନେଶ୍ୱର ଜଟଣୀଗେଟ୍ କିଛିଦୂରତାରେ 1200 sqft. 1,80,000/-, BEC କଲେଜ ଠାରେ 1200କୁ 3,00,000/- (outright). 9938177361, 7749026703. D-65354

Gharabari yellowzone plot at Raghunathpur 30mtr. from Nadankanan road & duplex/ simplex at Atala, Hanspal Square. 9438419823, 9861086655. D-65481

Commercial building for sale 3800 sqft. on Cuttack Road near Kalpana Square, corner plot 32'X42' with parking area on both side. Call (6 to 10 pm): 7008253189. D-56636

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଚ୍ଚାରୁ ବିକ୍ରିହେବ। 9178660666. D-65574

2000 sqft. plots (10 nos.) at Sankarpur, Vipulgarden backside Ghatikia, Bhubaneswar (electricity, supply water, 30ft. road). 7381564227. D-65482



2BHK house for rent at Behera Sahi, Nayapalli, Bhubaneswar. Contact: 7377778777. D-11229

800 sqft. commercial space for rent at CTC Road & Kharvel Nagar. Contact: 9437160289. D-65611

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



Fully refreshed/ relaxed body massage by expert therapist, Shastri Nagar. 7377984773. D-65542

Rejuvenate and Ayurvedic full body massage by smart therapist. 9114402304. D-65543

Roshin ayurvedic massage club fully relaxed by smart lady home service facility available. 9937637219. D-65824

Experience full body massage with us by experts. Enquiry. 0 6 7 4 2 5 9 7 8 2 2 , 7377048581. D-65577

Improving your health, skin care through expert therapist, excellent offer. 9668374480. D-65579

Newly opening ayurvedic body massage smart therapist, Shree herbal. 7750020754. D-65580

Herbal full body massage by smart/ expert therapist. Contact: 8338067247. D-65581

Herbal full body massage with refreshment by well trained therapist. 7 3 8 1 2 3 9 3 8 5 , 06742540855. D-65578

Newly ayurvedic full body massage relaxed home service: 7609923705, 7438851534. D-38546

## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ପଞ୍ଚାନନ ନାୟକଙ୍କ**

ତୃତୀୟ ଶ୍ରାଦ୍ଧବାର୍ଷିକ ଉତ୍ସବ ଓ ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ
ସ୍ଥାନ-ଟଙ୍କପାଣି, ଗ୍ରାମ-ଗଡ଼ଶ୍ରୀରାମପୁର ଭୁବନେଶ୍ୱର, ଖୋର୍ଦ୍ଧା
ତୁମର ଅମ୍ଳାନ ଆତ୍ମା ବିଷ୍ଣୁପଦ ତଳେ ଚିରଶାନ୍ତି ଲାଭକରୁ, ଏହାହିଁ ମହାପ୍ରଭୁ ଜଗତରନାଥ ଶ୍ରୀଜଗନ୍ନାଥ ଓ ମା' ଟଙ୍କପାଣିଙ୍କ ନିକଟରେ ବିନୀତ ପ୍ରାର୍ଥନା।
ହତଭାଗା: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତିନାତୁଣୀ, ଆତ୍ମୀୟସ୍ୱଜନ, ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୧୧୧୮୭

### In Loving Memory of



1954 - 2015
Our Beloved Mother
**Mrs. Meera Tripathy**
Peacefully Left for her heavenly Abode on Tuesday 3rd February 2015
Fourth Annual Sradha: Tuesday 19th February, 2019 Foundly Remembered
By: Haribandhu Tripathy and family members.
D-52885

### ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**✓ ଘନଶ୍ୟାମ ମଲ୍ଲିଆ**
ଆବିର୍ଭାବ : ୦୮.୦୨.୧୯୪୩
ତିରୋଧାନ : ୦୯.୦୨.୨୦୧୯
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଶ୍ରୀ ଚରଣ ତଳେ ତୁମ ହତଭାଗ୍ୟ ସ୍ତ୍ରୀ, ପୁଅ, ବୋହୂ, ପୁତୁରା-ପୁତୁରା ବୋହୂ, ଝିଅ, ଜ୍ୱାଇଁ, ନାତୀ, ନାତୁଣୀ ଏବଂ 'ମା' ଚିତ୍ରାଳୟ ପରିବାର ତରଫରୁ ପ୍ରାର୍ଥନା।
D-11237

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଏକତିରିଶତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**✓ ପ୍ରଭା ରାଉତରାୟ**
ସ୍ୱାମୀ ୰ ସୁଧାଂଶୁ ମୋହନ ରାଉତରାୟ
ପ୍ଲଟ. ନଂ.: ୧୫୭, ସହିଦନଗର, ଭୁବନେଶ୍ୱର
ଆବିର୍ଭାବ: ତା ୧୭.୧୨.୧୯୩୭
ତିରୋଧାନ : ତା ୧୩.୦୨.୧୯୮୭
ମା, ପ୍ରତିଟି ମୁହୂର୍ତ୍ତରେ ତମର ସ୍ନେହ, ମମତା, ଆଦର୍ଶ, ଉପଦେଶ ଓ ଅନୁପସ୍ଥିତି ଅନୁଭବ କରୁଅଛୁ। ଶୋକସନ୍ତପ୍ତ
**ପରିବାର ବର୍ଗ ଓ ଆତ୍ମୀୟସ୍ୱଜନ**
D-64588

### ଜନ୍ମଦିନ ଶୁଭେଚ୍ଛା



(କବି)
**କଳ୍ପନା ରାଣୀ ଦାସ**
ଆଜି ତୁମର ପବିତ୍ର ଜନ୍ମବାର୍ଷିକ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଉଜ୍ଜ୍ୱଳମୟ ଭବିଷ୍ୟତ, ଦୀର୍ଘାୟୁ ଜୀବନ କାମନା କରୁଛୁ।
ଶୁଭେଚ୍ଛା ସହ
ସେଣ୍ଟ ଜ୍ୟାଭିଅର ସ୍କୁଲ, ପଳାଶପଲ୍ଲୀର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀବୃନ୍ଦ।
ଧ-୧୧୨୩୮

### ଅଧ୍ୟାପକଙ୍କୁ ଡକ୍ଟରେଟ



ରେଭେନ୍ସା ବିଶ୍ୱବିଦ୍ୟାଳୟର ୧୦ମ ସମାବର୍ତ୍ତନ ଉତ୍ସବରେ ଗବେଷକ ଅଧ୍ୟାପକ **ଶ୍ରୀ ସନ୍ଦିପନ ବାନାର୍ଜୀ (OES-I)**ଙ୍କୁ ସମ୍ମାନଜନକ 'ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି। ତାଙ୍କର ଗବେଷଣାତ୍ମକ ନିବନ୍ଧ Financial Management as a Determinant of Profitability: A Study of MSME in Odisha ଜିୱାଜି ବିଶ୍ୱବିଦ୍ୟାଳୟ, ଗୋଓ୍ୱାଲିୟର ପ୍ରଫେସର ଡଃ ଏସ୍.କେ.ଶୁକ୍ଲା ଓ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ ବିଶ୍ୱମ୍ବର ଝାଙ୍କ ଦ୍ୱାରା ପରୀକ୍ଷିତ ଓ ଉଚ୍ଚ ପ୍ରଶଂସିତ ହୋଇଅଛି। ସେ ସ୍କୁଲ ଅଫ୍ କମର୍ସ ତଥା ବିଜିନେସ୍ ଆଡ୍‌ମିନିଷ୍ଟ୍ରେସନ୍ ଡିପାର୍ଟମେଣ୍ଟର ମୁଖ୍ୟ ଆସୋସିଏଟ୍ ପ୍ରଫେସର ଡଃ କିଶୋର କୁମାର ଦାସଙ୍କ ତତ୍ତ୍ୱାବଧାନରେ ଗବେଷଣାରତ ଥିଲେ। ସେ ଜ୍ୟୋତିର୍ବିଦ୍ ଡଃ ଗୁରୁଦାସ ବାନାର୍ଜୀ ଓ ଶ୍ରୀମତୀ ମୌସୁମୀ ବାନାର୍ଜୀଙ୍କ ସୁପୁତ୍ର। ଶିର୍ଲୋ ରଘୁନାଥପୁର ନିବାସୀ ସୁନାମଧନ୍ୟ ଡା ସ୍ୱର୍ଗତ ସୁରେନ୍ଦ୍ର ନାଥ ବାନାର୍ଜୀ / ସରଯୂବାଳା ବାନାର୍ଜୀ ଓ ଡା ସ୍ୱର୍ଗତ ସୁଶୀଲ୍ କୁମାର ଚାଟାର୍ଜୀ/ ଶିବାନୀ ଚାଟାର୍ଜୀଙ୍କ ପୌତ୍ର। ଧ-୧୧୨୩୬


# ପରୀକ୍ଷାକୁ ଶୃଙ୍ଖଳିତ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୮।୨(ବ୍ୟୁରୋ)

- ମାଟ୍ରିକ୍ ପରୀକ୍ଷା ପାଇଁ ବ୍ୟାପକ ପ୍ରସ୍ତୁତି
- ପ୍ରଶ୍ନପତ୍ରରେ ତ୍ରିସ୍ତରୀୟ 'କଭର' ବ୍ୟବସ୍ଥା
- ପରୀକ୍ଷା ଦିନ ସକାଳୁ ପହଞ୍ଚିବ ପ୍ରଶ୍ନପତ୍ର
- ପରୀକ୍ଷା କେନ୍ଦ୍ରକୁ ମୋବାଇଲ୍ ଫୋନ୍ ମନା

ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବ ମାଟ୍ରିକ୍ ପରୀକ୍ଷା। ଚଳିତବର୍ଷ ପ୍ରଶ୍ନପତ୍ର ପରୀକ୍ଷା ଦିନ ସକାଳ ୬ଟାରୁ ୮ଟା ୩୦ ମଧ୍ୟରେ ସମ୍ପୃକ୍ତ କେନ୍ଦ୍ରରେ କଡ଼ା ସୁରକ୍ଷା ବ୍ୟବସ୍ଥା ସହ ପହଞ୍ଚାଇ ଦିଆଯିବ। ପ୍ରଶ୍ନପତ୍ରରେ ତ୍ରିସ୍ତରୀୟ 'କଭର' ବ୍ୟବସ୍ଥା ରହିବ। ପ୍ରଶ୍ନପତ୍ରର ୨ୟ ସ୍ତର ସିଲ୍ ପରୀକ୍ଷା ହଲ୍‌ରେ ନିରୀକ୍ଷକ ଏବଂ ପରୀକ୍ଷାର୍ଥୀମାନଙ୍କ ସାମ୍ନାରେ ଖୋଲାଯିବ। ପରେ ପରୀକ୍ଷାର୍ଥୀ ନିଜେ ତୃତୀୟ ସ୍ତର ସିଲ୍ ଖୋଲି ଉତ୍ତର ଲେଖିବେ। ପରୀକ୍ଷା ସେଣ୍ଟର ଭିତରକୁ ମୋବାଇଲ୍ ଫୋନ୍ ବାରଣ କରାଯାଇଛି। ପରୀକ୍ଷା ନିରୀକ୍ଷକ ବା ପରୀକ୍ଷା ସହ ସମ୍ପୃକ୍ତ କୌଣସି କର୍ମଚାରୀ ଅଥବା ଅଧିକାରୀ ସେଣ୍ଟର ମଧ୍ୟକୁ ମୋବାଇଲ୍ ଫୋନ୍ ନେଇପାରିବେ ନାହିଁ। କପି ବନ୍ଦ ପାଇଁ ଛାତ୍ରୀ ଓ ଛାତ୍ରମାନଙ୍କୁ ପୃଥକ୍ ଭାବେ କଡ଼ା ଯାଞ୍ଚ କରାଯିବ। ପରୀକ୍ଷା ନିରୀକ୍ଷଣ ପାଇଁ ୫୮ଟି ଫ୍ଲାଇଂ ସ୍କ୍ୱାଡ୍, ୪୪ଟି ସ୍ୱତନ୍ତ୍ର ସ୍କ୍ୱାଡ୍ ଏବଂ ୬ଟି ଜୋନାଲ୍ ସ୍କ୍ୱାଡ୍ ଗଠନ କରାଯାଇଛି। ଆବଶ୍ୟକତା ଅନୁସାରେ ପରୀକ୍ଷା କେନ୍ଦ୍ର ଅଞ୍ଚଳରେ ୧୪୪ ଧାରା ଲାଗୁ କରାଯିବାର ବ୍ୟବସ୍ଥା କରାଯାଇଛି। ପରୀକ୍ଷା ସୁପରିଚାଳନା ପାଇଁ ସୋମବାର ରାଜ୍ୟ ସଚିବାଳୟଠାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ଏହି ସୂଚନା ଦେଇଛନ୍ତି।

# ରାଜଧାନୀରେ ବାଘ ଆତଙ୍କ

ଭୁବନେଶ୍ୱର, ୧୮।୨(ବ୍ୟୁରୋ)

- ସିସିଟିଭିରେ କଏଦ୍ ହେଲା ବାଘର ଗତିବିଧି
- ବନ ବିଭାଗର ଅପରେଶନ ଆରମ୍ଭ



ସିସିଟିଭିରେ କଏଦ କରାଯାଇଥିବା ବାଘ।

ରାଜଧାନୀରେ ବାଘ ଆତଙ୍କ। ଭୁବନେଶ୍ୱର ପଳାଶପଲ୍ଲୀ ଅଞ୍ଚଳରେ ଏକ କଲରାପତରିଆ ବାଘ ବୁଲୁଥିବା ସୂଚନା ମିଳିଛି। ସିସିଟିଭି କ୍ୟାମେରାରେ ବାଘର ଗତିବିଧି କଏଦ୍ ହୋଇଛି। ଏକ ଘରୋଇ କାର୍ଯ୍ୟାଳୟରୁ ବାଘଟି ବାହାରି ଜନବସତି ଆଡ଼କୁ ଆସୁଥିବା ସିସିଟିଭି ଫୁଟେଜ୍‌ରେ ଦେଖାଯାଇଛି। ରବିବାର ରାତି ପ୍ରାୟ ସାଢ଼େ ୧୦ଟା ସମୟରେ ଏକ କଲରାପତରିଆ ବାଘ ଏୟାରପୋର୍ଟ ପାଚେରି ଡେଇଁ ବାହାରକୁ ଆସୁଥିବା ସ୍ଥାନୀୟ ବାସିନ୍ଦା ବାଙ୍କନିଧି ସେନାପତି ପ୍ରଥମେ ଦେଖିଥିଲେ। କିନ୍ତୁ ସେତେବେଳେ ତାଙ୍କ କଥାକୁ କେହି ବିଶ୍ୱାସ କରି ନ ଥିଲେ। ସୋମବାର ସିସିଟିଭି କ୍ୟାମେରାରେ ବାଘର ଗତିବିଧି ନଜରକୁ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ତେବେ ଅଞ୍ଚଳବାସୀ ଭୟଭୀତ ନ ହେବା ପାଇଁ ବନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏଥିସହ ବିଭାଗ ପକ୍ଷରୁ ବାଘ ଖୋଜିବା ଅପରେଶନ ଆରମ୍ଭ କରିଦିଆଯାଇଛି। ବିଭାଗର ଏକ ୨୫ଜଣିଆ ସ୍ୱତନ୍ତ୍ର ଟିମ୍ ପଳାଶପଲ୍ଲୀ ଓ ଭୀମଟାଙ୍ଗି ଅଞ୍ଚଳରେ ପହଞ୍ଚି ତନାଘନା ଚଳାଇଛନ୍ତି। ନନ୍ଦନକାନନରୁ ମଧ୍ୟ ଏକ ଟ୍ରାଙ୍କୁଲାଇଜର ଟିମ୍ ଆସି ପହଞ୍ଚିଛନ୍ତି। ଏ ନେଇ ସିଟି ଡିଏଫ୍‌ଓ ଅଶୋକ ମିଶ୍ର କହିଛନ୍ତି, ଜନବସତି ଭିତରେ ବାଘ ପଶିଥିବା ଆମେ ଗଣମାଧ୍ୟମ ଦ୍ୱାରା ଖବର ପାଇଛୁ। ସିସିଟିଭି ଫୁଟେଜ୍‌କୁ ଦେଖି ଘଟଣାସ୍ଥଳକୁ ବନ କର୍ମଚାରୀଙ୍କୁ ପଠାଯାଇ ତଲାସି କରାଯିବ। ଯଦି ବାଘ ଥାଏ, ତା' ହେଲେ ତାକୁ ଟ୍ରାଙ୍କୁଲାଇଜ୍ କରିବା ପାଇଁ ବ୍ୟବସ୍ଥା କରାଯିବ। ଭୁବନେଶ୍ୱର ବନାଞ୍ଚଳ ଏସିଏଫ୍ ଗୋବିନ୍ଦ ବିଶ୍ୱାଳ କହିଛନ୍ତି, ଖବର ପାଇବା ପରେ ସଙ୍ଗେ ସଙ୍ଗେ ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ପହଞ୍ଚିଛି। ରାତି ତମାମ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ହେବ। ଅନ୍ୟପଟେ ବାଘ ଜନବସତିକୁ କିପରି ଆସିଲା, ତାହାକୁ ନେଇ ଜୋର୍‌ଦାର ଚର୍ଚ୍ଚା ଚାଲିଛି। ଚନ୍ଦକା ଜଙ୍ଗଲରୁ ବାଘଟି ପଳାଇଆସିଥିବା ବନ୍ୟପ୍ରାଣୀ ବିଶେଷଜ୍ଞମାନେ କହିଛନ୍ତି। ଚନ୍ଦକା ଜଙ୍ଗଲରୁ ଓ୍ୱାୟୁଏଟି ଫାର୍ମ ଦେଇ ବିମାନବନ୍ଦରକୁ ଏକ ବଡ଼ ଡ୍ରେନ୍ ରହିଛି। ସେହି ଡ୍ରେନ୍ ପଟେ ବାଘ ଚନ୍ଦକାରୁ ବିମାନବନ୍ଦରକୁ ପଶିଥିବା ଅନୁମାନ କରାଯାଉଛି।

## ପ୍ରଥମ ପୃଷ୍ଠାରୁ...

## ଧାନ ସରିବା...

ସେଥିରୁ ୪୯.୦୬ ଲକ୍ଷ ମେଟ୍ରିକ ଟନ୍ ଧାନ ତଥା ୩୩.୨୧ ଲକ୍ଷ ମେଟ୍ରିକ ଟନ ଚାଉଳ ସଂଗ୍ରହ କରିଥିଲେ।

ଚଳିତ ବର୍ଷ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୦୦ ଟଙ୍କା କେନ୍ଦ୍ର ସରକାର ବୃଦ୍ଧି କରିଛନ୍ତି। କେନ୍ଦ୍ର ସରକାରଙ୍କ ଧାନ ମୂଲ୍ୟ ନିର୍ଦ୍ଧାରଣ ନୀତି ଅନୁଯାୟୀ ଚଳିତ ବର୍ଷ ସାଧାରଣ ଧାନ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ୧୭୫୦ ଟଙ୍କା ରଖାଯାଇଥିବା ବେଳେ ଗ୍ରେଡ୍-ଏ ଧାନ ପାଇଁ ୧୭୭୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏମ୍‌ଏସ୍‌ପିଠାରୁ କମ୍ ଦରରେ ଯଦି କୌଣସି ମିଲର ଚାଷୀଙ୍କଠାରୁ ଧାନ କ୍ରୟ କରିବେ ସେମାନଙ୍କ ବିରୋଧରେ ଅତ୍ୟାବଶ୍ୟକ ସେବା ଆଇନ ୧୯୫୫ ଅନୁଯାୟୀ ଦଣ୍ଡ ବିଧାନ କରାଯିବକୁ ସରକାର ଚେତାବନୀ ଦେଇଛନ୍ତି।

## ଦିନସାରା...

ଭଦ୍ରକ, ବାରିପଦା, ଯାଜପୁର, ଜଗତ୍‌ସିଂହପୁର, କେନ୍ଦ୍ରାପଡା, ଅନୁଗୋଳ, ଢେଙ୍କାନାଳ ସମେତ ରାଜ୍ୟର ସମସ୍ତ ଜିଲାରେ ବ୍ୟବସାୟ ପ୍ରତିଷ୍ଠାନ ସ୍ୱତଃପ୍ରବୃତ୍ତ ବନ୍ଦ ରହିଥିଲା। କଟକ ଚାମ୍ବରର୍ସ ଅଫ୍ କମର୍ସ ପକ୍ଷରୁ ଶହୀଦଙ୍କ ପରିବାରକୁ ଆର୍ଥିକ ସହାୟତା ଦେବାକୁ ନିଷ୍ପତ୍ତି ହୋଇଛି। ତେବେ ଔଷଧ ଦୋକାନଗୁଡିକୁ ବାଦ୍ ଦିଆଯାଇଥିବାବେଳେ ବନ୍ଦ ବେଶ୍ ଶାନ୍ତିପୂର୍ଣ୍ଣ ତଥା ଭାବାବେଗପୂର୍ଣ୍ଣ ଥିଲା। ସିଆର୍‌ପିଏଫ ଯବାନଙ୍କ ଉପରେ ହୋଇଥବା ଆକ୍ରମଣକୁ ନେଇ ସମଗ୍ର ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ସୈନ୍ୟମାନଙ୍କ ସହ ସମଗ୍ର ଦେଶ ରହିଛି ବୋଲି କହିବା ସହ କନ୍‌ଫେଡେରେଶନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି) ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ବନ୍ଦ ଡାକରା ଦିଆଯାଇଥିଲା। ଏଥିଯୋଗୁ ସମଗ୍ର ଦେଶରେ ୬ କୋଟିରୁ ଊର୍ଦ୍ଧ୍ୱ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା। ସେହିଭଳି ରାଜ୍ୟର ୨୦ଲକ୍ଷ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା ଓ ପ୍ରାୟ ୧ ହଜାର କୋଟି ଟଙ୍କାର କାରବାର ବନ୍ଦ ରହିଥିଲା ବୋଲି ଓଡିଶା ବ୍ୟବସାୟୀ ମହାସଂଘର ସାଧାରଣ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି। ଯେ କୌଣସି ପରିସ୍ଥିତିରେ ସମଗ୍ର ଦେଶ ଏକ ବୋଲି ପ୍ରମାଣିତ ହୋଇଥିବା ସେ କହିଛନ୍ତି।

## କୁଳଭୂଷଣଙ୍କୁ... ପ୍ରଥମ ପୃଷ୍ଠାରୁ...

କୁଳଭୂଷଣ ଭାରତ ପାଇଁ ଗୁପ୍ତଚରଗିରି କରୁଥିବା ଏବଂ ବିଧ୍ୱଂସକ କାର୍ଯ୍ୟକଳାପ ଲାଗି ବେଲୁଚିସ୍ତାନ ପ୍ରଦେଶରେ ଅନୁପ୍ରବେଶ କରିଥିବାବେଳେ ତାଙ୍କୁ ଗିରଫ କରାଯାଇଥିବା ପାକିସ୍ତାନ ସେତେବେଳେ ଦର୍ଶାଇଥିଲା। ୨୦୧୭ ଏପ୍ରିଲରେ ପାକିସ୍ତାନର ସାମରିକ ଅଦାଲତ କୁଳଭୂଷଣଙ୍କୁ ନିଜ ପକ୍ଷ ରଖିବାକୁ ନ ଦେଇ ତାଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲା। କୁଳଭୂଷଣଙ୍କୁ ଉଚ୍ଚାୟୁକ୍ତଙ୍କ ଜରିଆରେ ଆଇନଗତ ସହାୟତା ଦେବାକୁ ପାକିସ୍ତାନ ମନାକରି ଏକତରଫା ବିଚାର କରିଥିବାରୁ ଏହାକୁ ନେଇ ଭାରତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପାକିସ୍ତାନୀ ସେନା କୋର୍ଟର ରାୟକୁ ଭାରତ ସେହିବର୍ଷ ମେ'ରେ ଆଇସିଜେରେ ଚ୍ୟାଲେଞ୍ଜ କରିଥିଲା। ଅନ୍ତର୍ଜାତୀୟ ଅଦାଲତ ଏହି ଦଣ୍ଡାଦେଶ ଉପରେ ରୋକ ଲଗାଇଛନ୍ତି। ଏହି ମାମଲାରେ ପୂର୍ବତନ ସଲିସିଟର ଜେନେରାଲ୍ ହରିଶ୍ ସାଲ୍‌ଭେ ସୋମବାର ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ପାକିସ୍ତାନକୁ କଡ଼ା ସମାଲୋଚନା କରିଛନ୍ତି। ଖୋଲା କୋର୍ଟରେ ସେ ଯୁକ୍ତି ବାଢ଼ି କହିଛନ୍ତି, ସେନା ଅଦାଲତ କୁଳଭୂଷଣଙ୍କୁ ନ୍ୟାୟ ଦେଇନାହିଁ। ବିଚାର ପ୍ରକ୍ରିୟାର ସର୍ବନିମ୍ନ ଆବଶ୍ୟକତା ମଧ୍ୟ ପୂରଣ କରାଯାଇନାହିଁ। କୁଳଭୂଷଣଙ୍କୁ ଫାଶୀ ଦଣ୍ଡାଦେଶ ଦେବାର ଅଧିକାର ପାକିସ୍ତାନୀ ସେନା କୋର୍ଟର ନାହିଁ। ସେନା କୋର୍ଟ ନିଜ ବେଆଇନ ରାୟର ସମୀକ୍ଷା ଓ ପୁନର୍ବିଚାର କରୁ। ଏହି ଦଣ୍ଡାଦେଶ ରଦ୍ଦ କରି ତାଙ୍କୁ ତୁରନ୍ତ ମୁକ୍ତ କରିବା ଲାଗି ଆଇସିଜେ ପାକିସ୍ତାନକୁ ନିର୍ଦ୍ଦେଶ ଦିଅନ୍ତୁ। କାରଣ ଜେଲ୍‌ରେ ଅଟକ ଥିବା ଜଣେ ବିଦେଶୀଙ୍କର ମଧ୍ୟ ଜୀବନଧାରଣ ଅଧିକାର ରହିଛି। ଏହାସହ ନିରପେକ୍ଷ ନ୍ୟାୟିକ ବିଚାର ପାଇଁ ସେ ହକ୍‌ଦାର। କିନ୍ତୁ ପାକିସ୍ତାନ ଗତ ୨ ବର୍ଷ ମଧ୍ୟରେ ତା'ର ସେନା କୋର୍ଟ ଜରିଆରେ ୧୬୧ ନାଗରିକଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଛି। କୁଳଭୂଷଣଙ୍କୁ ୩ ବର୍ଷ ଧରି ସେଠାକାର ଜେଲ୍‌ରେ ରଖାଯାଇଛି, ଯାହାକି ସମ୍ପୂର୍ଣ୍ଣ ଭାବେ ବେଆଇନ। ତାଙ୍କୁ ଉଚ୍ଚାୟୁକ୍ତଙ୍କ ଜରିଆରେ ଆଇନଗତ ସହାୟତା ପ୍ରଦାନ ଲାଗି ଭାରତ ପକ୍ଷରୁ ୧୩ ଥର ଅନୁରୋଧ କରାଯାଇଥିଲେ ହେଁ ପାକିସ୍ତାନ ପ୍ରତିଥର ପ୍ରତ୍ୟାଖ୍ୟାନ କରିଦେଇଛି। ଏହା ଅନ୍ତର୍ଜାତୀୟ ଆଇନ ଓ ଭିଏନା ଚୁକ୍ତି (ଧାରା ୩୬)ର ଖୋଲାଖୋଲି ଉଲ୍ଲଂଘନ ବୋଲି ସାଲ୍‌ଭେ ଯୁକ୍ତି ବାଢ଼ିଛନ୍ତି। ସେହିପରି ଦ୍ୱିପାକ୍ଷିକ ରାଜିନାମା ଅନୁସାରେ ପାକିସ୍ତାନ କୁଳଭୂଷଣଙ୍କ ପରିବାରକୁ ତାଙ୍କ ସହ ସାକ୍ଷାତ୍‌ର ପ୍ରତିଶ୍ରୁତି ଦେଇଥିଲା। ୨୦୧୭ ଡିସେମ୍ବର ୨୫ରେ ସାକ୍ଷାତ୍ ବେଳେ ସେମାନଙ୍କୁ ଯେପରି ବ୍ୟବହାର ଦେଖାଗଲା, ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।

ଜମ୍ମୁ-କଶ୍ମୀରର ପୁଲ୍‌ଓ୍ୱାମାରେ ପାକିସ୍ତାନୀ ଆତଙ୍କବାଦୀଙ୍କ ଆକ୍ରମଣରେ ୪୯ ଯବାନ ଶହୀଦ ହୋଇଥିବା ପରିପ୍ରେକ୍ଷୀରେ ଦୁଇଦେଶ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଛି। ଏହାର ୪ ଦିନ ପରେ ସୋମବାର ଆଇସିଜେରେ ଶୁଣାଣି ଆରମ୍ଭ ହୋଇଛି। ଜାତିସଂଘର ଅନ୍ତର୍ଜାତୀୟ ଅଦାଲତରେ ଶୁଣାଣି ଆଉ ୩ ଦିନ ଚାଲିବ। ମଙ୍ଗଳବାର ପାକିସ୍ତାନ ନିଜ ପକ୍ଷ ରଖିବ। ଶୁଣାଣି ବେଳର ସିଧାପ୍ରସାରଣ ଟିଭି ଚ୍ୟାନେଲ୍‌ଗୁଡ଼ିକରେ ପ୍ରସାରଣ ପାଇଁ ମଧ୍ୟ ଆଇସିଜେ ଅନୁମତି ଦେଇଛନ୍ତି।

### କିଛି ତଥ୍ୟ

୨୦୧୭-୧୮ ଆର୍ଥିକ ବର୍ଷରେ ଭାରତ ଆର୍ଜେଣ୍ଟିନା ମଧ୍ୟରେ ୨.୯୪ ବିଲିୟନ ଡଲାରର ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ହୋଇଛି। ଏହା ୨୦୧୬-୧୭ରେ ୩ ବିଲିୟନ ଡଲାର ଥିଲା। -ବାଣିଜ୍ୟ ମନ୍ତ୍ରଣାଳୟ

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଅଶ୍ଳେଷା ନକ୍ଷତ୍ରସ୍ଥ ପାପଯୁକ୍ତ ଚନ୍ଦ୍ର ପାରିବାରିକ ଜୀବନ ଓ କର୍ମକ୍ଷେତ୍ରରେ ଅଶାନ୍ତ ପରିସ୍ଥିତି ସୃଷ୍ଟି କରିପାରେ। ବନ୍ଧୁଙ୍କ ସହ ପରିସ୍ଥିତିବଶତଃ ସାମାନ୍ୟ ବିତର୍କରୁ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ସହକର୍ମୀଙ୍କୁ ଉତ୍ତମ ପରାମର୍ଶ ଦେଇ ପ୍ରଶଂସିତ ହେବେ। ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ସ୍ଥିତି ସଂଘର୍ଷମୟ ରହିବ।

**ବୃଷ**
ତୃତୀୟାଧିପତିଙ୍କ ପ୍ରଭାବରେ କୌଣସି ହିତୈଷୀ ବନ୍ଧୁ ଜଣେ ଆପଣଙ୍କ କୁତ୍ସାରଟନା କରିପାରନ୍ତି। କର୍ମକ୍ଷେତ୍ରରେ ଛୋଟକଥାକୁ ବଡ଼ ଆକାରରେ ଚିନ୍ତା କରି ବ୍ୟସ୍ତତା ଅନୁଭବ କରିବେ। ବିଶେଷ ଭ୍ରମଣ ଓ ଶ୍ରମଜନିତ ସ୍ୱାସ୍ଥ୍ୟ ଭଲ ରହି ନ ପାରେ। ବ୍ୟବସାୟିକ ସ୍ଥିତି ପୂର୍ବପରି ରହିବ।

**ମିଥୁନ**
ଶୁକ୍ର ଓ ଶନିଙ୍କ ସମ୍ବନ୍ଧ ଆପଣଙ୍କ ଚିନ୍ତାଧାରାକୁ କଳୁଷିତ କରିଦେବାର ଆଶଙ୍କା ରହିଛି। ଅଟକି ରହିଯାଇଥିବା କାମ ପାଇଁ ଚିନ୍ତା ପ୍ରକଟ କରିପାରନ୍ତି। ନିଜ ଲୋକମାନେ ପାରିବାରିକ ସମସ୍ୟା ସୃଷ୍ଟିର ମୂଳକାରଣ ହୋଇପାରନ୍ତି। ସଭାସମିତି, ଲେଖାପଢ଼ା, କଳା, ସାହିତ୍ୟ କ୍ଷେତ୍ର ଭଲ ରହିବ।

**କର୍କଟ**
ପାପଗ୍ରହ ପ୍ରଭାବରେ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଇବା ସାଙ୍ଗକୁ ଯାତ୍ରା, ବାଣିଜ୍ୟ ମଧ୍ୟ ପ୍ରଭାବିତ ହୋଇପାରେ। ବିବାଦ, ପ୍ରତିଦ୍ୱନ୍ଦ୍ୱିତା କିମ୍ବା ଆଲୋଚନାରେ ପରିସ୍ଥିତି ସରଗରମ ରହିବ। ଯାତ୍ରା ସମୟରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ।

**ସିଂହ**
ରାଶି ପ୍ରତି ରାଶ୍ୟାଧିପତିଙ୍କ ଦୃଷ୍ଟି କାରଣରୁ ମନ ଯେମିତି ଚାହୁଁଛି ସେପରି କାମ ସମ୍ପନ୍ନ କରିବାରେ ଅସୁବିଧା ରହିବ ନାହିଁ। ଅଳ୍ପଖର୍ଚ୍ଚରେ କାମ ହାସଲ କରିବାକୁ ଯାଇ ବେଶିଖର୍ଚ୍ଚାନ୍ତ ହେବାକୁ ପଡିବ। ପାରିବାରିକ ଜୀବନରେ ମତଭେଦଜନିତ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ବକେୟା ଟଙ୍କା ଆଜି ପାଇବା ପାଇଁ ବିଭିନ୍ନ ପ୍ରକାର ଯୋଜନା କରିପାରନ୍ତି।

**କନ୍ୟା**
ବୁଧ ଷଷ୍ଠାଧିପତିଙ୍କ ଦୃଷ୍ଟିରେ ରହିଥିବାରୁ ପୁରାତନ ରୋଗର ପୀଡ଼ାନୁଭବ ହୋଇପାରେ। ଅଭାବ ନ ଥିଲେ ମଧ୍ୟ କୌଣସି ଅତୀତ କଥାର ଝଲକ ମନକୁ ବିଷାଦିତ କରି ରଖିବ। କର୍ମକ୍ଷେତ୍ରରେ ଆଶାନୁରୂପ ଫଳ ପାଇବାରେ କେତେକ ସାମୟିକ ପ୍ରତିବନ୍ଧକ ଦେଖାଦେବାର ଆଶଙ୍କା ରହିଛି। ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ।

**ତୁଳା**
ଯାତ୍ରା, ବାଣିଜ୍ୟ, ସରକାରୀ ସ୍ତରର କାମ, ସଭାସମିତିରେ ଆଲୋଚନା କ୍ଷେତ୍ର ଆପଣଙ୍କ ଲାଗି ଭଲ ରହିବ। ଆତ୍ମୀୟସ୍ୱଜନଙ୍କ ମାଧ୍ୟମରେ ଅନ୍ୟମାନଙ୍କ ସହ ସୁସମ୍ପର୍କ ସ୍ଥାପନ କରିବାରେ ସମର୍ଥ ହେବେ। ସହକର୍ମୀମାନଙ୍କୁ ସୁପରାମର୍ଶ ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଘରୋଇ କାମରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ।

**ବିଛା**
ସାମଗ୍ରିକ ଦୃଷ୍ଟିକୋଣରୁ ଗ୍ରହସ୍ଥିତି ଭଲ ହେତୁ ଯାହା କରିବେ ପ୍ରୀତିପ୍ରଦ ରହିବ। କିନ୍ତୁ ନିଜ ଲୋକଙ୍କ ବେପରୁଆ ମନୋଭାବ ଯୋଗୁ ସାମୟିକ ବିଚଳିତବୋଧ କରିବେ। କିନ୍ତୁ ସଜ୍ଜନମାନଙ୍କ ସାନ୍ନିଧ୍ୟ ଲାଭକରି କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ। ଆଜିର ଯାନ୍ତ୍ରିକ ଜିନିଷ ସଜାଡିବା ପରିପ୍ରେକ୍ଷୀରେ ଖର୍ଚ୍ଚ ପରିମାଣ ଦ୍ୱିଗୁଣା ହୋଇପାରେ।

**ଧନୁ**
ରାଶିରେ ପାପଗ୍ରହଙ୍କ ସମାବେଶ କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଯୋଗିତା ମାନୋଭାବ ଉପୁଜିପାରେ। ଅବଶ୍ୟ କର୍ମକ୍ଷେତ୍ରରେ ହାତପାହାନ୍ତାରେ ସୁଯୋଗ ପାଇ କାମ ହାସଲ କରିବେ। ପଡୋଶୀମାନେ ସାଧାରଣ କଥାକୁ ଅତିରିକ୍ତ କରି ସମସ୍ୟା ସୃଷ୍ଟି କରିବେ। ପିଲାଙ୍କ ସ୍ୱାସ୍ଥ୍ୟହାନି, ପଦାଧିକାରୀଙ୍କ ଚାପ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ।

**ମକର**
ଆପଣଙ୍କ ଭାଷା ଓ ଭାବନା ପ୍ରତିକୂଳ ପରିବେଶ ସୃଷ୍ଟି କରିବାର ଆଶଙ୍କା ରହିଛି। ଅବଶ୍ୟ ଶ୍ରବଣା ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବନାହିଁ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ସାମାଜିକ ସ୍ତରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ।

**କୁମ୍ଭ**
ସାମାନ୍ୟ ବ୍ୟତିକ୍ରମ ମଧ୍ୟରେ ଦିନଚର୍ଯ୍ୟା ମନ୍ଦ ହେବନି ଏବଂ ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ। ବ୍ୟବସାୟ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ପରିସ୍ଥିତିରେ ପଡ଼ି ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟହେବେ। ଅର୍ଥ ସମ୍ପର୍କିତ କିମ୍ବା ଜମିର ମାଲିକାନାକୁ ନେଇ ବିବାଦୀୟ ସ୍ଥିତି ଉପୁଜିପାରେ।

**ମୀନ**
ସ୍ୱକ୍ଷେତ୍ରବର୍ତ୍ତୀ ମଙ୍ଗଳଙ୍କ ସୁପ୍ରଭାବରେ ପରିବାର, ଲୋକସମ୍ପର୍କ, ଜମିଜମା, ନୂତନ ଗୃହ, ଯାନବାହନାଦି କ୍ଷେତ୍ର ପ୍ରାୟତଃ ଭଲ ରହିବ। ନିଜର ଅସନ୍ତୋଷକୁ କଡ଼ା କଥାରେ ବ୍ୟକ୍ତ କରିବା ଅଶାନ୍ତିର କାରଣ ହେବ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। କର୍ମକ୍ଷେତ୍ରରେ ବିଭିନ୍ନ ଦିଗରୁ ଲାଭବାନ୍ ହେବେ।

ଆଜି ମାଘମାସର ଅଗ୍ନି ଉତ୍ସବ ପୂର୍ଣ୍ଣିମା, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଗଜ ଉଦ୍ଧାରଣ ବେଶ, ଯୋରନ୍ଦା ମେଳା, ମାଘବ୍ରତ ସମାପନ, ଫେବୃୟାରୀ ୧୯ ତାରିଖ, ମଙ୍ଗଳବାର, ରାଶି ନକ୍ଷତ୍ର-ଦିବା ଘ୧୧।୨୪ମି. ଗତେ, ମଘା/ସିଂହ, ମକର ରାଶିର ଘାତବାର, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ପୂର୍ଣ୍ଣିମାର ଚନ୍ଦ୍ରପୂଜା ଓ ଉପବାସ, ସକାଳ ଘ୯।୧୪ମି. ଗତେ ଘ୧୦।୩୮ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୩୮ମି. ଗତେ ଘ୧୨।୦୧ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୨।୫୨ମି. ଗତେ ଘ୪।୧୮ମି. ମଧ୍ୟେ ରାହୁକାଳ।




# ଗାଁ ଦାଣ୍ଡରେ ଯୁବକଙ୍କୁ ହାଣି ହତ୍ୟା

- ୩ ଦିନ ପରେ ହୋଇଥାନ୍ତା ବାହାଘର
- ଅଭିଯୁକ୍ତ ବଡ଼ବାପା ପୁଅ ଭାଇ ଫେରାର
- ଉତ୍ତେଜନା, ଜଳିଗଲା ଅଭିଯୁକ୍ତଙ୍କ ଘର

ବେଗୁନିଆ/ବୋଲଗଡ଼,୧୮।୨ (ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ବୋଲଗଡ଼ ବ୍ଲକ ଅନ୍ତର୍ଗତ ଦେଉଳି ନୂଆସାହିରେ ସୋମବାର ମଧ୍ୟାହ୍ନରେ ଏକ ଲୋମଟାଙ୍କୁରା ଘଟଣା ଘଟିଛି। ଜଣେ ଯୁବକଙ୍କୁ ତାଙ୍କ ବଡ଼ବାପା ପୁଅ ଗାଁ ଦାଣ୍ଡ ରାସ୍ତାରେ ଗୋଡେଇ ଗୋଡେଇ ହାଣି ହତ୍ୟା କରିଛନ୍ତି। ମୃତ ଯୁବକ ଜଣକ ହେଲେ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ପୁଅ ଚିନ୍ମୟ (୨୨)। ଆସନ୍ତା ୨୪ ତାରିଖରେ ତାଙ୍କର ବାହାଘର ହେବାର ଥିଲା। ବିବାହ ପୂର୍ବରୁ ଚିନ୍ମୟଙ୍କୁ ହତ୍ୟା କରାଯିବା ସମସ୍ତଙ୍କୁ ଚକିତ କରିଦେଇଛି। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏଥିସହ ଅଭିଯୁକ୍ତ ନିରଞ୍ଜନ (୪୦)ଙ୍କ ନାମରେ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ପୂର୍ବ ଶତ୍ରୁତାକୁ ନେଇ ଏହି ବୀଭସ୍ସ ହତ୍ୟାକାଣ୍ଡ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଅନ୍ୟପକ୍ଷରେ ଅପରାହ୍ନରେ ଅଭିଯୁକ୍ତଙ୍କ ଘରେ ନିଆଁ ଲାଗି ଯାଇଥିଲା। ସ୍ଥାନୀୟ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ସୂଚନା ମିଳିଛି।

ପୋଲିସ ସୂଚନାନୁସାରେ, ଚିନ୍ମୟ ଖାଇସାରିବା ପରେ କୌଣସି କାମରେ ନିଜ ବାଇକ୍ ଧରି ଘରୁ ବଜାରକୁ ବାହାରିଥିଲେ। ଗାଁ ରାସ୍ତାରେ ଯାଉଥିବାବେଳେ ନିରଞ୍ଜନ ଏକ ଧାରୁଆ ଅସ୍ତ୍ର ଧରି ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ପରେ ଗୋଡେଇ ଗୋଡେଇ ହାଣିଥିଲେ। ଚିନ୍ମୟ ବାଇକ ସହ ତଳେ ପଡିଯିବା ପରେ ନିରଞ୍ଜନ ତାଙ୍କ ବେକ, ମୁଣ୍ଡ, ଛାତି ସମେତ ଶହରୀର ବିଭିନ୍ନ ଅଂଶରେ ଚୋଟ ପରେ ଚୋଟ ପକାଇ ଚାଲିଥିଲେ। ଚିତ୍କାର ଶୁଣି ପରିବାର ସଦସ୍ୟ ଓ ଗାଁଲୋକେ ଘଟଣାସ୍ଥଳକୁ ଚାଲିଆସିବାରୁ ଅଭିଯୁକ୍ତ ନିରଞ୍ଜନ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। କିଛି ସମୟ ଛଟପଟ ହେବା ପରେ ଘଟଣାସ୍ଥଳରେ ହିଁ ଚିନ୍ମୟଙ୍କ ଶରୀର ନିସ୍ତେଜ ହୋଇପଡିଥିଲା। ଖବର ପାଇ ସ୍ଥାନୀୟ ପୋଲିସ ପହଞ୍ଚିଥିଲା। ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଲୋକେ ପୋଲିସକୁ ଘେରିଯିବା ସହ ମୃତଦେହକୁ ଛାଡ଼ି ନ ଥିଲେ। ପରେ ଏସ୍‌ପି ଅମୂଲ୍ୟ କୁମାର ଦାସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଅପରାହ୍ନରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଗାଁରୁ ପୋଲିସ ଚାଲିଯିବା ପରେ ଅଭିଯୁକ୍ତଙ୍କ ଆଜ୍‌ବେଷ୍ଟସ୍ ଘରେ ନିଆଁ ଲାଗି ଯାଇଥିବା ଦେଖିବାକୁ ମିଳିଥିଲା। ଅଗ୍ନିକାଣ୍ଡରେ ଘରେ ଥିବା ସମସ୍ତ ଜିନିଷପତ୍ର ପୋଡ଼ିଯାଇଛି। ତେବେ ଅଭିଯୁକ୍ତଙ୍କ ପରିବାର ଲୋକେ ଏଥିପାଇଁ ଗାଁ ଲୋକଙ୍କୁ ଦାୟୀ କରିଥିବାବେଳେ ଘଟଣାକୁ ଅନ୍ୟ ରୂପ ଦେବାକୁ ସେମାନେ ନିଜ ଘରେ ନିଆଁ ଲଗାଇ ଦେଇଥିବା ଗ୍ରାମବାସୀ ପାଲଟଣା ଅଭିଯୋଗ ଆଣିଛନ୍ତି।

ଘଟଣା ସଂକ୍ରାନ୍ତରେ ମୃତକ ଚିନ୍ମୟଙ୍କ ମା' କୁହନ୍ତି, ୩ ବର୍ଷ ପୂର୍ବେ ସୃଷ୍ଟି ହୋଇଥିବା ପାରିବାରିକ ବିବାଦକୁ ନେଇ ଥାନାରେ ଅଭିଯୋଗ ହୋଇଥିଲା। ପରବର୍ତ୍ତୀ ସମୟରେ ଆପୋସ ସମାଧାନ ହୋଇଥିଲା। କିନ୍ତୁ ନିରଞ୍ଜନ ସବୁବେଳେ ମୋ ପୁଅକୁ ମାରିଦେବାକୁ ଧମକ ଦେଇ ଆସୁଥିଲେ। ସେ ରାଜ୍ୟ ବାହାରେ ରହି କାମଧନ୍ଦା କରନ୍ତି। ଗତ ୩ ଦିନ ତଳେ ଗାଁକୁ ଫେରି ପୁଅର ମୁଣ୍ଡ ନେବେ ବୋଲି କହି ବୁଲୁଥିଲେ। ଶେଷରେ ମୋ ପରିବାରକୁ ଉଜାଡି ଦେଲା ବୋଲି କାନ୍ଦି କାନ୍ଦି କହିଛନ୍ତି। ଏ ସଂକ୍ରାନ୍ତରେ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ କୁହନ୍ତି, ଆଇପିସି ଦଫା ୩୦୨ରେ ମାମଲା ନଂ.୨୫/୧୯ ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଅଭିଯୁକ୍ତଙ୍କୁ ଗିରଫ ପାଇଁ ୨ଟି ପୋଲିସ ଟିମ୍ ଗଠନ କରାଯାଇଛି।

## ବଦଳିଲେ ସୁନ୍ଦରଗଡ଼ ଜିଲାପାଳ

### ମୀନାଙ୍କୁ ଉଠାଜଳସେଚନ ନିଗମ ଦାୟିତ୍ୱ

ଭୁବନେଶ୍ୱର,୧୮।୨(ବ୍ୟୁରୋ)

ଆଇଏଏସ୍ ସ୍ତରରେ ଛୋଟ ଧରଣର ଅଦଳବଦଳ ହୋଇଛି। ଏ ନେଇ ସୋମବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ରାଉରକେଲା ସ୍ମାର୍ଟ ସିଟିର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଥିବା ୨୦୧୦ ବ୍ୟାଚର ଆଇଏଏସ୍ ରଶ୍ମିତା ପଣ୍ଡାଙ୍କୁ ସୁନ୍ଦରଗଡ ଜିଲାପାଳ ଭାବେ ବଦଳି କରାଯାଇଛି। ସୁନ୍ଦରଗଡ଼ ଜିଲାପାଳ ଥିବା ୨୦୧୨ ବ୍ୟାଚ ଆଇଏଏସ୍ ସୁରେନ୍ଦ୍ର କୁମାର ମୀନାଙ୍କୁ ଓଡ଼ିଶା ଉଠାଜଳସେଚନ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି।

## ୨୮ ହଜାର କୋଟିର ଅନ୍ତରୀଣ ଲାଭାଂଶ ଦେବ ଆର୍‌ବିଆଇ

**ମୁମ୍ବାଇ,୧୮।୨:** କେନ୍ଦ୍ର ସରକାରଙ୍କୁ ୨୮ ହଜାର କୋଟି ଟଙ୍କାର ଅନ୍ତରୀଣ ଲାଭାଂଶ ଦେବାକୁ ସୋମବାର ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ବୋର୍ଡ ନିଷ୍ପତ୍ତି ନେଇଥିବା ନେଇ କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଏକ ବିବୃତିରେ ସ୍ପଷ୍ଟ କରାଯାଇଛି। ସୂଚନାଥାଉ କି, ରିଜର୍ଭ ବ୍ୟାଙ୍କ କ୍ରମାଗତ ଦ୍ୱିତୀୟ ବର୍ଷ କେନ୍ଦ୍ର ସରକାରଙ୍କୁ ଅନ୍ତରୀଣ ଲାଭାଂଶ ଦେବାକୁ ଯାଉଛି। ଫଳରେ ସରକାର ଚଳିତ ଆର୍ଥିକ ବର୍ଷରେ ଆର୍‌ବିଆଇରୁ ମୋଟ୍ ୬୮ହଜାର କୋଟି ଟଙ୍କାର ଅନ୍ତରୀଣ ଲାଭାଂଶ ପାଇବେ। ସୋମବାର କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ସୀମିତ ଅଡିଟ ପରେ ୨୦୧୮ ଡିସେମ୍ବର ୩୧ରେ ଶେଷ ହେଉଥିବା ୬ମାସ ପାଇଁ ଉକ୍ତ ପରିମାଣ ଅର୍ଥକୁ ଅନ୍ତରୀଣ ଲାଭାଂଶ ବାବଦରେ ଦେବାକୁ ବୋର୍ଡ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିପୂର୍ବରୁ ଆର୍‌ବିଆଇ ବୋର୍ଡ ବୈଠକରେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଉପସ୍ଥାପନ କରିଥିଲେ। ପୂର୍ବରୁ ଖବରଦାତା ସମ୍ମିଳନୀରେ ଅନ୍ତରୀଣ ଲାଭାଂଶ ପ୍ରଦାନ ନେଇ ପ୍ରଶ୍ନ ହେବାରୁ ଜେଟ୍‌ଲୀ କହିଥିଲେ ଯେ, ସ୍ୱାଧୀନ ସଂସ୍ଥା ଭାବେ ଆର୍‌ବିଆଇ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନେବ। ଏହା କେନ୍ଦ୍ରୀୟ ବ୍ୟାଙ୍କର ଅଧିକାର ପରିସରଭୁକ୍ତ। ଏଥିରେ ସରକାର କୌଣସି ପ୍ରକାର ହସ୍ତକ୍ଷେପ କରନ୍ତି ନାହିଁ। ସୂଚନାଥାଉ କି, ଆର୍‌ବିଆଇ ଚଳିତ ଆର୍ଥିକ ବର୍ଷରେ ଅନ୍ତରୀଣ ଲାଭାଂଶ ବାବଦରେ ୪୦ ହଜାର କୋଟି ଟଙ୍କା ପ୍ରଦାନ କରିସାରିଛି। ଅନ୍ୟପକ୍ଷରେ ନିଜର ରାଜକୋଷୀୟ ନିଅଣ୍ଟକୁ ହ୍ରାସ କରିବା ଲକ୍ଷ୍ୟରେ ସରକାର କେନ୍ଦ୍ରୀୟ ବ୍ୟାଙ୍କଠାରୁ ଆହୁରି ୨୮ହଜାର କୋଟି ଟଙ୍କା ଲୋଡ଼ୁଥିଲେ। ଗତ ଆର୍ଥିକ ବର୍ଷରେ କେନ୍ଦ୍ରୀୟ ୧୦ହଜାର କୋଟି ଟଙ୍କାର ଅନ୍ତରୀଣ ଲାଭାଂଶ ପ୍ରଦାନ କରିଥିଲେ।

### ମହୋଦଧିରେ ବିସର୍ଜନ ହେଲା ଶହୀଦଙ୍କ ଚିତାଭସ୍ମ

## ସ୍ୱର୍ଗଦ୍ୱାରରେ ପାକିସ୍ତାନ ପତାକା ପୋଡ଼ି

**ପୁରୀ ଅଫିସ,୧୮।୨:** ଜମ୍ମୁ-କଶ୍ମୀର ପୁଲ୍‌ୱାମାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଦୁଇ ଓଡ଼ିଆ ବୀର ଯବାନ ପ୍ରସନ୍ନ କୁମାର ସାହୁ ଏବଂ ମନୋଜ କୁମାର ବେହେରାଙ୍କ ଚିତାଭସ୍ମ ମହୋଦଧିରେ ବିସର୍ଜନ ହୋଇଛି। ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଚିତାଭସ୍ମ କଳସକୁ ସିଂହଦ୍ୱାର ସମ୍ମୁଖରୁ ଶୋଭାଯାତ୍ରାରେ ନିଆଯାଇ ମହୋଦଧିରେ ବିସର୍ଜନ କରାଯାଇଛି। ଏଥିସହ ସ୍ୱର୍ଗଦ୍ୱାରଠାରେ ପାକିସ୍ତାନ ପତାକା ମଧ୍ୟ ପୋଡ଼ା ଯାଇଛି। ଏହି ଶୋଭାଯାତ୍ରାରେ ଶ୍ରୀମନ୍ଦିର ସେବାୟତ, ସହରର ବହୁ ବୁଦ୍ଧିଜୀବୀ ସାମିଲ ହୋଇ ଶହୀଦଙ୍କ ପରିବାରକୁ ସମବେଦନା ଜଣାଇଥିଲେ। ପୂର୍ବାହ୍ନରେ ଶ୍ରୀଜଗନ୍ନାଥ ସେନା ଏବଂ ସଚେତନ ନାଗରିକ ମଞ୍ଚର ସଦସ୍ୟମାନେ ସିଂହଦ୍ୱାର ସମ୍ମୁଖରେ ଏକାଠି ହୋଇଥିଲେ। ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ପାଇଁ ପାକିସ୍ତାନକୁ ତୀବ୍ର ନିନ୍ଦା କରିଥିଲେ। ଏହି ବର୍ବୋରଚିତ କାଣ୍ଡ ଘଟାଇଥିବା ପାକିସ୍ତାନକୁ ବିରୋଧ କରିବା ସହ ପାକିସ୍ତାନ ମୁର୍ଦ୍ଦାବାଦର ନାରା ଦେଇଥିଲେ। ଏଥିସହ ଇଟାର ଜବାବ ପଥରରେ ଦେବାକୁ ଭାରତ ସରକାରଙ୍କୁ ନିବେଦନ କରାଯାଇଥିଲା ବୋଲି ଶ୍ରୀଜଗନ୍ନାଥ ସେନାର ଆବହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି।

### ■ କୋଣାର୍କ ସୂର୍ଯ୍ୟମନ୍ଦିର ଅସୁରକ୍ଷିତ

## ୬ ସ୍ଥାନରେ ମରାମତି ଆବଶ୍ୟକ

### ଏଏସ୍ଆଇ ଡିଜିଙ୍କ ସତ୍ୟପାଠ ଦାଖଲ

କଟକ ଅଫିସ, ୧୮।୨

କୋଣାର୍କ ସୂର୍ଯ୍ୟମନ୍ଦିର ସୁରକ୍ଷିତ। ମନ୍ଦିର ପ୍ରତି ସେଭଳି କୌଣସି ବିପଦ ନାହିଁ। ଏହିଭଳି କଥା ଆରମ୍ଭରୁ କହି ଆସୁଥିବା ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍ଆଇ) ସଂସ୍ଥା ଶେଷରେ ମାନିଛି ଯେ ମନ୍ଦିର ପ୍ରତି ବିପଦ ରହିଛି। ମନ୍ଦିରର ୬ ସ୍ଥାନରେ ମରାମତି ଆବଶ୍ୟକ। ସେଥିମଧ୍ୟରୁ ୨ ସ୍ଥାନର ମରାମତି ପାଇଁ ୨ ମାସ ଲେଖାଏ ଏବଂ ଆଉ ୪ ସ୍ଥାନର ମରାମତି ନିମନ୍ତେ ୪ ମାସ ଲେଖାଏ ସମୟ ଲାଗିବ। ଏଏସ୍ଆଇ ମହାନିର୍ଦ୍ଦେଶକ ଉଷା ଶର୍ମା ସୋମବାର ହାଇକୋର୍ଟରେ ଦାଖଲ କରିଥିବା ସତ୍ୟପାଠରୁ ଏହା ଜଣାପଡ଼ିଛି। ଶର୍ମା ସତ୍ୟପାଠରେ ଉଲ୍ଲେଖ କରିଛନ୍ତି ଯେ, ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଫେବୃୟାରୀ ୧୨ରେ ଏକ ବୈଠକ ଡକାଯାଇ କୋଣାର୍କର ବର୍ତ୍ତମାନର ସ୍ଥିତି ଉପରେ ସବିଶେଷ ଆଲୋଚନା କରାଯାଇଥିଲା। ସେଣ୍ଟ୍ରାଲ ବିଲ୍‌ଡିଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ (ସିବିଆର୍‌ଆଇ) ପକ୍ଷରୁ ମନ୍ଦିରର ଜଗମୋହନ ମଧ୍ୟରେ ବାଲି ଭର୍ତ୍ତି କରିବା ପାଇଁ ଯେଉଁ ନିଷ୍ପତ୍ତି ନିଆଯାଇଛି ତାହା ଉପରେ ମଧ୍ୟ ଆଲୋଚନା କରାଯାଇଛି। ମୁଖ୍ୟତଃ ମନ୍ଦିରର ଲେଜର ଟେଷ୍ଟିଂ କରାଯିବ ବୋଲି ଏଏସ୍ଆଇ ଡିଜି ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ଲେଜର ଟେଷ୍ଟିଂ ସମ୍ପର୍କିତ ରିପୋର୍ଟ ଆସନ୍ତା ୬ ମାସ ମଧ୍ୟରେ ଦାଖଲ କରିବାକୁ ସିବିଆର୍‌ଆଇକୁ କୁହାଯାଇଥିବା ସତ୍ୟପାଠରେ ଉଲ୍ଲେଖ ଅଛି। ସୂଚନାଥାଉକି, ସୂର୍ଯ୍ୟମନ୍ଦିର ଅସୁରକ୍ଷିତ ଥିବା ନେଇ ଆଡଭୋକେଟ ଦିଲୀପ କୁମାର ମହାପାତ୍ର ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ମନ୍ଦିରର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଆଡଭୋକେଟ ମହାପାତ୍ର ପିଟିଶନରେ ନିବେଦନ କରିଥିଲେ। ଆବେଦନର ଶୁଣାଣି କରି ହାଇକୋର୍ଟ କୋଣାର୍କର ସ୍ଥିତି ସମ୍ପର୍କରେ ଜବାବ ଦାଖଲ କରିବାକୁ ଏଏସ୍ଆଇକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ପୂର୍ବରୁ ଏଏସ୍ଆଇ ଯେଉଁ ରିପୋର୍ଟ ଦେଇଥିଲା ସେଥିରେ ସୂର୍ଯ୍ୟମନ୍ଦିରର ମରାମତି ଆବଶ୍ୟକ ନ ଥିବା ଦର୍ଶାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଡ. ଅଶୋକ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ
ରେଳ ମନ୍ତ୍ରଣାଳୟ
ସଂଚାର ମନ୍ତ୍ରଣାଳୟ
ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ
ଭାରତ ସରକାର

ପୂର୍ବୋଦୟ
ପୂର୍ବ ଭାରତରୁ ହେଉଅଛି ନୂଆ ଭାରତର ଉଦୟ



ଭିତ୍ତିପ୍ରସ୍ତର ସ୍ଥାପନ
ରାୟଗଡ଼ାଠାରେ ଏଚ୍‌ପିସିଏଲ୍ ଏଲ୍‌ପିଜି ବଟଲିଂ ପ୍ଲାଣ୍ଟ
ଜୟପୁରଠାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ନୂଆ ବିଦ୍ୟାଳୟ ଭବନ
ଜୟପୁରଠାରେ ବିପିସିଏଲ୍ ଏଭିଏସନ ଫୁଏଲିଙ୍ଗ୍ ଷ୍ଟେସନ

ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପଣ
ରାୟଗଡ଼ା, ଲାଞ୍ଜା ଓ ଜିମିଡ଼ିପେଟାଠାରେ ରେଳ ଫୁଟ୍ ଓଭର ବ୍ରିଜ୍

ଶୁଭ ଉଦ୍‌ଘାଟନ
ନବରଙ୍ଗପୁରଠାରେ ପୋଷ୍ଟ ଅଫିସ୍ ପାସ୍‌ପୋର୍ଟ ସେବା କେନ୍ଦ୍ର

ଧର୍ମେନ୍ଦ୍ର ପ୍ରଧାନ
ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ, ଭାରତ ସରକାରଙ୍କ
କରକମଳରେ

ଏଚ୍‌ପିସିଏଲ୍ ରାୟଗଡ଼ା ଏଲ୍‌ପିଜି ବଟଲିଂ ପ୍ଲାଣ୍ଟର ମୁଖ୍ୟାଂଶ
• ବଟଲିଂ କ୍ଷମତା: ବାର୍ଷିକ ୬୦ ହଜାର ମେଟ୍ରିକ୍ ଟନ୍ • ଭଣ୍ଡାରଣ କ୍ଷମତା: ୩ X ୩୦୦ ମେଟ୍ରିକ୍ ଟନ୍ ମାଉଣ୍ଡେଡ୍ ଭଣ୍ଡାରଣ
• ୨୪-ଶୀର୍ଷ ବିଶିଷ୍ଟ ବୈଦ୍ୟୁତିକ କାରୌସେଲ୍ ଏଲ୍‌ପିଜି ସେଡ୍ • ପ୍ରକଳ୍ପ ମୂଲ୍ୟ: ୯୧ କୋଟି ଟଙ୍କା • ସେପ୍ଟେମ୍ବର ୨୦୨୦ ସୁଦ୍ଧା ସମ୍ପୂର୍ଣ୍ଣ ହେବାକୁ ନିର୍ଦ୍ଧାରିତ
• ବଲାଙ୍ଗୀର, ବୌଦ୍ଧ, ଗଜପତି, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, ରାୟଗଡ଼ା ଏବଂ ସୋନପୁରର ଏଲ୍‌ପିଜି ବଜାରର ଆବଶ୍ୟକତା ପୂରଣ କରିବ • ଯୁବବର୍ଗଙ୍କ ପାଇଁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ

ରେଳ ଫୁଟ୍ ଓଭର ବ୍ରିଜ୍ ମୁଖ୍ୟାଂଶ
• ୩ଟି ପ୍ରକଳ୍ପର ମୋଟ୍ ମୂଲ୍ୟ: ୪.୬୯ କୋଟି ଟଙ୍କା • ରାୟଗଡ଼ାଠାରେ ଦିବ୍ୟାଙ୍ଗଜନ ଅନୁକୂଳ ର୍‌ୟାମ୍ପ ସୁବିଧା ସମେତ ଫୁଟ୍ ଓଭର ବ୍ରିଜ୍ ଏବଂ ଜିନିଷପତ୍ର ସ୍ଥାନାନ୍ତରଣ ସୁବିଧା • ଯାତ୍ରୀମାନଙ୍କ ପାଇଁ ମାତ୍ରାଧିକ ସୁବିଧା ସୁନିଶ୍ଚିତ

ଗରିମାମୟ ଉପସ୍ଥିତି
ଝିନ ହିକ୍କା
ସାଂସଦ, ଲୋକସଭା
ଲାଲ୍ ବିହାରୀ ହିମିରିକା
ବିଧାୟକ, ରାୟଗଡ଼ା

୧୯ ଫେବୃୟାରୀ ୨୦୧୯, ଦିବା ୧୦.୦୦ ଘଟିକା, ରେଳବାଇ ପଡ଼ିଆ, ରାୟଗଡ଼ା



୨୦୧୪ରୁ ଓଡ଼ିଶାରେ ଏଲ୍‌ପିଜି ଅଭିବୃଦ୍ଧି

| | ୨୦୧୪ | ୨୦୧୯ | ଅଭିବୃଦ୍ଧି |
|---|---|---|---|
| ଉପଭୋକ୍ତା | ୨୦.୨୨ ଲକ୍ଷ | ୭୬.୬୫ ଲକ୍ଷ | ୨୭୯% |
| ବଟଲିଂ | ୧.୨୭ କୋଟି | ୨.୫୪ କୋଟି | ୧୦୦% |
| ବିତରକ | ୩୬୭ | ୮୮୫ | ୧୪୧% |
| ବ୍ୟାପ୍ତି | ୨୦% | ୭୧.୫୦% | ୨୫୭% |
| ବ୍ୟାପ୍ତି (ରାୟଗଡ଼ା ଜିଲ୍ଲା) | ୧୭.୮% | ୬୭.୮% | ୨୮୧% |

ତୈଳ ବିପଣନ କମ୍ପାନୀଗୁଡ଼ିକ ଦ୍ୱାରା ରାୟଗଡ଼ା ଜିଲ୍ଲାରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ୦.୯୬ ଲକ୍ଷ ଏବଂ ଓଡ଼ିଶାରେ ୩୭.୧୬ ଲକ୍ଷ ଏଲ୍‌ପିଜି ସଂଯୋଗ ପ୍ରଦାନ କରାଯାଇଛି



ନରନାରୀଙ୍କୁ ଭଲ ପାଇବା-ପଦାର୍ଥକୁ ଭଲ ପାଇବା-କୁଟୁମ୍ବ ପରିଜନଙ୍କୁ ଭଲ ପାଇବା-ଦେଶକୁ-ମାନବ ଜାତିକୁ-ଜୀବଜନ୍ତୁ ପ୍ରଭୃତିଙ୍କୁ ଭଲ ପାଇବା ଏ ସବୁ ଭଲ ପାଇବା- ହେଲା ଭଗବାନଙ୍କୁ ଭଲ ପାଇବାର ପ୍ରତିବିମ୍ବ ସେହିସବୁ ଜୀବନ୍ତ ମୂର୍ତ୍ତିଗୁଡ଼ିକ ଭିତରେ। ଭଲପାଅ। ବଳବୀର୍ଯ୍ୟବନ୍ତ ମଣିଷ ଭଳି ସମସ୍ତଙ୍କୁ ଭଲପାଅ ଓ ଆନନ୍ଦ ଅନୁଭବ କର। ସାହାଯ୍ୟକର ସମସ୍ତଙ୍କୁ। ଚିରକାଳ ପାଇଁ ଭଲପାଅ। -ଶ୍ରୀଅରବିନ୍ଦ



# ନିଯୁକ୍ତି ପାଇଁ ମାର୍କ

ବିଶ୍ୱର ଦ୍ୱିତୀୟ ବୃହତ୍ ଜନବହୁଳ ଦେଶ ଭାରତରେ ବେକାର ସମସ୍ୟା ଅନ୍ୟତମ ବଡ଼ ପ୍ରସଙ୍ଗ ହୋଇଛି। ଯେଉଁ ହାରରେ ଜନସଂଖ୍ୟା ବୃଦ୍ଧି ପାଉଛି, ସେହି ଅନୁଯାୟୀ ଲୋକଙ୍କୁ କାମ ମିଳୁନାହିଁ। ଏହା ବିଗତ କିଛି ବର୍ଷ ମଧ୍ୟରେ ଗୁରୁତର ରୂପ ଧାରଣ କରିଛି। ନ୍ୟାଶନାଲ ସାମ୍ପୁଲ ସର୍ଭେ ଅଫିସ୍ (ଏନ୍‌ଏସ୍‌ଏସ୍‌ଓ) ଦ୍ୱାରା ନିକଟରେ ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି ଯେ, ୨୦୧୭-୧୮ରେ ଭାରତର ବେକାରଙ୍କ ସଂଖ୍ୟା ବୃଦ୍ଧି ପାଇ ୪୫ ବର୍ଷର ରେକର୍ଡକୁ ଭଙ୍ଗ କରିଛି। ଅର୍ଥାତ୍ ଏହି ସମୟରେ ସବୁଠାରୁ କମ୍ ଲୋକ ନିଯୁକ୍ତି ପାଇଛନ୍ତି। ଏବେ ଆଉ ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ସରକାରଙ୍କ ପ୍ରମୁଖ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା କେନ୍ଦ୍ରୀୟ ଲୋକ ସେବା ଆୟୋଗ (ୟୁପିଏସ୍‌ସି), ଷ୍ଟାଫ୍ ସିଲେକ୍ସନ୍ କମିଶନ (ଏସ୍‌ଏସ୍‌ସି) ଏବଂ ରେଲ୍‌ୱେ ରିକ୍ରୁଟ୍‌ମେଣ୍ଟ ବୋର୍ଡ (ଆର୍‌ଆର୍‌ବି) ବିଗତ ୪ ବର୍ଷ ମଧ୍ୟରେ ୩୮ ପ୍ରତିଶତ କମ୍ ନିଯୁକ୍ତି ସୃଷ୍ଟି କରିଛନ୍ତି। ୨୦୧୪-୧୫ରେ ଏଗୁଡ଼ିକ ୧ ଲକ୍ଷ ୧୩ ହଜାର ଯୁବତୀଯୁବକଙ୍କୁ ରୋଜଗାର ଦେଇଥିବା ବେଳେ ୨୦୧୭-୧୮ରେ ଏହା ୭୦,୮୦୫କୁ କମି ଆସିଛି। ଉଲ୍ଲେଖଯୋଗ୍ୟ, ଏହିସବୁ ତଥ୍ୟ ଭାଜପାକୁ ସମର୍ଥନ କରୁଥିବା ଏକ ଜାତୀୟ ଇଂଲିଶ୍ ଖବରକାଗଜର ପ୍ରଥମ ପୃଷ୍ଠାରେ ପ୍ରକାଶ ପାଇଛି। ବିଡ଼ମ୍ବନାର କଥା ହେଲା, ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗରେ ବ୍ୟାପକ ପଦବୀ ଖାଲି ପଡ଼ିଥିବା ବେଳେ ସେଗୁଡ଼ିକୁ ପୂରଣ କରାଯାଇପାରି ନାହିଁ। ନିଯୁକ୍ତି ସଂକ୍ରାନ୍ତରେ ସରକାରୀ ତଥ୍ୟ ଏଭଳି ଚିତ୍ର ଦେଖାଉଥିବା ବେଳେ କେନ୍ଦ୍ର ସରକାର ଏହାକୁ ମାନିବାକୁ ରାଜିନାହାନ୍ତି। ବରଂ ବାହୁସ୍ଫୋଟ ମରାଯାଇ କୁହାଯାଉଛି ଯେ, ଦେଶରେ ଅନୁକୂଳ ବାତାବରଣ ସୃଷ୍ଟି କରାଯାଇ ପାରିଥିବାରୁ ଅର୍ଥନୈତିକ ଅଭିବୃଦ୍ଧି ଘଟୁଛି। ହେଲେ ଶାସନରେ ଥିବା ବ୍ୟକ୍ତିମାନେ ଏ ସଂକ୍ରାନ୍ତରେ ବାସ୍ତବ ତଥ୍ୟ ଉପସ୍ଥାପନ କରିପାରୁ ନାହାନ୍ତି। କେନ୍ଦ୍ରର ଭାଜପା ସରକାର କ୍ଷମତାକୁ ଆସିବା ପୂର୍ବରୁ ବର୍ଷକୁ ୨ କୋଟି ଯୁବତୀଯୁବକଙ୍କୁ ଚାକିରି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏହା କେତେ ପୂରଣ ହୋଇଛି ବର୍ତ୍ତମାନ ଯୁବପିଢ଼ି ହୃଦୟଙ୍ଗମ କଲେଣି। ଏପରି କି ପକୁଡ଼ିବାଲାଙ୍କୁ ନିଯୁକ୍ତି ପରିସରକୁ ଆଣି ସରକାର ରୋଜଗାର ସୁଯୋଗର ଯେଉଁ ନୂଆ ପରିଭାଷା ସୃଷ୍ଟି କଲେ ତାହା ନ କହିବା ଭଲ।

ନିଯୁକ୍ତି ସଂକ୍ରାନ୍ତରେ ଥିଙ୍କ୍ ଟାଙ୍କ ସଂସ୍ଥା ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନମି (ସିଏମ୍‌ଆଇଇ)ର ତଥ୍ୟକୁ ଦେଖିଲେ କେବଳ ୨୦୧୮ ମସିହାରେ ଭାରତ ପ୍ରାୟ ୧ କୋଟି ୧୦ ଲକ୍ଷ ଚାକିରି ହରାଇଛି। ସେହିପରି ସର୍ବଭାରତୀୟ ନିର୍ମାଣ ସଙ୍ଗଠନ ପକ୍ଷରୁ କୁହାଯାଇଛି ଯେ, ୨୦୧୬ର ବିମୁଦ୍ରୀକରଣ ଓ ୨୦୧୭ରେ ପ୍ରଚଳନ କରାଯାଇଥିବା ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଯୋଗୁ କେବଳ ଏହି କ୍ଷେତ୍ର ୩୫ ଲକ୍ଷ ଚାକିରି ହରାଇଛି। ହେଲେ ଦେଶର ନେତୃତ୍ୱ ଯୁବପିଢ଼ିଙ୍କୁ 'ନୂତନ ଭାରତ'ର ସ୍ୱପ୍ନ ଦେଖାଇ ଚାଲିଛି। ଦେଖିବାକୁ ଗଲେ କେନ୍ଦ୍ର ସରକାର ଯଦି ଏମାନଙ୍କ ବିକାଶ କଥା ଚିନ୍ତା କରୁଥାଆନ୍ତେ, ତାହା ହେଲେ ନିକଟରେ ଉପସ୍ଥାପିତ ଅନ୍ତରୀଣ ବଜେଟରେ ସେହି ବିଷୟରେ ଉଲ୍ଲେଖ କରିଥାଆନ୍ତେ। ମାତ୍ର ଏଥିରେ ନୂତନ ନିଯୁକ୍ତି ସୃଷ୍ଟି ନେଇ କୌଣସି ପ୍ରସ୍ତାବ ଦିଆଯାଇ ନାହିଁ। ଏବେ ମନ୍ତ୍ରଣାଳୟ ଓ ବିଭାଗରେ ଯେତେ ମାତ୍ରାରେ ପଦବୀ ଖାଲି ପଡ଼ିରହିଛି, ତାହା ପୂରଣ କରିବା ଦିଗରେ ପଦକ୍ଷେପ ନିଆଯାଇଥିଲେ ହୁଏତ ସାମାନ୍ୟ ପରିବର୍ତ୍ତନ ଆସିପାରିଥାଆନ୍ତା। ତାହା କରା ନ ଯାଇ ସରକାରୀ ସ୍ତରରେ ଚୁକ୍ତିଭିତ୍ତିକ ନିଯୁକ୍ତି ଦିଆଯିବାକୁ ଏକ ନୂଆ ଧାରା ଭାବେ ଧରି ନିଆଗଲାଣି। ଏହାଦ୍ୱାରା ଅର୍ଥ ସଞ୍ଚୟ ହେବା ସହ ଦକ୍ଷତା ବୃଦ୍ଧି କରାଯାଉଛି ବୋଲି ଯେଉଁ ଯୁକ୍ତି ଦର୍ଶାଯାଉଛି, ତାହା ସାମୟିକ ସମୟ ପାଇଁ ଫଳ ଦେଇପାରେ। କିନ୍ତୁ ଏହା ଭବିଷ୍ୟତରେ ଦୀର୍ଘମିଆଦୀ କ୍ଷତି ପହଞ୍ଚାଇବା ନିଶ୍ଚିତ।

ଏକ ରାଷ୍ଟ୍ରର ଅଭିବୃଦ୍ଧିରେ ଜନସାଧାରଣଙ୍କ ଆର୍ଥିକ ଅବଦାନ ଅଧିକରୁ ଅଧିକ ରହିବା କଥା। ଯଦି ସେତିକି ସୁଯୋଗ ଯୁବପିଢ଼ିଙ୍କୁ ଦେବାରେ ଦେଶର ନେତୃତ୍ୱ ସମର୍ଥ ନ ହୁଏ, ତାହା ହେଲେ ସାମାଜିକ ବିଶୃଙ୍ଖଳା ସୃଷ୍ଟି ହେବା ସ୍ୱାଭାବିକ। ଆଜିର କଶ୍ମୀର ପରିସ୍ଥିତି ଦେଖିଲେ ବେକାରଙ୍କ ସଂଖ୍ୟା ବଢ଼ି ଚାଲିଥିବାରୁ ସେମାନଙ୍କୁ ଆତଙ୍କବାଦୀ ଓ ଉଗ୍ରପନ୍ଥୀ ସଙ୍ଗଠନଗୁଡ଼ିକ ବିଭିନ୍ନ ପ୍ରଲୋଭନ ଦେଖାଇ ବିପଥଗାମୀ କରାଉଛନ୍ତି। ପୃଥିବୀର ପ୍ରତ୍ୟେକ ଯୁବ ନାଗରିକ ଆଗରେ ସକାରାତ୍ମକ ଉପାୟରେ ଅର୍ଥ ଉପାର୍ଜନର ସମ୍ଭାବନା ଥିଲେ ସେ ଲକ୍ଷ୍ୟଭ୍ରଷ୍ଟ ହେବେ ନାହିଁ। ଯେତେବେଳେ ଏକ ରାଷ୍ଟ୍ର ସେହି ସୁଯୋଗ ତାହା ଚାକିରି ହେଉ ବା ଔଦ୍ୟୋଗିକ ବିକାଶ ଦିଗରେ ଉପଯୁକ୍ତ ବାତାବରଣ ଆଣିପାରିବ ନାହିଁ, ସେତେବେଳେ ଦେଶର ପ୍ରଗତି ସ୍ଥାଣୁ ପାଲଟିଯିବ। ଭାରତ ପରିପ୍ରେକ୍ଷୀରେ ଦେଖିଲେ ସାଧାରଣ ନିର୍ବାଚନକୁ ଆଉ ଦୁଇ ମାସ ରହିଛି। ବିଗତ ୫ ବର୍ଷ ମଧ୍ୟରେ ନିଯୁକ୍ତି ନ ପାଇ ବହୁ ଯୁବତୀଯୁବକ ବେସାହାରା ହୋଇ ପଡ଼ିଛନ୍ତି। ବିଶେଷଜ୍ଞଙ୍କ ମତରେ ଆଗକୁ ହେବାକୁ ଥିବା ବୃହତ୍ ଗଣତାନ୍ତ୍ରିକ ପରୀକ୍ଷାରେ ବେକାର ସମସ୍ୟା ଅନ୍ୟତମ ମୁଖ୍ୟ ବିଷୟବସ୍ତୁ ରହିବ। ସେଥିରେ ସେମାନେ କେଉଁ ନେତୃବର୍ଗଙ୍କୁ କେତେ ମାର୍କ ଦେଇ ଉପରକୁ ନେଉଛନ୍ତି ଦେଖିବାକୁ ବାକି ରହିଛି।

# ବିଶ୍ୱାସରେ ସଂକଟ



ବୈକୁଣ୍ଠନାଥ ମିଶ୍ର

ସଂସାରର ସବୁ ସମ୍ପଦ ମଧ୍ୟରେ ପ୍ରେମ, ବନ୍ଧୁତ୍ୱ ଓ ଭଲ ପାଇବାଠାରୁ ବଳି ମହତ୍ତର ଆଉ କିଛି ନାହିଁ। ଭଲ ପାଇବାରୁ ସୃଷ୍ଟି ହୁଏ ବନ୍ଧୁତ୍ୱ। ବନ୍ଧୁତାର ଅନାବିଳ ସ୍ନେହରେ ଆଦାନ ପ୍ରଦାନର କୌଣସି ସ୍ଥାନ ନାହିଁ। ବନ୍ଧୁତ୍ୱର ସ୍ୱର୍ଗୀୟ ଭାବଧାରା ସଂକୀର୍ଣ୍ଣତାର ଉର୍ଦ୍ଧ୍ୱରେ। ଶ୍ରୀମା କହନ୍ତି- "ସମସ୍ତଙ୍କ ସହିତ ଓ ସବୁକିଛି ସହିତ ଯେତିକି ଯେତିକି ତୁମେ ଏକାତ୍ମ ହେବ, ସେତିକି ସେତିକି ତୁମର ଅଭ୍ୟୁଦୟ ହେବ। କାହାଠାରୁ କିଛି ନେବା ପରିବର୍ତ୍ତେ ତୁମେ ଅନ୍ୟକୁ ନିଜଆଡୁ ଦେଇଚାଲ। ତୁମେ ଯେତିକି ଦେଇ ଚାଲିବ, ସେତିକି ବିକଶିତ ହୋଇଉଠିବ। ବିକଶିତ ହେବା ହିଁ ଜୀବନ ଓ ସଙ୍କୁଚିତ ହେବା ହିଁ ମୃତ୍ୟୁ।" ବନ୍ଧୁତାରେ ନ ଥାଏ ସ୍ୱାର୍ଥପରତାର ଚିହ୍ନ। ଏହା ସ୍ୱର୍ଗୀୟ ଶକ୍ତି ଓ ଗୁଣାବଳୀର ସମାହାର। ସେଥିପାଇଁ ଇଂଲିଶ ଔପନ୍ୟାସିକ ଇ.ଏମ୍. ଫଷ୍ଟର ଥରେ କହିଥିଲେ- "ଯଦି ମୋ ବନ୍ଧୁ ଓ ଜନ୍ମଭୂମି ଭିତରେ ଗୋଟିକ ସହ ବିଶ୍ୱାସଘାତକତା କରିବା ପାଇଁ ମୋତେ କୁହାଯାଏ ତେବେ ମୁଁ ଜନ୍ମଭୂମି ସହ ବିଶ୍ୱାସଘାତକତା କରିବି ପଛେ ମାତ୍ର ବନ୍ଧୁ ସହ ନୁହେଁ।"

ବନ୍ଧୁତା ଓ ବିଶ୍ୱାସଘାତକତା ମଧ୍ୟରେ ପାର୍ଥକ୍ୟ ଦର୍ଶାଉଥିବା 'ସସେମିରା' କାହାଣୀଟି ପ୍ରଣିଧାନଯୋଗ୍ୟ। ଶିକାର ଅନ୍ୱେଷଣରେ ବନରେ ଥିବା ନିଃସଙ୍ଗ ରାଜପୁତ୍ର ପଶ୍ଚାଦ୍ଧାବନ କରୁଥିବା ବ୍ୟାଘ୍ର ଭୟରେ ରାତ୍ରି ଆଗମନ ହେତୁ ବୃକ୍ଷାରୋହଣ କରନ୍ତେ ଦେଖିଲେ ଉକ୍ତ ବୃକ୍ଷରେ ଭାଲୁଟିଏ ପୂର୍ବରୁ ରହିଛି। ଭୟାତୁର ରାଜପୁତ୍ରକୁ ଭାଲୁ ଅଭୟ ଦେଇ ତା' ସହ ରାତ୍ରିଯାପନ ନିମନ୍ତେ ଆମନ୍ତ୍ରଣ କଲା। ବେଶ୍ କିଛି ସମୟ ପାଇଁ ଭାଲୁ ଓ ରାଜପୁତ୍ର ବନ୍ଧୁତା ସୂତ୍ରରେ ବାନ୍ଧି ହୋଇଗଲେ। ସର୍ତ୍ତ ଅନୁଯାୟୀ ପ୍ରଥମେ ରାଜପୁତ୍ର ଭାଲୁ କୋଳରେ ମୁଣ୍ଡ ରଖି ନିଶାର୍ଦ୍ଧ ପର୍ଯ୍ୟନ୍ତ ଶୟନ କଲା। ରାଜପୁତ୍ରକୁ ତଳକୁ ଠେଲି ଦେବା ପାଇଁ ବାଘର ପ୍ରସ୍ତାବକୁ ଭାଲୁ ପ୍ରତ୍ୟାଖ୍ୟାନ କଲା। ଭାଲୁ ମତରେ ଏହା ବନ୍ଧୁ ତଥା ଆଶ୍ରିତ ପ୍ରତି ଚରମ ବିଶ୍ୱାସଘାତକତା। କିନ୍ତୁ ନିଶାର୍ଦ୍ଧ ପରେ ରାଜପୁତ୍ର କୋଳରେ ଭାଲୁ ମୁଣ୍ଡ ରଖି ଶୋଇବା ସମୟରେ ବାଘ କଥାରେ ଭ୍ରମିତ ହୋଇ ରାଜପୁତ୍ର ଭାଲୁକୁ ତଳକୁ ଠେଲିଦେଲା। ଭାଲୁ ଭୂପତିତ ହେବା ପୂର୍ବରୁ ନିମ୍ନସ୍ଥ ଏକ ଶାଖାକୁ ଧରି ନିଜକୁ ବଞ୍ଚାଇଦେଲା। ବିବେକହୀନ ରାଜପୁତ୍ର ନିକଟକୁ ଫେରିଯାଇ ତା' ଜିହ୍ୱାରେ ନଖ ସାହାଯ୍ୟରେ 'ସସେମିରା' ୪ଟି ଅକ୍ଷର ଲେଖିଦେଲା। ତା' ପରଠାରୁ ରାଜପୁତ୍ର ସସେମିରା ବ୍ୟତୀତ ଆଉ କିଛି ବି ଉଚ୍ଚାରଣ କରିବାକୁ ସକ୍ଷମ ହେଲେ ନାହିଁ। ମହାରାଜ ବହୁ ଚିକିତ୍ସକ ଡାକି ଚିକିତ୍ସା କଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ଶେଷରେ କାଳିଦାସ ସସେମିରାର ରହସ୍ୟ ଭେଦ କଲେ। ଏହା ୪ଟି ଅକ୍ଷରକୁ ମୂଳରେ ରଖି ରଚିତ ୪ଟି ଶ୍ଳୋକର ସମାହାର-

"ସଦ୍ଭାବପ୍ରତିପନ୍ନାନାଂ ବଞ୍ଚନେ କା ବିଦଗ୍ଧତା।
ଅଙ୍କମାରୁହ୍ୟ ସୁପ୍ତାନାଂ ହନ୍ତୁଂ କିଂ ନାମ ପୌରୁଷମ୍ ?।
ସେତୁଂ ଗତ୍ୱା ସମୁଦ୍ରସ୍ୟ ଗଙ୍ଗାସାଗରସଙ୍ଗମମ୍।
ବ୍ରହ୍ମହାଽପି ପ୍ରମୁଚ୍ୟତେ ମିତ୍ରଦ୍ରୋହୀ ନ ମୁଚ୍ୟତେ॥
ମିତ୍ରଦ୍ରୋହୀ କୃତଘ୍ନଶ୍ଚ ଯଶ୍ଚ ବିଶ୍ୱାସଘାତକଃ।
ତ୍ରୟସ୍ତେ ନରକଂ ଯାନ୍ତି ଯାବଚ୍ଚନ୍ଦ୍ରଦିବାକରୌ॥
ରାଜେନ୍ଦ୍ର! ନିଜ ପୁତ୍ରସ୍ୟ ଯଦି କଲ୍ୟାଣମିଚ୍ଛସି।
ଦେହି ଦାନଂ ଦ୍ୱିଜାଦିଭ୍ୟୋ ଦେବତାରାଧନଂ କୁରୁ॥"

ଏହି ଚାରିଗୋଟି ଶ୍ଳୋକର ମର୍ମାଂଶ ହେଲା, ସଦ୍ଭାବ ଥିବା ଲୋକକୁ ଠକିବାରେ କି ଚତୁରତା ଅଛି ଏବଂ କୋଳରେ ଶୋଇଥିବା ଲୋକକୁ ମାରିବାକୁ କ'ଣ ପୌରୁଷ କୁହାଯିବ? ସେତୁବନ୍ଧ ଓ ଗଙ୍ଗାସାଗରରେ ବୁଡ଼ ପକାଇଲେ ବ୍ରହ୍ମଘାତକକୁ ମୁକ୍ତି ମିଳିପାରେ, ମାତ୍ର ମିତ୍ରଦ୍ରୋହୀର ମୁକ୍ତି ନାହିଁ। ମିତ୍ରଦ୍ରୋହୀ, କୃତଘ୍ନ ଓ ବିଶ୍ୱାସଘାତକ-ଏ ତିନିଜଣ ସୂର୍ଯ୍ୟଚନ୍ଦ୍ର ଥିବା ପର୍ଯ୍ୟନ୍ତ ନର୍କଗାମୀ ହୁଅନ୍ତି। ତେଣୁ ହେ ରାଜା! ଯଦି ପୁତ୍ରର କଲ୍ୟାଣ ଚାହୁଁଛନ୍ତି ତେବେ ବ୍ରାହ୍ମଣମାନଙ୍କୁ ଦାନ ଦିଅନ୍ତୁ ଓ ଦେବତାଙ୍କୁ ଆରାଧନା କରନ୍ତୁ।

ଏହା ଏକ ସର୍ବକାଳୀନ ଗଳ୍ପ। ବର୍ତ୍ତମାନ ସମାଜରେ ଅବିଶ୍ୱାସ, ଠକାମି, ଅସଦାଚାର, ଶଠତା ଓ ସର୍ବୋପରି ବିଶ୍ୱାସଘାତକତା ଏତେମାତ୍ରାରେ ବୃଦ୍ଧିପାଇଛି ଯେ ସାଧାରଣ ନିରୀହ ମଣିଷଟି ଅତିଷ୍ଠ ହୋଇପଡ଼ିଲାଣି। ବିଶ୍ୱାସର ବହଳ ପ୍ରଲେପ ମଧ୍ୟରେ ଜଘନ୍ୟ ଷଡ଼ଯନ୍ତ୍ର ଲୁକ୍କାୟିତ। ପାପପ୍ରଣୟିନୀ ପତ୍ନୀ ସ୍ୱାମୀର ସ୍ୱର୍ଗାରୋହଣର ପଥ ଉନ୍ମୁକ୍ତ କରି ଛଳନାତ୍ମକ ଅଶ୍ରୁବିସର୍ଜନରେ ନିଜର ନିରୀହତା ପ୍ରମାଣ କରିବା ପାଇଁ ଚେଷ୍ଟିତ। ପରକୀୟା ପ୍ରୀତିରେ ନିମଜ୍ଜିତ ପତି ନିଜ ଧର୍ମପତ୍ନୀର ମୃତ୍ୟୁଲୀଳା ରଚନା କରୁଛି। ବୃଦ୍ଧ ମା'ବାପାମାନେ ନିଜ ସନ୍ତାନମାନଙ୍କ ଦ୍ୱାରା ଉପେକ୍ଷିତ ହୋଇ ଶେଷଦିନର ଅବଗଣନା କରୁଛନ୍ତି। ଶିକ୍ଷକର ପୈଶାଚିକ ମନୋବୃତ୍ତି ନିରୀହା ଶିଶୁ ଛାତ୍ରୀଙ୍କୁ ଦେଉଛି ଅବାଞ୍ଛିତ ମାତୃତ୍ୱର ଉପହାର। ପିତୃବତ୍ ଶ୍ୱଶୁରଙ୍କ ପାପ ନଜରରୁ ବର୍ତ୍ତିପାରୁନାହିଁ କୁଳବଧୂ। ସାମାଜିକ ସମ୍ପର୍କ କୀଟଦଂଷ୍ଟ। ବିଶ୍ୱାସର ଭ୍ରୂଣକୁ ହତ୍ୟା କରାଯାଇ ତା' ସ୍ଥାନରେ ଅବିଶ୍ୱାସର ବୀଜ ଅଙ୍କୁରିତ ହୋଇ ଶାଖାପ୍ରଶାଖା ମେଲି କ୍ଷିପ୍ର ପ୍ରସାରିତ ହେଉଛି। ନୈତିକତା, ଆତ୍ମପ୍ରତ୍ୟୟ, ବିଶ୍ୱସନୀୟତା, ଭାରତୀୟ ଜନମାନସରୁ ଅପସରିଗଲାଣି। ଅନୈତିକତା, ବିଶ୍ୱାସଘାତକତା ଓ ସର୍ବୋପରି ବିଚାରହୀନତା ଏତେ ମାତ୍ରାରେ ଯୁବମାନସକୁ ଆକ୍ରାନ୍ତ କଲାଣି ଯେ ମାତ୍ର ୪ ମାସର ଶିଶୁକନ୍ୟା ପାଶବିକତାର ଶିକାର ହେଉଛି, ଯାହା ନିକଟରେ ମଧ୍ୟପ୍ରଦେଶର ଇନ୍ଦୋରରେ ଘଟିଛି। ଜମ୍ମୁ-କଶ୍ମୀର କାଠୁଆର ଆଠବର୍ଷୀୟା ନାବାଳିକା, ସୁରତର ୧୧ ବର୍ଷୀୟା ନାବାଳିକା କିମ୍ବା ଓଡ଼ିଶାର ନୀଳଗିରି ଓ ସାଲେପୁରର ଶିଶୁକନ୍ୟା- ଏମାନେ ସମସ୍ତେ ଉକ୍ରଟ ପାଶବିକତାର ଶିକାର ହୋଇଛନ୍ତି। କୋମଳ ପୁଷ୍ପକଢ଼ିଗୁଡ଼ିକ ବିକଶିତ ହୋଇ ସୌରଭ ବିକିରଣ କରିବା ପୂର୍ବରୁ ଏମାନଙ୍କ ଭବିଷ୍ୟତକୁ ଜାଳିପୋଡ଼ି ଛାରଖାର କରିଦିଆଯାଉଛି। ଆଶ୍ଚର୍ଯ୍ୟର କଥା ପୋକ୍‌ସୋ (ପ୍ରୋଟେକ୍ସନ ଅଫ୍ ଚିଲ୍ଡ୍ରେନ ଫ୍ରମ୍ ସେକ୍ସୁଆଲ ଅଫେନ୍‌ସେସ୍) ଆଇନ ଲାଗୁ ହେବା ପରେ ଦେଶରେ ଶିଶୁ ଯୌନ ନିର୍ଯାତନା ହୁ ହୁ ହୋଇ ବଢ଼ିଚାଲିଛି। ସବୁଠାରୁ ଅଧିକ ବଳାତ୍କାର ଘଟୁଥିବା ମୁଖ୍ୟ ୫ଟି ରାଜ୍ୟ ହେଲେ ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ଓଡ଼ିଶା ଓ ତାମିଲନାଡୁ। ୨୦୧୭ରେ ଏହିସବୁ ରାଜ୍ୟରେ ହୋଇଥିବା ବଳାତ୍କାର ଯଥାକ୍ରମେ ୨୪୬୭, ୨୨୯୨, ୨୧୧୫, ୧୨୫୮ ଓ ୧୧୬୯ ବୋଲି ସି.ଆର୍.ବି.ର ତଥ୍ୟରୁ ପ୍ରକାଶ। ସମୁଦାୟ ବଳାତ୍କାରର ୯୨.୫ ପ୍ରତିଶତ ନିକଟ ବା ଦୂରସମ୍ପର୍କୀୟଙ୍କ ଦ୍ୱାରା ସଂଘଟିତ ହୋଇଥିବାର ଏକ ଚାଞ୍ଚଲ୍ୟକର ତଥ୍ୟ ପ୍ରକାଶ ପାଇଛି।

ଆମ ରାଜ୍ୟରେ କୁନ୍ଦୁଲି ଗଣପୀଡ଼ିତା, ପିପିଲି ପୀଡ଼ିତା, ଟିକିରିର ଇତିଶ୍ରୀଙ୍କୁ ନ୍ୟାୟ ନ ମିଳିବା ଦ୍ୱାରା ବଳାତ୍କାରୀମାନଙ୍କର ଉତ୍ସାହ ବୃଦ୍ଧି ପାଇଚାଲିଛି। ଦଣ୍ଡଭୟ ନ ଥିବାରୁ ବଳାତ୍କାର ହୁ ହୁ ହୋଇ ବଢ଼ିଚାଲିଛି। ଓଡ଼ିଶା ଡିଜିଙ୍କ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ ପଞ୍ଜୀକୃତ ବଳାତ୍କାର ମଧ୍ୟରୁ ମାତ୍ର ୨୩ ପ୍ରତିଶତଙ୍କୁ ଦଣ୍ଡବିଧାନ କରାଯାଇଛି। ଅବଶ୍ୟ ନିକଟରେ କେନ୍ଦ୍ର ସରକାର ଏକ ଅଧ୍ୟାଦେଶ ଜାରି କରିଛନ୍ତି ଯେ, ୧୨ ବର୍ଷ କିମ୍ବା ତା'ଠାରୁ କମ୍ ଶିଶୁକନ୍ୟାଙ୍କ ବଳାତ୍କାରୀକୁ ଫାଶୀଦଣ୍ଡ ଦିଆଯିବ। ମାତ୍ର ସବୁଠାରୁ ବଡ଼କଥା ହେଲା ଏ କ୍ଷେତ୍ରରେ ବଳାତ୍କାରୀ ପ୍ରମାଣିତ ହେବାର ଆବଶ୍ୟକତା ରହିଛି।

ଅବିଶ୍ୱାସ ଓ ବିଶ୍ୱାସଘାତକତାର ବାତାବରଣ ଜନମାନସକୁ ଆଚ୍ଛନ୍ନ କରିଦେଲାଣି। ନିଜ ସମ୍ପର୍କୀୟଙ୍କୁ ଅବୋଧ ଶିଶୁକନ୍ୟାଟି ବିଶ୍ୱାସ କରିବ ନାହିଁ ତ ଆଉ କାହାକୁ ବିଶ୍ୱାସ କରିବ! କିନ୍ତୁ ସେହି ସମ୍ପର୍କୀୟଙ୍କ ମନ ତଳେ ବିଶ୍ୱାସଘାତକତାର ସଇତାନଟି ଯେତେବେଳେ ଉଗ୍ରରୂପ ଧାରଣ କରୁଛି ସେତେବେଳେ ତା' କାମନାଗ୍ନିରେ ବିଚାରୀ ଶିଶୁକନ୍ୟାଟି ଜଳିଯାଉଛି। ଏହାଠାରୁ ବଳି ଦୁଃଖଦ ଘଟଣା ଆଉ କ'ଣ ଥାଇପାରେ। ହେ ଈଶ୍ୱର! ଏ ହୀନକାମୀ ମଣିଷଙ୍କର ଚାରିତ୍ରିକ ସଂଶୋଧନ ଘଟୁ। ମଣିଷ ମନରୁ ହିଂସା, ଦ୍ୱେଷ, ପରଶ୍ରୀକାତରତା ଲୋପ ପାଉ। ବିଶ୍ୱାସଘାତକତା ପରିବର୍ତ୍ତେ ତା' ମନୋରାଜ୍ୟରେ ଅତିମାନବୀୟ ଭାବନା ଉଦ୍ରେକ ହେଉ। ସେ ନିଜ ମଧ୍ୟରେ ଅନ୍ୟମାନଙ୍କୁ ଦେଖୁ ଓ ଅନ୍ୟମାନଙ୍କ ମଧ୍ୟରେ ନିଜ ସତ୍ତା ଅନୁଭବ କରୁ। ତେବେ ଯାଇ ତା'ର ଚାରିତ୍ରିକ ସଂଶୋଧନ ସମ୍ଭବ ହେବ। ଚାରିତ୍ରିକ ଗୁଣବତ୍ତା ମାନବିକତାର ମୃତ୍ୟୁକୁ ଜୟ କରିପାରିବ।

ସିଦ୍ଧଳ, ଜଗତସିଂହପୁର, ମୋ-୯୯୩୭୪୫୦୫୪୦

# ପ୍ରୟାଗେ ସ୍ନାନ ମକରେ



ଡ. ତୁଷାରକାନ୍ତି ଦାସ

ପୁରାଣବର୍ଣ୍ଣିତ ସମୁଦ୍ରମନ୍ଥନ ସମୟରେ କ୍ଷୀରସମୁଦ୍ରରୁ ଐରାବତ ହସ୍ତୀ, ଲକ୍ଷ୍ମୀ, ଚନ୍ଦ୍ର, ରମ୍ଭା, ମେନକା ପ୍ରଭୃତି ଅପ୍ସରାଗଣ, କୌସ୍ତୁଭ, ହଳାହଳ ଓ ସର୍ବୋପରି ଅମୃତାଦି ବାହାରିଥିଲା। ହଳାହଳ ବିଷକୁ ପାନକରି ଶିବ ନୀଳକଣ୍ଠ ହୋଇଗଲେ ଓ ଅମୃତ ରାକ୍ଷସଙ୍କ ହାତରେ ପଡ଼ିବା ପୂର୍ବରୁ ବିଷ୍ଣୁ ମୋହିନୀ ରୂପ ଧାରଣ କରି ଅସୁରମାନଙ୍କ ଦୃଷ୍ଟି ଏଡ଼ାଇ ଅମୃତ କୁମ୍ଭକୁ ହରଣ କଲେ। ଠିକ୍ ଏହି ସମୟରେ ରାହୁ ଏହା ଜାଣିପାରି ପାର୍ଶ୍ୱ ବଦଳାଇ ଛଦ୍ମ ଦେବତା ରୂପ ଧାରଣ କରି ଅମୃତ ପାନ କରିବାକୁ ଉଦ୍ୟମ କରୁଥିଲା ବେଳେ ସୂର୍ଯ୍ୟ ଓ ଚନ୍ଦ୍ର ଏହା ବିଷ୍ଣୁଙ୍କୁ ଜଣାଇଲେ। ବିଷ୍ଣୁ ସୁଦର୍ଶନ ଚକ୍ର ଚଳାଇ ରାହୁଙ୍କ ବେକ କାଟିବା ସମୟରେ ଏକ ବୁନ୍ଦା ଅମୃତ ରାହୁଙ୍କ ପାକସ୍ଥଳୀକୁ ଚାଲିଯାଇଥିଲା। ତେଣୁ ବେକ କଟା ହେବା ପରେ ମଧ୍ୟ ତାଙ୍କର ମୃତ୍ୟୁ ଘଟିଲା ନାହିଁ ଏବଂ ମୁଣ୍ଡଟି ରାହୁ ଓ ଗଣ୍ଡିଟି କେତୁ ହୋଇ ଦୁଇ ପୃଥକ୍ ଗ୍ରହଦେବତା ରୂପେ ପୂଜା ପାଇଲେ। ବିଷ୍ଣୁ ମୋହିନୀରୂପ ଧାରଣ କରି ଅମୃତ କୁମ୍ଭକୁ ଅସୁରଙ୍କ ଦାଉରୁ ରକ୍ଷାକରି ଦେବତାମାନଙ୍କୁ ପାନ କରାଇବା ସମୟରେ ଅସୁର ଓ ଦେବତାଙ୍କ ମଧ୍ୟରେ ଯୁଦ୍ଧ ହେଲା। ଏହି ସମୟରେ ଅମୃତ କୁମ୍ଭରୁ ଅମୃତ ଛିଟିକି ଭାରତର ଚାରୋଟି ସ୍ଥାନରେ ପଡ଼ିଥିଲା। ସେଗୁଡ଼ିକ ହେଲା ପ୍ରୟାଗ, ହରିଦ୍ୱାର, ନାସିକ ଓ ଉଜ୍ଜୟିନୀ।

ଅନ୍ୟ ଏକ କିମ୍ବଦନ୍ତୀ କହେ ଅମୃତ କୁମ୍ଭକୁ ଅସୁରଙ୍କ ଦାଉରୁ ରକ୍ଷା କରିବା ଲାଗି ଦେବଗଣ ବିଷ୍ଣୁଙ୍କ ଶରଣ ପଶିଲେ ଓ ବିଷ୍ଣୁ ଚକ୍ରାନ୍ତ କରି ଏହାକୁ ଇନ୍ଦ୍ରଙ୍କ ପୁଅ ଜୟନ୍ତଙ୍କ ଦ୍ୱାରା ହରଣ କରିବାକୁ ନିର୍ଦ୍ଦେଶ ଦେଲେ। ଜୟନ୍ତ ମହାଶୂନ୍ୟରେ ଅମୃତ କୁମ୍ଭ ହରଣ କରି ଯାଉଥିବା ସମୟରେ ଅସୁରମାନେ ତାଙ୍କର ଅନୁଧାବନ କଲେ ଓ ଜୟନ୍ତଙ୍କ ସହ ତାଙ୍କର ଯୁଦ୍ଧ ହେଲା। ଏକ ହାତରେ ଅମୃତ କୁମ୍ଭ ଓ ଅନ୍ୟ ହାତରେ ଖଡ୍ଗ ଧରି ଯୁଦ୍ଧ କରିବା ସମୟରେ ଅମୃତ କୁମ୍ଭରୁ ଅମୃତ ଚହଲି ଭାରତର ପ୍ରୟାଗ, ହରିଦ୍ୱାର, ଉଜ୍ଜୟିନୀ ଓ ନାସିକରେ ପଡ଼ିଲା। ଯେହେତୁ ଅମୃତ ଏଠାରେ ପଡ଼ିଛି, ଏହି ସବୁ ଜାଗାରେ ଆପାଦମସ୍ତକ ସ୍ନାନ କଲେ ସମସ୍ତ ପାପ ନାଶ ହୋଇ ଐଶ୍ୱରିକ ସତ୍ତାର ଉପଲବ୍ଧି ମିଳେ ବୋଲି ଲୋକବିଶ୍ୱାସ ରହିଛି।

ଉପରିଲିଖିତ ଚାରୋଟି ଜାଗାର କୁମ୍ଭଯୋଗ ସୂର୍ଯ୍ୟ ଓ ରାଶିମାନଙ୍କର ଅବସ୍ଥାନକୁ ନେଇ ପାଳିତ ହୁଏ। ବୃହସ୍ପତି ଓ ସୂର୍ଯ୍ୟ ସିଂହରାଶିରେ ଅବସ୍ଥାନ କରୁଥିବା ବେଳେ ତ୍ର୍ୟମ୍ବକେଶ୍ୱର ନାସିକଠାରେ କୁମ୍ଭମେଳା ଅନୁଷ୍ଠିତ ହୁଏ। ସେହିପରି ବୃହସ୍ପତି ଓ ସୂର୍ଯ୍ୟ ବିଛାରାଶିରେ ଅବସ୍ଥାନ କରିବା ସମୟରେ ଉଜ୍ଜୟିନୀଠାରେ, ବୃହସ୍ପତି ବିଛାରାଶିରେ ଓ ସୂର୍ଯ୍ୟ ମକରରାଶିରେ ଅବସ୍ଥାନ କରିବାବେଳେ ପ୍ରୟାଗଠାରେ ଏବଂ ସୂର୍ଯ୍ୟ ମେଷରାଶିରେ ଅବସ୍ଥାନ କରିବା ସମୟରେ ହରିଦ୍ୱାରଠାରେ କୁମ୍ଭମେଳା ଆୟୋଜିତ ହୁଏ। ବୃହସ୍ପତି ବୃଷରାଶିରେ ସ୍ଥାନିତ ହୋଇ ରବି ଓ ଚନ୍ଦ୍ର ମକରରାଶିରେ ପ୍ରବେଶ କଲେ ମାଘମାସ ଅମାବାସ୍ୟାରେ ମହା କୁମ୍ଭଯୋଗ ପଡ଼େ। ଜ୍ୟୋତିଷ ଶାସ୍ତ୍ରାନୁଯାୟୀ ମକର ସଂକ୍ରାନ୍ତିଠାରୁ ମହାଶିବରାତ୍ରି ପର୍ଯ୍ୟନ୍ତ ମହାକୁମ୍ଭ ସ୍ନାନ ଆଧ୍ୟାତ୍ମିକ, ଶାରୀରିକ ଓ ମାନସିକ ଶକ୍ତିରେ ବିକାଶ ଘଟାଏ। ଏହି ସମୟରେ ପ୍ରୟାଗର ବାୟୁମଣ୍ଡଳ ଆଧ୍ୟାତ୍ମିକ ଶକ୍ତି ଦ୍ୱାରା ପରିପୂର୍ଣ୍ଣ ହୋଇଥାଏ।

ଏଥରର ମହାକୁମ୍ଭମେଳା ତ୍ରିବେଣୀ ସଂଗମ ପ୍ରୟାଗଠାରେ ପାଳନ କରାଯାଉଛି। ଗଙ୍ଗା, ଯମୁନା ଓ ପୁରାଣବର୍ଣ୍ଣିତ ସରସ୍ୱତୀର ମିଳନ ସ୍ଥଳ ତ୍ରିବେଣୀ ସଂଗମଠାରେ ଏହି ମେଳା ମକର ସଂକ୍ରାନ୍ତିଠାରୁ ଆରମ୍ଭ ହୋଇ ପଞ୍ଚାବନ ଦିନଯାଏ ଚାଲିବ, ଯେଉଁଥିରେ ସମଗ୍ର ଦେଶ ତଥା ଭାରତ ବାହାରୁ ଲକ୍ଷ ଲକ୍ଷ ସାଧୁ, ସନ୍ଥ, ବାବାଜି, ମହନ୍ତ, ଧର୍ମଗୁରୁ ଓ ନାଗା ସାଧୁବାବାଙ୍କ ସମେତ ବାରକୋଟି ଶ୍ରଦ୍ଧାଳୁ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

କୁମ୍ଭସ୍ନାନର ଶ୍ରେଷ୍ଠ ସ୍ନାନଦିବସ ହେଉଛି 'ମୌନୀ ଅମାବାସ୍ୟା'। ଏହି ଦିନ ବ୍ରହ୍ମା ସୃଷ୍ଟି ସର୍ଜନା କରିଥିଲେ, ସୁତରାଂ ମୌନୀ ଅମାବାସ୍ୟା ସ୍ନାନରେ ମିଳେ ଅମାପ ଆଧ୍ୟାତ୍ମିକ ଶକ୍ତି। ଏହି ସମୟରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ସକଳ ଦେବ ଓ ସମସ୍ତ ବେଦର ମିଳନ ଘଟିଥାଏ। ପୌରାଣିକ ମତେ ଧର୍ମ, ଅର୍ଥ, କାମ ଓ ମୋକ୍ଷ ପୁରୁଷାର୍ଥ ଅଟେ। ଏଥି ମଧ୍ୟରୁ ଅର୍ଥ ଓ କାମ ଲୌକିକ ଏବଂ ଧର୍ମ ଓ ମୋକ୍ଷ ପାରଲୌକିକ ଶ୍ରେଷ୍ଠତା ପାଇଁ ଉଦ୍ଦିଷ୍ଟ। କୁମ୍ଭସ୍ନାନ ଏହି ଚତୁର୍ବର୍ଗ ଫଳ ପ୍ରଦାନ କରିଥାଏ। ଏହି ସ୍ନାନ ସହିତ ଦାନକଲେ ଶତ ଅଶ୍ୱମେଧ ଯଜ୍ଞର ଫଳପ୍ରାପ୍ତି ହୁଏ। ପ୍ରୟାଗର ଏହି କୁମ୍ଭମେଳା ବାରବର୍ଷରେ ଥରେ ପାଳନ କରାଯାଉଛି। ପ୍ରୟାଗର କୁମ୍ଭମେଳା ବିଶ୍ୱର ସର୍ବବୃହତ୍ ଧାର୍ମିକ ସମାବେଶ। ସନାତନ ସଂସ୍କୃତିରେ କୁମ୍ଭମେଳାର ଏକ ଅତି ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରହିଛି। ଶାସ୍ତ୍ର ମତରେ କୁମ୍ଭମେଳାରେ ସ୍ନାନ କଲେ ମୋକ୍ଷପ୍ରାପ୍ତି ହୁଏ। ଏହାଦ୍ୱାରା ମଣିଷ ଧର୍ମାଧିକାରୀ ହୁଏ ବୋଲି ଜନବିଶ୍ୱାସ ଦୃଢ଼। କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ମଧ୍ୟ ତାଙ୍କ କାବ୍ୟରେ 'ପ୍ରୟାଗେ ସ୍ନାନ ମକରେ'ର ଉଲ୍ଲେଖ କରି ପ୍ରକାରାନ୍ତରେ ଏହାର ଆଧ୍ୟାତ୍ମିକ ମହତ୍ତ୍ୱକୁ ସ୍ୱୀକାର କରିଛନ୍ତି।

କନକବଟ, ଶାଶ୍ୱତବିହାର, ଶୈଳଶ୍ରୀବିହାର, ଭୁବନେଶ୍ୱର, ମୋ:୯୪୩୭୧୩୩୫୩୭

## ଏଇ ଭାରତରେ

ଭାରତର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ପରମ୍ପରା ପ୍ରଚଳିତ। ଏ ସବୁ ପରମ୍ପରା ପଛରେ ବହୁ କାହାଣୀ ରହିଛି। ଉତ୍ତରପ୍ରଦେଶର ମହାରାଜଗଞ୍ଜ ଜିଲା ବେଲ୍‌ୱା ଚୌଧୁରୀ ଗାଁରେ ରହିଛି ଏଭଳି ଏକ ଅଜବ ପରମ୍ପରା। ଏଠାରେ ବର୍ଷରେ ଗୋଟିଏ ଦିନ ବୁଦ୍ଧପୂର୍ଣ୍ଣିମାରେ ଗାଁର ସବୁ ଲୋକ ଘର ଛାଡ଼ି ବାହାରକୁ ପଳାଇଯାଆନ୍ତି। ସାଙ୍ଗରେ ଗୃହପାଳିତ ପଶୁଙ୍କୁ ମଧ୍ୟ ନେଇଯାଆନ୍ତି। ଏହାକୁ ସ୍ଥାନୀୟ ଲୋକେ ପରାଓ୍ୱନ ପର୍ବ କହନ୍ତି। ଏହି ଗାଁର ଜନସଂଖ୍ୟା ୪ହଜାର। ଗାଁ ଲୋକଙ୍କ କହିବାନୁସାରେ ୨ଶହ ବର୍ଷ ତଳେ ଗାଁକୁ ଜଣେ ସାଧୁ ବୁଦ୍ଧପୂର୍ଣ୍ଣିମା ଦିନ ଆସିଥିଲେ। ସାଧୁ ଆସିବା ସମ୍ପର୍କରେ ଗାଁ ଲୋକଙ୍କ ପାଖରେ ଖବର ନ ଥିଲା। ତେଣୁ ସାଧୁଙ୍କର ଯଥାର୍ଥ ସ୍ୱାଗତ କରାଯାଇ ପାରି ନ ଥିଲା। ଏଥିରେ କ୍ରୋଧ ପ୍ରକାଶ କରି ସାଧୁ ଅଭିଶାପ ଦେଇଥିଲେ। ତେଣୁ ଗ୍ରାମବାସୀ ଅଭିଶାପରୁ ରକ୍ଷା ପାଇବା ପାଇଁ ଏହି ଦିନ ଗାଁ ଛାଡ଼ି ବାହାରକୁ ଚାଲିଯାଇଥାଆନ୍ତି। ଉକ୍ତ ଦିନ ଗାଁରେ ରହୁଥିବା ବ୍ୟକ୍ତି କିମ୍ବା ପଶୁପକ୍ଷୀଙ୍କ ମୃତ୍ୟୁ ହୋଇଥାଏ ବୋଲି ଲୋକଙ୍କର ବିଶ୍ୱାସ ରହିଛି।

## ଚିରନ୍ତନୀ

ଅଚଳ ପ୍ରାଚୀର ଆକାଶେ ଟେକିଛି ଶିର
ସକଳ ଦୁଆର ରୁଦ୍ଧ ହେଲାରେ ବୀର!
ଶୂନ୍ୟ ନୋହିଛି ତୂଣୀରୁ ତୋହର ତୀର
ନିଭିନାହିଁ ଆଶା ବିଶ୍ୱ ବିଜୟ ପାଇଁ
ପଥ କାହିଁ ? ପଥ କାହିଁ ?
ହେ ଗାୟକ ତୋର ମୁଖରିତ ମୂରଛନା
ନୀରବିଲା ସବୁ ଅନ୍ତର ଅରଚନା
ଯେ ଗୀତ ରଚିଲୁ ଆରେ ଚିର ଆନମନା!
କଣ୍ଠ ତୋହର ନ ପାରିଲା ତାହା ଗାଇ,
ପଥ କାହିଁ ? ପଥ କାହିଁ ?
(ପଥ କାହିଁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୯ ଫେବୃୟାରୀ ୧୯୯୪

- ସୁବର୍ଣ୍ଣରେଖା ଜଳ ବିଦ୍ୟୁତ ପ୍ରକଳ୍ପ ପାଇଁ କେନ୍ଦ୍ର ଜଳସମ୍ପଦ ମନ୍ତ୍ରଣାଳୟ ୭୯୦ କୋଟି ଟଙ୍କାର ଏକ ଅଟକଳକୁ ମଞ୍ଜୁରୀ ଦେଇଛି।
- ଦସ୍ୟୁରାଣୀ ଫୁଲନ୍‌ଦେବୀଙ୍କୁ ତିହାର ଜେଲରୁ ପାରୋଲରେ ଖଲାସ କରିଦେବା ପାଇଁ ସୁପ୍ରିମକୋର୍ଟଙ୍କ ଆଦେଶ।
- ଚଳଚ୍ଚିତ୍ର ଜଗତର ବିଶିଷ୍ଟ ନୃତ୍ୟ ନିର୍ଦ୍ଦେଶକ ଗୋପୀକ୍ରିଷ୍ଣଙ୍କ ୬୧ବର୍ଷ ବୟସରେ ପରଲୋକ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | | | | | | E | 4 | | | 1 | 0 | | | 7 |
| | | | | 8 | B | | A | | 7 | | | | | |
| | | | 4 | E | | | 7 | C | | | | 2 | | |
| B | | | | | 6 | | | | | | D | 9 | 3 | |
| | | | | | | 2 | | | | 4 | 9 | B | | |
| | | | | 0 | | 3 | | | | B | 8 | 1 | 7 | 4 |
| 7 | | | A | | D | | E | 4 | | | | | | B |
| A | | | | | 4 | | | D | | 3 | | 0 | | |
| | | | 5 | | 9 | | | | 1 | | | | 6 | D |
| | | 9 | 3 | | | | B | | 4 | 2 | | | | 5 |
| | B | 4 | 7 | | | | D | | | C | | | | 3 |
| | | E | | | | | 0 | | | | 5 | 8 | | |
| | | 7 | | | | | | 2 | 8 | | | | 0 | C |
| 2 | | | 1 | | | | | | 0 | | 7 | 6 | | 9 |
| 0 | | | | 9 | | 6 | 5 | 3 | E | A | | | 4 | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | E | 7 | 1 | D | 6 | 9 | 3 | B | 5 | 8 | 2 | 0 | A | 4 |
| 8 | 9 | 4 | 2 | B | 3 | 7 | 5 | 0 | E | C | A | 6 | D | 1 |
| 3 | 2 | 5 | 4 | 0 | 7 | C | A | E | 6 | D | 1 | 8 | 9 | B |
| 1 | A | 0 | E | 5 | C | D | 6 | 8 | 9 | B | 4 | 2 | 7 | 3 |
| D | 6 | B | 9 | 8 | A | 2 | 4 | 1 | 7 | 3 | 0 | C | 5 | E |
| 9 | 5 | 2 | 8 | 6 | D | B | C | 4 | 0 | E | 7 | 3 | 1 | A |
| E | C | 3 | B | 4 | 1 | A | 0 | 7 | D | 9 | 6 | 5 | 8 | 2 |
| B | 7 | 1 | A | 2 | 0 | 3 | 8 | 6 | C | 4 | 5 | D | E | 9 |
| 4 | 0 | 8 | 5 | 3 | E | 1 | 9 | D | 2 | A | B | 7 | 6 | C |
| A | D | 6 | C | 7 | 9 | 5 | E | 2 | 3 | 1 | 8 | B | 4 | 0 |
| 6 | 3 | A | 7 | 1 | B | E | 2 | 9 | 8 | 5 | C | 4 | 0 | D |
| 0 | B | C | 6 | E | 5 | 4 | 7 | A | 1 | 2 | D | 9 | 3 | 8 |
| 5 | 8 | 9 | D | C | 4 | 0 | B | 3 | A | 7 | E | 1 | 2 | 6 |
| 7 | 1 | E | 0 | 9 | 2 | 8 | D | C | 4 | 6 | 3 | A | B | 5 |
| 2 | 4 | D | 3 | A | 8 | 6 | 1 | 5 | B | 0 | 9 | E | C | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରତିମୂର୍ତ୍ତି ସ୍ଥାପନ ପରମ୍ପରା

ମହାଶୟ,

ଧରିତ୍ରୀ (୮।୨) ପୃଷ୍ଠାରୁ ଡ. ଛାୟାକାନ୍ତ ଷଡଙ୍ଗୀଙ୍କ ପ୍ରବନ୍ଧ 'ପ୍ରତିମୂର୍ତ୍ତି ସ୍ଥାପନର ପରମ୍ପରା' ପଢ଼ି ଖୁସିଲାଗିଲା ଯେ 'ଲଲି ରୋଡ' ଗଳ୍ପଟିକୁ ସେ ଭଲଭାବରେ ଅବତାରଣା କରିଛନ୍ତି। ଆଜକୁ ୪୦ ବର୍ଷ ତଳେ ତାହା ଆଇଏସ୍‌ସି ଇଂଲିଶ ବହିର Pleasure and Profitରେ ଲେଖାଥିଲା। ଏଇ ପରିପ୍ରେକ୍ଷୀରେ ମନେପଡେ ସଦାଶିବ ମିଶ୍ରଙ୍କ ପ୍ରବନ୍ଧ 'ଜୟନ୍ତୀ' ଯାହା 'ଜୋଆନ' ନାମରେ ଜଣେ କୁମାରୀର ଜୀବନ କାହାଣୀ ଯାହାଙ୍କର ଅପୂର୍ବ ବୀରତ୍ୱ ଦେଶକୁ ଆଣି ଦେଇଥିଲା ଅପହୃତ ସ୍ୱାଧୀନତା। କିନ୍ତୁ ପରେ ସେ କି ପୁରସ୍କାର ପାଇଲେ? ଜଳନ୍ତା ଅଗ୍ନିକୁଣ୍ଡରେ ତାଙ୍କୁ ନିକ୍ଷେପ କରାଗଲା। ପ୍ରତିମୂର୍ତ୍ତିର ଅସଲ ମଣିଷଟି ଗୋଟିଏ ବଳିତା ଯିଏ ନିଜେ ଜଳିପୋଡି ଅନ୍ୟକୁ ଆଲୁଅ ଦେଖାଇଥିଲା। ବିଭୂତି ପଟ୍ଟନାୟକଙ୍କ ଉପନ୍ୟାସ 'ଛବିର ମଣିଷ' ମଧ୍ୟ ଏଇ କଥା କହେ- ମଳାପରେ ଫୁଲମାଳ, ଜୟନ୍ତୀ ସମାରୋହ ଓ ବର୍ଷସାରା ମୁଣ୍ଡଫଟା ଖରା, ବର୍ଷା, ପକ୍ଷୀ ମୁଣ୍ଡରେ ବସୁଥିବା ପ୍ରତିକୃତିକୁ ଦେଖି ତାଙ୍କର ଆତ୍ମା ବୋଧହୁଏ କଷ୍ଟ ପାଉଥିବ।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁ ମନ୍ଦିର, ବୁର୍ଲା, ସମ୍ବଲପୁର

### ଇଭିଏମ୍‌ରେ ପ୍ରାର୍ଥୀଙ୍କ ଫଟୋ ରହୁ

୨୦୧୪ ସାଧାରଣ ନିର୍ବାଚନ ଶେଷ ହେବା ପରେ ପରେ ଦେଶର ନିର୍ବାଚନ ଆୟୋଗ ଚିନ୍ତାପ୍ରକଟ କରିଥିଲେ। ସଂସଦ ଓ ବିଧାନସଭା ନିର୍ବାଚନରେ ପ୍ରାର୍ଥୀଙ୍କ ନାମ ସହିତ ଫଟୋ ରଖାଯିବା ଠିକ୍ ବ୍ୟବସ୍ଥା। ଏହାଦ୍ୱାରା ମତଦାତା ଆକୃଷ୍ଟ ହେବା ନିଶ୍ଚିତ। ୨୦୧୯ ସାଧାରଣ ନିର୍ବାଚନରେ ଦେଶ ତଥା ରାଜ୍ୟର ନିର୍ବାଚନ ଆୟୋଗ ଇଭିଏମ୍‌ରେ ଫଟୋ ସଂଯୋଗ ବ୍ୟବସ୍ଥା କରିବା ଏକ ସଂସ୍କାରବାଦୀ ପଦକ୍ଷେପ ହେବ ବୋଲି ବିଚାର କରାଯାଏ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

### ଦୁରାରୋଗ୍ୟ କର୍କଟ

ଡା. ସୁରେନ୍ଦ୍ର ନାଥ ପତି ଦୁରାରୋଗ୍ୟ କର୍କଟ ଉପରେ ଯାହା ଲେଖିଛନ୍ତି ତାହା ନିଶ୍ଚିତ ଡାକ୍ତରୀ ପାଠରେ ଠିକ୍। ସ୍ୱାଭାବିକ ଭାବେ ମଣିଷ ହେଉଛି ଶାକାହାରୀ। ଶାସ୍ତ୍ର ମତରେ ୮୪ ଲକ୍ଷ ଜନ୍ମ ପରେ କ୍ରମବିବର୍ତ୍ତନ ଫଳରେ ମଣିଷ ଜନ୍ମ ହୁଏ। ଏ ବିଜ୍ଞାନକୁ କେହି ଦେଖୁନାହାନ୍ତି- ମୁଁ ଦିନେ ଏହି ସମସ୍ତ ଜୀବ ଥିଲି, ସେହିମାନଙ୍କୁ ଆଜି ଖାଉଛି। ଯେପରି ଧାନ ରୋଇବାର ୩ ସପ୍ତାହ ପରେ ପିଲ ସାର ଦିଆଯାଏ ତା' ପୂର୍ବରୁ ସାର ଦେଲେ ଅଫଳନ୍ତି ପିଲ ବାହାରେ। ସେହିପରି ମାଂସାହାରୀ ଖାଦ୍ୟ ପାଇଁ କର୍କଟ କୋଷର ବୃଦ୍ଧି ହୁଏ। ବେଦରେ ଅଛି- ଲୌହ ବାସନରେ ଖାଇବା କଥା ନୁହେଁ, ଯାହା ରୋଗ ସୃଷ୍ଟିର ଏକ କାରଣ। ଏସବୁ ଶାସ୍ତ୍ର ବଚନ ମାନୁ ନ ଥିବାରୁ ସାଧାରଣ ଲୋକଙ୍କ ପରି ବହୁ ଡାକ୍ତରଙ୍କର ବି ଆଜି ଉଚ୍ଚ ରକ୍ତଚାପ, ମଧୁମେହ, କର୍କଟ ରୋଗ ହେଉଛି। ସେମାନେ ତ ଏତେ ପାଠ ପଢ଼ିଛନ୍ତି ଓ ସ୍ୱାସ୍ଥ୍ୟ ବିଜ୍ଞାନ ସମ୍ବନ୍ଧରେ ଜାଣିଛନ୍ତି, ତା'ହେଲେ ସେମାନଙ୍କର ରୋଗ ହେଉଛି କାହିଁକି? କଥାରେ ଅଛି- ଲମ୍ପଟୀ ସନ୍ନ୍ୟାସୀ କପଟୀ ଯୋଗୀ, ଦାରୀ ପୁତ୍ରବତୀ ବଇଦ ରୋଗୀ। ଲାଜୁଆ ବ୍ରାହ୍ମଣ କାଶୁଆ ଚୋର, ଏ ଛ' ଜଣଙ୍କ ବୁଡଇ ଘର।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ନବ ନିର୍ମାଣ କୃଷକ ସଙ୍ଗଠନର ଓଡ଼ିଶା ବନ୍ଦ ଡାକରାକୁ ସମର୍ଥନ ଦେବ ଭାଜପା

ଭୁବନେଶ୍ୱର, ୧୮।୨(ବ୍ୟୁରୋ): କୃଷକମାନଙ୍କ ପ୍ରାଇସ୍,ପ୍ରେଷ୍ଟିଜ୍ ଓ ପେନସନ୍ ଦାବିରେ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଆସନ୍ତା ୨୧ରେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଏହି ଦାବି ନେଇ ସଙ୍ଗଠନ ପକ୍ଷରୁ ବିଭିନ୍ନ ସମୟରେ ରାଜଧାନୀରେ ଆନ୍ଦୋଳନ କରିବା ପାଇଁ ଚେଷ୍ଟା କରାଯାଇଛି ହେଲେ ସରକାର ଏହା କରାଇ ଦେଇନାହାନ୍ତି, ଯାହାକୁ ବିରୋଧ କରି ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିବା ସଙ୍ଗଠନର ରାଜ୍ୟ ସଂଯୋଜକ ଅକ୍ଷୟ କୁମାର ସୂଚନା ଦେଇଛନ୍ତି। ଅନ୍ୟପଟେ ସଙ୍ଗଠନର ଏହି ବନ୍ଦ ଡାକରାକୁ ଭାଜପା ସମର୍ଥନ କରିବ ବୋଲି ଦଳର ରାଜ୍ୟ ସଭାପତି ବସନ୍ତ ପଣ୍ଡା ସୋମବାର ସୂଚନା ଦେଇଛନ୍ତି। ଅପରପକ୍ଷରେ ନବ ନିର୍ମାଣ ସଙ୍ଗଠନ ଏହି ବନ୍ଦ ପାଳନରୁ ନିବୃତ୍ତ ରୁହନ୍ତୁ ବୋଲି ସରକାର ଅନୁରୋଧ କରିଛନ୍ତି। ଅପରପକ୍ଷରେ ନବନିର୍ମାଣ କୃଷକ ସଙ୍ଗଠନ ବନ୍ଦ ଡାକାରାରୁ ଓହରି ଯିବାକୁ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ କୁହାଯାଇଛି। ହାଇ ସ୍କୁଲ ସାର୍ଟିଫିକେଟ ପରୀକ୍ଷା(ମାଟ୍ରିକ ପରୀକ୍ଷା) ଆସନ୍ତା ୨୨ରୁ ଆରମ୍ଭ ହୋଇ ମାର୍ଚ୍ଚ ୮ପର୍ଯ୍ୟନ୍ତ ଚାଲିବ। ପରୀକ୍ଷା କେନ୍ଦ୍ରଗୁଡିକୁ ପ୍ରଶ୍ନ ପତ୍ର ଓ ଉତ୍ତର ଖାତା ସମସ୍ତ କେନ୍ଦ୍ରକୁ ପୂର୍ବଦିନ ଅର୍ଥାତ୍ ୨୧ତାରିଖରେ ପଠାଯିବାର ବ୍ୟବସ୍ଥା କରାଯାଇଛି। ପ୍ରାୟ ୬ଲକ୍ଷ ପରୀକ୍ଷାର୍ଥୀ, ଅଭିବାବକ, ଶିକ୍ଷକ ଓ ଶିକ୍ଷାନୁଷ୍ଠାନ କର୍ମଚାରୀମାନେ ପରୀକ୍ଷା କେନ୍ଦ୍ରକୁ ଯିବେ। ଏଣୁ ପରୀକ୍ଷାର୍ଥୀମାନଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ନବନିର୍ମାଣ କୃଷକ ସଙ୍ଗଠନ ବନ୍ଦ ଡାକରାରୁ ନିବୃତ୍ତ ରହିବା ଲାଗି ଅନୁରୋଧ କରାଯାଉଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି।




# ଚର୍ଚ୍ଚାରେ ବିଜେଡି ଟିକେଟ

**ହର୍ଷବର୍ଦ୍ଧନ ବେହେରା**
**ଯାଜପୁର ଅଫିସ,୧୮।୨**

ଯାଜପୁର ଜିଲା ଦାନଗଦି ଓ ସୁକିନ୍ଦା ବ୍ଲକକୁ ନେଇ ଗଠିତ ସୁକିନ୍ଦା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଗତ ୩ ଦଶନ୍ଧି ହେଲା ଗୋଟିଏ ପରିବାର ସଦସ୍ୟ ନିର୍ବାଚିତ ହୋଇ ଆସୁଛନ୍ତି। ଶିଳ୍ପ ଓ ଖଣି ସମୃଦ୍ଧ ଏହି ନିର୍ବାଚନ ମଣ୍ଡଳୀରେ ଏଥର ପଟ ପରିବର୍ତ୍ତନ କିମ୍ବା ରାଜନୈତିକ ସମୀକରଣ ବଦଳିବାର ସମ୍ଭାବନା ରହିଥିବା ଚର୍ଚ୍ଚା ଜୋର ଧରିଛି। ପ୍ରତି ନିର୍ବାଚନରେ କଂଗ୍ରେସ ଓ ବିଜେଡି ମଧ୍ୟରେ ଏଠାରେ କଡ଼ା ଟକ୍କର ହେଉଥିବା ଦେଖିବାକୁ ମିଳିଛି । ଏଥର ବିରୋଧୀଙ୍କ ପାଇଁ ବହୁ ସମ୍ଭାବନା ରହିଥିବା ସତ୍ତ୍ୱେ ସେମାନେ ସୁଯୋଗକୁ ହାତଛଡା କରୁଥିବା ରାଜନୈତିକ ବିଶେଷଜ୍ଞମାନେ ମତପୋଷଣ କରୁଛନ୍ତି ।

ସୁକିନ୍ଦା ବ୍ଲକର ୨୫ ଓ ଦାନଗଦି ବ୍ଲକର ୨୩ ପଞ୍ଚାୟତକୁ ନେଇ ଗଠିତ ସୁକିନ୍ଦା ନିର୍ବାଚନ ମଣ୍ଡଳୀ ଢେଙ୍କାନାଳ ଜିଲାକୁ ଲାଗିଛି । ଏହାର ପୂର୍ବକୁ କୋରେଇ ଓ ଦକ୍ଷିଣକୁ ରହିଛି ଧର୍ମଶାଳା ବିଧାନସଭା ନିର୍ବାଚନମଣ୍ଡଳୀ। ସୁକିନ୍ଦା ନିର୍ବାଚନମଣ୍ଡଳୀ ଖଣିଜ ସମ୍ପଦରେ ଭରପୂର ଥିବାବେଳେ ଏଠାରେ ୮ ବୃହତ୍ କମ୍ପାନୀ ସହ ୧୩ କ୍ରୋମାଇଟ ଖଣି କାର୍ଯ୍ୟକ୍ଷମ ରହିଛି। ହେଲେ ଗତ ୫ ବର୍ଷ ମଧ୍ୟରେ ସୁକିନ୍ଦା ବ୍ଲକର ନଗଡାରେ ଅପପୁଷ୍ଟି ଭଳି ଚିତ୍ର ସାରା ବିଶ୍ୱରେ ବଦ୍‌ନାମ ଆଣିଛି।

ରାଜନୈତିକ ଛତ୍ରଛାୟା ତଳେ ରହି ଖଣିଜ ସମ୍ପଦକୁ ଉତ୍ତୋଳନ କରି ଖଣିସଂସ୍ଥା ଲାଭବାନ ହେଉଥିବାବେଳେ ସ୍ୱର୍ବସ୍ୱାନ୍ତ ହୋଇଛନ୍ତି ଶିଳ୍ପ ପାଇଁ ନିଜର ଭିଟାମାଟି ଛାଡିଥିବା ଲୋକେ। ଆଦିବାସୀବହୁଳ ଏହି ନିର୍ବାଚନମଣ୍ଡଳୀରେ ବିଶୁଦ୍ଧ ପାନୀୟ ଜଳ, ଗମନାଗମନ, ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡ଼ିଛି। ଭାଜପା ଓ କଂଗ୍ରେସର ସାଂଗଠନିକ ସ୍ଥିତି ଅତ୍ୟନ୍ତ ଦୁର୍ବଳ ରହିଥିବାରୁ ଲୋକଙ୍କ ସମସ୍ୟା ସମାଧାନ କରିବାକୁ ଏହି ଦୁଇ ଦଳ ସାହସ ଜୁଟାଇ ପାରୁନାହାନ୍ତି। ଏପରି କି ଶିଳ୍ପାଞ୍ଚଳରେ ସ୍ଥାନୀୟ ନିଯୁକ୍ତିକୁ ନେଇ ଶିକ୍ଷିତ ବେକାର ଯୁବତୀଯୁବକଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲେ ହେଁ ବିରୋଧୀ ଏହାର ଫାଇଦା ନେବାକୁ ମଧ୍ୟ କୌଣସି ରଣନୀତି ପ୍ରସ୍ତୁତ କରିପାରୁନାହାନ୍ତି। ତାହାର ଫାଇଦା ବିଜେଡି ପାଉଛି ବୋଲି କୁହାଯାଉଛି।

ଆଗାମୀ ସାଧାରଣ ନିର୍ବାଚନରେ ବିଜେଡି ବିଧାୟକ ପ୍ରୀତିରଞ୍ଜନ ଘଡେଇ ପୁଣି ଟିକେଟ ପାଇବାକୁ ଦୃଢ଼ ଆଶା ରଖିଛନ୍ତି। ସେ ଗତ ନିର୍ବାଚନରେ ୫୮,୧୨୨ ଓ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ଶରତ ରାଉତ ୫୩,୪୧୮ ଭୋଟ ପାଇଥିଲେ। ଏଠାରେ ଭୋଟ ବ୍ୟବଧାନ ମାତ୍ର ୪,୭୦୪ ରହିଥିଲା। ଅନ୍ୟପକ୍ଷରେ ବର୍ତ୍ତମାନ ଭାଜପାରେ ଥିବା ପ୍ରଦୀପ ବଳସାମନ୍ତ(ଟୁଟୁ) ସ୍ୱାଧୀନ ପ୍ରାର୍ଥୀ ଭାବେ ୧୭,୯୨୭ ଭୋଟ ପାଇଥିଲେ। ତେବେ ନଗଡା ପାଇଁ ବଦନାମ ଏବଂ ଶିଳ୍ପ ଓ ଖଣି କମ୍ପାନୀରେ ଅଯଥା ହସ୍ତକ୍ଷେପ ଯୋଗୁ ଏଥର ଘଡେଇ ପରିବାରକୁ ବାଦ୍ ଦେଇ ବରିଷ୍ଠ ଶ୍ରମିକ ନେତା ମାୟାଧର ନାୟକ କିମ୍ବା ତାଙ୍କ ପୁଅ କୋରେଇ ବିଧାୟକ ଆକାଶ ଦାସ ନାୟକଙ୍କୁ ସୁକିନ୍ଦାରେ ପ୍ରାର୍ଥୀ କରିବାକୁ ବିଜେଡି ଯୋଜନା ପ୍ରସ୍ତୁତ କରୁଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ କୋରେଇ ବିଧାନସଭା ଆସନରେ ଜଣେ ସରକାରୀ ଅଧିକାରୀ ବିଜେଡି ଟିକେଟ ଦୌଡ଼ରେ ଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ ବିଧାୟକ ଆକାଶ କୁହନ୍ତି ଯେ, କୋରେଇ ହେଉଛି ତାଙ୍କ ଜନ୍ମମାଟି। କୋରେଇ ଅଞ୍ଚଳର ବିକାଶ ପାଇଁ ସେ ପ୍ରତିଶ୍ରୁତିବଦ୍ଧ। ହେଲେ ଦଳର ସଭାପତି ଯାହା ଚାହିଁବେ ତାହାକୁ ସେ ଗ୍ରହଣ କରିବେ। ଶ୍ରମିକ ନେତା ମାୟାଧର କୁହନ୍ତି, ଯଦି ବିଜେଡିରୁ ତାଙ୍କୁ ଟିକେଟ ମିଳେ ତେବେ ସେ ନିଶ୍ଚିତ ଭାବେ ସୁକିନ୍ଦାବାସୀଙ୍କ ସେବାରେ ନିର୍ବାଚନ ଲଢ଼ିବେ। ଉଲ୍ଲେଖଯୋଗ୍ୟ, ମାୟାଧର ୧୯୭୭ରେ ସୁକିନ୍ଦାରୁ ଏସ୍‌ୟୁସିଆଇ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ୯୦୩୭ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲାବେଳେ ଜନତା ପାର୍ଟିରୁ ଆନନ୍ଦମଞ୍ଜରୀ ଦେବୀ ୧୨,୮୫୩ ଭୋଟ ପାଇ ବିଜୟୀ ହୋଇଥିଲେ। ୧୯୮୦ ନିର୍ବାଚନରେ କଂଗ୍ରେସରୁ ଶରତ ୨୨,୬୪୦ ଭୋଟ ପାଇ ବିଜୟୀ ହୋଇଥିବାବେଳେ ଏସୟୁସିଆଇରୁ ମାୟାଧର ୧୫,୭୧୮ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିପରି ବର୍ତ୍ତମାନ ସୁକିନ୍ଦାରେ ବିଜେଡି ଟିକେଟ୍ ପାଇବା ପାଇଁ ଆଉ ଜଣେ ଆଶାୟୀ ହେଲେ ମହେନ୍ଦ୍ର ଧଳ। ତାଙ୍କୁ ପୂର୍ବରୁ ବିଜେଡିରୁ ନିଲମ୍ବିତ କରାଯାଇଥିଲେ ମଧ୍ୟ ସେ ଏଥର ଆଶା ରଖିଥିବା କହିଛନ୍ତି। ଏପରି କି ସେ ଦଳୀୟ ବ୍ୟାନରରେ ବିଭିନ୍ନ କାର୍ଯ୍ୟକ୍ରମ କରୁଛନ୍ତି। ଏନେଇ ବିଧାୟକ ପ୍ରୀତିରଞ୍ଜନ ଘଡେଇ କହିଛନ୍ତି ଯେ, ଦଳର ସଭାପତି ଯାହା ଚାହିଁବେ ତାହାକୁ ସେ ମାନିବାକୁ ପ୍ରସ୍ତୁତ।

୧୯୮୦ରେ କଂଗ୍ରେସରୁ ଶରତ ରାଉତ ପ୍ରଥମେ ବିଧାୟକ ନିର୍ବାଚିତ ହୋଇଥିଲେ। ୧୯୮୫ରେ ଦ୍ୱିତୀୟ ଥର ପାଇଁ ବିଜୟୀ ହୋଇ ମନ୍ତ୍ରୀ ପଦ ମଧ୍ୟ ଅଳଙ୍କୃତ କରିଥିଲେ। ୧୯୯୦ରୁ ଶରତଙ୍କ ବିଜୟ ପଥରେ ପୂର୍ଣ୍ଣଚ୍ଛେଦ ପଡିଛି। ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ ୧୯୯୦ରୁ ୨୦୧୪ ପର୍ଯ୍ୟନ୍ତ ଲଗାତର ବିଧାୟକ ଭାବେ ଜିତି ବିଭିନ୍ନ ମନ୍ତ୍ରୀପଦ ପାଇଛନ୍ତି। ଗତ କିଛି ବର୍ଷ ହେଲା ଶରତଙ୍କୁ ନିର୍ବାଚନ ମଣ୍ଡଳୀରେ ସେତେଟା ଦେଖିବାକୁ ମିଳୁନାହିଁ। ଫଳରେ କଂଗ୍ରେସ ଛାଡି ସୁକିନ୍ଦା ବ୍ଲକର ପୂର୍ବତନ ସଭାପତି ଅମଳେନ୍ଦୁ ବେହୁରାଙ୍କ ସମେତ ବହୁ ଆଗଧାଡିର କଂଗ୍ରେସ ନେତା ଏବେ ବିଜେଡି କ୍ୟାମ୍ପରେ ରହିଛନ୍ତି। ବର୍ତ୍ତମାନ ଅନ୍ୟ କେହି ନେତା କଂଗ୍ରେସ ଟିକେଟ ପାଇଁ ଆଗ୍ରହୀ ଥିବା ଜଣାପଡୁନାହିଁ। ଏନେଇ ଶରତ ରାଉତ କୁହନ୍ତି, ବିରୋଧୀ ଦଳର ଭୂମିକା ଏଠାରେ ନ୍ୟୂନ ନୁହେଁ। ବିରୋଧୀ ଦଳ ଏଠାରେ ବହୁତ ପ୍ରଭାବଶାଳୀ। କଂଗ୍ରେସରୁ ସେ ଏକମାତ୍ର ପ୍ରାର୍ଥୀ ରହିଛନ୍ତି। ଯଦି ଅନ୍ୟ କିଏ ଆଗ୍ରହୀ ଅଛନ୍ତି ତାହା ତାଙ୍କୁ ଜଣାନାହିଁ ବୋଲି ଶରତ କହିଛନ୍ତି।

ଗତ ପଞ୍ଚାୟତ ନିର୍ବାଚନ ପରେ ଭାଜପାରେ ଯୋଗଦେଇଥିବା ପ୍ରଦୀପ ବଳସାମନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କ ନିକଟକୁ ପହଞ୍ଚିବାକୁ ପ୍ରୟାସ ଜାରି ରଖିଛନ୍ତି। ହେଲେ ଦଳରେ ଗୋଷ୍ଠୀ କନ୍ଦଳ ରହିଛି, ଯାହା ତାଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ ବୋଲି ଆଲୋଚନା ହେଉଛି। ଏନେଇ ପ୍ରଦୀପ କୁହନ୍ତି, ଭାଜପାରୁ ସେ ଟିକେଟ ପାଇବା ନିଶ୍ଚିତ। ଦଳରେ କୌଣସି ଗୋଷ୍ଠୀକନ୍ଦଳ ନାହିଁ।

**ଗତ ୨ ନିର୍ବାଚନର ଫଳାଫଳ**

| କ୍ର.ନ. | ପ୍ରାର୍ଥୀ | ଦଳ | ୨୦୧୪ | ୨୦୦୯ |
|---|---|---|---|---|
| ୧ | ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ | ବିଜେଡି | -- | ୫୮୭୬୫ |
| ୧ | ପ୍ରୀତିରଞ୍ଜନ ଘଡ଼େଇ | ବିଜେଡି | ୫୮୧୨୨ | -- |
| ୨ | ଶରତ ରାଉତ | କଂଗ୍ରେସ | ୫୩୪୧୮ | ୫୬୩୬୨ |
| ୩ | ପ୍ରଦୀପ ବଳସାମନ୍ତ | ସ୍ୱାଧୀନ | ୧୭୯୨୭ | -- |
| ୪ | ରବୀନ୍ଦ୍ର ଜାରିକା | ଆମ ଓଡ଼ିଶା | ୬୩୧୪ | -- |
| ୫ | ଅଭିନ୍ନ କୁମାର ହୋତା | ଭାଜପା | ୩୭୩୮ | -- |
| ୬ | ଦୋଳଗୋବିନ୍ଦ ମହନ୍ତ | ଭାଜପା | -- | ୨୪୨୮ |

**ନିର୍ବାଚନମଣ୍ଡଳୀର ଜନସଂଖ୍ୟା: ୨,୬୨,୫୬୨**
(ପୁରୁଷ-୧,୩୩,୦୬୮ ଓ ମହିଳା-୧,୨୯,୪୯୪)
**ଭୋଟର ସଂଖ୍ୟା: ୧,୯୧,୬୦୩**
(ପୁରୁଷ-୯୯,୧୭୭, ମହିଳା-୯୨,୪୨୪ ଓ ଅନ୍ୟାନ୍ୟ-୨ଜଣ)

### ୧୯ରୁ ରାଜ୍ୟସ୍ତରୀୟ ଲୋକନୃତ୍ୟ, ଲୋକସଙ୍ଗୀତ ମହୋତ୍ସବ

ଭୁବନେଶ୍ୱର,୧୮।୨(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ୯ମ ରାଜ୍ୟସ୍ତରୀୟ ଲୋକନୃତ୍ୟ ଓ ଲୋକସଙ୍ଗୀତ ମହୋତ୍ସବ ଆସନ୍ତା ୧୯ରୁ ୨୧ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଭୁବନେଶ୍ୱରର ଉତ୍କଳ ମଣ୍ଡପଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବରେ ରାଜ୍ୟର ୩୦ ଜିଲାରୁ ପ୍ରାୟ ୩,୦୦୦ କଳାକାର ଅଂଶଗ୍ରହଣ କରିବେ। ସେହିଭଳି ଚଳିତବର୍ଷ ମୋଟ ୩୦ଟି ବଛା ବଛା ଲୋକକଳା ଦଳ ମହୋତ୍ସବରେ ଭାଗନେଇ ଲୋକକଳା ପରିବେଷଣ କରିବେ। ମହୋତ୍ସବର ପ୍ରତ୍ୟେକ ଦିନ ଏକ ସାଂସ୍କୃତିକ ଶୋଭାଯାତ୍ରାର ଆୟୋଜନ କରାଯିବ। ଏହି ଶୋଭାଯାତ୍ରା ରବୀନ୍ଦ୍ର ମଣ୍ଡପରୁ ବାହାରି ରାସ୍ତା ପରିକ୍ରମା କରି ଉତ୍କଳ ମଣ୍ଡପ ପର୍ଯ୍ୟନ୍ତ ଯିବ। ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଲୋକକଳାର ପ୍ରଚାର ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୩ ଜିଲାର ଜିଲାପାଳ, ୨ ନଗର କଳା ସଂସ୍କୃତି ସଂଘ ଏବଂ ୨ ସରକାରୀ ବିଭାଗକୁ ସମ୍ବର୍ଦ୍ଧିତ କରାଯିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଲୋକକଳାକୁ ଅଧିକ ଋଦ୍ଧିମନ୍ତ କରିବା ସହ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ୧୯ରୁ ରାଜ୍ୟସ୍ତରୀୟ ଲୋକନୃତ୍ୟ ଓ ଲୋକସଙ୍ଗୀତ ମହୋତ୍ସବ ଏହାର ପ୍ରଚାର ପ୍ରସାର ପାଇଁ ସ୍ୱତନ୍ତ୍ର ଲୋକକଳା ଦିବସ ଘୋଷଣା କରାଯିବା କାର୍ଯ୍ୟକ୍ରମ ରହିଛି।

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.ELS-ANGL-OT-18-19-07
କାର୍ଯ୍ୟର ନାମ : ଇଲେକ୍ଟ୍ରିକ୍ ଲୋକୋ ସେଡ୍/ଅନଗୁଳ ଠାରେ ଇଲେକ୍ଟ୍ରିକ୍ ଇଂଜିନ (ଲୋକୋମୋଟିଭ)ର ଡ୍ରାଇଭର କ୍ୟାବ୍ (Cab) ନିମନ୍ତେ ରୁଫ୍ ମାଉଣ୍ଟେଡ୍ ଏୟାର କଣ୍ଡିସନିଙ୍ଗ୍ ୟୁନିଟର ସେବା, ମରାମତି, ରକ୍ଷଣାବେକ୍ଷଣ, ସଂସ୍ଥାପନ ଏବଂ ସମ୍ପାଦନ ।
ବିଜ୍ଞାପିତ ମୂଲ୍ୟ : ₹19,52,135.36, EMD : ₹39,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹2,360/-, ଶେଷ ହେବା ଅବଧି : 18 ମାସ ।
ବିଡ୍ ଆରମ୍ଭ ହେବା ତାରିଖ : ତା.27.02.2019ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.13.03.2019ରିଖ 1500 ଘଟିକାରେ ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ http://www.ireps.gov.in ରେ ଉପଲବ୍ଧ ହେବ ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRS) ଅନଗୁଳ
PR-481/J/18-19

### ଭଞ୍ଜନଗରରେ ୧୦୭ କୋଟି ୯୧ ଲକ୍ଷର ପ୍ରକଳ୍ପ ଭିତ୍ତିପ୍ରସ୍ତର, ଲୋକାର୍ପଣ

# କାଳିଆ ଯୋଜନା ଦେଶକୁ ବାଟ ଦେଖାଇଛି: ମୁଖ୍ୟମନ୍ତ୍ରୀ

ଭଞ୍ଜନଗର,୧୮।୨(ଡି.ଏନ.ଏ.)

ଚାଷୀଙ୍କ ଉନ୍ନତି ପାଇଁ କାଳିଆ ଯୋଜନା ହୋଇଛି। ଏହି ଯୋଜନା ଦେଶକୁ ନୂଆ ବାଟ ଦେଖାଇଛି । ଭାଗଚାଷୀ, ଜମିହୀନ ଓ କ୍ଷୁଦ୍ରଚାଷୀଙ୍କୁ ସହାୟତା ମିଳୁଛି। ହେଲେ ଦୁଃଖର କଥା କେନ୍ଦ୍ର ସରକାରଙ୍କ ଯୋଜନାରେ ଭାଗଚାଷୀ, ଜମିହୀନ ଓ କ୍ଷୁଦ୍ରଚାଷୀଙ୍କ ପାଇଁ କୌଣସି ସୁବିଧା ନାହିଁ। ଏସବୁ ଶ୍ରେଣୀର ଚାଷୀଙ୍କୁ ସହାୟତା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରି ଚିଠି ଲେଖିଛି। ଚାଷୀଙ୍କ ହକ୍‌କୁ କେନ୍ଦ୍ର ସରକାର ବିଚାରକୁ ନେବେ ବୋଲି ମୋର ଆଶା ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

ମୁଖ୍ୟମନ୍ତ୍ରୀ ସୋମବାର ଅପରାହ୍ନରେ ଗଞ୍ଜାମ ଜିଲା ଭଞ୍ଜନଗର ଗସ୍ତରେ ଆସି ୧୦୭ କୋଟି ୯୧ ଲକ୍ଷ ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଲୋକାର୍ପଣ ଫଳକ ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ଉନ୍ମୋଚନ କରିଥିଲେ। ସେଥିମଧ୍ୟରେ ଭଞ୍ଜନଗର ନୂତନ ବସଷ୍ଟାଣ୍ଡ, ଟାଉନହଲ୍ ଓ ନୂତନ ସବ୍‌ଜେଲ ଉଦ୍‌ଘାଟିତ ହୋଇଥିବା ବେଳେ ଭଞ୍ଜନଗର-ଦଶପଲ୍ଲା ରାଜ୍ୟ ରାଜପଥ ସଂପ୍ରସାରଣ, ଭଞ୍ଜନଗର ସହରର ପ୍ରମୁଖ ରାସ୍ତାଗୁଡ଼ିକର ଆଧୁନିକୀକରଣ, ଜଳସେଚନ ବିଭାଗର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଏହି ଅବସରରେ ବିଜୁ ପକ୍କା ଘର ଯୋଜନା, ମଧୁବାବୁ ପେନସନ୍ ଯୋଜନା, ମିଶନ ଶକ୍ତି, ନିର୍ମାଣ ଶ୍ରମିକ ପକ୍କାଘର ଯୋଜନା, ଜମିହୀନଙ୍କୁ ଘରପଟ୍ଟା, ଚାଷ ସମ୍ପର୍କିତ ଖବର ଜାଣିବା ପାଇଁ ମହିଳାମାନଙ୍କୁ ମୁଖ୍ୟମନ୍ତ୍ରୀ ମୋବାଇଲ ଫୋନ ବଣ୍ଟନ କରିଥିଲେ। ସେଠାରେ ଅନୁଷ୍ଠିତ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, କୃଷକ ଏବଂ ମହିଳାମାନଙ୍କ ଉନ୍ନତି ପାଇଁ ନୂଆ ନୂଆ ଯୋଜନା କରାଯାଉଛି। କାଳିଆ ଯୋଜନାରେ ଚାଷୀଙ୍କୁ ବିନା ସୁଧରେ ଋଣ ଯୋଗାଇ ଦିଆଯାଉଛି। ପ୍ରତ୍ୟେକ ଚାଷୀ ଯେଭଳି ଏହି ଯୋଜନାର ସୁଫଳ ପାଇବେ ତାହା ମୁଁ ଦେଖୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସଭାରେ ଯୋଗଦେଇ ବିଜେଡ଼ି କଥା ନୁହେଁ, କାମରେ ବିଶ୍ୱାସ କରେ ବୋଲି କହିଥିଲେ। ଗତ ୪ବର୍ଷ ହେବ କୃଷି ଉତ୍ପାଦନରେ ଓଡ଼ିଶା ଆତ୍ମ ନିର୍ଭରଶୀଳ ହେବା ସହ ଲଗାତର ୪ର୍ଥ ଥରପାଇଁ କୃଷି କର୍ମଣ ପୁରସ୍କାର ପାଇଛି। ସେହିପରି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଠିକ୍‌କାର୍ଯ୍ୟକାରୀ ହୋଇଥିବାରୁ ଗତବର୍ଷ ରାଜ୍ୟକୁ କେନ୍ଦ୍ର ସରକାର ପ୍ରଥମ ପୁରସ୍କାର ଦେଇଛନ୍ତି। କାଳିଆ ଯୋଜନାରେ ରାଜ୍ୟରେ ୫୦ଲକ୍ଷ ହିତାଧିକାରୀ ଉପକୃତ ହେବେ। ଗଞ୍ଜାମ ଜିଲାରେ ଏ ପର୍ଯ୍ୟନ୍ତ ୧,୮୨,୬୨୨ ଜଣ କାଳିଆ ଯୋଜନାରେ ସହାୟତା ପାଇଲେଣି ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ୨୦୧୯ରେ ବିଜେଡ଼ି ପୁଣି କ୍ଷମତାକୁ ଫେରିବ। ନବୀନ ପଟ୍ଟନାୟକ ୫ମ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବେ ବୋଲି ସେ କହିଥିଲେ। ରାଜ୍ୟସଭା ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନରେ ବ୍ୟାପକ ପରିବର୍ତ୍ତନ ଆସିଛି ବୋଲି କହିଥିଲେ। ବ୍ରହ୍ମପୁର ବିଧାୟକ ଡ. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଆସିକା ବିଧାୟକ ଦେବରାଜ ମହାନ୍ତି, ଗୋପାଳପୁର ବିଧାୟକ ଡ.ପ୍ରଦୀପ କୁମାର ପାଣିଗ୍ରାହୀ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସାନଖେମୁଣ୍ଡି ବିଧାୟିକା ନନ୍ଦିନୀ ଦେବୀ, ଛତ୍ରପୁର ବିଧାୟକ ଡ.ପ୍ରିୟାଂଶୁ ପ୍ରଧାନ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଜିଲା ପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବେହେରା ମଞ୍ଚାସୀନ ଥିଲେ। ଜିଲାର ୨ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର, ଉଷା ଦେବୀ ଓ ଫୁଲବାଣୀ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ସଭାରେ ଅନୁପସ୍ଥିତ ଥିଲେ।


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି।

CLASSIFIED DISPLAY













### ■ ମୁଖ୍ୟମନ୍ତ୍ରୀଙ୍କ ଦିନିକିଆ ବୌଦ୍ଧ ଜିଲା ଗସ୍ତ

# ୯୭୦ କୋଟି ଟଙ୍କା ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ

ବୌଦ୍ଧ/କନ୍ଧମାଳ,୧୮।୨(ସ୍ୱ.ପ୍ର/ଡି.ଏନ.ଏ.)

**୨୦ ଭାଜପା ନେତା ଥାନାରେ ଅଟକ**

କାଳିଆ ଯୋଜନା ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହି ଯୋଜନାରେ ରାଜ୍ୟରେ ଜଣେ ହେଲେ ଯୋଗ୍ୟ ଚାଷୀ ଯେପରି ବଞ୍ଚିତ ହେବେ ନାହିଁ ସେଥିପ୍ରତି ଦୃଷ୍ଟି ଦିଆଯାଉଛି। କେନ୍ଦ୍ର ସରକାର ରାଜ୍ୟର ଛୋଟ ଚାଷୀ, ଭୂମିହୀନମାନଙ୍କ ପ୍ରତି କୌଣସି ପଦକ୍ଷେପ ନେଉ ନ ଥିବାରୁ ସେଥିପ୍ରତି ପ୍ରଧାନମନ୍ତ୍ରୀଙ୍କ ପାଖକୁ ପତ୍ର ଲେଖାଯାଇଛି। ଏହାସହ ମିଶନ ଶକ୍ତି ଜରିଆରେ ମହିଳାମାନଙ୍କୁ ଏକ ପ୍ରତିଶତ ସୁଧରେ ଋଣ ଦିଆଯାଉଛି। ଫଳରେ ସେମାନେ ସ୍ୱାବଲମ୍ବୀ ହୋଇପାରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ବୌଦ୍ଧ ଜିଲାକୁ ଦିନିକିଆ ଗସ୍ତରେ ଆସି ୯୭୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବା ଅବସରରେ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ ପୂର୍ବାହ୍ନରେ ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ଘଣ୍ଟାପଡା ଠାରେ ପହଞ୍ଚି ଏକ ସାଧାରଣ ସଭାରେ ଯୋଗ ଦେଇଥିଲେ। ଏଠାରେ ସେ ୧୧୬ କୋଟି ଟଙ୍କାର ୪୫ଟି ପ୍ରକଳ୍ପ ଉଦ୍‌ଘାଟନ ଏବଂ ୩୧୦.୫୯ କୋଟି ଟଙ୍କାର ୧୦ଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଜିଲାପାଳ ସୀତାଂଶୁ କୁମାର ରାଉତ ସଭାପତିତ୍ୱ କରିଥିବାବେଳେ କନ୍ଧମାଳ ବିଧାୟକ ମହୀଧର ରଣା ମଞ୍ଚାସୀନ ଥିଲେ। କନ୍ଧମାଳ ସଭା ସାରି ମୁଖ୍ୟମନ୍ତ୍ରୀ ଅପରାହ୍ନ ୧ଟା ସମୟରେ ବୌଦ୍ଧ କଚେରି ପଡିଆରେ ଏକ ସାଧାରଣ ସଭାରେ ଯୋଗ ଦେଇଥିଲେ। ସେଠାରେ ମୁଖ୍ୟମନ୍ତ୍ରୀ ୭୬ କୋଟି ଟଙ୍କାର ୪୭ଟି ପ୍ରକଳ୍ପ ଉଦ୍‌ଘାଟନ କରିଥିବାବେଳେ ୪୬୭ କୋଟି ଟଙ୍କାର ୨୮ଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏଠାରେ ଜିଲାପାଳ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବାଚସ୍ପତି ପ୍ରଦୀପ କୁମାର ଅମାତ, ପୂର୍ତ୍ତ, ଇସ୍ପାତ ଓ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲିକ ଓ ବୌଦ୍ଧ ଜିଲା ପରିଷଦ ଅଧ୍ୟକ୍ଷା ଜ୍ୟୋସ୍ନା ଭୋଇ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ପାଇଁ ଉଭୟ ସଭାସ୍ଥଳରେ ୪୦ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ ଏବଂ ତାଙ୍କ ଗସ୍ତ ପୂର୍ବରୁ ଜିଲାର ୨୦ ଜଣ ଭାଜପା ନେତାଙ୍କୁ ଥାନାରେ ଅଟକ ରଖାଯାଇଥିଲା।

### ୨୦ରେ ଓଡ଼ିଶା ଆସିବେ ଯୋଗୀ

ଭୁବନେଶ୍ୱର, ୧୮।୨ (ବ୍ୟୁରୋ): ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆସନ୍ତା ୨୦ରେ ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ବୁଧବାର ପୂର୍ବାହ୍ନ ୧୧ଟା୩୦ରେ ଯୋଗୀ ଭବାନୀପାଟଣା ଲାଲବାହାଦୁର ଷ୍ଟାଡିୟମଠାରେ ଆୟୋଜିତ କାର୍ଯ୍ୟକର୍ତ୍ତା ସମାବେଶରେ ଉଦ୍‌ବୋଧନ ଦେବେ । ଅପରାହ୍ନ ୧ଟା ୪୫ରେ ହେଲିକପ୍ଟର ଯୋଗେ ଖୋର୍ଦ୍ଧା ଜିଲା ନାରୁଣି କଲେଜ ପଡିଆରେ ପହଞ୍ଚି କାର୍ଯ୍ୟକର୍ତ୍ତା ସମାବେଶରେ ଯୋଗଦେଇ ଅଭିଭାଷଣ ରଖିବେ।

State Bank of India
Regional Business Office, Region-V,
Bandutikra Chowk, VSS Nagar, N.H.-6,
Dist: Bargarh (Odisha), Pin: 768028,
Tel: 06646-247054, Fax: 06646-247054
Letter No. ZO/SAM/RBO-V/HR/42/56 Date: 13.11.2018
Shri Rasmikanta Biswal
At: Rushipur, PO: Chhatish Debli
Via: Sujanpur, Dist: Jajpur- 755017
Dear Sir,
STAFF: AWARD VOLUNTARY CESSATION OF EMPLOYMENT NOTICE UNDER CLAUSE 33 OF THE EIGHTH BIPARTITE SETTLEMENT DATED 02.06.2005
It is observed that you have been absenting from work consecutively for a period of more than 90 days since 10.11.2017, without prior sanction of leave. In this connection we refer to our registered notices date 19.05.2018, issued under the Clause 33 of the Eighth Bipartite Settlement dated 2nd June 2005, advising you to report for work within 30 days from the date of notice. It is, however, observed that you have neither reported for work nor offered any explanation for your absence, despite of the above notice.
You are, once again, advised to report for work within 30 days from the date of this notice failing which it will be deemed that you have voluntarily vacated your employment on expiry of the period of this notice and your name shall be stuck off from the rolls of the Bank, it terms of clause 33 of the Eighth Bipartite Settlement dated 2nd June 2005.
Your's Faithfully
Regional Manager
& Appointing Authority

MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168
5% GST Applicable



■ ସନାତନ ଧର୍ମ ସମ୍ମିଳନୀ ଉଦ୍‌ଯାପିତ

# ଆତ୍ମଚିନ୍ତନରେ ପରିବର୍ତ୍ତନ ଆଣିବାକୁ ପରାମର୍ଶ



ସମ୍ମିଳନୀରେ ଉପସ୍ଥିତ ସାଧୁସନ୍ଥ ଓ ସ୍ଥାନୀୟ ଜନସାଧାରଣ।

ରାଜନଗର, ୧୮।୨ (ଡି.ଏନ୍.ଏ.)

ଜଗଦ୍‌ଗୁରୁ ଠାକୁର ଶ୍ରୀଶ୍ରୀ ଅଭିରାମ ପରମହଂସ ଦେବଙ୍କ ପ୍ରାଦେଶିକ ସନାତନ ଧର୍ମ ସମ୍ମିଳନୀ ରବିବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ଶାନ୍ତିଧାମର ବାବାଜୀ ଅନ୍ତର୍ଯ୍ୟାମୀ ଦାସ, ଦେବେନ୍ଦ୍ର ଦାସ, ଜଗବନ୍ଧୁ ଦାସ, ପରମେଶ୍ୱର ଦାସ, ନୀଳମଣି ଦାସ, ଧ୍ରୁବ ଚରଣ ଦାସ, ବିଶ୍ୱନାଥ ଦାସ, ଅରକ୍ଷିତ ଦାସ, ପଣ୍ଡିତ ପଦ୍ମନାଭ ତ୍ରିପାଠୀ, ପଣ୍ଡିତ ହୃଷୀକେଶ ରଥ, ଅଧ୍ୟାପକ ଅରୁଣ ପଣ୍ଡା, ବାବାଜୀ ଜନ୍ମେଜୟ ଦାସ, ବାବାଜୀ ନିଳମଣି ଦାସ, ବାବାଜୀ ପରମେଶ୍ୱର ଦାସ, ବାବାଜୀ ବଦ୍ରିନାଥ ଦାସ, ବ୍ରହ୍ମଚାରୀ ସତ୍ୟାନନ୍ଦ ଦାସ, ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ବାବାଜୀ ଆଲୋକ ଦାସ, ବାବାଜୀ ରବି ଶଙ୍କର ଦାସ ପ୍ରମୁଖ ଯୋଗଦେଇଥିଲେ। ଜଗଦ୍‌ଗୁରୁ ଠାକୁରଙ୍କ ଦିବ୍ୟବାଣୀ ମାଧ୍ୟମରେ ଆଜିର ପଥଭ୍ରଷ୍ଟ ଯୁବସମାଜ ଆତ୍ମଚିନ୍ତନରେ ପରିବର୍ତ୍ତନ ଆଣିପାରିଲେ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ପ୍ରବଚନ ମାଧ୍ୟମରେ ସାଧୁସନ୍ଥମାନେ କହିଥିଲେ। ୪ଦିନ ବ୍ୟାପୀ ଚାଲିଥିବା ଏହି ସମ୍ମିଳନୀ ଏ ଅଞ୍ଚଳର ଭାଇଚାରା, ସଂହତି ଓ ସଦ୍‌ଭାବନାର ବାର୍ତ୍ତା ବହନ କରିଛି ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ସେବକ ଅଭୟ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ବିଧାୟକ ଅଂଶୁମାନ ମହାନ୍ତି, ଜିଲା ବିଜେଡି ସଭାପତି ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଲେଖ କୁମାର ଜେନା, ଯୁବନେତା ଅଜିତ ନାୟକ, ଆଇଆଇସି ସୁକାନ୍ତ କୁମାର ପାତ୍ର, ପୋଲିସ ଅଧିକାରୀ ଶିତିକଣ୍ଠ କାନୁନ୍‌ଗୋ, ପ୍ରାକ୍ତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରସାଦ ରାଉତ ପ୍ରମୁଖ ଯୋଗଦେଇଥିଲେ। ୪ଦିନ ଧରି ବେତାର କଣ୍ଠଶିଳ୍ପୀ ମୁବାଲା ନାଥ, ପ୍ରଗତି ମଧୁସ୍ମିତା, ଅମରେଶ ମହାରଣା, ରଂଜିତ ରାଉତ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ଏହି ସମାବେଶରେ ରାଜନଗର ସମେତ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା।

## ସଂକ୍ଷେପରେ

### ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା

ଡେରାବିଶ, ୧୮।୨ (ସ୍ୱ.ପ୍ର.):ଡେରାବିଶ ବ୍ଲକ ଅଧୀନ ଯଅଁରାବାରିମୂଳ ପଞ୍ଚାୟତ କାର୍ଯ୍ୟାଳୟରେ ତୃତୀୟ ପର୍ଯ୍ୟାୟ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ କବିତା ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବିଶ୍ୱଜିତ ଚଇନୀ ମୁଖ୍ୟ ଅତିଥି ଓ ନୋଡାଲ୍ ଅଫିସର ପ୍ରଜ୍ଞା ମହାନ୍ତି, ସମିତିସଭ୍ୟ ନଳିନୀପ୍ରଭା ସେଠୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଜଗବନ୍ଧୁ ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ନୋଡ଼ାଲ୍ ଅଫିସର ପ୍ରଜ୍ଞା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇବା ନିମନ୍ତେ ଆଲୋଚନା କରାଯାଇଥିଲା। ସାମାଜିକ କର୍ମୀ ରଜତ କୁମାର ବଳ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ ୱାର୍ଡସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ସହଯୋଗ କରିଥିଲେ। ସେହିପରି ଇନ୍ଦାଲୋ ପଞ୍ଚାୟତରେ ସରପଞ୍ଚ ରଶ୍ମିତା ଜେନାଙ୍କ ଅଧ୍ୟକ୍ଷତାରେ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବିଶ୍ୱଜିତ ଚଇନୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବ୍ଲକ ଆତ୍ମା ଅଧ୍ୟକ୍ଷ ଚୌଧୁରୀ ରବୀନ୍ଦ୍ର କୁମାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମିତି ସଭ୍ୟ ସୁଜିତ କୁମାର ସାମନ୍ତରାୟ, ନାଏବ ସରପଞ୍ଚ ସୁଦର୍ଶନ ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

### ୧୯୯୮ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ

ଡେରାବିଶ, ୧୮।୨ (ସ୍ୱ.ପ୍ର.):ଡେରାବିଶ ବ୍ଲକ ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠ ଚକ୍ରୋଡ଼ା ହାଇସ୍କୁଲର ୧୯୯୮ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ବଟପଡିଆରେ ଅନୁଷ୍ଠିତ ହୋଇଯାଇଛି। ଦିଲ୍ଲୀପ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି ଅବସରରେ ପ୍ରଥମେ ପୁଲୱାମାରେ ଆତଙ୍କବାଦୀଙ୍କ ଆତ୍ମଘାତୀ ବିସ୍ଫୋରଣରେ ଶହୀଦ ହୋଇଥିବା ଯବାନମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେପରେ ତତ୍କାଳୀନ ଶିକ୍ଷୟିତ୍ରୀଶିକ୍ଷକ ସୁଦାମ ଚନ୍ଦ୍ର ତ୍ରିପାଠୀ, ମହେନ୍ଦ୍ର ଦ୍ୱିବେଦୀ, ବିଜୟ କୁମାର ସାହୁ, ଅଭୟ ନାୟକ, ବନମାଳୀ ଦାସ ଓ ରବୀନ୍ଦ୍ର କୁମାର ଦାସ ଏଥିରେ ଯୋଗଦେଇ ଗୁରୁ ଶିଷ୍ୟ ପରମ୍ପରା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଉନ୍ନତି ପାଇଁ ପାଣ୍ଠି ସଂଗ୍ରହ କରିବାକୁ ଆଲୋଚନା କରାଯାଇଥିଲା। ଜ୍ଞାନେଶ ସାହୁ, ଜିତେନ୍ଦ୍ର ଦାସ, ବିକ୍ରମ ବେହେରା, ଚନ୍ଦନ ମହାନ୍ତି, ଜ୍ୟୋତିରଞ୍ଜନ ବେହେରା, ସ୍ମୃତିରଞ୍ଜନ ଜେନା, ନିବେଦିତା ସାହୁ, ଅଦିତି ଜେନା, ବୈଦେହୀ ସାହୁ ଓ ଚନ୍ଦନା ଅଧିକାରୀ ପ୍ରମୁଖ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜନଶୁଣାଣି ଶିବିରରେ ୧୩୭ ଅଭିଯୋଗ

ମହାକାଳପଡ଼ା,୧୮।୨(ଡି.ଏନ୍.ଏ)

ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସୋମବାର ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୩୭ଟି ଅଭିଯୋଗ ଶୁଣାଣି ହୋଇଥିଲା। ଏହି ଅବସରରରେ ୧୨୯ଟି ବ୍ୟକ୍ତିଗତ ଓ ୮ ମିଳିତ ଅଭିଯୋଗର ଶୁଣାଣି ହୋଇଥିଲା। ଜିଲାପାଳ ଦାଶରଥି ଶତପଥୀ ଏଥିରେ ଯୋଗଦେଇ ପାନୀୟ ଜଳ, ଶିକ୍ଷା, ପ୍ରଧାନମନ୍ତ୍ରୀ ଆବାସିକ ଯୋଜନା, ରାଶନକାର୍ଡ, ସମନ୍ୱିତ ଶିଶୁ ବିକାଶ, ଗ୍ରାମ୍ୟରାସ୍ତା ନିର୍ମାଣ ଓ ଶୌଚାଳୟ ନିର୍ମାଣ ସମ୍ପର୍କିତ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅଳାଇଲ ଗ୍ରାମର ଦିବ୍ୟାଙ୍ଗ ଅନନ୍ତସେଠୀଙ୍କୁ ପ୍ରଶାସନ ପକ୍ଷରୁ ଏକ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏଥିରେ ଏସପି ନିତିଶେଖର, ଉପଜିଲାପାଳ, ସଞ୍ଜୟ ମିଶ୍ର, ପିଡି ଦିଲୀପ ପରିଡା, ବିଡ଼ିଓ ରମେଶଚନ୍ଦ୍ର ସେଠୀ ଓ ଜିଲା ମଙ୍ଗଳ ଅଧିକାରୀ କାଳନ୍ଦୀ ଭୋଇଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ଜିଲା ପ୍ରଶାସନ ପକ୍ଷରୁ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଉଛି।

## ୪୦୦ ହିତାଧିକାରୀଙ୍କୁ ଏଲ୍‌ଇଡି ବଲ୍‌ବ ବଣ୍ଟନ

ମାର୍ଶାଘାଇ, ୧୮।୨ (ଡି.ଏନ୍.ଏ.)

ମାର୍ଶାଘାଇ ବ୍ଲକର ବେରୁହାଁ ଏବଂ ମଙ୍ଗରାଜପୁର ପଞ୍ଚାୟତରେ ତୃତୀୟ ପର୍ଯ୍ୟାୟ ପିଠା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ବେରୁହାଁ ସରପଞ୍ଚ ଲାବଣ୍ୟବତୀ ସେନାପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମାର୍ଶାଘାଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୀତାଲତା ପରିଡା, ପୂର୍ବତନ ଅଧ୍ୟକ୍ଷ ସଞ୍ଜୟ ଲେଙ୍କା, ବିଜେଡି ନେତା ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଗଙ୍ଗାଧର ପରିଡା, ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ଦାସ, ନାରୀ ନେତ୍ରୀ ଶର୍ମିଷ୍ଠା ନାୟକ, ଭାରତୀ ଦଳାଇ, ପ୍ରତାପ ମଲିକ, ମାର୍ଶାଘାଇ ସରପଞ୍ଚ ସରିତା ପ୍ରଧାନ, ଏବିଡିଓ ଦେବେନ୍ଦ୍ରନାଥ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମଙ୍ଗରାଜପୁର ସରପଞ୍ଚ ପ୍ରଦୀପ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଯୁବନେତା ଲଳିତ ସେନାପତି ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ୩୯ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା, ବେରୁହାଁ ପଞ୍ଚାୟତର ୨୫୦ ଜଣ ଏବଂ ମଙ୍ଗରାଜପୁର ପଞ୍ଚାୟତର ୪୦୦ ହିତାଧିକାରୀଙ୍କୁ ଏଲଇଡି ବଲ୍‌ବ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଖମଗାଁ ବିନ୍ଧା ଗୋପାଳଜୀଉ ବିଦ୍ୟାଳୟ ଓ ବେରୁହାଁର ବୁଡ଼ୀଜାଗୁଳାଇ ଉ.ପ୍ରା. ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ୨ ଟ୍ରଲର ଜବତ, ୧୦ ମତ୍ସ୍ୟଜୀବୀ ଗିରଫ

ରାଜନଗର, ୧୮।୨ (ଡି.ଏନ୍.ଏ.)

ରାଜନଗର ବ୍ଲକ ଅଧୀନ ଭିତରକନିକା ଜାତୀୟଉଦ୍ୟାନ ସଂଲଗ୍ନ ଗହୀରମଥା ନିଷିଦ୍ଧାଞ୍ଚଳରୁ ବେଆଇନ ଭାବେ ମାଛ ମାରୁଥିବା ବେଳେ ରବିବାର ରାତିରେ ୧୦ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ଏଥିସହ ୨ଟି ଟ୍ରଲରକୁ ବନବିଭାଗ ପାଟ୍ରୋଲିଂ ଟିମ୍ ଜବତ କରିଛନ୍ତି। ସୋମବାର ଗିରଫ ମତ୍ସ୍ୟଜୀବୀମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏସିଏଫ ଶ୍ରୀରାମପଦ ଅରବିନ୍ଦ ମିଶ୍ରଙ୍କ ନେତୃତ୍ୱରେ ବନବିଭାଗ ପାଟ୍ରୋଲିଂ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ହୁକିଟୋଲା ନିକଟରେ ମାଛ ମାରୁଥିବା ପାରାଦୀପ ଅଞ୍ଚଳର ସାଇକୃପା ଓ ଆକବରୀ ନାମକ ଦୁଇଟି ଟ୍ରଲରକୁ ଜବତ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋର ମା' ଲାଜେ ନ କାନ୍ଦେ,**
**ଯେବେ କାନ୍ଦେ ଦୁଆର ଦେଇ କାନ୍ଦେ।**

ପିଲାକୁ ଠିକ୍ ଶିକ୍ଷା ଦେଇ ଭଲ ମଣିଷ କରି ନ ପାରିଲେ, ପିଲା ଅବାଟରେ ଯାଇଥାଏ। ପିଲା ଯଦି ଚୋରି ନାରୀ ଆଦି ହୀନ କର୍ମ କରିବସେ, ତେବେ ଏହାକୁ କାହା ଆଗରେ କହି ଦୁଃଖ ପ୍ରକାଶ କରିବା ସମ୍ଭବପର ହୋଇ ନ ଥାଏ। ଲାଜ ସରମରେ ମନ ଦୁଃଖରେ ଏକୁଟିଆ ହୋଇ କେହି ନ ଦେଖିଲା ଭଳି ଲୁଚିକରି କାନ୍ଦିବା ସାର ହୋଇଥାଏ। ଏପରିସ୍ଥଳେ ଉପରକୁ କିଛି ନ ଜଣାଇ ମନେ ମନେ କାନ୍ଦିବା, ମନ କଷ୍ଟ କରିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚାକିରି ତାଳଗଛ ଛାଇ,**
**ଆଜି ଅଛି କାଲି ନାହିଁ।**

ତାଳଗଛ ଖୁବ୍ ଉଚ୍ଚ ପରନ୍ତୁ ଏହାର ଛାଇ ଖୁବ୍ କମ୍ ସମୟ ରହିଥିବା ହେତୁ ଥିବା ନ ଥିବା ସଙ୍ଗେ ସମାନ ହୋଇଥାଏ। ସେହିପରି ଅନ୍ୟର ଅଧୀନରେ କରାଯାଉଥିବା ଚାକିରି ଉପରେ ଭରସା ପାଉ ନ ଥାଏ। ଆଜି ଥିଲେ କାଲିକି ଚାକିରି ନ ଥିବା ଅସମ୍ଭବ ହୋଇ ନ ଥାଏ। ଚାକିରିର ସ୍ଥାୟିତ୍ୱ ଖୁବ୍ କମ୍ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଆଳିରେ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା


ସଭାରେ ବିଭିନ୍ନ ଦଳର ନେତା ଓ କର୍ମୀମାନେ।

ଆଳି, ୧୮।୨ (ଡି.ଏନ୍.ଏ.)

ଜମ୍ମୁ-କଶ୍ମୀରର ପୁଲ୍‌ୱାମାଠାରେ ଶହୀଦ ହୋଇଥିବା ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ସୋମବାର ଅପରାହ୍ନରେ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଆଳି ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ଅଧ୍ୟକ୍ଷତାରେ ଆଳି ହାଇସ୍କୁଲ ମିନି ଷ୍ଟାଡିୟମ୍ ପରିସରରେ ଏହି ସଭା ଆୟୋଜନ କରାଯାଇଥିଲା। ଏଥିରେ ଅତିଥି ଭାବେ ଭାଜପା ନେତା ବ୍ରଜସୁନ୍ଦର ଭୂୟାଁ, ଭକ୍ତବନ୍ଧୁ ମିଶ୍ର, କରୁଣାକର ତ୍ରିପାଠୀ, ପୂର୍ବତନ ସରପଞ୍ଚ ପର୍ଶୁରାମ ରାଉତରାୟ, ଶିକ୍ଷାବିତ୍ ମହେଶ୍ୱର ନନ୍ଦ, ଆଡଭୋକେଟ ଶରତ ଚନ୍ଦ୍ର ମହାନ୍ତି, ସାମାଜିକ କର୍ମୀ ବସନ୍ତ ରଥ, ଦାମୋଦର ଧଳ, ଶିକ୍ଷାବିତ୍ ପ୍ରମୋଦ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଶହୀଦ ମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିସହ ଆତଙ୍କବାଦୀଙ୍କ ଏହି ବର୍ବର କାଣ୍ଡକୁ ସମସ୍ତେ ନିନ୍ଦା କରିବା ସହ ଆତଙ୍କବାଦ ବିରୋଧରେ ସରକାର ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଥିଲା।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# ଆଖୁଆ ଶାନ୍ତିବନ ପୀଠରେ ବାର୍ଷିକ ଉତ୍ସବ

କେନ୍ଦ୍ରାପଡା ଅଫିସ, ୧୮।୨

କେନ୍ଦ୍ରାପଡା ବ୍ଲକ ଆଖୁଆଦକ୍ଷିଣୀ ଶାନ୍ତିବନ ପୀଠ ପରିସରରେ ଠାକୁର ଅଭିରାମ ପରମହଂସଙ୍କ ତୃତୀୟ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱ ଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ୫ ଦିନ ଧରି ଅନୁଷ୍ଠିତ ଏହି ଉତ୍ସବରେ ବାବାଜୀ ଅନ୍ତର୍ଯ୍ୟାମୀ ଦାସ ମହାରାଜ, ସଦାନନ୍ଦ ଦାସ ମହାରାଜ, ବାବାଜୀ ହରେକୃଷ୍ଣ ଦାସ ମହାରାଜ, ବାବାଜୀ ଗୌରହରୀ ଦାସ ଓ ବାବାଜୀ ଦିଗାମ୍ବର ଦାସ ମହାରାଜ ପ୍ରମୁଖ ଯୋଗଦେଇ ପ୍ରବଚନ ଦେଇଥିଲେ।

# କ୍ୟାଣ୍ଡେଲ ଶୋଭାଯାତ୍ରା

ମହାକାଳପଡା,୧୮।୨(ଡି.ଏନ୍.ଏ.)

କଶ୍ମୀର ପୁଲୱାମାରେ ଆତଙ୍କବାଦୀ ଆକ୍ରମଣରେ ୪୯ ଜଣ ଯବାନ ଶହୀଦ ହୋଇଛନ୍ତି। ବୀରଯବାନଙ୍କ ସଦ୍‌ଗତି ନିମନ୍ତେ ମହାକାଳପଡା ବ୍ଲକର ବିଭିନ୍ନ ଅନୁଷ୍ଠାନ,ପଞ୍ଚାୟତର ବଣିକସଂଘ ଓ ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ମହାକାଳପଡ଼ା ବ୍ଲକ ବାରଡ଼ାଙ୍ଗ ପଞ୍ଚାୟତର ସରପଞ୍ଚ ପୁଷ୍ପଲତା ରାଉତଙ୍କ ନେତୃତ୍ୱରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ପାରେଶ୍ୱରପୁର, ଜଗତି, ବାରଡାଙ୍ଗ, ବଡ଼ମଠ ଓ ମଳାଡ଼ିଅ ଆଦି ଗ୍ରାମ ପରିକ୍ରମା କରିଥିଲା। ସେହିପରି ବଟୀଘର, ଖରିନାସୀ, ଜମ୍ବୁ, ରାମନଗର, ଛପାଲି, କୋଚିଲା ଓ ମଙ୍ଗଳପୁର ଆଦି ଅଞ୍ଚଳରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ବଉଳକଣୀ ପଞ୍ଚାୟତର ଟାଙ୍କିବେଲାରୀ ଗ୍ରାମର ଖ୍ରୀଷ୍ଟଧର୍ମୀ ମହିଳା ସଂଗଠନ ପକ୍ଷରୁ ସ୍ଥାନୀୟ ଚର୍ଚ୍ଚରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲା।

**ଡେରାବିଶ,(ସ୍ୱ.ପ୍ର.):**କଶ୍ମୀରର ପୁଲୱାମାଠାରେ ଶହୀଦ ହୋଇଥିବା ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ସୋମବାର ଡେରାବିଶ ବ୍ଲକର ପେଣ୍ଠ ବଜାର ବନ୍ଦ ରହିଛି। ସେହିପରି ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ବଜାରରେ ଶହୀଦ ଯବାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼ ସଭାପତି ତେଜେଶ୍ୱର ପରିଡ଼ା ଏହାର ନେତୃତ୍ୱ ନେଇଥବାବେଳେ ସମୀରରଞ୍ଜନ ନାୟକ, ଗଗନ ବିହାରୀ ମହାନ୍ତି, ଗୟାଧର ମୁଦୁଲି ଓ ରମାକାନ୍ତ ଦାସ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଲେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୁଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସମ୍ପର୍କ କରନ୍ତୁ
9997928820

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469, 8395030162

ଲୋନ୍ LOAN
ପର୍ସନାଲ ଲୋନ୍, ହୋମ ଲୋନ୍, ବ୍ୟବସାୟିକ, ପ୍ରୋଜେକ୍ଟ, ମଡ୍‌ଗେଜ, କୃଷି, ସ୍ୱରୋଜଗାର ଲୋନ୍।
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No.15 HB Colony, Lewis Road Bhubaneswar-751002
8987997062

Baba Kamal Khan
7th Time Gold Medalist
Jharsuguda, Odisha
୭ ଇଲମ ଜାଣିବାରେ ମାହିର
(ମୋହିନି ବଶିକରଣ ଏବଂ ମୁଠ୍‌କରଣୀ ସ୍ପେଶାଲିଷ୍ଟ)
ପ୍ରେମରେ ଧୋକା, ପତି-ପତ୍ନୀ କନ୍ଦଳ, ସଉତୁଣୀ ଓ ଶତ୍ରୁ ମୁକ୍ତି,ବିବାହରେ ବାଧା, ଗୃହକ୍ଲେଶ, ବ୍ୟବସାୟରେ ବାଧା, ପ୍ରେମ ବିବାହ,ଜୁଆ, ଭୁତ-ପ୍ରେତ ଇତ୍ୟାଦି ଘରେବସି ୭ ଘଣ୍ଟାରେ ସମାଧାନ
କାମ ନହେଲେ ମନଚାହାଁ ପୁରସ୍କାର
7064890616

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ।
ଆଜି ହିଁ ସଂପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

LOAN
ଟଙ୍କା ନେଉନୁ - ଧୋକା ଦେଉନୁ
ଆଗେ କାମ - ପରେ ଦାମ୍
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ 40% ରିହାତି
ଠକମାନଙ୍କ ପ୍ରତି ସାବଧାନ - ଯୋଗାଯୋଗ କରନ୍ତୁ -
7310612716, 7310616567
SCO- 106, Second Floor, Vishal Tower, Cannaught Place, Delhi.

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

DSPL-421




*Following up on the 5 phases of ground-breaking/inauguration of 68 Industrial units and the successful organization of Make in Odisha Conclave 2018, Invest Odisha is pleased to announce ...*

# 6th Phase of Ground-breaking of 18 New Industrial Projects* Spanning 8 Sectors

by

## Shri Naveen Patnaik

Hon'ble Chief Minister

**at 10:30 AM on February 19, 2019**

***( Inauguration )***

| | |
|---|---|
| BRPL (Expansion), Kalinganagar | Emami Cement , Jajpur |
| Jay Bharat Spices, Cuttack | Utkal Bricks & Industries, Khurdha |

***( Ground-Breaking )***

| | |
|---|---|
| AB Dinesh Concrete, Cuttack | Agrilink Food Processing, Ramdaspur |
| AKM Agro, Khurda | Brightstar Exim House, Deras |
| Hindalco Coal Gasification, Hirakud | Hindalco Solar, Sambalpur |
| Hindustan Coca Cola Beverages, Khurda | Infunex Healthcare, Ramdaspur |
| Narbheram Power & Steel, Dhenkanal | Odisha Aqua Traders & Marine Exporters, Deras |
| Omjay EV, Jajpur | Runaya Refining, Jharsuguda |
| Sapphire Alumina, Angul | Sushma Ferro Alloys, Angul |

***Investment of Rs. 2,196 crore with potential employment for 3,465**

ODISHA
NEW OPPORTUNITIES

For further information please visit http://www.investodisha.gov.in/ Contact us at email: info@investodisha.org | Toll Free Number: 1800 345 7111

Download our mobile app **'InvestOdisha'** from Follow us on @investInOdisha /investOdisha

14005/13/0067/1819

## ସଂକ୍ଷେପରେ

### ବଜରଙ୍ଗ ଦଳର ଯୁବ ସମାବେଶ

**କେନ୍ଦ୍ରାପଡା ଅଫିସ, ୧୮।୨:** କେନ୍ଦ୍ରାପଡ଼ା ସହରର ଟେଲିକମ୍ ଗ୍ରାଉଣ୍ଡ ପଡ଼ିଆରେ ବଜରଙ୍ଗ ଦଳର କେନ୍ଦ୍ରାପଡା ଜିଲା ଶାଖା ପକ୍ଷରୁ ସୋମବାର ଯୁବ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଗୋପୀନାଥ ତ୍ରିପାଠୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମାବେଶରେ ରାଷ୍ଟ୍ରୀୟ ସଂଯୋଜକ ମୋହନ ଜୀ ସୋଲାଙ୍କି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏଥିରେ ବିଶ୍ୱହିନ୍ଦୁ ପରିଷଦର ରାଜ୍ୟ ସମ୍ପାଦକ ପ୍ରଶାନ୍ତ କୁମାର ପଣ୍ଡା, ସୁରକ୍ଷା ପ୍ରମୁଖ ହିମାଂଶୁଭୂଷଣ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଆତଙ୍କବାଦକୁ ପ୍ରୋତ୍ସାହିତ କରୁଥିବା ସଂଗଠନ ଓ ଦେଶରେ ଅସହିଷ୍ଣୁତା ବଢୁଥିବା କହୁଥିବା ଭାରତୀୟ ନାଗରିକଙ୍କୁ ସମାଲୋଚନା କରିଥିଲେ। ରାଜକିଶୋର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅକ୍ଷୟ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ବଜରଙ୍ଗ ଦଳର ବୀରେନ୍ଦ୍ର କୁମାର ସାମଲ, ସତ୍ୟପ୍ରିୟ ଜେନା, ସରୋଜକାନ୍ତ ଦାସ, ସୁକୁମାର ଚୌଧୁରୀ, ଲୋକନାଥ ଦାସ ଓ ଦେବେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତଥିଲେ।

### ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ରାଜନଗର, ୧୮।୨(ଡିଏନଏ):** ରାଜନଗର ବ୍ଲକ ବାର୍ହାପୁରସ୍ଥିତ ସପନେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସଞ୍ଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଶିକ୍ଷାବିତ୍ ଉମେଶ ଚନ୍ଦ୍ର ଜେନା ମୁଖ୍ୟଅତିଥି, ଇଂରାଜୀ ଅଧାପକ ସତ୍ୟବାଦୀ ଜେନା ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହେମନ୍ତ କୁମାର ରାଉତ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପ୍ରମୋଦ କୁମାର ଦାସ, ଅଶୋକ କୁମାର ଜେନା, ସିଆରସିସି ଅକ୍ଷୟ କୁମାର ରାଉତ, ରମାରଞ୍ଜନ ମଲ୍ଲିକ, ପ୍ରସନ୍ନ କୁମାର ଦାସ, କଳ୍ପତରୁ ଖଣ୍ଡୁଆଳ, ସଞ୍ଜୟ ଖଣ୍ଡୁଆଳ, ଅଭିରାମ ରାଉତ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରାକ୍ତନ ପ୍ରଧାନଶିକ୍ଷକ ସରୋଜ କୁମାର ସ୍ୱାଇଁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଞ୍ଜୁଲତା ଜେନା, ଖଗେନ୍ଦ୍ର ସାହୁ, ରମେଶ ମଣ୍ଡଳ, କୃଷ୍ଣ ବେହେରା, ପ୍ରଫୁଲ୍ଲ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

### ଗୁହାଳ ଜଳିଗଲା

**ଡେରାବିଶ,୧୮।୨ (ସ୍ୱ.ପ୍ର.):** ଡେରାବିଶ ବ୍ଲକ ରଘୁଦେଈପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଗ୍ରାମରେ ସୋମବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର କାଶୀନାଥ ଦାଶଙ୍କ ଏକ ବଖରା ଗୁହାଳ ପୋଡ଼ିଯାଇଛି। କାଶୀନାଥ ସବୁଦିନ ପରି ଗାଈ ଓ ବାଛୁରୀଙ୍କୁ ଗୁହାଳରେ ବନ୍ଦ କରି ଶୋଇବାକୁ ଯାଇଥିଲେ। ବିଳମ୍ବିତ ରାତିରେ ହଠାତ୍ ଗୁହାଳ ଜଳୁଥିବାର ଦେଖି ସ୍ଥାନୀୟ ଲୋକେ ଡେରାବିଶ ଅଗ୍ନିଶମ ସେବାସଂସ୍ଥାକୁ ଖବର ଦେଇଥିଲେ। ବିଭାଗୀୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଗାଈ ଓ ବାଛୁରୀଙ୍କୁ ଉଦ୍ଧାର କରିଥିଲେ। ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡିନାହିଁ।

■ ବସୁନ୍ଧରା ଯୋଜନାରେ ଜମି ପ୍ରଦାନ ବିଳମ୍ବ

# ସ୍ଥାୟୀ ଜମି ଅପେକ୍ଷାରେ ୪୧୮୭ ଭୂମିହୀନ

**କେନ୍ଦ୍ରାପଡା ଅଫିସ, ୧୮।୨**

■ ୫୨୭୨ ଜଣଙ୍କୁ ମିଳିଛି ୪୪୩ରୁ ଊର୍ଦ୍ଧ୍ୱ ଏକର ଜମି
■ ୨୦୧୧ରେ ଥିଲେ ୨୫୧୨ ଭୂମିହୀନ ପରିବାର

କେନ୍ଦ୍ରାପଡା ଜିଲାରେ ଭୂମିହୀନଙ୍କ ସଂଖ୍ୟା ପ୍ରତିବର୍ଷ ବଢ଼ିଚାଲିଥିବା ବେଳେ ବସୁନ୍ଧରା ଯୋଜନାରେ ବିଳମ୍ବରେ ଜମି ମିଳୁଥିବା ଅଭିଯୋଗ ହେଉଛି। ଯୋଗ୍ୟହିତାଧିକାରୀମାନେ ଯୋଜନାରେ ସାମିଲ ହୋଇ ପାରୁ ନ ଥିବାବେଳେ ଧନୀ ବ୍ୟକ୍ତିମାନେ ସରକାରୀ କର୍ମଚାରୀଙ୍କୁ ହାତବାରିଶି କରି ଯୋଜନାରେ ସାମିଲ ହେଉଛନ୍ତି। ଏନେଇ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

୨୦୧୧ ଜନଗଣନାରେ ଜିଲାରେ ୨୫୧୨ ଭୂମିହୀନ ପରିବାର ଚିହ୍ନଟ ହୋଇଥିଲେ। ଇତିମଧରେ ଏହି ସଂଖ୍ୟାରେ ବୃଦ୍ଧି ଘଟିଥିବାବେଳେ ଗତ ଜାନୁୟାରୀ ସୁଦ୍ଧା ବସୁନ୍ଧରା ଯୋଜନାରେ ୫୨୭୨ ପରିବାରଙ୍କୁ ସାମିଲ କରାଯାଇ ମୋଟ ୪୪୩.୧୬୪ ଏକର ଜମି ପ୍ରଦାନ କରାଯାଇଛି। ଅପରପକ୍ଷେ ବହୁ ହିତାଧିକାରୀ ଯୋଜନାରେ ସାମିଲ ହେବା ପାଇଁ ଆବେଦନ କରିଥିବା ବେଳେ ତାହା ସରକାରୀ ନାଳିଫିତା ତଳେ ଚାପି ହୋଇରହିଛି। ଜିଲା ପ୍ରଶାସନ ନିକଟରେ ଏହି ଯୋଜନାରେ ସାମିଲ ହେବା ପାଇଁ ୪୧୮୭ଟି ଆବେଦନପତ୍ର ପଡିରହିଛି।

ପ୍ରକାଶଯେ, ଗତ ଜାନୁୟାରୀ ଶେଷ ସୁଦ୍ଧା କେନ୍ଦ୍ରାପଡା ବ୍ଲକରେ ୩୯୩, ଆଳିରେ ୪୧୬, ଡେରାବିଶରେ ୧୫୧, ଗରଦପୁରରେ ୨୧୭, ରାଜକନିକାରେ ୫୮୨, ମାର୍ଶାଘାଇରେ ୭୫୯, ମହାକାଳପଡାରେ ୧୪୬୫, ପଟ୍ଟାମୁଣ୍ଡାଇରେ ୮୦୯ ଓ ରାଜନଗର ବ୍ଲକରେ ୪୮୦ ହିତାଧିକାରୀ ଏଥିରେ ସାମିଲ ହୋଇଛନ୍ତି। ଭୂମିହୀନଙ୍କ ସ୍ଥାୟୀ ବସବାସ ନିମନ୍ତେ ମାଗଣା ଜମି ଯୋଗାଇ ଦେବା ଲାଗି ରାଜ୍ୟ ସରକାର ୨୦୦୬ ମସିହାରେ ବସୁନ୍ଧରା ଯୋଜନା ଆରମ୍ଭ କରିଥିଲେ। ମାତ୍ର ଜମି ପ୍ରଦାନ କ୍ଷେତ୍ରରେ ଅହେତୁକ ବିଳମ୍ବ ହେଉଥିବା ସାମାଜିକ କର୍ମୀ ପ୍ରତାପ କୁମାର ପାଢ଼ୀ ପ୍ରକାଶ କରିଛନ୍ତି। ୨୦୧୭ରେ ଫେବୃୟାରୀରେ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଯୁଗ୍ମ ସଚିବ ଶଶଧର ନାୟକ ରାଜ୍ୟର ପ୍ରତ୍ୟେକ ଜିଲାରେ ଥିବା ତୃତୀୟ ଲିଙ୍ଗ ବ୍ୟକ୍ତିଙ୍କୁ ବସୁନ୍ଧରା ଯୋଜନାରେ ସାମିଲ କରିବା ପାଇଁ ଜିଲାପାଳମାନଙ୍କୁ ଚିଠି କରିଥିଲେ। ମାତ୍ର କେନ୍ଦ୍ରାପଡା ଜିଲାରେ ଏହା କାର୍ଯ୍ୟକାରୀ କରିବାରେ ଅବହେଳା ପ୍ରଦର୍ଶନ କରାଯାଇଥିବା ଅଭିଯୋଗ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ଅଦ୍ୟାବଧି କୌଣସି ବ୍ୟକ୍ତିଙ୍କୁ ବାସଗୃହ ପାଇଁ ଜମି ଯୋଗାଇ ଦିଆଯାଇନାହିଁ। ଅପରପକ୍ଷେ ଓଡ଼ିଶା ସୂଚନା ଅଧିକାର ଅଭିଯାନର ଜିଲା ଆବାହକ ରଞ୍ଜନ କୁମାର ଦାସ ବସୁନ୍ଧରା ଯୋଜନାରେ ବହୁ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ୨୦୧୧ ଜନଗଣନା ସମୟରେ ଜିଲାରେ ୨୫୧୨ ଜଣ ଭୂମିହୀନ ଚିହ୍ନଟ ହୋଇଥିଲେ। ତେବେ ଇତିମଧ୍ୟରେ କେବଳ ମହାକାଳପଡା ବ୍ଲକ ଅଞ୍ଚଳରେ ୧୪୬୫ ଜଣଙ୍କୁ ବସୁନ୍ଧରା ଯୋଜନାରେ ସାମିଲ କରାଯାଇ ଜମି ବଣ୍ଟନ ହୋଇଛି। ଏହି ବ୍ଲକରେ ବିଭିନ୍ନ ସମୟରେ ଜାଲ ପଟ୍ଟା ଓ ପାଉତି ପ୍ରଦାନ କରାଯାଇଛି। ଦିଆଯାଇଥିବା ଜମି ପଟ୍ଟାର ସରଜମିନ ତଦନ୍ତ କଲେ ବହୁ କେଳେଙ୍କାରୀ ପଦାକୁ ଆସିବ ବୋଲି ସେ କହିଛନ୍ତି। ଏସମ୍ପର୍କରେ ଉପ ଜିଲାପାଳ ସଞ୍ଜୟ କୁମାର ମିଶ୍ର କହିଛନ୍ତି , ଯୋଜନା କାର୍ଯ୍ୟକାରୀ କରିବାରେ ବିଭିନ୍ନ ସମସ୍ୟା ରହିଛି। କର୍ମଚାରୀଙ୍କ ଅଭାବ ଥିବା ଯୋଗୁ ତୃଣମୂଳସ୍ତରରେ ଯୋଜନାରେ ଆବଶ୍ୟକ ପଦକ୍ଷେପ ନିଆଯାଇପାରୁନାହିଁ। ତେବେ କେନ୍ଦ୍ରାପଡା ଜିଲାରେ ଏହା ଠିକ୍ ଢ଼ଙ୍ଗରେ ଚାଲୁଛି। ଏହି ଯୋଜନାରେ ଆବେଦନ କରିଥିବା ଭୂମିହୀନଙ୍କୁ ତୁରନ୍ତ ସାମିଲ କରିବା ପାଇଁ ସାଧାରଣରେ ଦାବି ହୋଇଛି।



ଉର୍ଦ୍ଦୁ ବଜାର କମିଟି ପକ୍ଷରୁ ପୁରୁଣା ବସଷ୍ଟାଣ୍ଡ ଠାରେ ବିକ୍ଷୋଭ।

## ପାକିସ୍ତାନ ମୁର୍ଦ୍ଦାବାଦ ସ୍ୱରରେ କମ୍ପିଲା ବଜାର

**କେନ୍ଦ୍ରାପଡା ଅଫିସ, ୧୮।୨**

କଶ୍ମୀରର ଫୁଲଓ୍ୱାମାଠାରେ ଆତଙ୍କି ହାମ୍‌ଲାରେ ୪୯ ବୀର ଯବାନ ଶହୀଦ ହୋଇଛନ୍ତି। ଦେଶର ବିଭିନ୍ନ ସ୍ଥାନରେ ଏହାକୁ ବିରୋଧ କରାଯାଇ ପ୍ରତିବାଦ ସ୍ୱର ଉଠିଛି। ବ୍ୟବସାୟୀ ସଂଘ ଆହ୍ୱାନ କ୍ରମେ କେନ୍ଦ୍ରାପଡା ଜିଲାର ବିଭିନ୍ନ ସ୍ଥାନରେ ସୋମବାର ଦୋକାନ ବଜାର ବନ୍ଦ ରହିଛି। ଏଥିସହ ବ୍ୟବସାୟୀ ସଂଘ ପକ୍ଷରୁ ସହର ମଧରେ ଶୋଭାଯାତ୍ରା କରାଯାଇ ପାକିସ୍ତାନ ମୁର୍ଦ୍ଦବାଦ ନାରା ଦିଆଯାଇଛି। ଏଥିସହ କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ କରିବାକୁ ଦାବି ହୋଇଥିଲା। ସହରର ପୁରୁଣା ବସଷ୍ଟାଣ୍ଡ ସମେତ ବିଭିନ୍ନ ସ୍ଥାନରେ ଶହୀଦଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା କରାଯାଇଛି। ସହରର ଉର୍ଦ୍ଦୁ ବଜାର କମିଟି ପକ୍ଷରୁ ଆୟୋଜିତ ଶୋଭାଯାତ୍ରାରେ ୩୦୦ରୁ ଊର୍ଦ୍ଧ୍ୱ ମୁସଲମାନ ସମ୍ପ୍ରଦାୟର ବ୍ୟକ୍ତି ସାମିଲ ହୋଇଛନ୍ତି।

**ରାଜକନିକା,(ଡି.ଏନ୍.ଏ.):** କଶ୍ମୀରର ଫୁଲଓ୍ୱାମାଠାରେ ହୋଇଥିବା ଆତଙ୍କାବାଦୀ ହାମଲାକୁ ସୋମବାର ରାଜକନିକାସ୍ଥିତ ମଲିସାହାଡା ଗ୍ରାମର ମୁସଲମାନ ସମ୍ପ୍ରଦାୟର ଲୋକେ ବିରୋଧ କରିଛନ୍ତି। ପାକିସ୍ତାନ ଦ୍ୱାରା ପ୍ରାୟୋଜିତ ଏଭଳି ଆତଙ୍କବାଦୀ କାର୍ଯ୍ୟକୁ ସେମାନେ ଦୃଢ଼ ନିନ୍ଦା କରିଛନ୍ତି। ସେହିପରି ମଲ୍ଲିସାହାଡାବସ୍ତିରୁ ୨୦୦ରୁ ଊର୍ଦ୍ଧ୍ୱ ମୁସଲିମ୍ ହାତରେ ତିରଙ୍ଗା ଧରି ଏକ ବାଇକ୍ ଶୋଭାଯାତ୍ରାରେ ବାହାରି ଆଖୁଳିପଡା, ବରାଡିଆ, ତରାସ, ବାଘବୁଦା, ଜାଗୁଲାଇପଡା ଓ କଣ୍ଟାପଡା ଆଦି ପଞ୍ଚାୟତ ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାର ନେତୃତ୍ୱ ନଇମ ଖାଁ, ମଇମୁଦ୍ଦିନ ସାହ, ମଲ୍ଲିସାହାଡା ମସ୍‌ଜିଦର ମୌଲବୀ ଏବଂ ଗାଁ ମୁରବୀମାନେ ନେଇଥିଲେ।

ବିଦ୍ୟୁତ୍ ଠିକା କର୍ମଚାରୀ ସଂଘର ଧାରଣା

## ସ୍ଥାୟୀ ନିଯୁକ୍ତି, ନିର୍ଦ୍ଦିଷ୍ଟ ହାର ବେତନ ଦାବି


ଚାନ୍ଦୋଳ ଏନ୍‌ଜେନ୍ ଅଫିସ ଆଗରେ ଠିକା କର୍ମଚାରୀଙ୍କ ଧାରଣା।

**ଡେରାବିଶ,୧୮।୨ (ସ୍ୱ.ପ୍ର.)**

ଏନ୍‌ଜେନ୍ କମ୍ପାନୀ ଅଧୀନ କେନ୍ଦ୍ରାପଡ଼ା ଜିଲା ବିଦ୍ୟୁତ୍ ଠିକା କର୍ମଚାରୀ ସଂଘ ସ୍ଥାୟୀ ନିଯୁକ୍ତି ଓ ନିର୍ଦ୍ଦିଷ୍ଟ ବେତନହାର ଦାବିରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। ଏହି ଅବସରରେ ସୋମବାର ଡେରାବିଶ ବ୍ଲକ ଅନ୍ତର୍ଗତ ଏନ୍‌ଜେନ୍ ଚାନ୍ଦୋଳ ସେକ୍ସନ୍‌ର ଠିକା କର୍ମଚାରୀ କାମବନ୍ଦକରି କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରିଥିଲେ। ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱରେ ଥିବା ଏନ୍‌ଜେନ୍ କମ୍ପାନୀ ଶ୍ରମିକ ଓ କର୍ମଚାରୀମାନଙ୍କୁ ଠିକାରେ ନିଯୁକ୍ତି ଦେଇ ଦରମା ବଦଳରେ କମିଶନ ଆଧାରରେ ପାରିଶ୍ରମିକ ପ୍ରଦାନ କରୁଛି। ଏନେଇ ଶ୍ରମିକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ନିଯୁକ୍ତ ଶ୍ରମିକମାନଙ୍କୁ ବିନା କାରଣରେ ଛଟେଇ କରାଯିବା ଯୋଗୁ ବହୁ ଶ୍ରମିକ ବେକାର ହୋଇଯାଇଥିବା ଅଭିଯୋଗ ହୋଇଛି। ଏଣୁ ଠିକା ବଦଳରେ ସ୍ଥାୟୀ ନିଯୁକ୍ତି ଏବଂ ନିର୍ଦ୍ଦିଷ୍ଟ ହାରରେ ବେତନ ଦେବା ପାଇଁ ସଂଘ ପକ୍ଷରୁ ବାରମ୍ବାର ଦାବି ହେଉଥିଲା। ମାତ୍ର କୌଣସି ସୁଫଳ ନ ମିଳିବାରୁ ସେମାନେ ଆନ୍ଦୋଳନରେ ବସିଛନ୍ତି ବୋଲି କହିଛନ୍ତି। ଚାନ୍ଦୋଳ ସେକ୍ସନ୍‌ର କର୍ମଚାରୀ ସଂଘର ନେତୃତ୍ୱ କାହ୍ନୁଚରଣ ପ୍ରଧାନ ନେଉଥିବା ବେଳେ ନିରୋଦ ମଲ୍ଲ, ଶ୍ରୀନାଥ ଘଡ଼େଇ, ରବୀନ୍ଦ୍ର ନାୟକ, ବିଜୟ କେତନ ପଣ୍ଡା, ନରେଶ ବାରିକ, ଦିଲ୍ଲୀପ ନାୟକ ଓ ଅଖିଳେଶ ମିଶ୍ର ପ୍ରମୁଖ ଏହି ଧାରଣାରେ ସାମିଲ ହୋଇଛନ୍ତି।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ

**ରାଜକନିକା,୧୮।୨(ଡି.ଏନ୍.ଏ)**

ରାଜକନିକା ଅବସରପ୍ରାପ୍ତ କର୍ମଚାରୀ ସଂଘର ୩୪ତମ ବାର୍ଷିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜକନିକା ବାଘବୁଦା ଉନ୍ନୀତ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ସମ୍ମିଳନୀରେ ବ୍ଲକର ୧୫୩ ଜଣ ଅବସରପ୍ରାପ୍ତ କର୍ମଚାରୀ ଯୋଗଦେଇଥିଲେ। ସମ୍ମିଳନୀରେ ଅବସରପ୍ରାପ୍ତ କର୍ମଚାରୀ ଦମ୍ପତ୍ତିଙ୍କୁ ଚିକିତ୍ସା ଭତ୍ତା, ୨୦୦୬ରୁ ଅବସର ନେଇଥିବା କର୍ମଚାରୀଙ୍କ ଅଧା ପେନସନ ତୁରନ୍ତ ପ୍ରଦାନ ଏବଂ ଅର୍ପଣ ଯୋଜନାକୁ ବିଦ୍ଧିବଦ୍ଧ ଭାବେ ଲାଗୁ କରାଇବାକୁ ଦାବି ହୋଇଥିଲା। ସଂଘର ସଭାପତି ପୀତାମ୍ବର ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ କାଳୀପ୍ରସାଦ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିରେ ସଂଘର କାର୍ଯ୍ୟକାରୀ ସଭାପତି ଉଦୟ ନାଥ ନାୟକ, ଯୁଗ୍ମ ସମ୍ପାଦକ କୃତ୍ତିବାସ ନାୟକ, ଆଳି ବ୍ଲକର ଉପସଭାପତି ଲକ୍ଷ୍ମୀଧର ଦୀକ୍ଷିତ, ଧନେଶ୍ୱର ରାଉତ ଏବଂ ଜିଲା ସଂଘର ସଦସ୍ୟ ବାଞ୍ଛାନିଧି ସୂତାର ପ୍ରମୁଖ ଉପସ୍ଥିତ ଥିଲେ।

୧୨ ଘଣ୍ଟିଆ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ

# ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**ପଟ୍ଟାମୁଣ୍ଡାଇ, ୧୮।୨ (ସ୍ୱ.ପ୍ର.)**

ଜମ୍ମୁ-କଶ୍ମୀରର ପୁଲ୍‌ୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ବୀର ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ସୋମବାର ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ବନ୍ଦ ରହିଥିଲା। ପଟ୍ଟାମୁଣ୍ଡାଇ ବଣିକ ସଂଘ, କଲେଜ ରୋଡ୍ ବ୍ୟବସାୟୀ ସଂଘ ମହାବୀର ବଜାର, ଲକ୍ଷ୍ମୀନାରାୟଣ ବଜାର, ହରଗୌରୀ ବଜାର, ନୀଳମାଧବ ବଜାରର ସମସ୍ତ ବ୍ୟବସାୟୀ ବଜାର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାରେ ବ୍ୟବସାୟୀଙ୍କ ସମେତ ବିଭିନ୍ନ ଗଣ ସଂଗଠନ, ସ୍ୱେଚ୍ଛାସେବୀ ସଂଗଠନ, ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ ସଂଗଠନ, ନାଗରିକ ମଞ୍ଚ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଗଠନ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ। ବ୍ୟବସାୟ ପ୍ରତିଷ୍ଠାନ ସମେତ ପେଟ୍ରୋଲ ପମ୍ପଗୁଡିକ ମଧ୍ୟ ସନ୍ଧ୍ୟା ପର୍ଯ୍ୟନ୍ତ ବନ୍ଦ ରହିଥିଲା। ସେହିପରି ପଟ୍ଟାମୁଣ୍ଡାଇ ବ୍ଲକ ମଣ୍ଡପଡ଼ା ଯୁବକ ସଂଘ, ଗିରି ସାହି ମା'ମଙ୍ଗଳା ଯୁବକ ସଂଘ ସମେତ ଅନ୍ୟ କେତେକ ସଂଗଠନ ପକ୍ଷରୁ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା।

**ଆଳି, (ଡି.ଏନ୍.ଏ.):** ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ଉଦ୍ଦେଶ୍ୟରେ ଆଳି ଅଞ୍ଚଳର ପ୍ରମୁଖ ବ୍ୟବସାୟ ପେଣ୍ଠସ୍ଥଳୀ ଆଳି ନୂଆବଜାର, ପୁରୁଣାବଜାର, ମହାବୀର ବଜାର, ତହସିଲ ରୋଡ, ମେଡିକାଲ ରୋଡ, ମିଲବଜାର, ଡାକବଙ୍ଗଳା ଛକ, ନିଆଳ ହାଟ ଆଦି ସ୍ଥାନରେ ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା।

**ରାଜନଗର, (ଡି.ଏନ୍.ଏ)** ରାଜନଗର ପ୍ରେସ କ୍ଲବ ପକ୍ଷରୁ ସ୍ଥାନୀୟ ଦେବୀ ମଣ୍ଡପ ସମ୍ମୁଖରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ୪୯ ଦୀପଦାନ କରାଯିବା ସହ ସହ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ରାଜନଗର ଆଇଆଇସି ସୁକାନ୍ତ କୁମାର ପାତ୍ର, ବରିଷ୍ଠ ଖବରଦାତା ବସନ୍ତ କୁମାର ହାତି, ସୁଶାନ୍ତ କୁମାର ସାହୁ, ଅମୂଲ୍ୟ ମହାପାତ୍ର, ବଣିକ ସଂଘ ସଭାପତି ମୃତ୍ୟୁଞ୍ଜୟ ମିଶ୍ର, ଜଗନ୍ନାଥ ଦାସ, ବିଜୟ କୁମାର ଗୁପ୍ତା, ଦୋଳଗୋବିନ୍ଦ ଜେନା ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ସେହିପରି ରାଜନଗର ବଣିଜ ସଂଘ, ରାଜନଗର ସପ୍ତାହିକ ହାଟ, ରାଜଗଡ ଗାଁର ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱର ଯୁବକସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହ ବ୍ଲକ ଅଞ୍ଚଳର ବିଭିନ୍ନ ବ୍ୟବସାୟ ସଂଗଠନ ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା।

**ପାଟକୁରା, (ଡି.ଏନ୍.ଏ.):** ସେହିପରି ଗରଦପୁର ବ୍ଲକ ଅଞ୍ଚଳସ୍ଥିତ ବିଭିନ୍ନ ବ୍ୟବସାୟ ଅନୁଷ୍ଠାନ, ଦୋକାନ, ବଜାର ଆଦି ବନ୍ଦ ରହିଥିଲା। ପାଟକୁରା ଥାନା ଅଧୀନ ନୂଆପଡାସ୍ଥିତ ଚିଡ୍ରୋପୂଳା ବଣିକ ସଂଘ ପକ୍ଷରୁ ପୂର୍ବାହ୍ନରେ ନୂଆପଡା ବଜାରର ଛକଠାରେ ଶହୀଦମାନଙ୍କ ଫଟୋରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ବଜାର କମିଟି ସଭାପତି ନିରଞ୍ଜନ ଦାସ, ଉପଦେଷ୍ଟା ଡା. ବିଷ୍ଣୁ ଚରଣ ପ୍ରଧାନ, ଜ୍ୟୋତି ରଞ୍ଜନ ପରିଡ଼ା, ଆଲୋକ କୁମାର ପରିଜା, କୈଳାସ ଚନ୍ଦ୍ର ସାହୁ ଓ ଉଦୟଭାନୁ ମଲ୍ଲ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଲୋକ ବାଇକ୍ ଶୋଭାଯାତ୍ରରେ ବାହାରି ସ୍ଥାନୀୟ ଅଞ୍ଚଳ ପରିକ୍ରମା କରିଥିଲେ।

**ମାର୍ଶାଘାଇ, (ଡି.ଏନ୍.ଏ.):** ମାର୍ଶାଘଇ ବ୍ଲକ ଅଞ୍ଚଳର ମସସ୍ତ ବ୍ୟବସାୟ ପ୍ରତିଷ୍ଠାନ ସୋମବାର ବନ୍ଦ ରଖାଯାଇଥିଲା। ମାର୍ଶାଘାଇ ବଜାର ସମେତ ଶିଳିପୁର ଛକ, କ୍ରସିଂ, ହଜାରୀ ଛକ, କୁହୁଡି ଛକ, ଜଗଦିଶପୁର ସ୍କୁଲ ଛକ ପ୍ରଭୃତି ସ୍ଥାନରେ ଛୋଟବଡ଼ ସମସ୍ତ ଦେକାନ ବଜାର ବନ୍ଦ ରହିଥିଲା। ଏହି ଅବସରରେ ମାର୍ଶାଘାଇ ବଜାରର ଯୁବ ବ୍ୟବସାୟୀ ଶଶିକାନ୍ତ ବେହେରା, ସଞ୍ଜୟ ସାହୁଙ୍କ ନେତୃତ୍ୱରେ ଏକ ବାଇକ ରାଲି ଅନୁଷ୍ଠିତ ହୋଇଥିଲା। ସୂର୍ଯ୍ୟ ପ୍ରକାଶ ମାହେଶ୍ୱରୀ, ନିଃସ୍ୱାର୍ଥସେବକ ନାୟକ, ପ୍ରଶାନ୍ତ ବେହେରା, ହୃଷୀକେଶ ବେହେରା, ଚୈତନ୍ୟ ବେହେରା, ସନ୍ତୋଷ ସାହୁଙ୍କ ସମେତ ଶତାଧିକ ବ୍ୟବସାୟୀ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।






ପୁଲୱାମାରେ ଶହୀଦ ଯବାନଙ୍କ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ପଟ୍ଟାମୁଣ୍ଡାଇ ବ୍ୟବସାୟ ସଂଘ, ମହାକାଳପଡ଼ା ଓ ପାଟକୁରା ଅଞ୍ଚଳରେ ବିଭିନ୍ନ ସଂଘ ଓ ସଂଗଠନ ପକ୍ଷରୁ ବନ୍ଦ ପାଳନ।






ପଟ୍ଟାମୁଣ୍ଡାଇ ମଣ୍ଡପଡ଼ା ଯୁବକ ସଂଘ, ଡେରାବିଶ ଓ ଆଳି ବ୍ଲକ ଅଞ୍ଚଳରେ ବିଭିନ୍ନ ସଂଘ ଓ ସାଧାରଣ ଲୋକଙ୍କ ପକ୍ଷରୁ ବନ୍ଦ ପାଳନ ଓ କ୍ୟାଣ୍ଡେଲ ଶୋଭାଯାତ୍ରା।



“ରାଜନୈତିକ ସ୍ତରରେ କଶ୍ମୀର ପ୍ରସଙ୍ଗର ସମାଧାନ କରା ନ ଯିବା ଯାଏ ପୁଲ୍‌ୱାମା ଭଳି ଆତଙ୍କବାଦୀ ଆକ୍ରମଣ ଜାରି ରହିବ ।
- ଫାରୁକ୍ ଅବ୍‌ଦୁଲ୍ଲା, ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ



## ସଂକ୍ଷେପରେ

### ‘ମୋ ଫୋନ୍‌କୁ ଟ୍ୟାପ୍ କରାଯାଉଛି’

**କୋଲକାତା,୧୮।୨**-ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନରେନ୍ଦ୍ର ମୋଦି ସରକାରଙ୍କ ବିରୋଧରେ ସୋମବାର ଗୁରୁତର ଅଭିଯୋଗ ଆଣିଛନ୍ତି। ତାଙ୍କ ଫୋନ୍‌କୁ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକ ଟ୍ୟାପ୍ କରୁଥିବା ସେ କହିଛନ୍ତି।



ଦକ୍ଷିଣ କଶ୍ମୀରର ପୁଲ୍‌ୱାମାରେ ସିଆର୍‌ପିଏଫ୍ ଯବାନଙ୍କ ଗାଡ଼ି ଉପରକୁ ହୋଇଥିବା ଆତ୍ମଘାତୀ ଆକ୍ରମଣ ନେଇ କେନ୍ଦ୍ର ସରକାରଙ୍କ ବିଫଳତାକୁ ଦାୟୀ କରିଥିବା ବେଳେ ତୃଣମୂଳ କଂଗ୍ରେସ ମୁଖ୍ୟ ମମତା ତାଙ୍କ ଫୋନର ବାର୍ତ୍ତାଳାପକୁ ଚୋରି କରାଯାଉଥିବା ଗଣମାଧ୍ୟମକୁ ଜଣାଇଛନ୍ତି। ଏପରି କି ଅର୍ଦ୍ଧସାମରିକ ବଳଙ୍କ ଉପରେ ଆକ୍ରମଣ ପରେ ପଶ୍ଚିମବଙ୍ଗରେ ହିଂସା ଭିଆଇବାକୁ କେତେକ ଚକ୍ରାନ୍ତ ଚଳାଇଥିବା ମମତା କହିଛନ୍ତି।

### କଂଗ୍ରେସରେ କୀର୍ତ୍ତି ଆଜାଦ୍



**ନୂଆଦିଲ୍ଲୀ,୧୮।୨**-ପୂର୍ବତନ ଭାଜପା ଏମ୍‌ପି ତଥା ଭେଟେରାନ କ୍ରିକେଟର କୀର୍ତ୍ତି ଆଜାଦ୍ (୬୦) ସୋମବାର କଂଗ୍ରେସରେ ସାମିଲ୍ ହୋଇଛନ୍ତି। ୧୯୮୩ ବିଶ୍ୱକପ ବିଜୟୀ ଦଳର ସଦସ୍ୟ ଆଜାଦ୍ ବିହାରର ଦରଭଙ୍ଗା ଲୋକ ସଭା ଆସନରୁ ୩ ଥର ନିର୍ବାଚିତ ହୋଇଥିଲେ। ୨୦୧୫ରେ ଦଳ ବିରୋଧୀ କାର୍ଯ୍ୟ ଯୋଗୁ ତାଙ୍କୁ ଭାଜପାରୁ ନିଲମ୍ବିତ କରାଯାଇଥିଲା। କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ଉପସ୍ଥିତିରେ ଆଜାଦ୍ ଭାଜପା ସହ ଦୀର୍ଘ ୨୬ ବର୍ଷର ସମ୍ପର୍କ ଛିନ୍ନ କରିଥିବା କହିଛନ୍ତି। କଂଗ୍ରେସର ସଦସ୍ୟତା ଗ୍ରହଣ କରିବା ପରେ ପୁଣି ଥରେ ସେ ନିଜ ଘରକୁ ଫେରିଥିବା ଜଣାଇଛନ୍ତି। ମୋ ବାପା ପୂର୍ବତନ ବିହାର ମୁଖ୍ୟମନ୍ତ୍ରୀ ଭଗଓ୍ୱତ୍ ଝାଙ୍କୁ ୧୯୫୨ରେ ୨୬ ବର୍ଷ ବୟସରେ ଜବାହରଲାଲ ନେହେରୁ ଏମ୍‌ପି କରିଥିଲେ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି।



ଆକ୍ରମଣ ପରେ ଜମ୍ମୁରେ ୫ମ ଦିନ ଧରି କର୍ଫ୍ୟୁ ଜାରି କରାଯାଇଥିବାବେଳେ ମୁତୟନ ଥିବା ସୁରକ୍ଷା କର୍ମୀ।



ପ୍ରୟାଗରାଜରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।



ଜମ୍ମୁ-କଶ୍ମୀରର ରାଜୌରି ଜିଲା ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ବିସ୍ଫୋରଣରେ ଶହୀଦ ହୋଇଥିବା ମେଜର ଚିତ୍ରେଶ ସିଂ ବିଷ୍ଟଙ୍କ ପାର୍ଥିବ ଶରୀର ଉତ୍ତରାଖଣ୍ଡର ଡେରାଡୁନ୍‌କୁ ନିଆଯାଇଥିବାବେଳେ ଜନସମୁଦ୍ର।

■ ବିଶ୍ୱ ସମୁଦାୟକୁ ମୋଦିଙ୍କ ଆହ୍ୱାନ: ଆତଙ୍କବାଦ ବିରୋଧରେ ଏକାଠି ହୁଅ

# ଏବେ କାର୍ଯ୍ୟାନୁଷ୍ଠାନର ବେଳ

**ନୂଆଦିଲ୍ଲୀ,୧୮।୨(ପି.ଟି.)**

ଆଉ ଆଲୋଚନା ନୁହେଁ, କେବଳ କାର୍ଯ୍ୟାନୁଷ୍ଠାନ। ଆତଙ୍କବାଦକୁ ସମର୍ଥନ କରି ମୃତ୍ୟୁର ସୌଦାଗରମାନଙ୍କୁ ପ୍ରୋତ୍ସାହନ ଦେଉଥିବା ଦେଶଗୁଡ଼ିକ ସହ କଥାବାର୍ତ୍ତା କରିବାର ସମୟ ଶେଷ ହୋଇଯାଇଛି। ଏବେ କେବଳ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର। ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ଆମକୁ ଏହି ସନ୍ଦେଶ ଦେଇଛି ବୋଲି ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାକିସ୍ତାନକୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଛନ୍ତି।

ଭାରତ ଗସ୍ତରେ ଥିବା ଆର୍ଜେଣ୍ଟିନା ରାଷ୍ଟ୍ରପତି ମଉରିସିଓ ମାକ୍ରିଙ୍କ ସହ ପ୍ରତିନିଧିସ୍ତରୀୟ ଆଲୋଚନା ପରେ ପ୍ରଧାନମନ୍ତ୍ରୀ ମୋଦି ପାକିସ୍ତାନର ନାମ ନ ନେଇ ପଡ଼ୋଶୀ ଦେଶକୁ କଡ଼ାଭାଷାରେ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ବିଶ୍ୱ ସମୁଦାୟ ଆତଙ୍କବାଦ ଓ ତାକୁ ସମର୍ଥନ କରୁଥିବା ଦେଶଗୁଡ଼ିକ ବିରୋଧରେ ଏକାଠି ହୋଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାର ସମୟ ଆସିଯାଇଛି। ବିଶ୍ୱ ଶାନ୍ତି ଓ ସ୍ଥିରତା ପାଇଁ ଆତଙ୍କବାଦ ଏକ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ତେଣୁ ଆଲୋଚନାର ସମୟ ଅତିବାହିତ ହୋଇଯାଇଥିବା ପୁଲ୍‌ୱାମା ଆକ୍ରମଣ ବାର୍ତ୍ତା ଦେଉଛି ବୋଲି ଦୁଇନେତା ସହମତ ହୋଇଛନ୍ତି। ଭାରତ ଓ ଆର୍ଜେଣ୍ଟିନା ଆତଙ୍କବାଦ ବିରୋଧରେ ଏକ ସ୍ୱତନ୍ତ୍ର ଘୋଷଣାନାମା ଜାରି କରିଥିବା ଏକ ମିଳିତ ଖବରଦାତା ସମ୍ମିଳନୀରେ ମୋଦି କହିଛନ୍ତି। ପ୍ରକାଶ ଯେ, ପୁଲ୍‌ୱାମା ଆକ୍ରମଣ ପରେ ଆର୍ଜେଣ୍ଟିନା ରାଷ୍ଟ୍ରପତି ହେଉଛନ୍ତି ଭାରତ ଗସ୍ତରେ ଆସିଥିବା ପ୍ରଥମ ଅନ୍ତର୍ଜାତୀୟ ନେତା। ଏହି ପରିପ୍ରେକ୍ଷୀରେ ପ୍ରତିରକ୍ଷା, ଆଣବିକ ଶକ୍ତି, ପର୍ଯ୍ୟଟନ, ସୂଚନା ଓ ଯୋଗାଯୋଗ କାରିଗରି ଏବଂ କୃଷି କ୍ଷେତ୍ରରେ ଦୁଇଦେଶ ମଧ୍ୟରେ ୧୦ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି।

### ଭାରତ-ଆର୍ଜେଣ୍ଟିନା ୧୦ ଚୁକ୍ତି



ଆର୍ଜେଣ୍ଟିନା ରାଷ୍ଟ୍ରପତି ମଉରିସିଓ ମାକ୍ରିଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

### ପାକିସ୍ତାନକୁ ବଦନାମ କରନାହିଁ: ଚାଇନା

**ବେଜିଂ,୧୮।୨(ପି.ଟି.)**-ପୁଲ୍‌ୱାମା ଆକ୍ରମଣକୁ ନେଇ ପାକିସ୍ତାନକୁ ବଦନାମ କରିବା ପରିବର୍ତ୍ତେ ଭାରତ ନିଜ ଆତଙ୍କବାଦ ନିରୋଧୀ ନୀତିର ପୁନର୍ବିଚାର କରୁ ବୋଲି ସୋମବାର ଚାଇନାର ଏକ ସରକାରୀ ଗଣମାଧ୍ୟମ କହିଛି। ଗ୍ଲୋବାଲ୍ ଟାଇମ୍ସରେ ପ୍ରକାଶିତ ରିପୋର୍ଟ ଅନୁସାରେ ଭାରତ ଆକ୍ରମଣ ପାଇଁ ଜେଇଏମ୍ ମୁଖ୍ୟ ମୌଲାନା ମାସୁଦ୍ ଆଝାରଙ୍କୁ ବିନା ପ୍ରମାଣରେ ଦୋଷ ଦେବା ଅନୁଚିତ। ଏଭଳି ସମୟରେ ଭାରତ ‘ନୀରବ କୂଟନୀତି’ ଆପଣାଇବା ଉଚିତ ବୋଲି ନୂଆଦିଲ୍ଲୀକୁ ପରାମର୍ଶ ଦେଇଛନ୍ତି ରିପୋର୍ଟ ପ୍ରସ୍ତୁତକାରୀ ୟୁ ଜିନ୍‌ସୁଇ।

## ଜଣଙ୍କ ବଦଳରେ ୨ ମୁଣ୍ଡ ଆଣ

**ଚଣ୍ଡିଗଡ଼,୧୮।୨(ପି.ଟି.)**

ପୁଲ୍‌ୱାମାରେ ଆତଙ୍କବାଦୀ ଆକ୍ରମଣକୁ ନେଇ ସାରା ଦେଶ ସ୍ତବ୍ଧ। ଆକ୍ରମଣରେ ଶହୀଦ ହୋଇଥିବା ପ୍ରତି ଯବାନଙ୍କ ଜୀବନ ବଦଳରେ ୨ ପାକିସ୍ତାନୀ ସୈନ୍ୟଙ୍କ ମୁଣ୍ଡ ଅଣାଯାଉ। ପାକିସ୍ତାନଠାରୁ ଏହାର ପ୍ରତିଶୋଧ ନିଆଯିବା ଜରୁରୀ ବୋଲି ସୋମବାର ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ କହିଛନ୍ତି। ସାମରିକ, କୂଟନୈତିକ ଓ ଅର୍ଥନୈତିକ ସ୍ତରରେ ପାକିସ୍ତାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେ ଆହ୍ୱାନ ଦେଇଛନ୍ତି।



ଅମରିନ୍ଦର ସିଂ

## ଉଚ୍ଚାୟୁକ୍ତଙ୍କୁ ଡକାଇଲା ପାକ୍

**ଇସ୍‌ଲାମାବାଦ,୧୮।୨(ପି.ଟି.)**

ନୂଆଦିଲ୍ଲୀରେ ଅବସ୍ଥାପିତ ପାକିସ୍ତାନ ହାଇକମିଶନର ସୋହାଇଲ ମେହମୁଦ୍‌ଙ୍କୁ ଇସ୍‌ଲାମାବାଦ ସୋମବାର ଡକାଇଛି। ପୁଲ୍‌ୱାମା ଆକ୍ରମଣ ପରିପ୍ରେକ୍ଷୀରେ ଭାରତ-ପାକିସ୍ତାନ ମଧ୍ୟରେ ତିକ୍ତତା ବୃଦ୍ଧି ପାଇ କୂଟନୈତିକ ତିକ୍ତତା ଉତ୍ତେଜନା ସୃଷ୍ଟି ହୋଇଛି। ଏଥିପାଇଁ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିବା ଲାଗି ତାଙ୍କୁ ଇସ୍‌ଲାମାବାଦ ଡକାଯାଇଥିବା ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମହମ୍ମଦ ଫୈଜାଲ ଟୁଇଟ୍ କରିଛନ୍ତି।



ସୋହାଇଲ ମେହମୁଦ

### ସୌଦି ଯୁବରାଜଙ୍କୁ ନିଶାନ୍-ଇ-ପାକିସ୍ତାନ ସମ୍ମାନ

**ଇସ୍‌ଲାମାବାଦ୍,୧୮।୨**-ସୌଦି ଆରବ ଯୁବରାଜ ମହମ୍ମଦ ବିନ୍ ସଲମନଙ୍କୁ ସୋମବାର ପାକିସ୍ତାନ ସରକାର ଦେଶର ସର୍ବୋଚ୍ଚ ବେସାମରିକ ପୁରସ୍କାର ‘ନିଶାନ୍-ଇ-ପାକିସ୍ତାନ’ରେ ସମ୍ମାନିତ କରିଛି। ଦୁଇ ଦେଶ ମଧ୍ୟରେ ସମ୍ପର୍କ ଦୃଢ଼ୀଭୂତ କରିବାରେ ଉଲ୍ଲେଖନୀୟ ଅବଦାନକୁ ଦୃଷ୍ଟିରେ ରଖି ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିବା ଇସ୍‌ଲାମାବାଦ୍ ପକ୍ଷରୁ କୁହାଯାଇଛି।

## ଫୁର୍‌ସତ

## ପାକିସ୍ତାନରେ ରିଲିଜ ହେବନାହିଁ ‘ଟୋଟାଲ ଧମାଲ’

**ମୁମ୍ବାଇ:** ଆଗାମୀ ଫିଲ୍ମ ‘ଟୋଟାଲ ଧମାଲ’ ପାକିସ୍ତାନରେ ରିଲିଜ ହେବନାହିଁ ବୋଲି ସୋମବାର ଘୋଷଣା କରିଛନ୍ତି ଅଭିନେତା-ପ୍ରଯୋଜକ ଅଜୟ ଦେବଗନ୍। ଗତ ସପ୍ତାହରେ ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣରେ ୪୯ ସିଆର୍‌ପିଏଫ୍ ଯବାନ ଶହୀଦ ହେବାପରେ ଏହି ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ପରିସ୍ଥିତିରେ ଟୋଟାଲ ଧମାଲ ପାକିସ୍ତାନରେ ରିଲିଜ ନ କରାଇବାକୁ ଟିମ୍ ନିଷ୍ପତ୍ତି ନେଇଥିବା ଅଜୟ ଟୁଇଟ୍ କରିଛନ୍ତି।

‘ଟୋଟାଲ ଧମାଲ’ ହେଉଛି ‘ଧମାଲ୍’ ସଫଳ କାହାଣୀର ତୃତୀୟ ସଂସ୍କରଣ। ଧମାଲ୍‌ର ମୂଳ କାହାଣୀରେ ଅର୍ଶଦ ୱାର୍ସି, ଜାଭେଦ ଜାଫ୍‌ରି, ରିତେଶ ଦେଶମୁଖ ଏବଂ ସଞ୍ଜୟ ଦତ୍ତ ଅଭିନୟ କରିଥିଲେ।

ବର୍ତ୍ତମାନ ସଂସ୍କରଣରେ ଅଭିନୟ କରିଛନ୍ତି ମାଧୁରୀ ଦୀକ୍ଷିତ ନେନେ, ଅନିଲ କପୁର ଏବଂ ବୋମାନ ଇରାନୀ। ଏହାର ମିଳିତ ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି ଫକ୍ସ ଷ୍ଟାର ଷ୍ଟୁଡିଓ ଏବଂ ଅଜୟ ଦେବଗନ୍ ଫିଲ୍ମସ। ଏହା ଫେବୃୟାରୀ ୨୨ରେ ରିଲିଜ ହେବାର ଅଛି।




## ଟାର୍ଗେଟ୍‌ରେ ‘ଷ୍ଟାଚ୍ୟୁ ଅଫ୍ ୟୁନିଟି’

**ନୂଆଦିଲ୍ଲୀ:** ଜମ୍ମୁ-କଶ୍ମୀର୍‌ର ପୁଲ୍‌ୱାମାଠାରେ ଆତଙ୍କବାଦୀ ଆକ୍ରମଣ ପରେ ସର୍ଦ୍ଦାର ପଟେଲଙ୍କ ପ୍ରତିମୂର୍ତ୍ତି ‘ଷ୍ଟାଚ୍ୟୁ ଅଫ୍ ୟୁନିଟି’ ଉଡାଇଦେବାକୁ ଆତଙ୍କବାଦୀଙ୍କ ପକ୍ଷରୁ ଧମକ ଦିଆଯାଇଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟକୁ ଇ-ମେଲ୍ ଯୋଗେ ଏହି ଖବର ପହଞ୍ଚିବା ପରେ ସତର୍କ ବ୍ୟବସ୍ଥା କଡାକଡି କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୮ ଅକ୍ଟୋବର ୩୧ରେ ଏହାକୁ ଉଦ୍‌ଘାଟନ କରିଥିଲେ। ଏହା ପରଠାରୁ ପ୍ରତି ସପ୍ତାହରେ ଲକ୍ଷଲକ୍ଷ ଲୋକ ଏଠାକୁ ପରିଦର୍ଶନ କରିବାକୁ ଆସୁଛନ୍ତି। ଇ-ମେଲ୍ ଯୋଗେ ସୂଚନା ମିଳିବା ପରେ ନିରାପତ୍ତା ବ୍ୟବସ୍ଥାକୁ କଡାକଡି କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୮୨ ମିଟର ଉଚ୍ଚତା ବିଶିଷ୍ଟ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପ୍ରତିମୂର୍ତ୍ତିକୁ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। ଏହା ବିଶ୍ୱର ସର୍ବୋଚ୍ଚ ପ୍ରତିମୂର୍ତ୍ତି। ଏହାର ଉଚ୍ଚତା ଆମେରିକାର ଷ୍ଟାଚ୍ୟୁ ଅଫ୍ ଲିବର୍ଟିର ଉଚ୍ଚତାର ଦୁଇଗୁଣ। ଗୁଜରାଟର ନର୍ମଦା ଜିଲାରେ ସର୍ଦ୍ଦାର ସରୋବର ଡ୍ୟାମ୍‌ଠାରୁ ୩.୫ କିଲୋମିଟର ଦୂରତା ମଧ୍ୟରେ ଏହା ପ୍ରତିଷ୍ଠା କରାଯାଇଛି।



### ଇତିହାସର ଆଇନାରେ

### ଫେବୃୟାରୀ ୧୯ର ପ୍ରମୁଖ ଘଟଣା

୨୦୦୬ ଫେବୃୟାରୀ ୧୯ରେ ମେକ୍ସିକୋର ନୁଏଭା ରୋସିଟାଠାରେ କୋଇଲା ଖଣିରେ ମିଥେନ୍ ବିସ୍ଫୋରଣ ଯୋଗୁ ୬୫ ଖଣି ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ମେକ୍ସିକୋର ଉତ୍ତର ଭାଗରେ କୋଆହୁଇଲା ପ୍ରଦେଶର ଉତ୍ତର-ପୂର୍ବ ଭାଗରେ ନୁଏଭା ରୋସିଟା ସହର ଅବସ୍ଥିତ। ପ୍ରଥମେ ୧୯୩୦ରେ ଏହି ସହରର ବିକାଶ କରାଯାଇଥିଲା। ମେକ୍ସିକୋର ଉତ୍ତର ଭାଗରେ ଏହା ଏକ ପ୍ରଧାନ ନିର୍ମାଣ କେନ୍ଦ୍ର। ୧୯୯୦ ସୁଦ୍ଧା ଏହାର ଲୋକସଂଖ୍ୟା ଥିଲା ୩୬,୨୮୪।

୧୯୬୦ ଫେବୃୟାରୀ ୧୯ରେ ଚାଇନା ସଫଳତାର ସହିତ ଏହାର ପ୍ରଥମ ସାଉଣ୍ଡିଂ ରକେଟ୍ ଟି-୭ ଲଞ୍ଚ୍ କରିଥିଲା। ଉକ୍ତ ସାଉଣ୍ଡିଂ ରକେଟ୍‌କୁ ରିସର୍ଚ୍ଚ ରକେଟ୍ ମଧ କୁହାଯାଏ। ଯନ୍ତ୍ରାଂଶ ବହନକାରୀ ଏହି ରକେଟ୍ ଉଡାଣ ସମୟରେ ବିଜ୍ଞାନଭିତ୍ତିକ ପର୍ଯ୍ୟବେକ୍ଷଣ ଜାରି ରଖେ। ପୃଥିବୀ ପୃଷ୍ଠଠାରୁ ୯୦୦ ମାଇଲ୍ ଉଚ୍ଚତାରେ ଏହା ଯନ୍ତ୍ରାଂଶ ବହନ କରି ଉଡ଼ିପାରେ।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୧୯ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୨ | ୧୪.୧ |
| ଚାନ୍ଦବାଲି | ୨୮.୮ | ୧୮.୩ |
| କଟକ | ୩୧.୬ | ୧୬.୫ |
| ପାରାଦ୍ୱୀପ | ୨୮.୫ | ୨୦.୧ |
| ଭୁବନେଶ୍ୱର | ୩୪.୧ | ୧୭.୯ |
| ଗୋପାଳପୁର | ୩୨.୦ | ୨୦.୮ |
| ପୁରୀ | ୩୦.୮ | ୨୧.୪ |
| ଅନୁଗୋଳ | ୩୧.୧ | ୧୩.୬ |
| ବାରିପଦା | ୨୮.୨ | ୧୪.୮ |
| ଝାରସୁଗୁଡ଼ା | ୨୯.୦ | ୧୩.୧ |
| କେନ୍ଦୁଝର | ୨୮.୭ | ୧୩.୬ |
| ସମ୍ବଲପୁର | ୩୦.୨ | ୧୪.୫ |
| ସୁନ୍ଦରଗଡ଼ | ୩୧.୫ | ୧୪.୦ |
| ହୀରାକୁଦ | ୨୯.୧ | ୧୫.୧ |
| ତାଲଚେର | ୩୧.୧ | ୧୫.୩ |
| ଭବାନୀପାଟଣା | ୩୨.୦ | ୧୭.୦ |
| ବଲାଙ୍ଗୀର | ୩୦.୫ | ୧୫.୫ |
| କୋରାପୁଟ | ୨୯.୦ | ୧୪.୦ |
| ଫୁଲବାଣୀ | --- | ୧୦.୫ |
| ଟିଟିଲାଗଡ଼ | --- | ୧୫.୦ |
| ମାଲକାନଗିରି | ୩୫.୦ | ୧୫.୨ |
| ସୋନପୁର | ୩୦.୮ | ୧୪.୬ |
| ଦାରିଙ୍ଗିବାଡ଼ି | ୨୭.୫ | ୧୪.୦ |

ଡିଗ୍ରୀ ସେଲ୍‌ସିୟସ୍

## ‘ଜୟ ମମି ଦି’ରେ ପୁନମ୍

**ମୁମ୍ବାଇ:** ବିଶିଷ୍ଟ ଅଭିନେତ୍ରୀ ପୁନମ୍ ଧିଲନ୍ ଆଗାମୀ ଫିଲ୍ମ ‘ଜୟ ମମି ଦି’ରେ ଅଭିନୟ କରିବା ପାଇଁ ଉତ୍ସାହିତ ଅଛନ୍ତି। ଏଥିରେ ସନି ସିଂ ଏବଂ ସୋନାଲି ସେହଗଲ ମଧ ଅଭିନୟ କରିବେ। ଏ ସମ୍ପର୍କରେ ପୁନମ୍ ଟୁଇଟର ପୃଷ୍ଠାରେ ଲେଖିଛନ୍ତି, ‘ମୋର ପରବର୍ତ୍ତୀ ଫିଲ୍ମ କ’ଣ ବୋଲି କେହି ପଚାରିଲେ, ‘ଜୟ ମମି ଦି’ ବୋଲି ଉତ୍ତର ଦେଇଥାଏ। ଏଥିରେ ସୁପ୍ରିୟା ପାଠକଙ୍କ ସହିତ ସନି ସିଂ ଏବଂ ସୁପ୍ରିୟା ପାଠକ ଅଭିନୟ କରୁଥିବା ବେଳେ ଏହାର ନିର୍ଦ୍ଦେଶନା ଦେଉଛନ୍ତି ନଭଜୋତ୍ ଗୁଲାଟି। ଉକ୍ତ ଫିଲ୍ମ ଜୁଲାଇ ୧୨ରେ ରିଲିଜ୍ ହେବା ସମ୍ଭାବନା ଅଛି। ଏହା ଏକ ପାରିବାରିକ କାହାଣୀକୁ ନେଇ ନିର୍ମାଣ ହେଉଥିବା ବେଳେ ଏଥିରେ ହାସ୍ୟରସ ମଧ ରହିଛି। ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି ଲୁଭ୍ ରଞ୍ଜନ ଏବଂ ଅଙ୍କୁର ଗର୍ଗ। ଗତବର୍ଷ ରିଲିଜ ହୋଇଥିବା ‘ସୋନୁ କେ ଟିଟୁ କୀ ସ୍ୱିଟି’ ଏବଂ ‘ବଧାଇ ହୋ’ ଭଳି ଫିଲ୍ମର ଭରପୂର ଲୋକପ୍ରିୟତା ପ୍ରମାଣିତ ହୋଇଥିବା ବେଳେ ପାରିବାରିକ ଜୀବନର ଗତିଶୀଳତାକୁ ନେଇ ନିର୍ମାଣ ହେଉଥିବା ଏହି ଫିଲ୍ମ ବେଶ୍ କୌତୂକପ୍ରଦ। ‘ଜୟ ମମି ଦେ’ ପ୍ରତ୍ୟେକ ପରିବାର ପାଇଁ ଏକ ଉପାଦେୟ କାହାଣୀ ବୋଲି ରଞ୍ଜନ ଏକ ବିବୃତ୍ତିରେ ପ୍ରକାଶ କରିଛନ୍ତି।



### ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡ଼ଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



ଯଦି ତୁମେ ଚାହୁଁଛ ଯେ ଲୋକ ତୁମକୁ ପ୍ରଶଂସା କରନ୍ତୁ, ତେବେ କଦାପି ଆତ୍ମ ପ୍ରଶଂସା କର ନାହିଁ।
- ପାସ୍‌କଲ୍



## ସଂକ୍ଷେପରେ

### ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧନା

ରସୁଲପୁର,୧୮।୨(ଡିଏନଏ): ରସୁଲପୁର ବ୍ଲକ ଅନ୍ତର୍ଗତ ସାମନ୍ତରାପୁର ପଞ୍ଚାୟତରେ ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସ୍ଥାନୀୟ ସରପଞ୍ଚ ଅଭିମନ୍ୟୁ ମହାଳିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଶ୍ରମିକ ନେତା ପ୍ରଦୀପ ଦାସ ଯୋଗଦେଇ ସରକାରୀ କାର୍ଯ୍ୟକ୍ରମରେ ମହିଳାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପରିବାର ଆର୍ଥିକ ସ୍ଥିତିକୁ ସୁଦୃଢ କରିବାରେ ମହିଳାଙ୍କର ଅବଦାନ ଉଲ୍ଲେଖନୀୟ ହୋଇପାରିଛି। ମା'ଙ୍କୁ ସମ୍ମାନ ପାଇଁ ପଞ୍ଚାୟତ ପକ୍ଷରୁ ଏହା ଏକ ଅଭିନବ ପ୍ରୟାସ ବୋଲି ସମ୍ମାନିତ ଅତିଥି ବରୀ ବିଧାୟକଙ୍କ ପ୍ରତିନିଧି ପ୍ରଫୁଲ କୁମାର ସାହୁ, ସମିତିସଭ୍ୟ ଦିଲୀପ କୁମାର ସାହୁ ନୋଡାଲ ଅଧିକାରୀ କନିଷ୍ଠ ଯନ୍ତ୍ରୀ ବ୍ରହ୍ମାନନ୍ଦ ପଣ୍ଡା, ନାଏବ ସରପଞ୍ଚ ବର୍ଷାରାଣୀ ମହାନ୍ତି, ଶରତଚନ୍ଦ୍ର ଦାସ ପ୍ରମୁଖ ମତ ରଖିଛନ୍ତି। ଉକ୍ତ ଉତ୍ସବରେ ମୋଟ ୫୭ଗୋଷ୍ଠୀର ମହିଳାଙ୍କୁ ପଞ୍ଚାୟତ ପକ୍ଷରୁ ପ୍ରମାଣପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତ୍ୟେକ ଗୋଷ୍ଠୀକୁ ମୋବାଇଲ ଯୋଗାଇ ଦିଆଯିବା ନେଇ ସୂଚନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ପଞ୍ଚାୟତର ବାଳିକାବାଳକଙ୍କୁ ନେଇ ସଂଗୀତ, ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଫଳ ପ୍ରତିଯୋଗୀଙ୍କୁ ପଞ୍ଚାୟତ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଶତାଧିକ ରାଶନକାର୍ଡ ପରିବାରକୁ ଏଲଇଡି ବଲ୍‌ବ ପ୍ରଦାନ କରାଯାଇଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀ ଶତ୍ରୁଘ୍ନ ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

### ୧୦୦୦ ପରିବାରକୁ ମିଳିଲା ଏଲ୍‌ଇଡି

ରସୁଲପୁର,୧୮।୨(ଡିଏନଏ): ରସୁଲପୁର ବ୍ଲକ ଅନ୍ତର୍ଗତ ମୁଗୁପାଳ ପଞ୍ଚାୟତରେ ସୋମବାର କୋରେଇ ବିଧାୟକ ଆକାଶ ଦାସନାୟକ ଏଲଇଡି ଯୋଜନାକୁ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ୧୦୦୦ ରାଶନ କାର୍ଡଧାରୀ ପରିବାରକୁ ୪ଟି ଲେଖାଏ ବଲ୍‌ବ ଯୋଗାଇ ଦିଆଯାଇଛି। ସ୍ଥାନୀୟ ସରପଞ୍ଚ ଭାବାନୀ ଶଙ୍କର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଦାସନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବୀନ ସରକାରଙ୍କ ମାଗଣା ଏଲଇଡି ଯୋଜନା ପ୍ରତ୍ୟେକ ଘରର ଅନ୍ଧାରକୁ ଦୂର କରିପାରିଛି ବୋଲି ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ପ୍ରହ୍ଲାଦ ପଣ୍ଡା, ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ଦାସ, ନେଷ୍କୋର କୁଆଖିଆ ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ସୟଦ ଇକ୍ବାଲ ଅଲ୍ଲୀ, ନୋଡାଲ ଅଧିକାରୀ କନିଷ୍ଠ ଯନ୍ତ୍ରୀ ସ୍ମୃତିରେଖା ଧଡା, ସମିତିସଭ୍ୟ ବିଜୟ ଦାସ, ଯୁବନେତା ଦିଲୀପ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ନିକୁଞ୍ଜ ରାଉତ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

### ଯାଜପୁର ଗ୍ରୁପ୍ ଅଫ୍ ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍‌ର ୪ର୍ଥ ବାର୍ଷିକୋତ୍ସବ

ବିରଜାକ୍ଷେତ୍ର,୧୮।୨(ଡି.ଏନ୍.ଏ): ଯାଜପୁର ଗ୍ରୁପ୍ ଅଫ୍ ଏଜୁକେଶନାଲ ଇନଷ୍ଟିଚୁଶନ୍‌ର ଚତୁର୍ଥ ବାର୍ଷିକ ଉତ୍ସବ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନ ନିର୍ଦ୍ଦେଶକ ଜ୍ଞାନେନ୍ଦ୍ର କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଭାରତୀୟ ଜୀବନବୀମା ନିଗମର ପ୍ରଶାସନିକ ଅଧିକାରୀ ବିଭୂତି ଭୂଷଣ ମହାପାତ୍ର, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରାକ୍ତନ ଶିକ୍ଷକ ଭୂପତି ଭୂଷଣ ମିଶ୍ର, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଖବରଦାତା ଆନନ୍ଦ ଚନ୍ଦ୍ର ସାହୁ, ସମରଜିତ୍ ମହାନ୍ତି ପ୍ରମୁଖ ଯୋଗଦେଇ ଶିଶୁଙ୍କ ମଧରେ ଜ୍ଞାନର ଆଦାନ ପ୍ରଦାନ ଓ ଶୃଙ୍ଖଳା ମାନବିକତା ଆଚରଣ ଶୁଦ୍ଧ କରିବା ପାଇଁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ର ନିଜର ଲକ୍ଷ୍ୟ ପୂରଣ ପାଇଁ ଶିକ୍ଷକ ଅଭିଭାବକମାନେ ଦିଗ୍‌ଦର୍ଶନ ଦେବା ପାଇଁ ଆହ୍ୱାନ ଦେଇଥିଲେ। ଅଜିତ୍ କୁମାର ଦାସ ସଭା ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ଅନୁପମା ମହାନ୍ତି, ସୋନାଲି ସାହୁ, ମୀତାରାଣୀ ପ୍ରଧାନ, ସତ୍ୟଜିତ୍ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ସହିତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ କୁନିକୁନି ଶିଶୁମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସଭା ପ୍ରାରମ୍ଭରେ ଶହୀଦଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା।

## ପ୍ରାଚୁର୍ଯ୍ୟରେ ଭରପୂର ଡଙ୍କାରୀବାସୀଙ୍କ କୋହ

# ଲୁଟିଲେ କଳାପଥର, ଯୋଗାଣ ହେଲାନି ଜଳ

ଯାଜପୁର ଅଫିସ,୧୮।୨

ଯାଜପୁର ଜିଲା ଧର୍ମଶାଳା ଓ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀକୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗସ୍ତ କାର୍ଯ୍ୟକ୍ରମ ରହିଛି । ଏହି ପରିପ୍ରେକ୍ଷୀରେ ସେ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ପ୍ରାୟ ୨୦୦ କୋଟି ଟଙ୍କାର ୩୧୩ଟି ପ୍ରକଳ୍ପ ଏବଂ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ୧ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ। ତେବେ ଆଗକୁ ଖରା ଦିନ ଆସୁଥିବାବେଳେ ଗତ ୨ବର୍ଷ ହେଲା ଏକାଧିକ ପାଇପ୍ ଜଳଯୋଗାଣ ପ୍ରକଳ୍ପ ଅସମ୍ପୂର୍ଣ୍ଣ ହୋଇ ପଡିରହିଛି। ମାତ୍ର ତାହା ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଯାଇଥିଲେ ସୁଦ୍ଧା ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ଉପଯୁକ୍ତ ଭାବେ କାମରେ ଲାଗୁନାହିଁ। ଏହିକ୍ରମରେ ମୂଲ୍ୟବାନ କଳାପଥର ପ୍ରାଚୁର୍ଯ୍ୟରେ ଭରପୁର ଡଙ୍କାରୀବାସୀ ସ୍ୱଚ୍ଛ ପାନୀୟ ଟିକେ ପାଇବାରୁ ବଞ୍ଚିତ ରହିଛନ୍ତି। ବେଆଇନ ଭାବେ ୱାଗନ ଡ୍ରିଲିଂ କରି କୋଟି କୋଟି ଟଙ୍କାର କଳାପଥର ଲୁଟ ହୋଇଥିବାବେଳେ ଡିଏମ୍‌ଏଫ୍ (ଜିଲା ଖଣିଜ ପ୍ରତିଷ୍ଠାନ) ପାଣ୍ଠିରୁ ନିର୍ମାଣ ହେଉଥିବା ପାଇପ୍ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେଉ ନ ଥିବାରୁ ଡଙ୍କାରୀବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଲଘୁ ଖଣିଜ ଦ୍ରବ୍ୟରେ ଭରପୂର ଥିଲେ ସୁଦ୍ଧା ଡଙ୍କାରୀବାସୀ ଗ୍ରୀଷ୍ମ ଋତୁରେ ବିଶୁଦ୍ଧ ପାଣି ଟୋପାଏ ପାଇଁ ଉହଳବିକଳ ହେଉଛନ୍ତି। ଅନ୍ୟପକ୍ଷେ ଡଙ୍କାରୀ କଳାପଥର ଖାଦାନକୁ ବିନା ପରିବେଶ ମଞ୍ଜୁରୀରେ ଲିଜ ଦେଇ ସରକାର ବାର୍ଷିକ କୋଟିକୋଟି ଟଙ୍କାର ରାଜସ୍ୱ ଆଦାୟ କରୁଛନ୍ତି। ହେଲେ ଡିଏମ୍‌ଏଫ୍ ପାଣ୍ଠିରୁ ଡଙ୍କାରୀରେ ୪୪.୭୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହୋଇଥିଲେ ହେଁ ତାହା ଗ୍ରାମବାସୀଙ୍କ କାର୍ଯ୍ୟରେ ଲାଗୁନାହିଁ। ଶାସକ ଦଳର ଜଣେ ପ୍ରଭାବଶାଳୀ ନେତାଙ୍କ ସମର୍ଥକ ପ୍ରାୟ ୫୦ ପ୍ରତିଶତ ଅର୍ଥ ବାଟମାରଣା କରି ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରିଥିବାରୁ ଏଯାଏ ପ୍ରକଳ୍ପ ଶେଷ ହୋଇଥିଲେ ହେଁ କାର୍ଯ୍ୟକାରୀ ହୋଇପାରି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଡମ୍ବନା ଯେ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ(ଆରଡବ୍ଲ୍ୟୁଏସ୍‌ଏସ୍)ର ନିର୍ବାହୀ ଯନ୍ତ୍ରୀ ତାଙ୍କ ପତ୍ରସଂଖ୍ୟା ୩୨୨/୭।୩।୨୦୧୮ରେ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ଏବଂ ଠିକାଦାରଙ୍କୁ ବକେୟା ଅର୍ଥ ପୈଠ କରିବାର ଅଛି କହି ଡିଏମ୍‌ଏଫ୍ ପାଣ୍ଠିରୁ ୧୭.୯ ଲକ୍ଷ ଟଙ୍କା ଉଠାଇ ନେଇଥିବା ସୂଚନା ମିଳିଛି। ପୂର୍ବରୁ ଏହି ପ୍ରକଳ୍ପ ସମ୍ପର୍କରେ ଜିଲାପାଳଙ୍କୁ ଭୁଲ ତଥ୍ୟ

### ଧର୍ମଶାଳା ନିର୍ବାଚନ ମଣ୍ଡଳୀ



- ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ବେଳେ ମାଗିବେ ଜବାବ
- ଠିକାଦାରି ରାଜନୀତିର ଜ୍ୱଳନ୍ତ ପ୍ରମାଣ

ଦେଇଥିବା ମଧ୍ୟ ନଜିର ରହିଛି। ଡଙ୍କାରୀ ପାହାଡ଼ ପାଦଦେଶରେ ଥିବା ଡଙ୍କାରୀ ଗ୍ରାମରେ ୩ଟି ନଳକୂପରୁ ଆବଶ୍ୟକ ପାଣି ବାହାରୁ ନାହିଁ। ବିଶୁଦ୍ଧ ପାଣି ଟୋପାଏ ନ ପାଇ ଏହି ଗ୍ରାମର ୧୫ରୁ ଊର୍ଦ୍ଧ୍ୱ ଗ୍ରାମବାସୀ କିଡନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା ନଜିର ରହିଛି। ଡିଏମ୍‌ଏଫ୍ ପାଣ୍ଠିରୁ ୯୯୩/୫।୪।୨୦୧୭ ନମ୍ବର ନିର୍ଦ୍ଦେଶକ୍ରମେ ୪୪.୭୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ସେଥିରୁ ୨୬.୮୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବାବେଳେ ୧୭.୯ ଲକ୍ଷ ଟଙ୍କା ବାକି ରହିଥିଲା। ଖର୍ଚ୍ଚ ବାବଦକୁ ବିଭାଗ ପକ୍ଷରୁ ୧୭୮/୩୧।୧।୨୦୧୮ରେ ବିନିଯୋଗ ପତ୍ର ମଧ ଦାଖଲ ହୋଇଛି । ଏହି ରିପୋର୍ଟରେ ଅଲ ୱାର୍କସ କମ୍ପ୍ଲିଟେଡ (ସମସ୍ତ କାର୍ଯ୍ୟ ଶେଷ ହୋଇଛି) ବୋଲି ଦର୍ଶାଯାଇଥିଲା। କିନ୍ତୁ କାଗଜପତ୍ରରେ ସମ୍ପୂର୍ଣ୍ଣ ହୋଇଥିବା ଡଙ୍କାରୀବାସୀ ପାଣି ପାଇଁ ଅନେଇ ବସିଛନ୍ତି। ଏହାସହ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବରମୁଣ୍ଡଳି, କୃଷ୍ଣପୁର, କାଦୁଅମାଗୁରା, ପନ୍ଥରୀ, ନାକପୋଲ, କାଳଜଙ୍ଗ ପ୍ରଭୃତି ପାଇପ ଜଳଯୋଗାଣ ପ୍ରକଳ୍ପରୁ ଜଳଯୋଗାଣ ହୋଇ ପାରୁନାହିଁ । ରାଜ୍ୟ ସରକାର କୋଟି କୋଟି ଟଙ୍କା ଅନୁଦାନ ଦେଇ ପ୍ରକଳ୍ପ ଉଦ୍‌ଘାଟନ କିମ୍ବା ଭିତ୍ତିପ୍ରସ୍ତର ସ୍ଥାପନ କରୁଥିବାବେଳେ ବିଭାଗୀୟ ଯନ୍ତ୍ରୀଙ୍କ ସହିତ ମିଶି ଶାସକ ଦଳର କେତେଜଣ ଠିକାଦାର ମାଲାମାଲ ହେଉଛନ୍ତି। ଡଙ୍କାରୀରେ ବେଆଇନ ଖନନ ଯୋଗୁ ଏନଜିଟି ରାଜ୍ୟ ସରକାରଙ୍କୁ ୨୫ କୋଟି ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଜାରି କରିଛି। ଏଥିସହ ପୂର୍ବରୁ ପ୍ରାୟ ୫୮କୋଟି ଟଙ୍କାର ଡିମାଣ୍ଡ ନୋଟିସ ଦେଇ ତହସିଲ ପ୍ରଶାସନ ନୀରବୀ ଯାଇଛି। ଏ ସଂକ୍ରାନ୍ତରେ ଆରଡବ୍ଲ୍ୟୁଏସଏସର ନିର୍ବାହୀ ଯନ୍ତ୍ରୀ ଅମିୟ କୁମାର ପରିଜାଙ୍କୁ ପଚାରିବାରୁ, ଡଙ୍କାରୀ ପ୍ରକଳ୍ପ ସମ୍ପୂର୍ଣ୍ଣ ଶେଷ ହୋଇଛି। ସମ୍ପୃକ୍ତ ଯନ୍ତ୍ରୀଙ୍କ ରିପୋର୍ଟ ଅନୁସାରେ ଡଙ୍କାରୀ ପ୍ରକଳ୍ପ ଚାଲିଛି ବୋଲି ସେ କହିଛନ୍ତି । ଏଥିରୁ ନିର୍ବାହୀ ଯନ୍ତ୍ରୀ କିପରି ଅନ୍ଧ ଭାବେ ଯନ୍ତ୍ରୀଙ୍କ ରିପୋର୍ଟକୁ ଭରସା କରି ଡଙ୍କାରୀ ପ୍ରକଳ୍ପ ଚାଲୁଥିବା କହିବା ଦୁର୍ଭାଗ୍ୟଜନକ ବୋଲି ମତପ୍ରକାଶ ପାଇଛି।

## ପୁଲ୍‌ୱାମାରେ ଆତଙ୍କବାଦୀ ଆକ୍ରମଣକୁ ବିରୋଧ

### ଯାଜପୁର ଜିଲାରେ ସ୍ୱତଃପ୍ରବୃତ୍ତ ଦୋକାନବଜାର ବନ୍ଦ

ଯାଜପୁର ଅଫିସ,୧୮।୨

ପୁଲୱାମାରେ ଆତଙ୍କବାଦୀ ଆକ୍ରମଣକୁ ବିରୋଧ କରି ସର୍ବଭାରତୀୟ ବ୍ୟବସାୟୀ ମହାସଂଘ ଡାକରାରେ ଯାଜପୁର ଜିଲାରେ ସ୍ୱତଃପ୍ରବୃତ ଭାବେ ଦୋକାନ ବଜାର ବନ୍ଦ ହୋଇଥିଲା। ଯାଜପୁରରୋଡ ବ୍ୟବସାୟୀ ସଂଘ ପକ୍ଷରୁ ସହରର ଡାକବଙ୍ଗଳା ଛକରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋଭାଯାତ୍ରା କରାଯାଇଥିଲା। ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସପିଂ ମଲଠାରୁ ଆରମ୍ଭ କରି ପାନ ଦୋକାନ ମଧ୍ୟ ବନ୍ଦ ରହିଥିଲା। ଏହାସହ ଚଣ୍ଡିଖୋଲ, କୁଆଖିଆ, ଧର୍ମଶାଳା, ବଡଚଣା, ବାଲିଚନ୍ଦ୍ରପୁର, ଡୁବୁରୀ, ଦାନଗଦି, ପାଣିକୋଇଲି, ଯାଜପୁର, ବିଞ୍ଝାରପୁର, ଦଶରଥପୁର, ବରୀ ପ୍ରଭୃତି ସ୍ଥାନରେ ସ୍ୱତଃପ୍ରବୃତ ଭାବେ ଦୋକାନବଜାର ବନ୍ଦ ରହିଥିଲା। ଔଷଧ ଦୋକାନ, ପେଟ୍ରୋଲ ପମ୍ପ, ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ତଥା ଅଫିସ ଖୋଲା ରହିଥିଲା। ଗାଡି ମୋଟର ଚଳାଚଳ ମଧ ସ୍ୱାଭାବିକ ରହିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ପୋଲିସ ପକ୍ଷରୁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

## ରିଟେଲରଙ୍କୁ ନିଲମ୍ବନ ନୋଟିସ

# ଗଚ୍ଛିତ ରାଶନ ସାମଗ୍ରୀ ଯାଞ୍ଚ କଲେ ଯୋଗାଣ ନିରୀକ୍ଷକ

ରସୁଲପୁର,୧୮।୨(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ କଲଣ ପଞ୍ଚାୟତରେ ରିଟେଲର ଓ ଖାଉଟିଙ୍କ ମଧ୍ୟରେ ଚାଲିଥିବା ଛାୟାଯୁଦ୍ଧର ଅବସାନ ଘଟିଛି। ବ୍ଲକ ଯୋଗାଣ ନିରୀକ୍ଷକ ଅନୁଜ ସାହୁ ରିଟେଲର ପଦନମୋହନ ସାହୁ ଓ ରାଜେଶ ସାହୁଙ୍କୁ ନିଲମ୍ବନ ନୋଟିସ ପ୍ରଦାନ କରିଛନ୍ତି। ଏଥିସହ ଆଉଜଣେ ରିଟେଲର କାଳନ୍ଦୀ ସାହୁଙ୍କୁ କୈଫିତ ତଲବ ନୋଟିସ ମଧ୍ୟ ପ୍ରଦାନ କରାଯାଇଛି।

ଗତ ସପ୍ତାହରେ ୨ଜଣ ରିଟେଲରଙ୍କୁ ନିଲମ୍ବନ ପାଇଁ ଯାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ରସୁଲପୁର ବିଡିଓଙ୍କ ନିକଟକୁ ଚିଠି ଆସିଥିଲା। ଉକ୍ତ ନିର୍ଦ୍ଦେଶ ମୁତାବକ ବିଡିଓଙ୍କ ଚିଠି ନଂ–୧୬୩୩,୩୪/୧୬/୦୨/୨୦୧୯ ପଦନମୋହନ ସାହୁ ଓ ରାଜେଶ ସାହୁଙ୍କୁ ନିଲମ୍ବନ ନୋଟିସ ଜାରି କରାଯାଇଛି । ଏଥିସହ ଉପଜିଲାପାଳଙ୍କ ପକ୍ଷରୁ କାଳନ୍ଦୀଙ୍କୁ କୈଫିତ ତଲବ କରାଯାଇଛି। କାଳନ୍ଦି ସିଧାସଳଖ ଉପଜିଲାପାଳଙ୍କ ନିକଟରେ ଚିଠିର ଉତ୍ତର ରଖିବେ। ଏ ନେଇ ଖବର ପ୍ରକାଶ ପାଇବା ପରେ ନିରୀକ୍ଷକ ସାହୁ ତ୍ୱରିତ ପଦକ୍ଷେପ ନେବା ସକାଶେ ସୋମବାର ରିଟେଲର ଦୋକାନରେ ପହଞ୍ଚି ଥିଲେ। ନିଲମ୍ବିତ ୨ ରିଟେଲରଙ୍କ ଗଚ୍ଛିତ ରାଶନ ସାମଗ୍ରୀକୁ ଯାଞ୍ଚ କରିଛନ୍ତି । ଗଚ୍ଛିତ ଥିବା ଚାଉଳ, ଗହମ, କିରୋସିନ ଆଦି ସାମଗ୍ରୀର ଏକ ତାଲିକା ପ୍ରସ୍ତୁତ କରାଯାଇଛି। ସରକାରୀ ନିର୍ଦ୍ଦେଶ ମୁତାବକ ଉକ୍ତ ସାମଗ୍ରୀକୁ ଆସନ୍ତା ୨୦ତାରିଖ ସୁଦ୍ଧା ଖାଉଟିଙ୍କୁ ପ୍ରଦାନ କରିବା ସହ ୨୧ ତାରିଖରେ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଗଚ୍ଛିତ ସାମଗ୍ରୀର ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।



ଗଚ୍ଛିତ ସାମଗ୍ରୀକୁ ଯୋଗାଣ ନିରୀକ୍ଷକ ଯାଞ୍ଚ କରୁଛନ୍ତି।

## ୨୪ରେ ବ୍ୟାସନଗର ମହୋତ୍ସବରେ ସଙ୍ଗୀତ ସନ୍ଧ୍ୟା

ଯାଜପୁର ଅଫିସ,୧୮।୨: ବ୍ୟାସ ସରୋବର ମହୋତ୍ସବ ଅବସରରେ ଆସନ୍ତା ୨୪ତାରିଖ ରବିବାର ସନ୍ଧ୍ୟାରେ ଓଡିଶାର ପ୍ରତିଷ୍ଠିତ କଣ୍ଠଶିଳ୍ପୀଙ୍କୁ ନେଇ ଏକ ସଂଗୀତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଜିଲାପାଳ ତଥା ବିଶିଷ୍ଟ ସାହିତ୍ୟିକ ରଞ୍ଜନ କୁମାର ଦାସଙ୍କ ରଚିତ ଓ ସଂଗୀତ ନିର୍ଦ୍ଦେଶକ ଦୀନେଶ ମଲ୍ଲିକଙ୍କ ସଂଯୋଜନାରେ ପ୍ରସ୍ତୁତ ଗୀତଗୁଡିକ ଏହି ସଂଗୀତ କାର୍ଯ୍ୟକ୍ରମରେ ପରିବେଷିତ ହେବ। ଏଥିରେ ଓଡିଶାର ବର୍ତ୍ତମାନ ଯୁବ ପିଢୀର ଚର୍ଚ୍ଚିତ କଣ୍ଠଶିଳ୍ପୀ ମାଧବ, ଏଲୋ ମିଶ୍ର, ସୁଧାକର ମିଶ୍ର, ବାଦଲ ଆଚାର୍ଯ୍ୟ, କୁମାର ଦିଲୀପ, ପ୍ରଦୀପ ପଲେଇ, ଅନୁପମା ନାୟକ ପ୍ରମୁଖ ଯୋଗଦେବେ ବୋଲି ବ୍ୟାସନଗର ମହୋତ୍ସବ କମିଟି ଅଧକ୍ଷ ତଥା କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି।

## ଶହୀଦ ଯବାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି

ବିରଜାକ୍ଷେତ୍ର,୧୮।୨(ଡି.ଏନ୍.ଏ)

କାଶ୍ମୀରର ପୁଲୱାମା ଜିଲ୍ଲାରେ ଆତଙ୍କବାଦୀଙ୍କ ଆତ୍ମଘାତୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ପ୍ରତି ଯାଜପୁର ପୌରାଞ୍ଚଳ କିଆରିଶ୍ୱରଠାରେ ଥିବା କେ.ସି.ସି. କ୍ଲବ୍ ପକ୍ଷରୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଛି । ଶହୀଦ ଯବାନଙ୍କ ଅମରଆତ୍ମା ପ୍ରତି କେ.ସି.ସି. କ୍ଲବ୍ ପକ୍ଷରୁ ଏକ ମହମବତୀ ଶୋଭାଯାତ୍ରା ବାହାରି ୫ ନମ୍ବର ୱାର୍ଡ଼ ପରିକ୍ରମା କରି କିଆରିଶ୍ୱରଠାରେ ପହଞ୍ଚିବା ପରେ ଶହୀଦ ଯବାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ସହ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ । ଏହି ଶୋଭାଯାତ୍ରାରେ ସତ୍ୟପ୍ରକାଶ ବେହୁରିଆ, ଜୟପ୍ରକାଶ ବେହୁରିଆ, ଜଗନ୍ନାଥ ସାହାଣୀ, ଅବିନାଶ ନାୟକ, ଦିଲ୍ଲୀପ ଖୁଣ୍ଟିଆ, ରତ୍ନକଣ୍ଠ ସାହୁ, ଜଗ ବିଶ୍ୱାଳ, ଗଣେଶ ବିଶ୍ୱାଳ, ଲିପୁ ବିଶ୍ୱାଳ ସମେତ ଶତାଧିକ ଯୁବକ ସାମିଲ ହୋଇଥିଲେ । ଶହୀଦ ହୋଇଥିବା ଅମର ଯବାନଙ୍କ ପ୍ରତି ଯାଜପୁର ସହର ସମେତ ଯାଜପୁର ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣ ଗ୍ରାମ ଓ ସହରମାନଙ୍କରେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, କ୍ଲବ୍, ବ୍ୟବସାୟ ପ୍ରତିଷ୍ଠାନ ଓ ବିଭିନ୍ନ ଜନତାଙ୍କ ପକ୍ଷରୁ ଶୋଭାଯାତ୍ରା ବାହାରି ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରାଯାଉଥିବାର ଦେଖିବାକୁ ମିଳିଛି ।

## ବୟସର ଅପରାହ୍ନରେ ମନେ ପକାଇଲେ ପିଲାଦିନ

ବିଞ୍ଝାରପୁର,୧୮।୨(ଡିଏନଏ)

ପରିଣତ ବୟସରେ ପିଲାଦିନର ଅଭୂଲା ସ୍ମୃତି ସତେ ଯେମିତି ଭାବ ବିହ୍ୱଳ କରି ମନରେ କୋହ ଭରିଦେଉଥିଲା । ପିଲା ଦିନର ଅନ୍ତରଙ୍ଗ ବନ୍ଧୁକୁ ପାଇ କିଏ କାନ୍ଦି ପକାଉ ଥିଲେ ତ ଆଉ କିଏ ବନ୍ଧୁକୁ କୋଳେଇ ନେଇ ଆତ୍ମହରା ହୋଇ ଉଠୁଥିଲା। ଆଉ କେତେଜଣ ତ ବନ୍ଧୁକୁ ଥଟ୍ଟା ତାମସା କରୁ କରୁ ଭୂଲିଯାଇଥିଲେ ନିଜ ବୟସ। ଏଭଳି ଏକ ଭାବବିହ୍ୱଳ ପରିବେଶ ଦେଖିବାକୁ ମିଳିଥିଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କଲ୍ୟାଣପୁରସ୍ଥିତ ବରୁଣେଶ୍ୱର ଆଦର୍ଶ ପ୍ରାଥମିକ ବିଦ୍ୟାଳୟରେ। ଶ୍ରୀବନ୍ତ ଉଚ୍ଚ ବିଦ୍ୟାଳୟର ୧୯୫୮ମସିହାର ଛାତ୍ରଙ୍କ ନିଆରା ବନ୍ଧୁ ମିଳନ କାର୍ଯ୍ୟକ୍ରମ ସୋମବାର ସ୍ଥାନୀୟ ବରୁଣେଶ୍ୱର ଆଦର୍ଶ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ସବୁ ବନ୍ଧୁ ଏକାଠି ହୋଇ ପରସ୍ପରର ସୁଖଦୁଃଖ ବାଣ୍ଟିବା ସହିତ ଛାତ୍ର ଜୀବନର ସ୍ମୃତି ସାଉଁଟି ଥିଲେ। ସମ୍ପ୍ରତି ସମାଜରେ ବରିଷ୍ଠ ନାଗରିକ ଭାବେ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟକୁ ପାଳନ କରି ଆଗାମି ପିଢି ପାଇଁ ଏକ ସୁସ୍ଥ ସମାଜ ଗଠନ ପାଇଁ ସମସ୍ତେ ଅଙ୍ଗୀକାରବଦ୍ଧ ହୋଇଥିଲେ। ଏହି ବନ୍ଧୁ ମିଳନ ଉତ୍ସବରେ ଉପସ୍ଥିତ ଥିବା ପୂରାତନ ଛାତ୍ରଙ୍କ ବୟସ ପ୍ରାୟ ୭୩ରୁ ୭୫ ବର୍ଷ ହେବ। ବଞ୍ଚିଥିବା ଯାଏ ନିଜ ମଧ୍ୟରେ ଥିବା ବନ୍ଧୁତ୍ୱକୁ ସର୍ବଦା ଉଜ୍ଜୀବିତ କରି ରଖିବେ ବୋଲି ଉତ୍ସବରେ ସଭିଏଁ ସଭିଙ୍କୁ କଥା ଦେଇଥିଲେ। ଏହି ଉତ୍ସବରେ ମୁଖ୍ୟଅତିଥି ରୂପେ ତ୍ୟାଗୀ ସ୍ୱରୁପାନନ୍ଦ ସରସ୍ୱତୀ ଯୋଗ ଦେଇଥିଲାବେଳେ ପୂରାତନ ଛାତ୍ର ରଙ୍ଗନିଧି ସାହୁ, ନାରାୟଣ ଚନ୍ଦ୍ର ସୁତାର, ବୃନ୍ଦାବନ ଚନ୍ଦ୍ର ମିଶ୍ର, ଖଗେଶ୍ୱର ପାତ୍ର, ବ୍ରଜକିଶୋର ସାମଲ, ଧନେଶ୍ୱର ରାଉତ, ମହେନ୍ଦ୍ର କୁମାର ଦାସ,ସୁରେନ୍ଦ୍ର କୁମାର ମହାନ୍ତି, .ମଦନ ମୋହନ ମହାନ୍ତି ,ରାମପଦ ଦାଶ, ଭାଗିରଥି ଦାସ, ବାବାଜୀ ଚରଣ ଧଳ ପ୍ରମୁଖ ଯୋଗ ଦେଇଥିଲେ ।



ବନ୍ଧୁ ମିଳନରେ ଯୋଗ ଦେଇଥିବା ପୁରାତନ ଛାତ୍ରମାନେ।

## ଅଙ୍ଗନୱାଡି କେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟିତ

ରସୁଲପୁର,୧୮।୨(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତର ବାଲ୍ୟଲୀଳା ମଠ ନିକଟରେ ନବନିର୍ମିତ ଅଙ୍ଗନୱାଡି କେନ୍ଦ୍ର–୬ର ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ରର ଶିକ୍ଷୟିତ୍ରୀ ଭାରତୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍ଘାଟନୀ ଉତ୍ସବରେ କୋରେଇ ବିଧାୟକ ଆକାଶ ଦାସନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କୋମଳମତି ଶିଶୁଙ୍କ ଭବିଷ୍ୟତ ଗଠନ ଅଙ୍ଗନୱାଡି କେନ୍ଦ୍ରରୁ ଆରମ୍ଭ ହୁଏ। ଏ ଦିଗରେ କର୍ମୀ ଓ ସହାୟିକାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଉକ୍ତ ଦାୟିତ୍ୱକୁ ଅଙ୍ଗନୱାଡି ଦିଦିମାନେ ନିଷ୍ଠାର ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ଉକ୍ତ ଉତ୍ସବରେ ସ୍ଥାନୀୟ ସରପଞ୍ଚ ପ୍ରଭାସିନୀ ନାୟକ, ବରିଷ୍ଠ ନେତା ପ୍ରହ୍ଲାଦ ପଣ୍ଡା, ମହିଳା ଶିଶୁ ବିକାଶ କେନ୍ଦ୍ର ସୁପରଭାଇଜର ବିଷ୍ଣୁପ୍ରିୟା ଦାଶ, ନୋଡାଲ ଅଧିକାରୀ ମଧୁସ୍ମିତା ମହାନ୍ତି, ତପନ କୁମାର କର, ଯୁବନେତା ସୁବାଷ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ୭ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ନୂତନ ଗୃହ ମଧ୍ୟରେ ଶ୍ରେଣୀଗୃହ, ଗୋଦାମ ଗୃହ, ଶୌଚାଳୟ, ରୋଷଘର ଆଦିର ବ୍ୟବସ୍ଥା ରହିଛି। କେନ୍ଦ୍ର ସହାୟିକା ନର୍ମଦା ସାହୁ ଧନ୍ୟବାଦ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତର ସମସ୍ତ ଅଙ୍ଗନୱାଡି କର୍ମୀ ଓ ସହାୟିକା କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।



ବିଧାୟକ ଆକାଶ ଦାସ ନାୟକ ଅଙ୍ଗନବାଡି କେନ୍ଦ୍ର ଗୃହ ଉଦ୍‌ଘାଟନ କରୁଛନ୍ତି।

# ଦଳୀୟ ପ୍ରଚାରର ମାଧ୍ୟମ ସାଜିଛି ପିଠା ଯୋଜନା

ରସୁଲପୁର,୧୮।୨(ଡିଏନଏ)



- ଲକ୍ଷ୍ୟଚ୍ୟୁତ ହୋଇଛି ଯୋଜନା
- ନାଚଗୀତ, ପିଠା ପ୍ରଦର୍ଶନୀରେ ସୀମିତ

ରସୁଲପୁର ବ୍ଲକରେ ପିଠା ଯୋଜନା ଲକ୍ଷ୍ୟଚ୍ୟୁତ ହୋଇଛି। ଏହି ଯୋଜନା ଦଳୀୟ ପ୍ରଚାରର ମାଧ୍ୟମ ପାଲଟିଥିବା ଦେଖିବାକୁ ମିଳିଛି। ଯୋଜନା ମୂଳ ଉଦ୍ଦେଶ୍ୟରୁ ଦୂରେଇ ଯାଇ ନାଚଗୀତ, ପିଠା ପ୍ରଦର୍ଶନୀରେ ସମୀତ ରହୁଛି। ଏଭଳି ବ୍ୟତିକ୍ରମ ପିଠା ଯୋଜନା ଭଳି ଏକ ସରକାରୀ କାର୍ଯ୍ୟକ୍ରମ ଆୟୋଜନବେଳେ ଦେଖିବାକୁ ମିଳିଛି। ବିଶେଷ କରି ଏହି ବ୍ଲକରୁ ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ସାମିଲ ହୋଇଥିବା ୯ଟି ପଞ୍ଚାୟତରେ ଅନୁରୂପ ସ୍ଥିତି ଉପୁଜିଛି । ଏସବୁ ପଞ୍ଚାୟତଗୁଡିକରେ ପିଠା କାର୍ଯ୍ୟକ୍ରମରେ ବିଜେଡିର ସାଂଗଠନିକ ବ୍ୟକ୍ତି ମଞ୍ଚରେ ଦଳୀୟ ପ୍ରଚାର କରୁଛନ୍ତି । ଫଳରେ ଯୋଜନାର ସଫଳ ରୂପାୟନ ହେବାରେ ବାଧା ସୃଷ୍ଟି କରିଛି।

ଗତ ୧୦ତାରିଖରୁ ବ୍ଲକରେ ତୃତୀୟ ପର୍ଯ୍ୟାୟ ପିଠା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରତ୍ୟହ ବ୍ଲକର ୩ଟି ଲେଖାଏଁ ପଞ୍ଚାୟତରେ ପିଠା ଯୋଜନା ଆୟୋଜନ କରାଯାଉଛି। ଏହି ଯୋଜନା ଜରିଆରେ ସରକାରୀ ଜନାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯିବା କଥା। ଏଥି ସକାଶେ ବ୍ଲକରୁ ପ୍ରତ୍ୟେକ ପଞ୍ଚାୟତ ପାଇଁ ଜଣେ ଲେଖାଏ ନୋଡାଲ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି। ହେଲେ ତାହା ହେଉନ ଥିବା ଦେଖିବାକୁ ମିଳିଛି। ଏହି ନିର୍ବାଚନ ମଣ୍ଡଳୀ କଲଣ ପଞ୍ଚାୟତରୁ ପିଠା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିସହ ଓଡିଶୋ, ଜାବରା, ରାହାମ୍ବା ଆଦି ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇସାରିଛି। ଏହି କାର୍ଯ୍ୟକ୍ରମରେ ରସୁଲପୁର ବ୍ଲକ ଯୁବ ବିଜେଡି ସଭାପତି ସୁବାସ ଖୁଣ୍ଟିଆ, ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ମନୋଜ ରାଉତ, ଯାଜପୁର ଜିଲା ବିଜେଡି ଉପସଭାପତି ମୋଇଉଦ୍ଦିନ ମହମ୍ମଦ, ଧର୍ମଶାଳା ନିର୍ବାଚନ ମଣ୍ଡଳୀ ରସୁଲପୁର ଶାଖା ବିଜେଡି ସଭାପତି କ୍ଷୀରୋଦ ସ୍ୱାଇଁ ପ୍ରମୁଖଙ୍କୁ ମଞ୍ଚ ଉପରେ ଦେଖିବାକୁ ମିଳିଥିଲା। ଏ ସମସ୍ତେ ଯୋଜାନର ଗୁଢ ରହସ୍ୟକୁ ଗୁରୁତ୍ୱ ଦେଉନାହାନ୍ତି। ବରଂ ନିର୍ବାଚନ ପାଖେଇ ଆସୁଥିବାରୁ ଦଳୀୟ ପ୍ରଚାରରେ ଗୁରୁତ୍ୱ ଦେଉଛନ୍ତି। ୧୯ତାରିଖରେ ଧର୍ମଶାଳା ମହୋତ୍ସବ ପଡିଆରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଅଧିକାଂଶ ମହିଳା ଯୋଗଦେବାକୁ ଖୋଲାଖୋଲି ପ୍ରଚାର କରୁଥିବା ଦେଖିବାକୁ ମିଳିଛି। ଫଳରେ ପିଠାର ପ୍ରକୃତ ଉଦ୍ଦେଶ୍ୟ ସାଧନ ହୋଇପାରି ନାହିଁ। ଏହାଛଡା ପିଠା ଯୋଜନା ଅର୍ଥରେ ମନୋରଞ୍ଜନ କାର୍ଯ୍ୟକ୍ରମ ମେଲୋଡି, ଘୋଡାନାଚ, ଘୁମୁରା ନାଚ ଆଦି ପରିବେଷଣ କରାଯାଉଛି। ପିଠା କାର୍ଯ୍ୟକ୍ରମକୁ ପିଠା ପ୍ରଦର୍ଶନୀରେ ସୀମିତ ରଖାଯାଉଛି । ଏଭଳି ପରିସ୍ଥିତି ପ୍ରାୟତଃ ସମସ୍ତ ଅଞ୍ଚଳରେ ଦେଖିବାକୁ ମିଳିଛି। କାର୍ଯ୍ୟକ୍ରମ ସ୍ଥଳରେ ସରକାରୀ ଅଧିକାରୀ ଉପସ୍ଥିତ ରହୁଥିଲେ ହେଁ ଏଭଳି ବେଆଇନ କାର୍ଯ୍ୟକୁ ରୋକିବାକୁ ପ୍ରୟାସ କରାଯାଉ ନାହିଁ। ତେବେ ବିଜେଡି ନେତାଙ୍କ ଇଙ୍ଗିତରେ ଏହି କାର୍ଯ୍ୟକ୍ରମ ପରିଚାଳନା ହେଉଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଅପରପକ୍ଷରେ କୌଣସି ଦଳୀୟ କାର୍ଯ୍ୟକ୍ରମ ସରକାରୀ ବିଦ୍ୟାଳୟରେ କରାଯିବା ବେଆଇନ ହୋଇଥିବା ବେଳେ ପିଠା କାର୍ଯ୍ୟକ୍ରମ ଅନେକ ସ୍ଥାନରେ ସରକାରୀ ବିଦ୍ୟାଳୟଗୁଡ଼ିକରେ ହେଉଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ରସୁଲପୁର ବିଡିଓ ଉମାକାନ୍ତ ପରିଡାଙ୍କୁ ପଚାରିବାରୁ, ସେ ନିର୍ବାଚନ ପାଇଁ ତାଲିମରେ ବ୍ୟସ୍ତ ରହୁଛନ୍ତି । ପଞ୍ଚାୟତ ଦାୟିତ୍ୱରେ ଥିବା ନୋଡାଲ ଅଧିକାରୀଙ୍କୁ ନିୟମ ଅନୁଯାୟୀ କାର୍ଯ୍ୟକ୍ରମ ପରିଚାଳନା କରିବାକୁ ପରାମର୍ଶ ଦିଆଯାଇଛି । ତେବେ ଏଭଳି ଅଭିଯୋଗ ତାଙ୍କ ନିକଟକୁ ଆସି ନାହିଁ । ଅଭିଯୋଗ ଆସିଲେ ସେ ଦିଗରେ ଧ୍ୟାନ ଦେବେ ବୋଲି କହିଛନ୍ତି।



ପର ପାଇଁ ଦୁଃଖ ସହିବା
ହେଉଛି ମନୁଷ୍ୟର ପ୍ରକୃତ ଧର୍ମ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ଜଳିଗଲା ୪ ବଖରା

ଚଣ୍ଡିଖୋଲ /ବାଲିଚନ୍ଦ୍ରପୁର,୧୮।୨(ଡି.ଏନ.ଏ./ସ୍ୱ.ପ୍ର.)ଦର୍ପଣ ତହସିଲ ଅଧୀନ ଚାରିନଙ୍ଗଳ ପଞ୍ଚାୟତର ମହମ୍ମଦନଗର ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଶୋବାନ ଖାଁଙ୍କର ୪ ବଖରା ଚାଳଘର ସମ୍ପୂର୍ଣ୍ଣ ଜଳିଯାଇଛି। ଏପରିକି କିଛିଦିନ ପରେ ଝିଅ ବାହାଘର ହେବାକୁ ଥିବାବେଳେ ଘରେ ରଖିଥିବା ନଗଦ ଟଙ୍କା, ସୁନାଗହଣା ସମେତ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଜଣା ପଡ଼ି ନ ଥିଲେ ମଧ ପୋଡ଼ି ଯାଇଥିବା ସମ୍ପତ୍ତିର ମୂଲ୍ୟ ୩ ଲକ୍ଷ ଟଙ୍କା ହେବ ବୋଲି ପରିବାର ଲୋକେ ପ୍ରକାଶ କରିଛନ୍ତି। ଚଣ୍ଡିଖୋଲ, ମାହାଙ୍ଗା ଓ ଡେରାବିଶରୁ ୩ ଦମକଳ ଗାଡ଼ି ଆସି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ ମଧ କୌଣସି ଜିନିଷ ଉଦ୍ଧାର ହୋଇପାରି ନ ଥିଲା। ପ୍ରଶାସନ ପକ୍ଷରୁ ସହାୟତା ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଶହୀଦଙ୍କ ସ୍ମୃତିରେ ଚଣ୍ଡିଖୋଲ ବନ୍ଦ

ଚଣ୍ଡିଖୋଲ,୧୮।୨(ଡି.ଏନ.ଏ.)- ଜମ୍ମୁ-କଶ୍ମୀରର ପୁଲୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ସର୍ବଭାରତୀୟ ବ୍ୟବସାୟୀ ମହାସଂଘ ଡାକରାରେ ସୋମବାର ବଡ଼ଚଣା ବ୍ଲକର ବିଭିନ୍ନ ସ୍ଥାନରେ ଦୋକାନ ବଜାର ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ପରେ ବ୍ୟବସାୟୀମାନେ ଶହୀଦଙ୍କ ସ୍ମୃତିରେ କ୍ୟାଣ୍ଡେଲ ଶୋଭାଯାତ୍ରା କରିଥିଲେ। ବଡ଼ଚଣା ବ୍ଲକର ଚଣ୍ଡିଖୋଲ, ବାଲିଚନ୍ଦ୍ରପୁର, ଛତିଆ, ବଡ଼ଚଣା, ବାଲିକୁଦା, ଦର୍ପଣୀ, ଧାନମଣ୍ଡଳ ଆଦି ବିଭିନ୍ନ ଛକଗୁଡ଼ିକରେ ଦିନତମାମ ଦୋକାନ ବଜାର ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ବ୍ୟବସାୟ ମାନେ ସ୍ୱତଃସ୍ଫୃତ ଭାବେ ଏହି ବନ୍ଦରେ ସାମିଲ ହୋଇଥିଲେ। ଚଣ୍ଡିଖୋଲ ଠାରେ ସ୍ଥାୟୀ ବଣିକ ସଂଘ ଓ ଅସ୍ଥାୟୀ ବଣିକ ସଂଘ ପକ୍ଷରୁ ଦୋକାନ ବଜାର ବନ୍ଦ କରାଯାଇଥିଲା ବେଳେ ବାଲିଚନ୍ଦ୍ରପୁରଠାରେ ବଣିକ ସଂଘ ଏଥିରେ ସାମିଲ ହୋଇଥିଲା। ସେହିପରି ଛତିଆଠାରେ ବ୍ୟବସାୟୀ ସଂଘ ଓ ଉଠା ଦୋକାନୀମାନେ ମଧ ବନ୍ଦରେ ସାମିଲ ହୋଇଥିଲେ।

### ଅଜାଣ ନୋଡାଲ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଧାରଣା

ବରୀ/ରତ୍ନଗିରି,୧୮।୨(ସ୍ୱ.ପ୍ର./ଡି.ଏନ୍.ଏ.)- ୧୨ ଦଫା ଦାବି ନେଇ ଗ୍ରାମବାସୀ, ଅଭିଭାବକ ଓ ଛାତ୍ରୀଛାତ୍ର ସୋମବାର ବରୀ ବ୍ଲକ ଅଧୀନ ମେଦୁଆକୂଳ ଗ୍ରାମର ଅଜାଣ ନୋଡାଲ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ବରୀ ବିଇଓ ଅଭୟ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। କୌଣସି ସୁଫଳ ନ ମିଳିବାରୁ ଏଥିରେ ବିଇଓ ବେହେରା ସମ୍ପୃକ୍ତି ଥିବା ଧାରଣାକାରୀ ଅଭିଯୋଗ କରିଥିଲେ। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଜିଲା ଶିକ୍ଷାଧିକାରୀ କି କୌଣସି ଜିଲା ପ୍ରଶାସନିକ ଅଧିକାରୀ ଧାରଣାସ୍ଥଳକୁ ଆସି ନ ଥିଲେ। ଏବେ ବି ଧାରଣାକାରୀମାନେ ଧାରଣା ଜାରି ରଖିଛନ୍ତି। ଏହି ଧାରଣାରେ ସୌଭାଗ୍ୟ ରଞ୍ଜନ ଦାସ, ପ୍ରମୋଦ ଦାସ, ରାକେଶ ଦାସ, ନୃସିଂହ ଶାନ୍ତି, ସୁଶାନ୍ତ ଶାନ୍ତି, ସଞ୍ଜୟ ନାୟକ ପ୍ରମୁଖ ଗ୍ରାମବାସୀ ସାମିଲ ଅଛନ୍ତି।

### ସାହିତ୍ୟ ଦର୍ପଣର ବାର୍ଷିକ ଉତ୍ସବ

ଧର୍ମଶାଳା,୧୮।୨(ଡି.ଏନ୍.ଏ.)- ଗ୍ରାମାଞ୍ଚଳରୁ ପ୍ରକାଶ ପାଉଥିବା ସାହିତ୍ୟ ଦର୍ପଣର ୨୦ତମ ବାର୍ଷିକ ଉତ୍ସବ, ପତ୍ରିକା ଉନ୍ମୋଚନ ଓ ସମ୍ବର୍ଦ୍ଧନା ପର୍ବ ରବିବାର ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ପାଳିତ ହୋଇଯାଇଛି। ସରକାରୀ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ କବି ପୀତାମ୍ବର ତରାଇଙ୍କ ସଭାପତିତ୍ୱରେ ଉତ୍ସବରେ ଅତିଥିଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ଉପଦେଷ୍ଟା କବି ଅମରେଶ ପଟ୍ଟନାୟକ, କବି ଅପର୍ଣ୍ଣା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସାହିତ୍ୟ ଦର୍ପଣ ପତ୍ରିକା ଉନ୍ମୋଚିତ ହୋଇଯାଇଛି। ଏଥିସହ ଡକ୍ଟର ନାରାୟଣ ପଣ୍ଡାଙ୍କୁ ସାହିତ୍ୟ ଦର୍ପଣ ପୁରସ୍କାର, କବି ସୁରେଖା ନାୟକଙ୍କୁ କବିତା ସମ୍ମାନ, ଗାଳ୍ପିକା ପଲ୍ଲିଶ୍ରୀ ପଟ୍ଟନାୟକ, କବି ବିରଞ୍ଚି ନାରାୟଣ ଦରୱାନ, କବି ପ୍ରଫୁଲ୍ଲ ଚକ୍ର, କବି ସ୍ୱପ୍ନା ମିଶ୍ର, ଜୟଶ୍ରୀ ଦେବୀ, ଡାକ୍ତର କ୍ଷୀରୋଦଚନ୍ଦ୍ର ନନ୍ଦ, ପ୍ରସନ୍ନ କୁମାର ବେହୁରାଙ୍କୁ ଦର୍ପଣ ସମ୍ମାନରେ ସମ୍ମାନିତ କରାଯାଇ ଉପଢୌକନ ସହ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ସଭାରେ ଜମ୍ମୁ କଶ୍ମୀରରେ ପୁଲୱାମାରେ ଶହୀଦ ଓ କବି ସୁବୋଧ ନାୟକଙ୍କ ସ୍ମୃତିରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଅଧ୍ୟାପକ ବିଜୟ ନାୟକ ସ୍ୱାଗତ ଭାଷଣ ଓ ସମ୍ପାଦକ ବିମଳ ପତି ବିବରଣୀ ପ୍ରଦାନ କରିଥିଲେ। ଶେଷରେ ନରେନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ପୋତିହୋଇଗଲାଣି ଜୈନ ଗୁମ୍ଫା

ଯାଜପୁରରୋଡ,୧୮।୨(ନି.ପ୍ର.)



■ବିକ୍ଷିପ୍ତ ହୋଇପଡ଼ିଛି ଜୈନ ମୂର୍ତ୍ତି
■ବ୍ରାହ୍ମଣୀ ଦେବୀ ନାମରେ ନାମିତ ଜୈନ ଧର୍ମର ପଦ୍ମାଦେବୀ

ଯାଜପୁରରୋଡ ଥାନା ଓ ଦମକଳ କେନ୍ଦ୍ର ନିକଟରେ ଥିବା ନୂଆଗଡ ଜୈନ ଗୁମ୍ଫା କ୍ରମଶଃ ପୋତି ହେବାକୁ ବସିଥିଲେ ମଧ ପୁନରୁଦ୍ଧାର କରାଯାଉନାହିଁ। ବର୍ଷା ଦିନେ ବର୍ଷା ପାଣିରେ ମାଟି ଧୋଇହୋଇ ଗୁମ୍ଫାରେ ପ୍ରବେଶ କରୁଛି। ଗୁମ୍ଫା ଭିତର ସରୀସୃପଙ୍କ ବାସସ୍ଥଳୀ ପାଲଟିଛି। ପୁରୁଖା ଲୋକଙ୍କଠାରୁ ଶୁଣାଯାଏ ଏହି ଗୁମ୍ଫାରେ ଜୈନ ସାଧୁମାନେ ବାସ କରୁଥିଲେ। ଗୁମ୍ଫାର ଅନତି ଦୂରରେ ଥିବା ବିଲବାଡିରେ ଜୈନ ପ୍ରତିମୂର୍ତ୍ତି ବିକ୍ଷିପ୍ତ ଅବସ୍ଥାରେ ପଡିରହିଛି। ମୂର୍ତ୍ତିଗୁଡିକ କ୍ରମଶଃ ଚୋରି ହେବାରେ ଲାଗିଛି। କଳିଙ୍ଗନଗରକୁ ରାସ୍ତା ନିର୍ମାଣ, କୁଆଁଦା ଗ୍ରାମର ପୋଖରୀରୁ ମାଟି ଖନନ କରାଯାଉଥିବା ସମୟରେ ଏକ ଜୈନ ମୂର୍ତ୍ତି ଉଦ୍ଧାର କରାଯାଇଥିଲା। ସେହି ମୂର୍ତ୍ତିକୁ କୁଆଁଦା ଗ୍ରାମବାସୀ ସୁରକ୍ଷିତ କରି ରଖିଛନ୍ତି। ସେହିପରି ବ୍ରାହ୍ମଣୀରେ ଜୈନ ମୂର୍ତ୍ତିଗୁଡିକ ପଡିରହିଛି। ପଥରରେ ଖୋଦିତ ମୂର୍ତ୍ତିଗୁଡିକ ଲୋପ ପାଇବାକୁ ବସିଲାଣି। ବ୍ରାହ୍ମଣ ଧର୍ମର ଉତ୍‌ଥାନ ପରେ ଜୈନ କୀର୍ତ୍ତିଗୁଡିକୁ ହିନ୍ଦୁ ଧର୍ମ ଦେବଦେବୀଙ୍କ ନାମରେ ନାମିତ କରାଯାଇଛି। ଜୈନ ଧର୍ମର ପଦ୍ମାଦେବୀଙ୍କୁ ଏବେ ବ୍ରାହ୍ମଣୀ ଦେବୀ ନାମରେ ନାମିତ କରାଯାଇ ପୂଜାର୍ଚ୍ଚନା କରାଯାଉଛି। ତଳଗଡ଼, ପଚ୍ଛିକୋଟ, କାଚରା ସାହି ପ୍ରଭୃତି ଅଞ୍ଚଳରେ ଜୈନ ମୂର୍ତ୍ତିଗୁଡିକୁ ଗ୍ରାମଦେବତୀରେ ରୂପାନ୍ତରିତ କରାଯାଇଛି। ଜୈନ ସନ୍ନ୍ୟାସୀମାନେ ବ୍ରାହ୍ମଣୀ ଦେବୀ ପୀଠକୁ ଆସି ଧ୍ୟାନ କରି ଫେରୁଛନ୍ତି। ଜୈନ ସନ୍ନ୍ୟାସୀଙ୍କ ପାଇଁ ସେଠାରେ କୌଣସି ଆଶ୍ରୟସ୍ଥଳ ନାହିଁ। ବାହ୍ମଣୀ ଦେବୀ, ଇଚ୍ଛାପୁର, ନୂଆଗଡ ପ୍ରଭୃତି ସ୍ଥାନ ଖନନ କରାଗଲେ ଜୈନ ଧର୍ମ ସମ୍ପର୍କରେ ବହୁ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏ ସମ୍ପର୍କରେ ପ୍ରାଣକୃଷ୍ଣ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ଗବେଶ ଦୁଷ୍ମନ୍ତ ନାୟକଙ୍କୁ ପଚାରିବାରେ, ସେ ଜୈନ ଧର୍ମର ଗବେଷଣା କରୁଛନ୍ତି। ଇଚ୍ଛାପୁରରେ ଥିବା ଶିଳାଲିପିର ଅକ୍ଷରଗୁଡିକ ଲିଭି ଯାଇଥିବାରୁ କେତେ ଖ୍ରୀଷ୍ଟାବ୍ଦରେ ଜୈନ ଧର୍ମ ପ୍ରଚାର ଓ ଗୁମ୍ଫା ନିର୍ମାଣ ହୋଇଥିଲା, ସେ ସମ୍ପର୍କରେ ଜାଣି ହେଉନାହିଁ। ତେବେ ଖାରବେଳଙ୍କ ରାଜୁତି ସମୟରେ ପ୍ରଚାର ଲାଭ କରିଥିଲା ବୋଲି ଜଣାପଡ଼ିଛି। ଗବେଶକ ନାୟକ କହିଛନ୍ତି, ପଶ୍ଚିମ ଯାଜପୁର, କେନ୍ଦୁଝର ପ୍ରଭୃତି ଅଞ୍ଚଳରେ ଜୈନ ଧର୍ମ ପ୍ରଚାର କରିଥିଲା। ସେଠାରେ ବିଭିନ୍ନ ମୂର୍ତ୍ତିମାନ ଦେଖିବାକୁ ମିଳିଛି। ବିଶେଷକରି ନୂଆଗଡ ଜୈନ ଗୁମ୍ଫା ଓ ବ୍ରାହ୍ମଣୀ ଦେବୀ ଜୈନ ଧର୍ମର ପ୍ରଧାନ କେନ୍ଦ୍ର ଥିଲା। ସେଥିପାଇଁ ଜୈନ ସନ୍ନ୍ୟାସୀମାନେ ଏଠାକୁ ଆସିଥାନ୍ତି। ସେମାନଙ୍କୁ ସୁରକ୍ଷା ଦେବାକୁ ଗୁମ୍ଫାମାନ ନିର୍ମାଣ କରାଯାଇଥିଲା। ଏବେ ମଧ ଗବେଷଣା ଜାରି ରଖିଛନ୍ତି। ଏ ସମ୍ପର୍କରେ ଏକ ପୁସ୍ତକ ରଚନା କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଅବଗତ କରିବେ ବୋଲି ସେ କହିଛନ୍ତି।

### ଯବାନଙ୍କ ସ୍ମୃତିରେ କ୍ୟାଣ୍ଡେଲ ଶୋଭାଯାତ୍ରା

କୋରେଇ,୧୮।୨(ସ୍ୱ.ପ୍ର.)

କୋରେଇ ବ୍ଲକ ଅନ୍ତର୍ଗତ ଅନ୍ଧାରୀ ପଞ୍ଚାୟତର ମା' କାମୁଡେଇ ସାହିତ୍ୟ ସଂସ୍କୃତି ମଞ୍ଚ ତଥା ପାଲା ଗାୟକ ସଂଘ ପକ୍ଷରୁ ସୋମବାର ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ପୂର୍ବକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁବପିଢ଼ି, ଛାତ୍ରୀଛାତ୍ର ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ମା' କାମୁଡେଇଙ୍କ ପୀଠରୁ ଆରମ୍ଭ ହୋଇଥିବା ଶୋଭାଯାତ୍ରା ପ୍ରାରମ୍ଭରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶୋଭାଯାତ୍ରା ରଗଡି ଛକରେ ପହଞ୍ଚିବା ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କର କୁଶପୁତ୍ତଳିକା ଦାହ କରାଯିବା ସହ ପାକିସ୍ତାନ ମୁର୍ଦାବାଦ, ବୀର ଶହୀଦ ଅମର ରହେ ସ୍ଲୋଗାନ ଦିଆଯାଇଥିଲା। ଅନ୍ଧାରୀ ସରପଞ୍ଚ ପ୍ରତିନିଧି ବସନ୍ତ କୁମାର ମହାକୁଡ, ନାଏବ ସରପଞ୍ଚ ବୈରାଗୀ ବାରିକ, କାମୁଡେଇ ସାହିତ୍ୟ ସଂସ୍କୃତି ମଂଚ ସଭାପତି ଶରତ କୁମାର ଦାସ, ସମ୍ପାଦକ ସୁକର୍ଣ୍ଣ ରାଉତ, ଉପଦେଷ୍ଟା ଶିକ୍ଷାବିତ୍ ମଦନ ମୋହନ କର, ପବିତ୍ର ମୋହନ ରାଉତରାୟ, ବିଜୟ କର, ନରେଶ କୁମାର ହୋତା, ପ୍ରଶାନ୍ତ କର ପ୍ରମୁଖ ସାମିଲ ହୋଇଥିଲେ।

■ବ୍ୟାସ ସରୋବର ମହୋତ୍ସବର ୪ର୍ଥ ଦିନ

## ମହୋତ୍ସବ ସନ୍ଧ୍ୟାକୁ ମୁଖରିତ କଲା କବିତା ପାଠ



ମହୋତ୍ସବରେ ଜଣେ ନୃତ୍ୟଶିଳ୍ପୀ ନୃତ୍ୟ ପରିବେଷଣ କରୁଛନ୍ତି।

ଯାଜପୁରରୋଡ,୧୮।୨(ନି.ପ୍ର.)

ବ୍ୟାସସରୋବର ମହୋତ୍ସବର ଚତୁର୍ଥ ସନ୍ଧ୍ୟା ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବ୍ୟାସନଗର ପୌରପାଳିକା ତରଫରୁ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇ ଦୀପ ପ୍ରଜ୍ୱଳନ କରିବା ସହ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ଶହୀଦଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯିବା ସହ ପାକିସ୍ତାନକୁ ନିନ୍ଦା କରାଯାଇଥିଲା। ପରେ ବଉଳଫୁଲ ତରଫରୁ ଶହୀଦଙ୍କ ଉଦ୍ଦେଶ୍ୟରେ ଏକ ଦେଶାତ୍ମବୋଧକ ସଂଗୀତ ଗାନ କରାଯାଇଥିଲା। ଏହି ଅବସରରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ବଉଳଫୁଲ, ବ୍ୟାସ ସରୋବର ସାହିତ୍ୟ ବାଟିକା ପକ୍ଷରୁ କବିତା ଆସର କରାଯାଇଥିଲା। ଶତାଧିକ କବି ସ୍ୱରଚିତ କବିତା ପାଠ କରି ମହୋତ୍ସବ ସନ୍ଧ୍ୟାକୁ ମୁଖରିତ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ରମାକାନ୍ତ ଜେନା, ରୁଦ୍ର ନାରାୟଣ ପୃଷ୍ଟି, ବଉଳଫୁଲର ସମ୍ପାଦିକା ବ୍ରଜକେଶରୀ ସିଂ, ଅକ୍ଷୟ କୁମାର ପଣ୍ଡା, ଅଧ୍ୟାପକ ଅକ୍ଷୟ କୁମାର ମହାନ୍ତି, ମଳୟ କୁମାର ମଲିକ, ରୀନା ମହାପାତ୍ର ପ୍ରମୁଖ ଯୋଗଦେଇ ବ୍ୟାସ ସରୋବର ପୀଠର ଓଡ଼ିଆ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

### ବରୀ ପ୍ରେସ୍ କ୍ଲବ ପକ୍ଷରୁ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ବରୀ,୧୮।୨(ସ୍ୱ.ପ୍ର.)

ଜମ୍ମୁ-କଶ୍ମୀରର ପୁଲୱାମା ଜିଲାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ଉଦ୍ଦେଶ୍ୟରେ ସୋମବାର ସନ୍ଧ୍ୟାରେ ବରୀ ପ୍ରେସ୍ କ୍ଲବ ପକ୍ଷରୁ ଶିବ ମନ୍ଦିର ପରିସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଖବରଦାତା ଅନିରୁଦ୍ଧ ବେଉରିଆ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଛି। ପରେ ଖବରଦାତାଙ୍କୁ ନେଇ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ଏଥିରେ ଖବରଦାତା ବାଞ୍ଛାନିଧି ସାହୁ, ପ୍ରତାପ ଦାସ, ହିମାଂଶୁ ଶେଖର ଦାଶ, ପ୍ରଭାସ ଚନ୍ଦ୍ର ପରିଡା, ମହେନ୍ଦ୍ର ସ୍ୱାଇଁ, ବ୍ରଜ କିଶୋର ଜେନା, ସ୍ନେହାଂଶୁ ଶେଖର ମହାନ୍ତି, ସୁରେଶ ଚନ୍ଦ୍ର କର, ଦର୍ଶନ ବେହେରା, ପ୍ରଦୀପ ମହାରଣା, ଅମିତ କୁମାର ଦାସ, ସ୍ୱରଜିତ ମହାନ୍ତି, ସମିର ଦାସ ପ୍ରମୁଖ ସାମିଲ ହୋଇଥିଲେ।

### ଓଡ଼ିଶା ବନ୍ଦ ପାଇଁ ନବନିର୍ମାଣ କୃଷକ ସଂଗଠନର ପ୍ରସ୍ତୁତି

ସିଂହପୁର,୧୮।୨ଡି.ଏନ୍.ଏ.)

ଚାଷୀଙ୍କ ବିଭିନ୍ନ ଦାବି ନେଇ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ୨୧ ତାରିଖରେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଏ ନେଇ ସୋମବାର ବିଞ୍ଝାରପୁର ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ପକ୍ଷରୁ ବନ୍ଦକୁ ସଫଳ କରିବାକୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ଚାଷୀମାନେ ନିଜର ହକ ପାଇଁ ଭୁବନେଶ୍ୱର ଯାଉଥିବା ବେଳେ ରାସ୍ତାରେ ଅଟକାଇବା, ମହିଳା ଚାଷୀଙ୍କୁ ଅସଦାଚରଣ ଓ ସରକାର ଚାଷୀଙ୍କ ଦାବି ପୂରଣ କରୁ ନ ଥିବାରୁ ଏହାର ପ୍ରତିବାଦରେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। କୃଷକ ସଂଗଠନ ସଂଯୋଜକ ସନାତନ ସାହୁ, ଜିଲା ଉପଦେଷ୍ଟା ଭୁବନାନନ୍ଦ ସାମଲ, ରବୀନ୍ଦ୍ର ଧଳ, ଗୋଲେଖ ସ୍ୱାଇଁ, ଅଶୋକ ସାମଲ, ଅଭୟ ଦାସ, ବଳରାମ ବଳ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

ସ୍ୱାଇଲ ଚାମ୍ପିୟନଶିପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

## କ୍ଲବ ଦି ୟୁଥମାସ ଚାମ୍ପିୟନ

କୋରେଇ,୧୮।୨(ସ୍ୱ.ପ୍ର.)

କୋରେଇ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସ୍ୱାଇଲ୍ ଫାଉଣ୍ଡେଶନ ଓ ଛୋଟରାୟପୁରସ୍ଥିତ ରଘୁନାଥଜୀଉ ୟୁଥ୍ କ୍ଲବ୍ ମିଳିତ ଆନୁକୂଲ୍ୟରେ ପ୍ରଥମ ବାର୍ଷିକ ସ୍ୱାଇଲ୍ ଚାମ୍ପିୟନ୍‌ସିପ୍ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ କ୍ଲବ୍ ଦି ୟୁଥ୍‌ମାସ ଓ ସମାଜ ଦର୍ପଣ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସମାଜ ଦର୍ପଣ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ୍ ହରାଇ ୮୩ ରନ୍ କରିଥିଲା। ଜବାବରେ କ୍ଲବ୍ ଦି ୟୁଥ୍‌ମାସ୍ ୯.୪ ଓଭରରେ ୪ ଉଇକେଟ୍ ହରାଇ ୮୪ ରନ୍ କରି ଚାମ୍ପିୟନ୍ ହୋଇଥିଲା। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭୁପେନ ପୃଷ୍ଟି ଓ ସତ୍ୟଜିତ୍ ନାୟକ ମ୍ୟାନ୍ ଅଫ୍ ଦି ସିରିଜ୍ ହୋଇଥିଲେ। ଜିତେନ୍ଦ୍ର ଦାସ ଓ ସଞ୍ଜୟ କୁମାର ସାହୁ ଖେଳ ପରିଚାଳନା କରିଥିଲେ। ପରେ ସ୍ୱାଇଲ୍ ଫାଉଣ୍ଡେଶନ ସଭାପତି ଅକ୍ଷୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ରାଜ୍ୟ ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାନେତ୍ରୀ ବନ୍ଦିତା ପରିଡ଼ା, ଭାଜପା ନେତା ପିୟୁଷ ପାଣି, ଛୋଟରାୟପୁର ଗ୍ରାମ ମୁଖ୍ୟ କେଶବ ଚନ୍ଦ୍ର ମଙ୍ଗରାଜ, କୋରେଇ ଡିଗ୍ରୀ କଲେଜ ଅଧ୍ୟକ୍ଷ ମୋହନ ଚରଣ ଖୁଣ୍ଟିଆ, ଜିଲା କିନ୍ନର ସଂଘ ସଭାପତି କାଜଲ ସାହୁ, ସମ୍ପାଦିକା ଲଭଲି ସାହୁ, ଅଜୟ କୁମାର ପଣ୍ଡା, ପ୍ରମୋଦ କୁମାର ଖୁଂଟିଆ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ସ୍ୱାଇଲ୍‌ର ସମ୍ପାଦକ ସୌମ୍ୟବ୍ରତ ସାହୁ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିବା ବେଳେ ଆଲୋକ ଦାସ ମଂଚ ପରିଚାଳନା କରିଥିଲେ। ଶେଷରେ ରାକେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

■ଠିକ୍ ସମୟରେ ମିଳିଲାନି ଭତ୍ତା

## ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଲେ ହିତାଧିକାରୀ

ଚଣ୍ଡିଖୋଲ,୧୮।୨(ଡି.ଏନ.ଏ.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ବନ୍ଧାଲୋ ପଞ୍ଚାୟତ ହିତାଧିକାରୀମାନେ ଠିକ୍ ସମୟରେ ଭତ୍ତା ନ ପାଇବାରୁ ସୋମବାର ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଥିଲେ। ତେବେ ୨ ଜଣ ବ୍ଲକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ସେମାନେ ତାଲା ଖୋଲିଥିଲେ। ସୂଚନାଯୋଗ୍ୟ, ଗତ ୧୫ ତାରିଖରେ ହିତାଧିକାରୀଙ୍କୁ ଭତ୍ତା ଟଙ୍କା ପ୍ରଦାନ କରିବାର ନିୟମ ଥିଲା। ହେଲେ ଦାୟିତ୍ୱରେ ଥିବା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନୁପସ୍ଥିତ ରହୁଥିବାରୁ ହିତାଧିକାରୀ ଟଙ୍କା ପାଇପାରୁନାହାନ୍ତି ବୋଲି ଅଭିଯୋଗ କରିଥିଲେ। ତେବେ ଏହି ଘଟଣାକୁ ନେଇ ହିତାଧିକାରୀମାନେ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀଙ୍କୁ ଅଭିଯୋଗ କରିବା ସହ କିଛି ସମୟ ଅଟକ ରଖିଥିଲେ। ବ୍ଲକରୁ ୨ ଜଣ ଅଧିକାରୀ ପହଞ୍ଚି ନିର୍ବାଚନ କାର୍ଯ୍ୟରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଯାଇଥିବାରୁ ଭତ୍ତା ଟଙ୍କା ଦେବାରେ ବିଳମ୍ବ ହୋଇଛି। ଖୁବଶୀଘ୍ର ଟଙ୍କା ପ୍ରଦାନ କରାଯିବ ବୋଲି କହିବା ପରେ କାର୍ଯ୍ୟାଳୟରୁ ତାଲା ଖୋଲିଥିଲେ। ଏ ସମ୍ପର୍କରେ ବଡ଼ଚଣା ବିଡିଓ ଅଜିତ୍ ନାରାୟଣ ଗିରିଙ୍କୁ ପଚାରିବାରେ, ସମ୍ପୃକ୍ତ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନ୍ୟ ୨ଟି ପଞ୍ଚାୟତର ଦାୟିତ୍ୱରେ ଅଛନ୍ତି। ଏଥିସହ ବର୍ତ୍ତମାନ ନିର୍ବାଚନ କାର୍ଯ୍ୟ ପଡ଼ିଥିବା ହେତୁ ସେଥିରେ ସେ ଚାଲିଯାଇଛନ୍ତି। ତେଣୁ ଦେବାରେ ବିଳମ୍ବ ହୋଇଛି। ଖୁବ୍‌ଶୀଘ୍ର ପ୍ରଦାନ କରାଯିବ ବୋଲି କହିଛନ୍ତି।

■ରାଜ୍ୟସ୍ତରୀୟ ମା' ତାରିଣୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

## ଧର୍ମଶାଳା ବିଜୟୀ

କୋରେଇ,୧୮।୨(ସ୍ୱ.ପ୍ର.)

ପାଣିକୋଇଲିସ୍ଥିତ ମା' ତାରିଣୀ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ୧୮ତମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ଧର୍ମଶାଳା ସ୍ପୋର୍ଟ୍ସ ଏକାଡେମୀ ୧.୦ ଗୋଲରେ ଆଳି ପଦ୍ମପୁର ଫୁଟବଲ ଏକାଡେମୀକୁ ପରାସ୍ତ କରି ବିଜୟୀ ହୋଇଛି। ସମିତିସଭ୍ୟ ସେକ ଜହର ଅଲ୍ଲୀ, ସାମାଜିକ କର୍ମୀ ସୂର୍ଯ୍ୟମଣୀ ପଣ୍ଡା, ସନ୍ତୋଷ କୁମାର ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ମାନସ କୁମାର ବିଶ୍ୱାଳ ଖେଳ ପରିଚାଳନା କରିଥିବା ବେଳେ ଉତ୍ତମ କୁମାର ବାରିକ, ସେକ ଜୁଲିଫ ଲାଇନ୍ସ ମ୍ୟାନ ଭାବେ ସହଯୋଗ କରିଥିଲେ। କ୍ଲବର ଉପଦେଷ୍ଟା ରଘୁନାଥ ମାଝି, ସଭାପତି ସୁରେଶ ଚନ୍ଦ୍ର ପଣ୍ଡା, ସମ୍ପାଦକ ଅବଦୁଲ ସୟଦ ଖାଁ, ବିପିନ ବିହାରୀ ଦାସ, ଟିକନ ଦାସ, ବାରିଜ ନୟନ ଦାସ, ଦେବଦତ୍ତ ମହାପାତ୍ର, ନରେନ୍ଦ୍ର ଦାସ, ନିରାକାର ସ୍ୱାଇଁଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଶ୍ରୀମନ୍ତ ରାୟ ସ୍କୋରର ରହିଥିବା ବେଳେ ଆନନ୍ଦ ରଣା ଧାରା ବିବରଣୀ ପ୍ରଦାନ କରିଥିଲେ।

■କରଦା ହରିହାଟ ମହୋତ୍ସବର ୫ମ ସନ୍ଧ୍ୟା

## ଆବାସିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ପ୍ରଦର୍ଶନ



ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

କୋରେଇ,୧୮।୨(ସ୍ୱ.ପ୍ର.)

କୋରେଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତରେ ଅନୁଷ୍ଠିତ କରଦା ମହୋତ୍ସବର ୫ମ ସନ୍ଧ୍ୟା ସୋମବାର ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବର ମୁକ୍ତ ମଞ୍ଚରେ ବିଦ୍ୟାର୍ଥୀ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପ୍ରଦର୍ଶନ କରାଯାଇଥିଲା। ଭୁବନେଶ୍ୱର ଶିଳ୍ପିକା ଡ୍ୟାନ୍ସ ଗ୍ରୁପ୍‌ର ତାଳରେ ଦର୍ଶକ ଝୁମିଥିଲେ। ପାଣିକୋଇଲି ଥାନାଧିକାରୀ ଅଜୟ କୁମାର ଜେନାଙ୍କ ନିର୍ଦ୍ଦେଶରେ ମେଳାରେ ପୋଲିସ ବାହିନୀ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ମଠାଧୀଶ ବାବାଜୀ କୃଷ୍ଣ ଚନ୍ଦ୍ର ଦାସଙ୍କ ସମେତ ମେଳା କମିଟି ସଭାପତି ଚିନ୍ତାମଣୀ ବେହେରା, ମେଳା କମିଟି ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସାହୁ, ସରପଞ୍ଚ ଗଣେଶ ସାହୁ, ମହୋତ୍ସବ କମିଟି ସଭାପତି ପ୍ରଦୀପ ପଣ୍ଡା, ଉପସଭାପତି ସୁବାସ ଧଳ, ସମ୍ପାଦକ ପ୍ରମୋଦ ମହାପାତ୍ର, ପ୍ରଶାନ୍ତ ମହାପାତ୍ର ପ୍ରମୁଖ ମହୋତ୍ସବକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା ନିମନ୍ତେ ବିଭିନ୍ନ ଦାୟିତ୍ୱ ନେଇଥିଲେ। ଚଳିତବର୍ଷ ମେଳାରେ ମୀନା ବଜାର, ଚକ୍ରି ଦୋଳି, କଂସା ପିତ୍ତଳ ଦୋକାନ ସମେତ ବିଭିନ୍ନ ଷ୍ଟଲମାନ ଖୋଲାଯାଇଛି।

# ଆବାସ ଯୋଜନାରୁ ବଞ୍ଚିତ ଦିବ୍ୟାଙ୍ଗ

କୋରେଇ,୧୮।୨(ସ୍ୱ.ପ୍ର.)



ଯୋଜନାରୁ ବଞ୍ଚିତ ହୋଇଥିବା ଦିବ୍ୟାଙ୍ଗ ବ୍ୟକ୍ତି ପାଇକ ଜେନା।

କୋରେଇ ବ୍ଲକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆବାସ ଯୋଜନା ପ୍ରହସନ ପାଲଟିଛି। ଏହି ଯୋଜନାରେ ଥିଲାବାଲାଙ୍କୁ ଅନ୍ତର୍ଭୁକ୍ତ କରାଯାଉଥିବା ବେଳେ ପ୍ରକୃତ ହିତାଧିକାରୀ ବଞ୍ଚିତ ହେଉଛନ୍ତି। ଏପରିକି ସାଧାରଣ ଲୋକକୁ ଆବାସ ଯୋଜନାର ସୁଫଳ ପାଇବା ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ତଥା ରାଜନେତା ପର୍ଯ୍ୟନ୍ତ ସମସ୍ତଙ୍କ ଦ୍ୱାରସ୍ଥ ହେବାକୁ ପଡୁଛି। ଏପରି ଦୁର୍ନୀତି ଲୋକଲୋଚନକୁ ଆସିବା ପରେ ସାଦକପୁର ଓ ତାହାରପୁର ପଞ୍ଚାୟତରେ ଯୋଗ୍ୟ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି କି ନାହିଁ, ଜିଲାପାଳଙ୍କ ପକ୍ଷରୁ ଭିଜିଲାନ୍ସ ତଦନ୍ତ କରାଯିବାର ନିର୍ଦ୍ଦେଶ ଦିଆଯାଇଥିଲା। ନିର୍ଦ୍ଦେଶ ପାଇ ଭିଜଲାନ୍ସ ବିଭାଗ ତଦନ୍ତ କରି ଅନିୟମିତତା ହୋଇଥିବା ଜାଣିବାକୁ ପାଇଥିଲା। ଫଳରେ କେତେଜଣ ଆବାସ ଯୋଜନା ହିତାଧିକାରୀଙ୍କ ନଥି ନିଜ କାର୍ଯ୍ୟାଳୟକୁ ନେଇଥିବା ବେଳେ ସେଥିମଧ୍ୟରୁ କେତେଜଣ ହିତାଧିକାରୀଙ୍କୁ ବ୍ଲକ ପ୍ରଶାସନ ତରଫରୁ ସମ୍ପୂର୍ଣ୍ଣ ଯୋଜନାର ଅର୍ଥ ପଇଠ କରାଯାଇଛି। ଆଉ ଏକ ଘଟଣା ଦେଖିବାକୁ ମିଳିଛି କୋରେଇ ବ୍ଲକ ଅନ୍ତର୍ଗତ କାଚରାସାହି ପଞ୍ଚାୟତ କୟାଁ ଗ୍ରାମର ନୂଆସାହି ବାସିନ୍ଦା ଦିବ୍ୟାଙ୍ଗ ପାଇକ ଜେନାଙ୍କ କ୍ଷେତ୍ରରେ। ପାଇକଙ୍କ କହିବା ମୁତାବକ ସେ ଆବାସ ଯୋଜନାର ସୁଫଳ ପାଇବା ପାଇଁ ପଞ୍ଚାୟତଠାରୁ ବ୍ଲକ ପର୍ଯ୍ୟନ୍ତ ଦୌଡି ଦୌଡି ନିରାଶ ହୋଇଗଲେଣି, କିନ୍ତୁ ଆବାସ ଖଣ୍ଡେ ପାଇପାରୁନାହାନ୍ତି। ସେ ଜରି, ବୋତଲ, ଅଳିଆ ଆବର୍ଜନା ଗୋଟାଇ ଗୁଜୁରାଣ ମେଣ୍ଟାଉଥିବା ବେଳେ ଏକ ଝାଟିମାଟି ଘରେ ମୁଣ୍ଡ ଗୁଞ୍ଜିଛନ୍ତି। କିଛି ଦିନ ତଳେ କୋରେଇ ବିଡିଓ ହେମନ୍ତ କୁମାର ବିହାରୀଙ୍କୁ ଭେଟି ତାଙ୍କ ଦୁଃଖ ଜଣାଇଥିଲେ। ବିଡିଓ ବିହାରୀ ତାଙ୍କ କଥା ଶୁଣି ଫୋନ ଯୋଗେ କାଚରା ସାହି ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ପାଇକଙ୍କ କଥା ବୁଝିବା ପାଇଁ କହିଥିଲେ। ଏହା ଶୁଣି ପାଇକ ସରପଞ୍ଚଙ୍କ ସ୍ୱାମୀ ସନ୍ତୋଷ ତରେଇଙ୍କ ଉପସ୍ଥିତିରେ ପଞ୍ଚାୟତ କାର୍ଯ୍ୟାଳୟରେ ନିର୍ବାହୀ ଅଧିକାରୀଙ୍କୁ ଭେଟିଥିଲେ। ସେଠାରେ ନିର୍ବାହୀ ଅଧିକାରୀ ଶ୍ରୀବତ୍ସ ରାଉତ କହିଥିଲେ ଯେ, ଏସଇସି ତାଲିକାରେ ତୁମର ନାମ ନାହିଁ। ତେଣୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସୁଫଳ ପାଇପାରିବ ନାହିଁ। କିନ୍ତୁ ବିଜୁ ପକ୍କାଘର ପାଇବା ପାଇଁ ବିଧାୟକ କିମ୍ବା ଜିଲାପାଳଙ୍କ ଠାରୁଲେଖା ନେଇ ଆସ ନ ହେଲେ ୨୦ହଜାର ଟଙ୍କା ଦିଅ ତୁମକୁ ଆବାସ ଯୋଗାଇ ଦିଆଯିବ ବୋଲି କହିଥିବା ପାଇକ କହିଛନ୍ତି। ଏହି କଥା ଶୁଣି ପାଇକ ନିରାଶ ହୋଇ ଫେରିଆସିଥିଲେ। ଏ ସମ୍ପର୍କରେ ନିର୍ବାହୀ ଅଧିକାରୀ ରାଉତଙ୍କୁ ପଚାରିବାରେ, ସେ ୨୦ ହଜାର ଟଙ୍କା ମାଗି ନ ଥିବା କହିଥିଲେ। ଏହି ବିଷୟରେ ସରପଞ୍ଚଙ୍କ ସ୍ୱାମୀ ସନ୍ତୋଷ ତରେଇଙ୍କୁ ପଚାରିବାରୁ, ପଞ୍ଚାୟତ କାର୍ଯ୍ୟାଳୟରେ ଉପସ୍ଥିତ ଥିବା କିଛି ଜନସାଧାରଣ ତାଙ୍କୁ ୨୦ହଜାର ଉତ୍କୋଚ ଦେବାକୁ କହିଥିବା ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ପାଲାରେ କାଳିଆ ସଚେତନତା

ତିର୍ତ୍ତୋଲ,୧୮।୨(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ ପୋରଗଡେଇ ପଞ୍ଚାୟତର ଜୋଗଣିଆ ତାରିଣୀ ମନ୍ଦିର ପ୍ରାଙ୍ଗଣରେ ସୋମବାର କାଳିଆ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପାଲା ମାଧମରେ ଉପସ୍ଥିତ ଲୋକଙ୍କୁ କାଳିଆ ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା। ପ୍ରାରମ୍ଭରେ ଅମର ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଦୀପଦାନ ଓ ନୀରବ ପ୍ରାର୍ଥନା କରାଯାଇଥିଲା। ସରପଞ୍ଚ ସୁନୀତା ସାମାନ୍ତରାୟ ସଭାପତିତ୍ୱ କରିଥିଲେ। ତିର୍ତ୍ତୋଲ ବ୍ଲକ ଅଧକ୍ଷା ସୁଜାତା ମହାନ୍ତି ମୁଖ୍ୟଅତିଥିଭାବେ ଯୋଗଦେଇ ସରକାରଙ୍କ ଏହି ଯୋଜନାର ସୁବିଧା ନେବାକୁ ଲୋକଙ୍କୁ କହିଥିଲେ। ଜିଲାପରିଷଦ ସଭ୍ୟ ପ୍ରବୀର ରାୟ, ସିଡିପିଓ ତନୁପ୍ରଭା ବେଉରା, ପ୍ରାଣୀ ଚିକିତ୍ସା ଅଧିକାରୀ ଦେବବ୍ରତ ପାଢ଼ୀ, ସ୍ୱାସ୍ଥ୍ୟକର୍ମୀ ସରୋଜିନୀ ପ୍ରଧାନ, ସୁଶାନ୍ତ ଦାସ, ସାମାଜିକ କର୍ମୀ ଜୀବନଜ୍ୟୋତି ସାମନ୍ତରାୟ, ବସନ୍ତ ସାହୁ, ଅଜୟ ସାହୁ, ଚିତ୍ତରଞ୍ଜନ ମହାରଣା, ଅରୁଣ ସ୍ୱାଇଁ, ପ୍ରେମାନନ୍ଦ ସାମଲ, ଶତୃଘ୍ନ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଈଶ୍ୱର ସୂତାର, ମଦନ ମହାନ୍ତି, ପିଣ୍ଟୁ ମହାନ୍ତି, ବିଭୂପ୍ରସନ୍ନ ଗିରି, ଭଞ୍ଜ କିଶୋର ଗିରି, ଜଗବନ୍ଧୁ ସ୍ୱାଇଁ, ନିକୁଞ୍ଜ ଗିରି, ପ୍ରଫୁଲ୍ଲ ମଲ୍ଲିକ, କମ୍ପୁନାଥ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ରାଶନ ସାମଗ୍ରୀ ହଡ଼ପ ଘଟଣା

### ଡିଲର, ଯୋଗାଣ ନିରୀକ୍ଷକ, ବିଡିଓଙ୍କ ନାମରେ ମାମଲା

ତିର୍ତ୍ତୋଲ,୧୮।୨(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ ମଣିଜଙ୍ଗା ପଞ୍ଚାୟତ ପାଇଁ ନିଯୁକ୍ତ ଡିଲର ତରୁଣ କୁମାର ସାହୁ ହିତାଧିକାରୀଙ୍କୁ ଠିକ୍ ଭାବେ ରାଶନ ସାମଗ୍ରୀ ନ ଦେଇ ହଡ଼ପ କରୁଥିବା ବିଡ଼ିଓଙ୍କ ନିକଟରେ ଅଭିଯୋଗ ହୋଇଥିଲା। ବିଡିଓ ରଞ୍ଜନ କୁମାର ପରିଡ଼ା ଏ ସମ୍ପର୍କରେ କୌଣସି ପଦକ୍ଷେପ ନ ନେବାରୁ ହିତାଧିକାରୀମାନେ ଜିଲାପାଳଙ୍କୁ ଜଣାଇବା ସହ ଜଗତସିଂହପୁର ଏସଡିଜେଏମଙ୍କ କୋର୍ଟରେ ମାମଲା ଦାଏର କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶରେ ଏନେଇ ତିର୍ତ୍ତୋଲ ଥାନାରେ ଏକ ମାମଲା ନଂ.୩୬/୧୯ ରୁଜୁ ହୋଇଛି। ଏଥିରେ ଡିଲର ସାହୁଙ୍କ ସମେତ ତିର୍ତ୍ତୋଲ ବିଡିଓ ରଞ୍ଜନ କୁମାର ପରିଡା ଓ ବ୍ଲକ ଯୋଗାଣ ନିରୀକ୍ଷକ ଯଶୋବନ୍ତ ମଲ୍ଲିକଙ୍କୁ ପକ୍ଷଭୁକ୍ତ କରାଯାଇଛି। ପୋଲିସ ଏହି ମାମଲାର ତଦନ୍ତ ଆରମ୍ଭ କରିଥିବା ଆଇଆଇସି ପ୍ରଶାନ୍ତ କୁମାର ମାଝୀ କହିଛନ୍ତି। ଏ ସମ୍ପର୍କରେ ବିଡିଓ ପରିଡାଙ୍କୁ ପଚାରିବାରୁ ତାଙ୍କର ଏଥିରେ କୌଣସି ଭୂମିକା ନାହିଁ, ନିୟମ ଅନୁଯାୟୀ ଯାହା ପଦକ୍ଷେପ ନେବେ ବୋଲି ସୂଚନା ଦେଇଛନ୍ତି।

### ଶାଳିଜଙ୍ଗା ମହିମା ଆଶ୍ରମରେ ଚତୁର୍ଦ୍ଦଶୀ ମେଳା

ନାଉଗାଁ,୧୮।୨(ସ୍ୱ.ପ୍ର.): ନାଉଗାଁ ବ୍ଲକ ଶାଳିଜଙ୍ଗା ମହିମା ଆଶ୍ରମରେ ସୋମବାର ମାଘ ଚତୁର୍ଦ୍ଦଶୀ ମେଳା ଅନୁଷ୍ଠିତ ହୋଇଛି। ଏହି ଅବସରରେ ବାବା ଗଦାଧର ଦାସ ଅଖଣ୍ଡ ଝାଡ଼ ଦୀପ ଲଗାଇଥିଲେ। ଜିଲା ତଥା ଜିଲା ବାହାରୁ ବହୁ ଶ୍ରଦ୍ଧାଳୁ ଏଠାକୁ ଆସିଥିଲେ। ଆଶ୍ରମ ପରିସର ଶୂନ୍ୟ ମନ୍ଦିର ଓ ଅନ୍ୟାନ୍ୟ ମନ୍ଦିରକୁ ସୁସଜ୍ଜିତ କରାଯାଇଥିଲା। ସନ୍ଧ୍ୟାରେ ଏହି ପୀଠରେ ଶହସ୍ରାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଦିନ ତମାମ ମହିମା ଧର୍ମାବଲମ୍ବୀମାନେ ନାମ ସଂକୀର୍ତ୍ତନ କରିଥିଲେ। ଏଠାରେ ଯେଉଁ ପ୍ରସାଦ ରୋଷେଇ ହୋଇଥାଏ, ସେଥିରେ ଅକଟା ପରିବା ପଡିଥାଏ ବୋଲି ଶ୍ରଦ୍ଧାଳୁମାନେ କୁହନ୍ତି। ପ୍ରସନ୍ନ ମୁଦୁଲି, ବାବାଜୀ ସାହୁ, କମ୍ପାନୀ ମୁଦୁଲି, ବିଦ୍ୟାଧର ମୁଦିଲି ପ୍ରମୁଖ ଏଠାରେ ସ୍ୱତନ୍ତ୍ର ରୋଷେୟା ଭାବେ ରହିଛନ୍ତି। ପୁରୀ, କଟକ, ଜଗତ୍‌ସିଂହପୁର ଜିଲାରୁ ବହୁ ଶ୍ରଦ୍ଧାଳୁ ଏହି ମେଳାକୁ ଆସିଥିଲେ।

■ ପ୍ରଦୂଷଣରେ ରେଡ୍ ଜୋନ ତାଲିକାଭୁକ୍ତ ହେଲାଣି ପାରାଦୀପ

# ତୁଟୁନି ଶିଳ୍ପ ମୋହ, ଘର ଛାଡ଼ିବା ବାକି

ପାରାଦୀପ,୧୮।୨(ସ୍ୱ.ପ୍ର.)

କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ୨୦୧୭ ଅକ୍ଟୋବର ୧୬ରେ ଦେଶର ୮୮ଶହରକୁ ସର୍ବାଧିକ ପ୍ରଦୂଷିତ ଘୋଷଣା କରିଛି। ଏଥିରେ ସ୍ଥାନ ପାଇଥିବା ଓଡ଼ିଶାର ୪ଟି ସହର ମଧ୍ୟରୁ ବନ୍ଦରଭିତ୍ତିକ ଶିଳ୍ପ ସହର ପାରାଦୀପ ଅନ୍ୟତମ। ତେବେ ଓଡ଼ିଶାର ଅନ୍ୟ ୩ ସହର ଇବ୍‌ଭ୍ୟାଲି, ଝାରସୁଗୁଡ଼ା, ତାଳଚେର-ଅନୁଗୋଳ ଅପେକ୍ଷା ପାରାଦୀପରେ ପ୍ରଦୂଷଣ ମାତ୍ରା ଅଧିକ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ମଧ ପାରାଦୀପର ଜଳ, ବାୟୁ ପ୍ରଦୂଷଣ ପରୀକ୍ଷା କରାଯାଇଥିଲା। ୨୦୧୭ ଅକ୍ଟୋବର ୨୪ରେ ବୋର୍ଡ ପକ୍ଷରୁ ବିଧାନସଭା ପ୍ରଦୂଷଣ ହାଉସ କମିଟିକୁ ଏକ ରିପୋର୍ଟ ଦିଆଯାଇଥିଲା। ସେଥିରେ ଦର୍ଶାଯାଇଥିଲା ଯେ ପାରାଦୀପରେ ବାୟୁ ପ୍ରଦୂଷଣ ପାରାମିଟର ଆବଶ୍ୟକଠାରୁ ଅଧିକ। ତାହା ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ। ତାଳଦଣ୍ଡା କେନାଲ ଓ ମହାନଦୀରୁ ଯେଉଁ ପାଣି ସହରକୁ ଯୋଗାଣ ହେଉଛି, ତାହା ଗାଧୋଇବା ଓ ପିଇବା ଅନୁପଯୋଗୀ। ଏହି ରିପୋର୍ଟ ଆଧାରରେ ପାରାଦୀପକୁ ରେଡ୍ ଜୋନ ଘୋଷଣା କରାଯାଇଛି। ଏଠାରେ ଥିବା ୧୫ ବୃହତ ଶିଳ୍ପ ଏହି ରେଡ ତାଲିକାରେ ରହିଛି।

ଏହା ସତ୍ତ୍ୱେ ପାରାଦୀପରେ ଆହୁରି ଅନେକ ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ଯୋଜନା ଚାଲିଛି। ଏଭଳି ଭାବେ ପ୍ରଦୂଷଣ ନିୟନ୍ତ୍ରଣ ପରିବର୍ତ୍ତେ ସରକାର ଶିଳ୍ପ ପ୍ରତିଷ୍ଠା କରିଚାଲିଲେ ପାରାଦୀପରେ ଜନସାଧାରଣ ରହିବା କଷ୍ଟକର ହୋଇପଡ଼ିବ। ଏମିତିରେ ତ ଏଠାରେ ଚଳିବା କଷ୍ଟସାଧ ହେଲାଣି, ଖାଲି ଯାହା ଘରଛାଡ଼ିବା ବାକି ଅଛି ବୋଲି ଅନେକ କହିଲେଣି।

ସୂଚନା ଅନୁଯାୟୀ, ପ୍ରଦୂଷଣ ସ୍ଥିତିକୁ ନେଇ ୪ ପ୍ରକାର ତାଲିକା କରାଯାଏ। ଆଦୌ ପ୍ରଦୂଷଣ ନ ଥିବା ସ୍ଥାନକୁ ଧଳା, ଆଂଶିକ ପ୍ରଦୂଷଣ ସ୍ଥାନକୁ ସବୁଜ, ଏକ ତୃତୀୟାଂଶ ପ୍ରଦୂଷଣକୁ କମଳା ଓ ସର୍ବାଧିକ ପ୍ରଦୂଷିତ ସ୍ଥାନକୁ ଲାଲ ତାଲିକାଭୁକ୍ତ କରାଯାଏ। କେନ୍ଦ୍ର ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଗାଇଡ୍ ଲାଇନ ଅନୁସାରେ ରେଡ୍ ଘୋଷିତ ସ୍ଥାନରେ ଆଉ ନୂଆ ଶିଳ୍ପ ପ୍ରତିଷ୍ଠା ଓ ପୁରୁଣା ଶିଳ୍ପର ସମ୍ପ୍ରସାରଣ ହେବା କଥା ନୁହେଁ। କିନ୍ତୁ ବିଡ଼ମ୍ବନାର ପ୍ରସଙ୍ଗ ହେଲା ପାରାଦୀପରେ ରାଜ୍ୟ ଓ କେନ୍ଦ୍ର ସରକାର ଅଧିକ ଶିଳ୍ପ ପ୍ରତିଷ୍ଠା ପାଇଁ ଘୋଷଣା କରିଚାଲିଛନ୍ତି। କେନ୍ଦ୍ର ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏ ସମ୍ପର୍କରେ ନୀରବ ରହିଛି। ସରକାର ମଧ ପ୍ରଦୂଷଣ ନିୟନ୍ତ୍ରଣ କରିବାକୁ କୌଣସି ସ୍ୱତନ୍ତ୍ର ପଦକ୍ଷେପ ନେଉନାହାନ୍ତି। ପାରାଦୀପ ସହର ଓ ସଂଲଗ୍ନ ଅଞ୍ଚଳରେ ରହୁଥିବା ଲୋକେ କିପରି ପ୍ରଦୂଷଣ ପ୍ରଭାବରେ ଆଉଟୁ ପାଉଟୁ ହେଉଛନ୍ତି, ତାହା ଅଙ୍ଗେ ନିଭାଇଥିବା ଲୋକ ଜାଣିଛି। ଏପରି ସ୍ଥିତିରେ ନୂଆ ଶିଳ୍ପକୁ ଆହ୍ୱାନ କରିବା ବିପଦକୁ ନିମନ୍ତ୍ରଣ କରିବା ସଙ୍ଗେ ସମାନ ବୋଲି ବହୁ ସ୍ୱେଚ୍ଛାସେବୀ ଓ ବୁଦ୍ଧିଜୀବୀ କହିଛନ୍ତି। ତେବେ ବିଳମ୍ବରେ ହେଲେ ମଧ ରାଜ୍ୟ ଓ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏ ସମ୍ପର୍କରେ ବିଚାର ବିମର୍ଶ କରୁଥିବା ସୂଚନା ମିଳିଛି। ଏବେ କ୍ୟାରିଙ୍ଗ କାପାସିଟି (ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବାୟୁମଣ୍ଡଳ ଗ୍ରହଣ କରୁଥିବା ପ୍ରଦୂଷଣ ମାତ୍ରା) ପରୀକ୍ଷା କରାଯାଉଛି। ପ୍ରଦୂଷଣ ମାତ୍ରା ଯଦି କ୍ୟାରିଙ୍ଗ କାପାସିଟିଠାରୁ ଅଧିକ ଥାଏ, ତେବେ ନୂଆ ଶିଳ୍ପ ପ୍ରତିଷ୍ଠାରେ ପ୍ରତିବନ୍ଧକ ଘୋଷଣା କରାଯାଇପାରେ ବୋଲି କୁହାଯାଇଛି।



ପ୍ରଦୂଷଣ ପ୍ରଭାବରେ ପାରାଦୀପରେ ପୋଡ଼ି ଯାଇଥିବା ଗଛପତ୍ର।



ଶିଳ୍ପ କାରଖାନାରୁ ବାହାରୁଥିବା ଧୂଆଁ।

" ବହୁତ ହୋଇଗଲାଣି, ଆଉ ନୁହେଁ। ଆଗାମୀ ବଂଶଧରଙ୍କ ସୁରକ୍ଷା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ଓ ବ୍ୟାପକ ବୃକ୍ଷରୋପଣ କରାଯାଉ। କୌଣସି ନୂଆ ରାସାୟନିକ ଶିଳ୍ପ ପାରାଦୀପରେ ପ୍ରତିଷ୍ଠା କରା ନ ଯାଉ।

**ସଞ୍ଜୟ ପ୍ରଧାନ, ସଭାପତି, ସ୍ୱେଚ୍ଛାସେବୀ ସଙ୍ଗଠନ ଆହ୍ୱାନ କମ୍ବାଇନ୍ସ।**

" ପାରାଦୀପରେ ଶୀତଦିନେ ଚଳିବା କଷ୍ଟକର ହୋଇପଡିଲାଣି। ଅନେକ ବିରୋଧ କଲୁଣି। ଗତ ଜାନୁୟାରୀ ମାସରୁ ଧୂଳି ସତ୍ୟାଗ୍ରହ ନାଁରେ ଆମେ ବିରୋଧ ଜାରି ରଖିଛୁ। ଯେଉଁ ସରକାରୀ ଅଧିକାରୀ ଆସୁଛନ୍ତି, ସେମାନେ ସୀମିତ ସମୟ ମଧ୍ୟରେ କୌଣସି ପଦକ୍ଷେପ ନେଉନାହାନ୍ତି। ପ୍ରଦୂଷଣ ରୋକିବା ପାଇଁ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ହେଉ।

**ଅୟସକାନ୍ତ ରାୟ, ସଭାପତି, ପାରାଦୀପ ନାଗରିକ ମଞ୍ଚ।**

" ପାରାଦୀପରେ ଚଳିବା କଷ୍ଟକର ହେଲାଣି। ଖରାଦିନେ ପାଣି ସଙ୍କଟ ଦେଖାଦେଉଛି। ଗଛ ପତ୍ରର ରଙ୍ଗ ସବୁଜ ପରିବର୍ତ୍ତେ କଳା ଦେଖାଯାଉଛି। ଧୂଳି ଓ ରାସାୟନିକ ପ୍ରଦୂଷଣ ଯୋଗୁ ବିଭିନ୍ନ ପ୍ରକାର ରୋଗ ବ୍ୟାପୁଛି। ଅଳ୍ପ ବୟସର ଲୋକ ହୃଦ୍‌ଘାତର ଶିକାର ହେଉଛନ୍ତି। ତେଣୁ ଆଉ ଶିଳ୍ପ ଦରକାର ନାହିଁ କି ପ୍ରଦୂଷଣ ଦରକାର ନାହିଁ।

**ଦେବ କଲ୍ୟାଣ ମହାପାତ୍ର, ସଭାପତି, ଆଦର୍ଶ ପ୍ରୟାସ।**

" ଆମ ସଙ୍ଗଠନ ୨ ଦଶନ୍ଧୀ ହେଲା ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି କରୁଛି। କିନ୍ତୁ ଖରାଦିନେ ଏହି ଜଙ୍ଗଲ ଆପଣାଛାଏଁ ଜଳି ନଷ୍ଟ ହୋଇଯାଉଛି। ଏହା ଶିଳ୍ପ ସଂସ୍ଥାର ରାସାୟନିକ ପ୍ରଦୂଷଣ, ଧୂଆଁ, ନିଆଁ ପ୍ରଭାବରେ ହେଉଛି। ଯେଉଁଠି ଗଛ ଜଳିଯାଉଛି, ସେଠାରେ ଜୀବନଧାରଣ କଷ୍ଟକର।

**ପ୍ରଦୀପ ପରିଡ଼ା, କର୍ମକର୍ତ୍ତା, ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ।**

" ଆମେ ପ୍ରଦୂଷଣ ନିୟନ୍ତ୍ରଣ କରିବାକୁ ନୂଆ ବୈଷୟିକ ବ୍ୟବସ୍ଥା ଆପଣେଇବା ପାଇଁ ଶିଳ୍ପ ସଂସ୍ଥାକୁ କହିଛୁ। ତାହା ମନିଟରିଂ ମଧ କରାଯାଉଛି। ନୂଆଶିଳ୍ପ ପ୍ରତିଷ୍ଠା କଥା ସରକାରୀସ୍ତରରେ ବିଚାର ହେବା କଥା।

**ରମେଶ ଚନ୍ଦ୍ର ଏକ୍କା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ।**




ସଚେତନତା କାର୍ଯ୍ୟକ୍ରମରେ ବିଧାୟିକା ରାଜଶ୍ରୀ ମଲିକ ଓ ଅନ୍ୟମାନେ।

## ବିଧାୟିକାଙ୍କ ଦ୍ୱାରା ସରକାରୀ ଯୋଜନାର ସଚେତନତା

ରଘୁନାଥପୁର,୧୮।୨(ଡି.ଏନ.ଏ)

ରଘୁନାଥପୁର ବ୍ଲକ ଗୁଆଳିପୁର ପଞ୍ଚାୟତରେ ବିଧାୟିକାଙ୍କ ଦ୍ୱାରା ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ସମ୍ପର୍କରେ ସଚେତନତା କରାଯାଇଛି। ସରପଞ୍ଚ ଜାନକୀବଲ୍ଲଭ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ତିର୍ତ୍ତୋଲ ବିଧାୟିକା ଡା.ରାଜଶ୍ରୀ ମଲ୍ଲିକ ଯୋଗଦେଇ କୃଷକଙ୍କ ପାଇଁ ଥିବା କାଳିଆ ଯୋଜନା, ମହିଳାଙ୍କ ପାଇଁ ପ୍ରସୂତି ଓ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା, ଖାଦ୍ୟ ସୁରକ୍ଷା ଓ ଭତ୍ତା ଆଦି ସମ୍ପର୍କରେ ବକ୍ତବ୍ୟ ରଖିବା ସହ ସାଧାରଣ ଜନତା ଯେପରି କୌଣସି ପ୍ରକାରର ଅଭାବ ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ଯଥେଷ୍ଟ ଚିନ୍ତାଶୀଳ ହେବାକୁ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ସ୍ୱପ୍ନାସରିତା ବଳ, ଉପାଧକ୍ଷ ଦେବାଶିଷ ତ୍ରିପାଠୀ, ଜିଲା ଯୋଜନା ବୋର୍ଡ ଉପାଧକ୍ଷା ଡେଜାଲିନ ମହାପାତ୍ର, ସାମାଜିକ କର୍ମୀ ଡା.ସୁରେନ୍ଦ୍ରନାଥ ମହାପାତ୍ର, ସିଡିପିଓ ଜ୍ୟୋତ୍ସ୍ନାରାଣୀ ମଲ୍ଲିକ, ଏଏଫଓ ମିରାରାଣୀ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୨୫୦ ପରିବାରଙ୍କୁ ଏଲଇଡି ବଲ୍‌ବ ପ୍ରଦାନ ଓ ସମସ୍ତ ଏସଏଚ୍‌ଜି ଗୋଷ୍ଠୀର ଆକାଉଣ୍ଟକୁ ସ୍ମାର୍ଟଫୋନ ପାଇଁ ୩ହଜାର ଟଙ୍କା ଦିଆଯାଇଛି। ଗୁଆଳିପୁର ସ୍କୁଲର ଏନସିସି ଅଫିସର ରାଜକିଶୋର ସାହୁଙ୍କ ତତ୍ତ୍ୱାବଧାନରେ ଏନସିସି କ୍ୟାଡେଟମାନେ ସହଯୋଗ କରିଥିବାବେଳେ ପୁରସ୍ତମ ପାଲ କାର୍ଯ୍ୟ ସଞ୍ଚାଳନ କରିଥିଲେ। ଇଓ ଅଭିଜିତ ଦାସ ସହଯୋଗ ଏବଂ ରବୀନ୍ଦ୍ର ଲେଙ୍କା ଧନ୍ୟବାଦ ଦେଇଥିଲେ।

## ତୁମ୍ଭେଶ୍ୱର ମେଗା ପ୍ରକଳ୍ପ ପାଇଁ ଆଲୋଚନା

ନାଉଗାଁ,୧୮।୨(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଗଜରାଜପୁର ପଞ୍ଚାୟତର ତୁମ୍ଭେଶ୍ୱରଠାରେ ଦେବୀ ନଦୀରେ ସରକାରଙ୍କ ତରଫରୁ ନିର୍ମାଣ କରାଯାଉଥିବା ମେଗା ଜଳପ୍ରକଳ୍ପ ମାଧ୍ୟମରେ ବାଲିକୁଦା ବ୍ଲକକୁ ପାଣି ଯୋଗାଇବାର ବ୍ୟବସ୍ଥା ହୋଇଛି। ପ୍ରକଳ୍ପ ଆରମ୍ଭ ବେଳେ ସ୍ଥାନୀୟ ଲୋକ ଏହାକୁ ବିରୋଧ କରିଥିଲେ। ନିୟମାନୁସାରେ ପ୍ରକଳ୍ପ ହେବା ପୂର୍ବରୁ ଜନଶୁଣାଣି କରିବା କଥା। କିନ୍ତୁ ପ୍ରଶାସନ ପକ୍ଷରୁ ତାହା କରାଯାଇନାହିଁ। ଫଳରେ ଜନ ଅସନ୍ତୋଷ ଦେଖା ଦେଇଥିଲା। ଏହି ପ୍ରକଳ୍ପ କାର୍ଯ୍ୟ ସ୍ଥଗିତ ରଖିବା ପାଇଁ ସ୍ଥାନୀୟ ଗ୍ରାମବାସୀ ଓ ବୁଦ୍ଧିଜୀବୀ ଜିଲାପାଳଙ୍କ ଜନ ଶୁଣାଣିରେ ଅଭିଯୋଗ କରିଥିଲେ। ପରେ ପ୍ରକଳ୍ପ କାର୍ଯ୍ୟ ବନ୍ଦ ରହିଥିଲା। ସୋମବାର ଏହି ପ୍ରକଳ୍ପ କାର୍ଯ୍ୟ ପାଇଁ ଜଳ ସୁରକ୍ଷା ମଞ୍ଚର ଆବାହକ ସୁବାସ ସ୍ୱାଇଁଙ୍କ ନେତୃତ୍ୱରେ ଏକ ବୈଠକ ଦେବୀଦୋଳ ସ୍ଥିତ କେଚେରି ପଡିଆଠାରେ ଅନୁଷ୍ଠିତ ହୋଇଛି। ଏହି ଆଲୋଚନାରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ତପନ କୁମାର ରାଉତ, କନିଷ୍ଠ ଯନ୍ତ୍ରୀ ପ୍ରଦୀପ୍ତ ବରାଳ, ଏଲ ଆଣ୍ଡ ଟି ମ୍ୟାନେଜର ମନୋରଞ୍ଜନ କୁମାରଙ୍କ ସମେତ ପୂର୍ବତନ ସରପଞ୍ଚ ଆର୍ତ୍ତତ୍ରାଣ ଦାସ, ସଞ୍ଜୀବ ମହାନ୍ତି, ବାବନ ଜେନା, ନବ କିଶୋର ମହାନ୍ତି, ବଂଶୀଧର ବେହେରା, ଅଶୋକ ରାଉତ, କ୍ଷୀରୋଦ ସେଠୀ, ବଟକୃଷ୍ଣ ପାଢ଼ୀ, ସୁରେଶ ସାହୁ, ଉମାକାନ୍ତ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ପ୍ରକଳ୍ପର ଲକ୍ଷ୍ୟ ବିଷୟରେ ପ୍ରଶାସନିକ ଅଧିକାରୀମାନେ ସୂଚନା ଦେଇଥିଲେ। ଏହି ପ୍ରକଳ୍ପ ନିର୍ମାଣ ହେଲେ ନଦୀ ପାଣିରେ କୌଣସି ସମସ୍ୟା ସୃଷ୍ଟି ହେବ ନାହିଁ। ନଦୀ ମଧ୍ୟରେ ଏକ କୁଅ ଖୋଳାଯାଇ ତାର ତଳପାର୍ଶ୍ୱ ସମ୍ପୂର୍ଣ୍ଣ କଂକ୍ରିଟ କରାଯିବ। ନଦୀଜଳ ଯେତିକି କୂପ ମଧ୍ୟରେ ରହିବ ନଦୀରେ ଜୁଆର ଆସିଲେ ସେତିକି ଜଳ ନଦୀ ଧାରଣ କରିବ। ତେଣୁ ଏହି ଅଞ୍ଚଳରେ କୌଣସି ଜଳ ସମସ୍ୟା ଉପୁଜିବ ନାହିଁ ବୋଲି କୁହାଯାଇଥିଲା। ଆଲୋଚନା ପରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯିବ ବୋଲି କୁହାଯାଉଛି।

## ଶହୀଦଙ୍କ ପରିବାରକୁ ସନ୍ତୋଷ ଦେବେ ୫ ଲକ୍ଷ

ପାରାଦୀପ,୧୮।୨(ସ୍ୱ.ପ୍ର)

ଜମ୍ମୁ-କଶ୍ମୀରରେ ଗତ ୧୪ ତାରିଖରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ଉଦ୍ଦେଶ୍ୟରେ ସୋମବାର ପାରାଦୀପର ସମସ୍ତ ଦୋକାନ ବଜାର ବନ୍ଦ ରହିଛି। ସ୍ୱତଃପ୍ରବୃତ୍ତ ଭାବେ ଏହାକୁ ସମସ୍ତେ ସମର୍ଥନ ଜଣାଇଥିଲେ। ପୋର୍ଟ ବଣିକ ସଂଘ ସମେତ ୯ଟି ସଙ୍ଗଠନର ସଭାପତି ଥିବା ସନ୍ତୋଷ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ଅବସରରେ ଏକ ଶୋଭାଯାତ୍ରା କରାଯାଇଥିଲା। ଏଥିସହ ୨ ଓଡ଼ିଆ ଶହୀଦ ଯବାନଙ୍କ ପରିବାରକୁ ବଣିକ ସଂଘ ପକ୍ଷରୁ ୫୦ ହଜାର ଟଙ୍କା ସମେତ ମୋଟ୍ ୫ ଲକ୍ଷ ଟଙ୍କା ଦେବାକୁ ଶ୍ରମିକ ନେତା ପଟ୍ଟନାୟକ ଘୋଷଣା କରିଛନ୍ତି।

## ୨୧ରେ ନବନିର୍ମାଣ କୃଷକ ସଙ୍ଗଠନର ବନ୍ଦ ଡାକରା

ଜଗତ୍‌ସିଂହପୁର ଅଫିସ,୧୮।୨

ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନ୍‌ସନ୍ ଦାବିରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ ଅବ୍ୟାହତ ରହିଛି। କିନ୍ତୁ ରାଜ୍ୟ ସରକାର ପୋଲିସ ବଳ ପ୍ରୟୋଗ କରି ଚାଷୀଙ୍କ ଉପରେ ଦମନଲୀଳା ଚଳାଇଛନ୍ତି। ପରିସ୍ଥିତି ଏଭଳି ହୋଇଛି ଯେ, ଚାଷୀଙ୍କ ଉପରେ ଏହା ସରକାରଙ୍କ ଅଘୋଷିତ ଏମର୍ଜେନ୍ସୀ ବୋଲି ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ କୁହାଯାଇଛି। ସୋମବାର ଜଗତ୍‌ସିଂହପୁର ଜିଲା ସଙ୍ଗଠନ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଚାଷୀନେତାମାନେ ଏଭଳି ଅଭିଯୋଗ କରିବା ସହ ଏହା ପ୍ରତିବାଦରେ ଆସନ୍ତା ୨୧ ତାରିଖରେ ଓଡ଼ିଶା ବନ୍ଦ ସତ୍ୟାଗ୍ରହ ପାଇଁ ଆହ୍ୱାନ ଦେଇଛନ୍ତି। ଏହି ବନ୍ଦ ପାଳନକୁ ସଫଳ କରିବା ପାଇଁ ସଙ୍ଗଠନ ପକ୍ଷରୁ ସମସ୍ତଙ୍କୁ ନିବେଦନ କରାଯାଇଛି। ଆୟୋଜିତ ଖବରଦାତା ସମ୍ମିଳନୀରେ ସଙ୍ଗଠନ ରାଜ୍ୟ ସହ ସଂଯୋଜକ ରଶ୍ମୀ ରଞ୍ଜନ, ଚାଷୀ ନେତା ବଂଶୀଧର ପଟ୍ଟନାୟକ, ନିତ୍ୟାନନ୍ଦ ପଣ୍ଡା, ସଙ୍ଗଠନ ଜିଲା ସଂଯୋଜକ ଦୁର୍ଗାଚରଣ ସ୍ୱାଇଁ, ରାଜ୍ୟ କମିଟି ସଦସ୍ୟ ପ୍ରସନ୍ନ କୁଅଁର, ଜିଲା ସହ ସଂଯୋଜକ ଅଶୋକ ସ୍ୱାଇଁ, ବିଷ୍ଣୁ ଚରଣ ଦାଶ, ଅଜୟ ସ୍ୱାଇଁ, ନରେନ୍ଦ୍ର ସାହାଣି ଓ ମାନସ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ବେକାରି, ପିସି କାରବାର ବିରୋଧରେ ପଦଯାତ୍ରା




ଶୋଭାଯାତ୍ରାରେ ସାମିଲ ହୋଇଥିବା ଇଞ୍ଜିନିୟର୍ସ ସଂଘ ଓ ଭାଜପା କର୍ମକର୍ତ୍ତା।

ପାରାଦୀପ,୧୮।୨(ସ୍ୱ.ପ୍ର)

ପାରାଦୀପରେ ୧୫ଟି ବୃହତ ଶିଳ୍ପ ସଂସ୍ଥା ଥିଲେ ମଧ ଏହି ଅଞ୍ଚଳରେ ବେକାରି ସମସ୍ୟା କମ୍ ନୁହେଁ। ସ୍ଥାନୀୟ ଯୁବକମାନେ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି। ସ୍ୱତନ୍ତ୍ର ନିୟୋଜନ କାର୍ଯ୍ୟାଳୟରେ ଗତ ୧୦ ବର୍ଷରେ ୬୦ ହଜାରରୁ ଅଧିକ ବେକାରୀ ନାମ ପଞ୍ଜୀକୃତ କରିଛନ୍ତି। ସେଥିରୁ ନିଯୁକ୍ତି ମିଳିଛି ମାତ୍ର ୧୮୮ ଜଣଙ୍କୁ। ଏଥିସହ ରାଜ୍ୟ ସରକାରଙ୍କ ପ୍ରାୟ ସବୁ ଦପ୍ତରରେ ପିସି କାରବାର ଓ ଦୁର୍ନୀତି ବ୍ୟାପକ ଭାବେ ବଢିଚାଲିଛି। ତେଣୁ ବେକାରି ଦୂରୀକରଣ ଓ ପିସି ବନ୍ଦ ଦାବିରେ ସୋମବାର ପାରାଦୀପ ଭାଜପା ଶାଖା ଓ ଇଞ୍ଜିନିୟର୍ସ ସଂଘ ପକ୍ଷରୁ ପଦଯାତ୍ରା କରାଯାଇଛି। ଏ ସମ୍ପର୍କରେ ଏକ ଦାବିପତ୍ର ସ୍ଥାନୀୟ ଅତିରିକ୍ତ ଜିଲାପାଳଙ୍କୁ ଦିଆଯାଇଥିଲା। ଭାଜପା ଜିଲା ଯୁବମୋର୍ଚ୍ଚା ସଭାପତି ସମ୍ପଦ ସ୍ୱାଇଁଙ୍କ ନେତୃତ୍ୱରେ ଶତାଧିକ ଯୁବଗୋଷ୍ଠୀ ବଡ଼ପଡ଼ିଆ ଥାନା ଛକ ପାଖରୁ ପଦଯାତ୍ରାରେ ମଧୁବନ ସ୍ଥିତ ଏଡିଏମ୍ ଅଫିସ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଦାବିପତ୍ର ଦିଆଯାଇଥିଲା।

## ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି








ଶହୀଦଙ୍କ ଉଦ୍ଦେଶ୍ୟରେ ତିର୍ତ୍ତୋଲ, ରଘୁନାଥପୁର, ଜଗତ୍‌ସିଂହପୁରରେ ବିଭିନ୍ନ ସଂଗଠନ ଓ ଯୁବଗୋଷ୍ଠୀଙ୍କ ପକ୍ଷରୁ ହୋଇଥିବା ଶ୍ରଦ୍ଧାଞ୍ଜଳି ସଭା ଏବଂ କ୍ୟାଣ୍ଡେଲ ଶୋଭାଯାତ୍ରା।

## ସଂକ୍ଷେପରେ

### ଶହୀଦଙ୍କ ପରିବାରକୁ ସହାୟତା



**ନାଉଗାଁ,୧୮।୨(ସ୍ୱ.ପ୍ର.):** ନାଉଗାଁ ବ୍ଲକ ଶିଖର ପଞ୍ଚାୟତ ପାରିଶିଖର ଗ୍ରାମର ଶହୀଦ ପ୍ରସନ୍ନ ସାହୁଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ସମ୍ବଲପୁର ପୌରପାଳିକାର ପୂର୍ବତନ ନଗରପାଳ ସିଦ୍ଧାର୍ଥ ଶାହ, ସମ୍ବଲପୁର ବ୍ୟବସାୟୀ ସଂଘ ସଭାପତି ଅରୁଣ ପଟୋଓ୍ୱାରୀ, ସମାଜିକ କର୍ମୀ ମଧୁସୂଦନ କେଡିଆ, କମଳ ଅଗ୍ରଓ୍ୱାଲ, ଅନ୍ୱର ଖାଁ, ମୁରଲି ସୋନୀଙ୍କ ସହ କଟକ ସଦର ଥାନାର ଏସଆଇ ମୁରଲିଧର ସାହୁ, ଏଏସଆଇ ମହେନ୍ଦ୍ର ମଲିକ ପ୍ରମୁଖ ଶହୀଦଙ୍କ ପରିବାରକୁ ଭେଟି ୧ ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଛନ୍ତି। ଏଥିସହ ଶହୀଦଙ୍କ ବଡ଼ଭାଇ ଧ୍ରୁବ ଚରଣ ସାହୁଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ସେହିପରି ଓଡିଶା ଉତ୍କଳ ଯାଦବ ସଂଘ ପକ୍ଷରୁ ମୁଖ୍ୟ ଉପଦେଷ୍ଟା ଧର୍ମାନନ୍ଦ ବେହେରା, ସାଧାରଣ ସମ୍ପାଦକ ଲମ୍ବୋଦର ନାୟକ, ମହିଳା ସଭାପତି ଗୀତାରାଣୀ ଦାସ, ଯୁବ ସଭାପତି ପ୍ରଦୀପ ବେହେରା, ଯୁବ ସାଧାରଣ ସମ୍ପାଦକ ପ୍ରଦୀପ ବେହେରା, ସୁନିଲ ମାଟିଆ ପ୍ରମୁଖ ଶହୀଦଙ୍କ ପରିବାରକୁ ୧ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି।

### ଦେବାଶିଷଙ୍କ କୁଶପୁତ୍ତଳିକା ଦାହ କଲା ଭାଜପା

**ବାଲିକୁଦା,୧୮।୨(ସ୍ୱ.ପ୍ର.):** ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା କଟକ ଜିଲା ନିଆଳିର ମନୋଜ ବେହେରାଙ୍କ ସମ୍ପର୍କୀୟଙ୍କୁ ବିଧାୟକ ଦେବାଶିଷ ସାମନ୍ତରାୟ ଦୁର୍ବ୍ୟବହାର କରିବା ପ୍ରତିବାଦରେ ସୋମବାର ଭାଜପା ପକ୍ଷରୁ ତାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ବାଲିକୁଦା ଭାଜପା କର୍ମୀମାନେ ସ୍ଥାନୀୟ ବସ୍‌ଷ୍ଟାଣ୍ଡ ଠାରେ ଦେବାଶିଷଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏଥିରେ ବାଲିକୁଦା ମଣ୍ଡଳ ସଭାପତି ପ୍ରଫୁଲ୍ଲ ଦାସ, ସାଧାରଣ ସମ୍ପାଦକ ଜଟାଧାରୀ ଦାସ, ବାଲିକୁଦା-ଏରସମା ବୁଦ୍ଧିଜୀବୀ ସମ୍ମିଳନୀର ଆବାହକ ପ୍ରକାଶ ପ୍ରଧାନ, ଭାଜପା କର୍ମୀ ଯୁଗଳ କିଶୋର ମହାନ୍ତି, ଜିଲା ଯୁବମୋର୍ଚ୍ଚା ସମ୍ପାଦକ ପ୍ରଦୀପ ବାରିକ, ଇଚ୍ଛାପୁର ମଣ୍ଡଳ କାର୍ଯ୍ୟକାରୀ ସଭାପତି ପ୍ରତାପ ବିଶ୍ୱାଳ, କୈଳାସ ବିଶ୍ୱାଳ, ପଞ୍ଚାୟତ ପ୍ରମୁଖ ଶରତ ଦାସ, ଶିବ ପ୍ରସାଦ ନାୟକ, ବିଜୟ ବିଶ୍ୱାଳ, ଇଚ୍ଛାପୁର ମଣ୍ଡଳ ପ୍ରଭାରୀ ଶ୍ରୀକାନ୍ତ ଦାସ ପ୍ରମୁଖ ଯୋଗଦେଇ ଥିଲେ।

### ଅଭିରାମ ପରମହଂସଙ୍କ ଭକ୍ତ ସମ୍ମିଳନୀ

**କୁଜଙ୍ଗ,୧୮।୨(ସ୍ୱ.ପ୍ର.):** ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ପଞ୍ଚଦଶ ବାର୍ଷିକ ଭକ୍ତ ସମ୍ମିଳନୀ ଓକଲା ସଂଗ୍ରାମୀ ଯୁବକ ସଂଘ ସାମ୍ନା ପଡିଆରେ ଅନୁଷ୍ଠିତ ହୋଇଛି। ସନ୍ୟାସୀ ନାମାଚାର୍ଯ୍ୟ ବାବାଜୀ ସଦାନନ୍ଦ ଦାସ ମହାରାଜ ଏଥିରେ ପୌରୋହିତ୍ୟ କରିଥିଲେ। ସମ୍ମିଳନୀରେ ଶାନ୍ତିଧାମର ବାବାଜୀ ହରିଶଙ୍କର ଦାସ ମହରାଜ, ସୁଧାନନ୍ଦ ଦାସମହରାଜ, ଜଗନ୍ନାଥ ଦାସ ମହାରାଜ ପ୍ରମୁଖ ଯୋଗ ଦେଇଥିଲେ। ପିପିସି ସମ୍ପାଦକ ପ୍ରମୋଦ କିଶୋର ଜେନା ଓ ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ସମ୍ପଦ ସ୍ୱାଇଁ ପ୍ରମୁଖ ଯୋଗଦେଇ ଠାକୁର ଓ ସନ୍ୟାସୀଙ୍କ ଦିବ୍ୟ ଆଶୀର୍ବାଦ ଲାଭ କରିଥିଲେ। ପଣ୍ଡିତ ଭାଗଗ୍ରାହୀ ମିଶ୍ର, ଅଧ୍ୟାପକ ଉତ୍ତମ କୁମାର ଦାସ, ଇଶ୍ୱର ଚନ୍ଦ୍ର ମଲିକ୍, କେତନ କୁମାର ମୁଦୁଲିଙ୍କ ସହ ବହୁ ଅନୁଗାମୀ ଉପସ୍ଥିତ ଥିଲେ।

■ ସ୍ଲୁଇସ ଥାଇ ନିଷ୍କାସିତ ହୋଇପାରୁନି ଜଳ

# ନଷ୍ଟ ହେଉଛି ବ୍ୟାପକ ଧାନ ଫସଲ

**ଏରସମା, ୧୮।୨(ସ୍ୱ.ପ୍ର.)**

■ ଫୁକାର ସଂଖ୍ୟା ବଢ଼ାଇବାକୁ ଦାବି

■ ପ୍ରତିବର୍ଷ କଟାଯାଉଛି ପଥର ବନ୍ଧ

ଏରସମା ବ୍ଲକ ଆମ୍ବିକି ପଞ୍ଚାୟତସ୍ଥିତ ନଗରୀ ସ୍ଲୁଇସରେ ଆବଶ୍ୟକ ଅନୁଯାୟୀ ଜଳ ନିଷ୍କାସନ ହୋଇପାରୁନି। ଉଦ୍‌ବୃତ୍ତ ବର୍ଷାଜଳ ଯୋଗୁ ଅଧିକାଂଶ ଖରିଫ ଋତୁରେ ଧାନଚାଷ କ୍ଷତିଗ୍ରସ୍ତ ହେଉଛି। ତେଣୁ ଏହି ସ୍ଲୁଇସରେ ଫୁକାର (ଫାଟକ) ବୃଦ୍ଧି ପାଇପାଇଁ ଚାଷୀମାନେ ଦାବି କରିଛନ୍ତି। ପ୍ରକାଶ ଯେ, ହଂସୁଆ ସଫେଇ ଏହି ବ୍ଲକ ଅନ୍ତର୍ଗତ ସୋମପୁର, ନାରଦିଆ ଓ ଆମ୍ବିକି ପଞ୍ଚାୟତ ଦେଇ ଜଟାଧାର ମୁହାଣରେ ମିଶିଛି। କେବଳ ଏରସମା ବ୍ଲକ ନୁହେଁ, ସମଗ୍ର ଜଗତ୍‌ସିଂହପୁର ଜିଲାର ଉଦ୍‌ବୃତ ବର୍ଷାଜଳ ଏହି ସଫେଇ ଦେଇ ସମୁଦ୍ରକୁ ନିଷ୍କାସିତ ହୋଇଥାଏ। ଆମ୍ବିକି ପଞ୍ଚାୟତର ନଗରୀଠାରେ ଚାଷୀଙ୍କ ସୁବିଧା ପାଇଁ ହଂସୁଆ ସଫେଇରେ ୯ ଫୁକାର ବିଶିଷ୍ଟ ଏକ ସ୍ଲୁଇସ ନିର୍ମାଣ କରାଯାଇଛି। ମାତ୍ର ୧୦୦ ମିଟର ପ୍ରସ୍ଥ ବିଶିଷ୍ଟ ଏହି ସଫେଇରେ ବର୍ଷାଋତୁରେ ପ୍ରବାହିତ ହେଉଥିବା ଜଳ ମାତ୍ର ୯ଟି ଫୁକାରରେ ଠିକ୍ ଭାବେ ନିଷ୍କାସିତ ହୋଇପାରୁନି। ଫଳରେ ଧାନ ବିଲରେ ବର୍ଷା ଜଳ ଜମି ରହୁଛି। ଧାନ ଗଛ ପଚି ଯାଉଛି। ବାଧ୍ୟହୋଇ ପ୍ରତିବର୍ଷ ଏଠାରେ ଥିବା ପଥର ବନ୍ଧକୁ ଲୋକେ କାଟି ଦେଉଛନ୍ତି। ବିଭାଗ ପକ୍ଷରୁ ପ୍ରତିବର୍ଷ ବାଲି ବସ୍ତା ପକାଇ ଏହାକୁ ମରାମତି କରିବାକୁ ପଡୁଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଫୁକାର ବଢାଇବା ଆବଶ୍ୟକ। ମାତ୍ର ତାହା କରା ନ ଯାଇ ପ୍ରତିବର୍ଷ ବାଲିବସ୍ତା ପକାଇ ଅର୍ଥ ଅପଚୟ କରାଯାଉଛି। ଅନ୍ୟପକ୍ଷରେ ଚିଙ୍ଗୁଡ଼ି ଘେରି ମାଲିକମାନେ ମଧ୍ୟ ଧାନ ଚାଷୀଙ୍କ ଉପରେ ଦାଉ ସାଧୁଛନ୍ତି। ପାଣି କମି ଗଲେ ଚିଙ୍ଗୁଡ଼ି ଘେରିରେ ଲୁଣା ପାଣି ପୁରାଇବା ପାଇଁ ବିଳମ୍ବିତ ରାତିରେ ସେମାନେ ବାଲିବସ୍ତା ବନ୍ଧକୁ କାଟି ଦେଉଛନ୍ତି। ଏହିପରି ପ୍ରତିବର୍ଷ ବନ୍ଧ କାଟିବା ଓ ପକାଇବା ନାଟକ ଚାଲିଛି।

ଚାଷୀମାନେ ପ୍ରତିବର୍ଷ ଜିଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ନିକଟରେ ସମସ୍ୟାର ସମାଧାନ ପାଇଁ ଦାବି କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଗତବର୍ଷ ଅଭିଯୋଗ ହେବା ପରେ ବିଭାଗୀୟ ସଚିବ, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ମୁଖ୍ୟଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଘଟଣାସ୍ଥଳକୁ ଆସି ପରିଦର୍ଶନ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଅନ୍ୟପକ୍ଷରେ, କୃଷି କାର୍ଯ୍ୟକୁ ଜୀବିକା ଭାବରେ ଗ୍ରହଣ କରିଥିବା ଶତାଧିକ ମଧ୍ୟବିତ ପରିବାରର ଚାଷୀ ବର୍ଷକର ଆହାର ରଖି ଅବଶିଷ୍ଟ ଧାନ ବିକ୍ରି କରିଦିଅନ୍ତି। ସେହି ଅର୍ଥରେ ପରିବାର ପ୍ରତିପୋଷଣ ସହିତ ଅନ୍ୟାନ୍ୟ ଖର୍ଚ୍ଚ ତୁଲାଇଥାନ୍ତି। ମାତ୍ର ଧାନ ଫସଲ କ୍ଷତିଗ୍ରସ୍ତ ହେଉଥିବାରୁ ଚାଷୀ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ନେତା ପ୍ରଶାସନ ପ୍ରତିବର୍ଷ ଚାଷୀଙ୍କୁ ମିଛ କହି ଭୂଆଁ ବୁଲାଉଥିଲେ ମଧ୍ୟ ସେମାନେ କର୍ମକୁ ଆଦରି ରହିଛନ୍ତି। ଜିଲା ପ୍ରଶାସନ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନେବାକୁ ଚାଷୀ ସୁବ୍ରତ ସାମନ୍ତ, ସୁକୁମାର ଜାନା, ରବୀନ୍ଦ୍ର ଗିରି, ନିବାସ ଫନ୍ଦକାର, ହରିପଦ ଜାନା, କରୁଣ ପାତ୍ର, ଅରୂପ ଗିରି ପ୍ରମୁଖ ଦାବି କରିଛନ୍ତି।



ଭାଙ୍ଗିଯାଇଥିବା ପଥର ବନ୍ଧରେ ବାଲିବସ୍ତା ପକାଯାଇଛି।



ଆମ୍ବିକି ପଞ୍ଚାୟତ ନଗରିଠାରେ ଥିବା ସ୍ଲୁଇସ୍ ଗେଟ୍।

■ ନୂଆ ଜିଲାପାଳଙ୍କ ପ୍ରଥମ ଜନଶୁଣାଣି

# ୬୧ ଅଭିଯୋଗ, ୩୭ ସମାଧାନ

**ଜଗତ୍‌ସିଂହପୁର ଅଫିସ,୧୮।୨**

ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଏହା ନୂଆ ଜିଲାପାଳ ଗୁହା ପୁନମ ତାପସ କୁମାରଙ୍କ ପ୍ରଥମ ଅଭିଯୋଗ ଶୁଣାଣି। ଶିବିରରେ ମୋଟ ୬୧ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିରେ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୪୭ଟି ଯଥା ଇନ୍ଦିରା ଆବାସ/ବିଜୁ ପକ୍କାଘର ୧୧, ଭତ୍ତା ୪, ରାଶନ କାର୍ଡ ୯, କାଳିଆ ଯୋଜନା ୪, ବିଜୁ ଗ୍ରାମୀଣ ଜ୍ୟୋତି ସମସ୍ୟା ୨, ଜମିଜମା ୪ ଓ ଅନ୍ୟାନ୍ୟ ୧୧୩ଟି ରହିଥିଲା। ସେହିପରି ଗାଁ ସମସ୍ୟା ସମ୍ପର୍କିତ ୫, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇବା ପାଇଁ ୬, ଜିଲା ରେଡକ୍ରସ୍ ପାଣ୍ଠିରୁ ସହାୟତା ପାଇବା ପାଇଁ ୩ଟି ଦରଖାସ୍ତ ଗ୍ରହଣ କରାଯାଇଥିଲା। ତେବେ ମୋଟ ୩୭ଟି ଅଭିଯୋଗର ଶୁଣାଣି ହୋଇଥିଲା। ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଶ୍ୱନାଥ ମିଶ୍ର, ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ, ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି, ଜିଲାସ୍ତରୀୟ ଅଧିକାରୀ, ବିଡିଓ, ତହସିଲଦାର ଓ ଭାରପ୍ରାପ୍ତ ଅଭିଯୋଗ ଅଧିକାରୀ ରଞ୍ଜନ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।




ଜଗତ୍‌ସିଂହପୁର ଦୋକାନବଜାର ବନ୍ଦ ରହିଛି।

# ବଜାର ବନ୍ଦକୁ ସ୍ୱତଃ ସମର୍ଥନ

**ଜଗତ୍‌ସିଂହପୁର ଅଫିସ,୧୮।୨**

ଗତ ୧୪ ତାରିଖରେ ଜମ୍ମୁ-କଶ୍ମୀରର ପୁଲଓ୍ୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ଉଦ୍ଦେଶ୍ୟରେ ସୋମବାର ଜଗତ୍‌ସିଂହପୁର ସମେତ ଜିଲାର ସମସ୍ତ ବ୍ଲକ ମୁଖ୍ୟାଳୟ, ଛୋଟ, ବଡ଼ ବଜାର ବନ୍ଦ ରହିଥିଲା। ଏହାକୁ ସ୍ୱତଃ ସମର୍ଥନ ମିଳିଥିଲା। ସକାଳୁ ସାନବଜାର ବ୍ୟବସାୟୀ ସଂଘ ପକ୍ଷରୁ ଶୋଭାଯାତ୍ରା କରାଯାଇଥିଲା।

**କୁଜଙ୍ଗ,(ସ୍ୱ.ପ୍ର):** କୁଜଙ୍ଗ ବ୍ଲକର ସମସ୍ତ ବଜାର ବନ୍ଦ ରହିବା ସହ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ପଙ୍କପାଳ ଆଖଣ୍ଡଳମଣି ବଣିକ ସଂଘର ସଭାପତି ଫକୀର ଦାସଙ୍କ ପୌରୋହିତ୍ୟରେ ଶୋଭାଯାତ୍ରା ହୋଇଥିଲା। ସେହିପରି ସାଇଲୋ ପଞ୍ଚାୟତ ମୁଥାପଦା ଗ୍ରାମରେ କ୍ୟାଣ୍ଡେଲ ରାଲି ହୋଇଥିଲା। ନିଖିଳ ଓଡିଶା ପାଇକ ସଂଗଠନ ଜିଲା ସଭାପତି ସୁନାକର ବିଶ୍ୱାଳଙ୍କ ନେତୃତ୍ୱରେ ଆୟୋଜିତ ଶୋଭାଯାତ୍ରାରେ ବହୁ ଲୋକ ସାମିଲ ହୋଇଥିଲେ।

**ଏରସମା,(ସ୍ୱ.ପ୍ର.):** ଏରସମା ବ୍ଲକ ସଦରମହକୁମାସ୍ଥିତ ଗାନ୍ଧୀ ସ୍ମୃତିପୀଠ ସମ୍ମୁଖରେ ବ୍ୟବସାୟୀ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା କରାଯାଇଥିଲା। ସଭାପତି କେଦାର କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଏଥିଷର ଶତାଧିକ ଲୋକ ସାମିଲ ହୋଇଥିଲେ। ସେହିପରି ଗୋଡା ବଜାରରେ ପ୍ରଦୀପ ସାହୁ, ଶୈଳବାଳା ରାଉତ ପ୍ରମୁଖ ଶତାଧିକ ଲୋକ ଶୋଭାଯାତ୍ରା କରିଥିଲେ। ସିହା ଗ୍ରାମରେ ପ୍ରତାପ କେଶରୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ବନ୍ଦ ପାଳନ କରାଯାଇଥିଲା।

**ବାଲିକୁଦା,(ସ୍ୱ.ପ୍ର.):** ବାଲିକୁଦାରେ ବନ୍ଦ ପାଳନକୁ ସ୍ୱତଃ ସମର୍ଥନ ମିଳିଛି। ବିଭିନ୍ନ ବ୍ୟବସାୟୀ ସଂଘ ପକ୍ଷରୁ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରଖାଯାଇଥିଲା। ବାଲିକୁଦା ବଜାର ବ୍ୟବସାୟୀ ସଂଘ ପକ୍ଷରୁ ମହମବତୀ ଶୋଭାଯାତ୍ରା କରାଯାଇଥିଲା। ଏଥିରେ ବଜାରର ସମସ୍ତ ବ୍ୟବସାୟୀ ସାମିଲ ହୋଇଥିଲେ।

**ବିରିଡ଼ି/ବାଲିଆ,(ଡି.ଏନ.ଏ):** ସୋମବାର ସର୍ବଭାରତୀୟ ବ୍ୟବସାୟୀ ମହାସଂଘ ପକ୍ଷରୁ ଶହୀଦଙ୍କ ଉଦ୍ଦେଶ୍ୟରେ ବନ୍ଦ ଡାକରା ଦିଆଯାଇଥିଲା। ଏହାକୁ ସମର୍ଥନ ଜଣାଇ ବିରିଡ଼ି ଅଞ୍ଚଳରେ ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ସମସ୍ତ ଦୋକାନ ବଜାର ଓ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା।

## ଶହୀଦ ସ୍ମୃତିସ୍ତମ୍ଭ ନିର୍ମାଣ ପାଇଁ ସଚେତନ ନାଗରିକ ମଞ୍ଚର ଦାବି

**ନାଉଗାଁ,୧୮।୨(ସ୍ୱ.ପ୍ର.)**

ଦେଶ ପାଇଁ ବଳିଦାନ ଦେଇ ଅନେକ ଯବାନ ଶହୀଦ ହେଉଛନ୍ତି। ଦିନ କେତେଟା ପରେ ସମସ୍ତେ ତାଙ୍କୁ ଭୁଲି ଯାଉଛନ୍ତି। ତେଣୁ ସବୁଦିନ ପାଇଁ ସେମାନଙ୍କୁ ମନେ ରଖିବା ଓ ଆଗାମୀ ପିଢିକୁ ପ୍ରେରଣା ଦେବା ପାଇଁ ଶହୀଦ ସ୍ମୃତିସ୍ତମ୍ଭ ନିର୍ମାଣ କରିବାକୁ ସଚେତନ ନାଗରିକ ମଞ୍ଚ ପକ୍ଷରୁ ରବୀନ୍ଦ୍ର ପଟ୍ଟନାୟକ, ବରିଷ୍ଠ ନାଗରିକ ଅକ୍ଷୟ ସାହାଣୀ ପ୍ରମୁଖ ଦାବି କରିଛନ୍ତି। ପ୍ରକାଶ ଯେ, ଜମ୍ମୁ-କଶ୍ମୀରର ପୁଲଓ୍ୱାମାଠାରେ ଆତଙ୍କବାଦୀଙ୍କ ଆତ୍ମଘାତୀ ଆକ୍ରମଣରେ ନାଉଗାଁ ବ୍ଲକ ପାରିଶିଖର ଗ୍ରାମର ପ୍ରସନ୍ନ ସାହୁ ଶହୀଦ ହୋଇଛନ୍ତି। ଏହା ପୂର୍ବରୁ ୨୨ ବର୍ଷ ତଳେ ରୋହିଆ ପଞ୍ଚାୟତ ପୋହଳ ଗ୍ରାମରୁ ଜଣେ, ୧୯୯୯ରେ ଗଳଦାରୀ ପଞ୍ଚାୟତ ଏରେଡା ଗ୍ରାମର ଉଗ୍ରସେନ ଲେଙ୍କା, ୨୦୧୧ରେ ଅଲଣା ପଞ୍ଚାୟତ ବେଣାପଡ଼ାର ସୁରେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଦେଶ ପାଇଁ ବଳିଦାନ ଦେଇଥିଲେ। କିନ୍ତୁ ସେମାନଙ୍କୁ ପ୍ରଶାସନ ଭୁଲି ଗଲାଣି। ତେଣୁ ସେମାନଙ୍କ ପାଇଁ ନାଉଗାଁ ବଜାରରେ ଏକ ସ୍ମୃତିସ୍ତମ୍ଭ ନିର୍ମାଣ କରାଗଲେ, ତାହା ଆଗାମୀ ପିଢି ପାଇଁ ପ୍ରେରଣାର ଉତ୍ସ ହୁଅନ୍ତା ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି।

## ଶହୀଦଙ୍କ ପରିବାରକୁ ଡମ୍ଫର ମାଲିକ ସଂଘର ସହାୟତା

**ପାରାଦୀପ,୧୮।୨(ସ୍ୱ.ପ୍ର):** ଜମ୍ମୁ-କଶ୍ମୀରରେ ଗତ ୧୪ ତାରିଖରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ଉଦ୍ଦେଶ୍ୟରେ ସୋମବାର ପାରାଦୀପ ଡମ୍ଫର ମାଲିକ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏଥିସହ ଶହୀଦଙ୍କ ମଧ୍ୟରେ ଥିବା ୨ ଓଡ଼ିଆ ଯବାନଙ୍କ ପରିବାରକୁ ୧ ଲକ୍ଷ ଟଙ୍କା ଲେଖାଏ ସହାୟତା ଦେବାକୁ ଘୋଷଣା କରାଯାଇଛି। ଏଥିପାଇଁ ସଂଘ କାର୍ଯ୍ୟାଳୟରେ ଏକ ବୈଠକ ଡକାଯାଇଥିଲା। ଏଥିରେ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଶହୀଦଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରିଥିଲେ। ମଙ୍ଗଳବାର ଜିଲା ପ୍ରଶାସନ ସହାୟତାରେ ଚେକ୍ ଆକାରରେ ଟଙ୍କା ଦିଆଯିବ ବୋଲି ସଂଘ ସଭାପତି ବିଜୟ ନାୟକ କହିଛନ୍ତି। ସଞ୍ଜୟ ଧଳ, ସୁରଜ ବାରିକ, ଦିଲୀପ ବେହେରା, ଅଜୟ ସାମଲ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକ ମଞ୍ଚର ବୈଠକ

**କୁଜଙ୍ଗ,୧୮।୨(ସ୍ୱ.ପ୍ର.)**

କୁଜଙ୍ଗ ବ୍ଲକ୍ ପୋତାନଈ ହରେଶ୍ୱର ଗାଦୀପୀଠରେ ଅବସରପ୍ରାପ୍ତ କର୍ମଚାରୀ ଓ ବରିଷ୍ଠ ନାଗରିକମାନଙ୍କୁ ନେଇ ଏକ ଚତୁର୍ଥ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ପୋତାନଈ, ଗରେଇ ଓ ନୁଆଡିହୀ ପଞ୍ଚାୟତର ଶତାଧିକ ସଭ୍ୟାସଭ୍ୟ ଯୋଗଦେଇଥିଲେ। ଚନ୍ଦାପାଟ ହାଟଠାରେ ଦଳପ୍ରଭା ପ୍ରହ୍ଲାଦ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅମୀୟ କୁମାର ପାଳ ବୀବରଣୀ ପାଠ କରିଥିଲେ। ଅକ୍ଷୟ କୁମାର ଦାଶ, ରାଜକିଶୋର ଦାଶ ପ୍ରମୁଖ ବିଭିନ୍ନ ସମସ୍ୟା ଓ ରାଜ୍ୟ ବରିଷ୍ଠ ନାଗରିକ ମଞ୍ଚର ଦାବିପତ୍ର ବିଷୟରେ ବିଷଦ ଆଲୋଚନା କରିଥିଲେ। ବରିଷ୍ଠ ନାଗରିକମାନଙ୍କ ସାମାଜିକ ସୁରକ୍ଷା, ସ୍ୱାସ୍ଥ୍ୟସେବା କିପରି ସହଜ ଓ ସୁଲଭ ହୋଇପାରିବ ସେ ବିଷୟରେ ଆଞ୍ଚଳିକ ସଂଗଠନକୁ ମଜଭୁତ କରିବା ସହ ରାଜ୍ୟ ସଂଗଠନର ମାର୍ଗଦର୍ଶନରେ କାର୍ଯ୍ୟ କରିବାକୁ ସଭ୍ୟସଭ୍ୟାମାନେ କହିଥିଲେ। ଏହି ଅବସରରେ ପାଣ୍ଠି ସଂଗ୍ରହ କରି ସଂଗଠନର ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା।



ବିଦ୍ୟାଧର କ୍ଷେଣ୍ଟ ପାଇକ ଆଖଡ଼ା ସଂଘ ପକ୍ଷରୁ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି।

## ଭିନ୍ନକ୍ଷମଙ୍କୁ ସହାୟକ ଉପକରଣ ବଣ୍ଟନ

**ବାଲିଆ/ବିରିଡ଼ି,୧୮।୨(ଡି.ଏନ୍.ଏ.):** ସୋମବାର ବିରିଡି ବ୍ଲକରେ ଭିନ୍ନକ୍ଷମଙ୍କୁ ସହାୟକ ଉପକରଣ ବଣ୍ଟନ କରାଯାଇଛି। ବିଡିଓ ଜୀବନ ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟିକା ରାଜଶ୍ରୀ ମଲ୍ଲିକ ମୁଖ୍ୟଅତିଥି, ବ୍ଲକ ଉପାଧ୍ୟକ୍ଷା ଗୀତାଞ୍ଜଳି ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଭିନ୍ନକ୍ଷମଙ୍କୁ ଟ୍ରାଇସାଇକେଲ ଓ ଅନ୍ୟାନ୍ୟ ଉପକରଣ ପ୍ରଦାନ କରିଥିଲେ। ଏସିଓ ଶରତ ଚନ୍ଦ୍ର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ରାଉଳ, ବ୍ଲକ ଯୁବ ସଭାପତି ପୁଷ୍ପପ୍ରକାଶ ପ୍ରଧାନ, ଶିବ ପ୍ରସାଦ ଜେନା, କାଳନ୍ଦୀ ବସ୍ତିଆ, ଗୋପୀନାଥପୁର ବିଜେଡି ସଭାପତି ଅରବିନ୍ଦ ସାହୁ, ପୂର୍ବତନ ସମିତି ସଭ୍ୟ ରବିନ୍ଦ୍ର ସାହୁ, ସରପଞ୍ଚ ଅମିତ ରାଉଳ, ଧନଞ୍ଜୟ ମହାପାତ୍ର, ସ୍ୱର୍ଣ୍ଣଲତା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜବରଦଖଲ ଉଚ୍ଛେଦ, ସ୍ଥାୟୀ ପଟ୍ଟା ଦାବିରେ ଧାରଣା

**ରଘୁନାଥପୁର,୧୮।୨(ଡି.ଏନ.ଏ)**

ଗୋଚରଜମି ଜବରଦଖଲ ଉଚ୍ଛେଦ ଏବଂ ସ୍ଥାୟୀ ପଟ୍ଟା ଦାବି ନେଇ ରଘୁନାଥପୁର ବ୍ଲକ ଧରାଧରପୁର ଗ୍ରାମର କୁତମଚଣ୍ଡି ଆଦିବାସୀ ହରିଜନ ସଂଘ ପକ୍ଷରୁ ସୋମବାର ତହସିଲ ସମ୍ମୁଖରେ ଧାରଣା ଦିଆଯାଇଛି। ସଂଘ ସଭାପତି ଟହଲି ମଲ୍ଲିକଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମର ବସ୍ତି ନିକଟରେ ଏକ ସରକାରୀ ବିଦ୍ୟାଳୟ ରହିଛି। ଦୀର୍ଘ ୬୦ବର୍ଷ ଧରି ଏହି ସ୍ଥାନରେ ଆଦିବାସୀ ଓ ଅନୁସୂଚିତ ଜାତି ବର୍ଗର ଲୋକେ ବସବାସ କରି ସ୍ଥାୟୀ ପଟ୍ଟା ପାଇଁ ଦାବି କରୁଥିଲେ ମଧ୍ୟ ସରକାର ସେମାନଙ୍କୁ ଅଣଦେଖା କରି ଚାଲିଛନ୍ତି। ଅନ୍ୟପକ୍ଷେ କେତେକ ମୁଷ୍ଟିମେୟ ବ୍ୟକ୍ତି ହରିଜନଙ୍କ ଗୋଚରଜମିକୁ ଲିଜ୍ ସୂତ୍ରରେ ସରକାରୀ ବିଦ୍ୟାଳୟକୁ ପ୍ରଦାନ କରିଦେଇଛନ୍ତି। ବିଦ୍ୟାଳୟ ପାଚେରିକୁ ଲାଗିଥିବା ରାସ୍ତାର ଅପରପାର୍ଶ୍ୱରେ ଆଦିବାସୀ ଲୋକେ ରହୁଥିବାବେଳେ ସରକାର ସେମାନଙ୍କ ପାଇଁ ଆଧାର ଓ ରାଶନ କାର୍ଡ ଦେବାସହ ବହୁ ଉନ୍ନୟନ କାର୍ଯ୍ୟ କରିଛନ୍ତି। ଯେଉଁ ଗୋଚରଜମିକୁ ଲିଜରେ ବିଦ୍ୟାଳୟକୁ ପଟ୍ଟା ଦିଆଯାଇଛି, ସେହି ବାଟ ଦେଇ ପଞ୍ଚାୟତ ହୁଡା ଓ ଚାଷଜମିକୁ ଯାତାୟାତ ପାଇଁ ବସ୍ତିବାସିନ୍ଦାମାନେ ଅସୁବିଧାର ସମ୍ମୁଖୀନ ହେଉଥିବାର ସଂଘ ପରିଚାଳନା କମିଟି ଅଧ୍ୟକ୍ଷା ଡଲିବାଳା ମଲ୍ଲିକ, ସମ୍ପାଦକ କଳମକାନ୍ତ ମଲ୍ଲିକ, ଉପସଭାପତି ଜଗବନ୍ଧୁ ମଲ୍ଲିକ, ସହ ସମ୍ପାଦକ ଲକ୍ଷ୍ମୀ ସିଂ ଓ କୋଷାଧ୍ୟକ୍ଷ ଶାନ୍ତିଲତା ସିଂ ପ୍ରମୁଖ ଅଭିଯୋଗ କରିଛନ୍ତି। ଲିଜ୍ ବାତିଲ, ପଞ୍ଚାୟତ ହୁଡାକୁ ଯିବା ପାଇଁ ରାସ୍ତା ନିର୍ମାଣ ଓ ସ୍ଥାୟୀ ପଟ୍ଟା ଦାବି ନେଇ ବସ୍ତିବାସିନ୍ଦାମାନେ ଏକ ଶୋଭାଯାତ୍ରାରେ ଦୁଇ କି.ମି. ଚାଲି ତହସିଲ ଅଫିସରେ ପହଞ୍ଚି ଥିଲେ। ସେଠାରେ ସାମାଜିକ କର୍ମୀ ପ୍ରିୟରଞ୍ଜନ ସାହାଣୀଙ୍କ ନେତୃତ୍ୱରେ ଏକ ପ୍ରତିବାଦ ସଭା ହେବା ସହ ବସ୍ତିବାସିନ୍ଦା ଧାରଣାରେ ବସିଥିଲେ। ଅତିରିକ୍ତ ତହସିଲଦାର ମାନସ କୁମାର ତ୍ରିପାଠୀ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବାସହ ସାତଦିନ ମଧ୍ୟରେ ଚିରକାଳ ଜମିକୁ ଜବରଦଖଲରୁ ମୁକ୍ତ ଓ ମାସକ ମଧ୍ୟରେ ସ୍ଥାୟୀ ପଟ୍ଟା ଦେବାର ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଧାରଣାରେ ରମାକାନ୍ତ ଜେନା, ପ୍ରଦୀପ ବିଶ୍ୱାଳ, ଜ୍ୟୋତିର୍ମୟୀ ଜେନା, ଶୁକ୍ରା ସିଂ, ସୁମତୀ ସିଂ, ଶ୍ରାବଣୀ ସିଂ ସମେତ ବସ୍ତିବାସିନ୍ଦା ସାମିଲ ଥିଲେ।



ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ ଲୋକମାନେ।










ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ଉଦ୍ଦେଶ୍ୟରେ କୁଜଙ୍ଗ, ଜଗତ୍‌ସିଂହପୁର ଓ ରାହାମାରେ ବିଭିନ୍ନ ସଂଗଠନ ଓ ଜନସାଧାରଣଙ୍କ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା।



# ଗର୍ଭାବସ୍ଥାରେ ଲୁପସ୍



**ଡା. ସରୋଜିନୀ ଷଡ଼ଙ୍ଗୀ**

ଏସ୍‌ଏଲ୍‌ଇ ବା ସିଷ୍ଟମିକ୍ ଲୁପସ୍ ଏରିଦମେଟୋସସ୍ ଏକ ଗୁରୁତର ଅଟୋଇମ୍ୟୁନ୍ ରୋଗ, ଯାହାର ଅର୍ଥ ହେଉଛି ଶରୀରରେ ସ୍ୱାଭାବିକ ଭାବେ ଥିବା ପଦାର୍ଥର ବିନାଶକ ପ୍ରତିପିଣ୍ଡ ଦ୍ୱାରା ସୃଷ୍ଟରୋଗ। ଏଥିସହ ତା' ସାଙ୍ଗରେ ଅଟୋ ଆଣ୍ଟିବଡି ମଧ୍ୟ ଥାଏ, ଯାହା ଶରୀରରେ ପ୍ରବେଶ କରିଥିବା ବିଷଦ୍ରବ୍ୟକୁ ଧ୍ୱଂସ କରିବା ପାଇଁ ରକ୍ତରେ ଗଢ଼ିଉଠିଥିବା ବିଷନାଶକ ପୁଷ୍ଟିସାର ହୋଇଥାଏ । ଏହା ଏକ ସଂଯୋଜକ ପେଶୀର ରୋଗ। ଏହି ରୋଗ ହେଲେ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ (ମଲ୍ଟିସିଷ୍ଟମ୍) ଯଥା ଚର୍ମ, ଗଣ୍ଠି ବା ଜଏଣ୍ଟସ୍, ବୃକକ୍ ବା କିଡ୍‌ନୀ, ଫୁସ୍‌ଫୁସ୍, ଯକୃତ, ସ୍ନାୟୁବିଭାଗ ତଥା ଅନ୍ୟ ଅନେକ ଅଙ୍ଗକୁ ପ୍ରଭାବିତ କରିଥାଏ। ପୁରୁଷମାନଙ୍କ ଅପେକ୍ଷା ବୟସ୍କା ନାରୀମାନଙ୍କୁ ଏହା ଦଶଗୁଣ ଅଧିକ ରୋଗାକ୍ରାନ୍ତ କରିଥାଏ। ଅନେକାଂଶରେ ଶତକଡା ୧୦ରୁ ୩୦ ପ୍ରତିଶତ କ୍ଷେତ୍ରରେ ଏହା ଗର୍ଭାବସ୍ଥାରେ ହିଁ ଚିହ୍ନଟ ହୋଇଥାଏ। ଏହି ରୋଗ ବେଳେବେଳେ ମନକୁ ମନ ବଢ଼ିଯାଇଥାଏ ଏବଂ କମି ଯାଇଥାଏ ମଧ୍ୟ। ଏଥିରେ ଥିବା ଏସି.ଏ. ଏବଂ ଏଲ୍.ଏ. ଆଣ୍ଟିବଡ଼ି ବାରମ୍ବାର ଗର୍ଭ ନଷ୍ଟ କରିବା ସହ ଗର୍ଭବତୀ ନାରୀର ରକ୍ତଚାପ ବଢ଼ାଇଦିଏ।

**ଲକ୍ଷଣ–** ଏହାର ସାଧାରଣ ଲକ୍ଷଣଗୁଡ଼ିକ ହେଉଛି କ୍ଳାନ୍ତ ହୋଇପଡ଼ିବା, ଓଜନ କମିଯିବା, ଗଣ୍ଠି ଦରଜ ହେବା ତଥା ଗଣ୍ଠିବାତ ଏବଂ ମାଂସପେଶୀରେ ଭୀଷଣ ଯନ୍ତ୍ରଣା ହୋଇଥାଏ। ବେଳେବେଳେ ଏହା ଗୋଟିଏ ଗଣ୍ଠିରୁ ଅନ୍ୟ ଗଣ୍ଠିକୁ ବ୍ୟାପୀ ଯାଇଥାଏ। ଏହାଛଡ଼ା ମୁହଁରେ ରାସ୍ ବା ଫଳି ଯାଇଥାଏ। ତଥା ଫଟୋ ସେନ୍‌ସିଟିଭିଟି ହୋଇଥାଏ (ଆଲୁଅକୁ ଚାହିଁ ହୁଏ ନାହିଁ)– ଜଣ ଜଣଙ୍କର ପାଟିରେ ଘା, ଫୁସ୍‌ଫୁସ ଓ ହୃତ୍‌ପିଣ୍ଡ ବାହାରେ ପାଣି ଜମିଯାଇ ପରିସ୍ରାରେ ପ୍ରୋଟିନ୍ ଅଂଶ ଯାଇଥାଏ, କାହାର କାହାର ଅପସ୍ମାର ବାତ ବା ମାନସିକ ରୋଗ ହୋଇଥାଏ। ରକ୍ତରେ ଲୋହିତ ଓ ଶ୍ୱେତ ରକ୍ତକଣିକା କମିଯାଏ। ଶରୀରରେ ଅନେକ ପ୍ରକାରର ଆଣ୍ଟିବଡି ତଥା ଆଣ୍ଟି ନିଉକ୍ଲିଅର ଆଣ୍ଟିବଡି ବଢ଼ିଯାଇଥାଏ।

### ଗର୍ଭଧାରଣର ଏସ୍.ଏଲ୍.ଇ. ବା ଲୁପସ୍ ଉପରେ ପ୍ରଭାବ

ଗର୍ଭାବସ୍ଥା କେତେକାଂଶରେ ଲୁପସ୍ ଉପରେ ପ୍ରଭାବ ପକାଇ ନ ଥିବାବେଳେ ଆଉ କେତେକାଂଶରେ ପ୍ରଭାବ ପକାଇ ରୋଗକୁ ବଢ଼ାଇ ଦେଇଥାଏ। ଗର୍ଭାବସ୍ଥାର ପ୍ରଥମ ପର୍ଯ୍ୟାୟରେ ଏହାର ପ୍ରଭାବ ୩ ଗୁଣ ବଢ଼ିଯାଇଥାଏ । ଏହି ରୋଗ ହଠାତ୍ ବଢ଼ିଗଲେ ଏହାର ଲକ୍ଷଣ ପ୍ରିଏକ୍ଲାମ୍ପସିଆ ବା ଗର୍ଭାବସ୍ଥାରେ ଉଚ୍ଚ ରକ୍ତଚାପ ଭଳି ହୋଇଥାଏ, ଏହାକୁ ଚିହ୍ନଟ କରି ଲୁପସ୍ ପାଇଁ ଗ୍ଲୁକୋକର୍ଟିକଏଡ ଦେଲେ ଏହା କମିଯାଏ। ପ୍ରସବ ପରେ ମାତୃ ମୃତ୍ୟୁହାର ବଢ଼ିଯାଏ। ଏହା ଫୁସ୍‌ଫୁସ୍‌ରେ ରକ୍ତକ୍ଷରଣ ଓ ବୃକକ୍‌ଜନିତ ଜଟିଳତା ପାଇଁ ହୋଇଥାଏ।

**ଲୁପସ୍‌ର ଗର୍ଭ ଉପରେ ପ୍ରଭାବ–** ଏଥିରେ ବାରମ୍ବାର ଗର୍ଭନଷ୍ଟ (ଶତକଡା ୪୦ ପ୍ରତିଶତ), ଉଚ୍ଚ ରକ୍ତଚାପ (ଶତକଡା ୪୦ ପ୍ରତିଶତ), ଗର୍ଭରେ ଶିଶୁର ବର୍ଦ୍ଧନ ନ ହୋଇ ଓଜନ କମିଯିବା ତଥା ପ୍ରସବ ବ୍ୟଥା ଆରମ୍ଭ ହେବା ପୂର୍ବରୁ ପାଣିଥଳି ଫାଟିଯିବା (ଶତକଡା ୪୦ ପ୍ରତିଶତ) ଆଦି ହୋଇଥାଏ ଏବଂ ଶତକଡା ୧୦ରୁ ୫୦ ପ୍ରତିଶତ କେସ୍‌ରେ ଅପରିଣତ ପ୍ରସବ ହୋଇଥାଏ। ଲୁପ୍‌ସ ଯୋଗୁ ଗର୍ଭବତୀଙ୍କର ରକ୍ତହୀନତା ହେବା ସହ ଶ୍ୱେତ ରକ୍ତକଣିକା ଓ ପ୍ଲେଟ୍‌ଲେଟ କାଉଣ୍ଟ କମିଯାଇଥାଏ। ଏଥିରେ ରେନାଲ ଫେଲ୍ୟୁଅର ହୋଇଥାଏ। ମା'ର ମଧ୍ୟ ଡିପ୍‌ଭେନଥ୍ରମ୍ବୋସିସ୍ ହୋଇଥାଏ ।

**ଶିଶୁର ଜଟିଳତା–** ଜନ୍ମ ପରେ ଯେଉଁ ଶିଶୁମାନଙ୍କର ରକ୍ତରେ ଆଣ୍ଟି ଏସ୍.ଏସ୍.ଏ (ଆର୍.ଓ) ପଜିଟିଭ୍ ଥାଏ, ସେମାନଙ୍କ ଶିଶୁମାନଙ୍କର କମ୍ପ୍ଲିଟ୍ ହାର୍ଟ ବ୍ଲକ୍ ହୋଇଥାଏ। ମା'ଦେହରୁ ଲୁପସ ଆଣ୍ଟିବଡି ଶିଶୁ ଦେହକୁ ଯିବା ଦ୍ୱାରା ଶିଶୁକୁ ରକ୍ତହୀନତା ହୋଇଥାଏ ଓ ଶ୍ୱେତ ରକ୍ତକଣିକା ଏବଂ ପ୍ଲେଟ୍‌ଲେଟ୍ କମିଯାଇ ହାର୍ଟ ବ୍ଲକ୍ ହୋଇଥାଏ। ଏହାକୁ 'ନିଓନାଟାଲ୍ ଲୁପ୍‌ସ ସିଣ୍ଡ୍ରୋମ୍' କୁହାଯାଏ ।

**ଗର୍ଭାବସ୍ଥାରେ ଯତ୍ନ–** ଗର୍ଭଧାରଣ କରିବା ପୂର୍ବରୁ ପ୍ରତ୍ୟେକ ଏସ.ଏଲ୍.ଇ ରୋଗୀଙ୍କୁ ଏହାର ଜଟିଳତା ବିଷୟରେ ଜଣାଇବା ଜରୁରୀ। 'ମେଥୋଟ୍ରେକ୍ସେଟ୍' ବଟିକା ଖାଉଥିଲେ ଗର୍ଭଧାରଣର ୩ ମାସ ଆଗରୁ ଏହାକୁ ବନ୍ଦ କରିଦେବା ଉଚିତ୍। ଗର୍ଭାବସ୍ଥାରେ ୩୨ ସପ୍ତାହ ଯାଏ ପ୍ରତି ୨ ସପ୍ତାହରେ ପରୀକ୍ଷା କରିବା ଭଲ। ପ୍ରତ୍ୟେକ ଚେକ୍‌ଅପ୍ ବେଳେ ରକ୍ତଚାପ ଓ ଓଜନ ମାପିବା ସହ ରକ୍ତ ପରୀକ୍ଷା ଯଥା କମ୍ପ୍ଲିଟ୍ ବ୍ଲଡ କାଉଣ୍ଟ, ଲିଭର ଫଙ୍କଶନ ଟେଷ୍ଟ, ୨୪ ଘଣ୍ଟା ପରିସ୍ରାରେ ପ୍ରୋଟିନ୍‌ର ପରିମାଣ ମାପିବା ଉଚିତ। ଯେଉଁମାନେ ଗ୍ଲୁକୋକର୍ଟିକଏଡ ବା ଷ୍ଟିରଏଡ ଚିକିତ୍ସାରେ ଥାନ୍ତି, ସେମାନେ ୨୦, ୨୮ ଓ ୩୨ ସପ୍ତାହରେ ଗ୍ଲୁକୋଜ ଚ୍ୟାଲେଞ୍ଜ ଟେଷ୍ଟ କରିବା ଜରୁରୀ। ପ୍ରତି ଦେଢ଼ମାସରେ ଥରେ ରକ୍ତରେ ସି୩ ଓସି ୪ କମ୍ପ୍ଲିମେଣ୍ଟ ଲେଭଲ ମାପିବା ଉଚିତ। ଗର୍ଭରେ ଶିଶୁର ବୃଦ୍ଧି ଠିକ୍ ଭାବେ ହୋଇ ନ ପାରିବା ଯୋଗୁ ଗର୍ଭାବସ୍ଥାର ପ୍ରଥମ ୩ ମାସରେ ଥରେ ଅଲ୍‌ଟ୍ରାସାଉଣ୍ଡ ଓ ୧୮ରୁ ୨୦ ସପ୍ତାହ ମଧ୍ୟରେ ଶିଶୁର ବିକଳାଙ୍ଗ ସ୍କାନ୍ (ଟିଫା ସ୍କାନ୍) କରିବା ଉଚିତ। ଶିଶୁର ଇକୋକାର୍ଡିଓଗ୍ରାମ କରି ହାର୍ଟବ୍ଲକ୍ ଅଛି କି ନାହିଁ ଜାଣିବା ଜରୁରୀ – ଏହାପରେ ପ୍ରତ୍ୟେକ ମାସ ଅଲଟ୍ରାସାଉଣ୍ଡ ଓ ଡପ୍‌ଲର କରିବା ଉଚିତ।

**ପ୍ରସବ–** ଏସ୍.ଏଲ.ଇ ରୋଗୀମାନଙ୍କର ନର୍ମାଲ ଡେଲିଭରି ବା ସ୍ଥଳ ବିଶେଷରେ ସିଜରିଆନ୍ ସେକ୍‌ଶନ କରାଯାଇଥାଏ। ତେବେ ପ୍ରସବ ବ୍ୟଥା ସମୟରେ ପ୍ରତି ଛଅଘଣ୍ଟା ଅନ୍ତରରେ ହାଇଡ୍ରୋକର୍ଟିଜୋନ୍ ଦିଆଯାଇଥାଏ ଏବଂ ପ୍ରସବ ହେବାର ୪୮ ଘଣ୍ଟା ଯାଏ ଏହି ଇଞ୍ଜେକ୍‌ଶନ ଚାଲୁ ରହିଥାଏ। ପରେ ଧୀରେ ଧୀରେ ଏହି ଡୋଜ୍‌କୁ କମାଇ ଦିଆଯାଇଥାଏ। ଗର୍ଭାବସ୍ଥାରେ ଆସ୍‌ପିରିନ୍ ବା ଲୋଡୋଜ ହେପାରିନ୍ ଦେଲେ ଜଟିଳତା ହାର କମିଯାଏ। ଏହା ସମ୍ଭାବ୍ୟ ତାରିଖର ଦୁଇ ସପ୍ତାହ ଆଗରୁ ବନ୍ଦ କରିଦିଆଯାଏ।

**ସ୍ତନ୍ୟପାନ–** ମା'ର ଲୁପସ୍ ଯଦି ନିୟନ୍ତ୍ରଣାଧୀନ ଥାଏ, ତେବେ ସ୍ତନ୍ୟପାନ କରାଇପାରିବେ। ତେବେ ମା' ବେଶି ଡୋଜରେ ଷ୍ଟିରଏଡ ବା ସାଇଟୋଟକ୍ସିକ୍ ଡ୍ରଗ୍ ଖାଉଥିଲେ ସ୍ତନ୍ୟପାନ କରାଇବା ଉଚିତ ନୁହେଁ।

**ଗର୍ଭନିରୋଧକ ପ୍ରଣାଳୀ –** ଗର୍ଭନିରୋଧକ ବଟିକା ବା କପର୍ 'ଟି' ବ୍ୟବହାର ନିଷିଦ୍ଧ, କାରଣ କପର୍'ଟି'ରେ ବସ୍ତିଦେଶରେ ସଂକ୍ରମଣ ବା ପେଲଭିକ୍ ଇନ୍‌ଫ୍ଲାମାଟୋରି ଡିଜିଜ୍ ହୋଇଥାଏ। ତେଣୁ ବାରିଅର ମେଥଡ ବା କଣ୍ଡୋମ ବ୍ୟବହାର ଉତ୍ତମ। ସ୍ଥଳ ବିଶେଷରେ ସ୍ଥାୟୀ ଜନ୍ମନିରୋଧ ପ୍ରଣାଳୀ ବା ଟ୍ୟୁବେକ୍ଟୋମି ଅସ୍ତ୍ରୋପଚାର କରିଦେବା ଉଚିତ।

ସିଷ୍ଟମିକ ଲୁପସ୍ ଏରିଦମେଟୋସସ୍ ଗର୍ଭାବସ୍ଥାରେ ମା' ଓ ଶିଶୁଙ୍କ ପାଇଁ ଅନେକ ଜଟିଳତା ସୃଷ୍ଟି କରିଥାଏ। ତେଣୁ ଏହାର ଚିହ୍ନଟ ଓ ଚିକିତ୍ସା ଠିକ୍ ସମୟରେ ହୋଇପାରିଲେ ମା' ଓ ଶିଶୁ ଉଭୟ ସୁସ୍ଥ ରହିବେ।

*ଲିଙ୍କରୋଡ୍, କଟକ – ୧୨*
*ମୋ – ୯୪୩୭୦୫୫୦୦୭*

ସୌନ୍ଦର୍ଯ୍ୟ

# ତ୍ୱଚା ପାଇଁ କଫି

**ଉତ୍ତମ ସ୍କ୍ରବ୍‌ର କାମ କରିବା ସହ ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ କଫି। ଜାଣନ୍ତୁ ସେ ସମ୍ପର୍କରେ କିଛି ଟିପ୍ସ...**

**ଫେସ୍ ସ୍କ୍ରବ୍ –** କଫି ତ୍ୱଚା ପାଇଁ ବେଶ୍ ଉପକାରୀ। ଏହା ମୃତକୋଷିକାକୁ ବାହାର କରି ତ୍ୱଚାରେ ସୁନ୍ଦରତା ଆଣିଥାଏ। କଫି ସହ ଲୁଣ ଏବଂ ଦୁଇ ଚାମଚ ଅଲିଭ ଅଏଲ୍ ମିଶାଇ ତ୍ୱଚାରେ ଲଗାନ୍ତୁ। ୨–୩ ମିନିଟ୍ ମସାଜ୍ କରିବା ପରେ ଧୋଇଦିଅନ୍ତୁ। ଏପରି କଲେ ଚେହେରାର ଅଙ୍କାପଣ ଦୂର ହୋଇଥାଏ।

**ବଡି ସ୍କ୍ରବ୍ –** ତ୍ୱଚାର ତୈଳୀୟ ଅଂଶକୁ ନିୟନ୍ତ୍ରଣରେ ରଖିଥାଏ କଫି। ଅଧା କପ୍ ପେଷା ଯାଇଥିବା କଫିରେ ଅଧା କପ୍ କୋକୋନଟ୍ ପାମ୍ ସୁଗାର, ୧/୪ କପ୍ ନଡିଆ ତେଲ ଏବଂ ଏକ ଚାମଚ ପେଷା ଯାଇଥିବା ଡାଲଚିନି ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ଏକ ଏୟାର ଟାଇଟ୍ କଣ୍ଟେନରରେ ରଖନ୍ତୁ। ଗାଧୋଇବା ପୂର୍ବରୁ ଏହାକୁ ସ୍କ୍ରବ ଭାବେ ଶରୀରରେ ଲଗାନ୍ତୁ। ଏପରି କରିବା ଦ୍ୱାରା ତ୍ୱଚା ପରିଷ୍କାର ଏବଂ କୋମଳ ହୋଇଥାଏ।

**ହେୟାର କଲରିଂ –** କେଶକୁ କଲର କରିବା ପାଇଁ ଆପଣଙ୍କୁ ପାର୍ଲର ଯିବାକୁ ପଡିବନି। ଏଥିପାଇଁ ଷ୍ଟ୍ରଙ୍ଗ୍ କଫି ପ୍ରସ୍ତୁତ କରନ୍ତୁ। ଏହାକୁ ଥଣ୍ଡା କରି କେଶରେ ଲଗାଇ କିଛି ଘଣ୍ଟା ପରେ ଶାମ୍ପୋ ଏବଂ କଣ୍ଡିଶନର କରନ୍ତୁ। ଏହାଦ୍ୱାରା କେଶ କେବଳ ସାଇନିଂ କରି ନ ଥାଏ ବରଂ ଧଳା କେଶ କଳା ହୋଇଥାଏ। ଯଦି ଆପଣ ଡାର୍କ କଲର ଚାହୁଁଛନ୍ତି ତେବେ ଏଥିରେ ହେନା ହେୟାର ଡାଇ ମିଶାନ୍ତୁ। ତାହିଁଲେ ଡାର୍କ ଶେଡ୍ ପାଇଁ କଫିର ମିଶ୍ରଣରେ କୋକୋ ପାଉଡର ମିଶାଇ ପାରିବେ।

**ଫେସ୍ ମାସ୍କ–** ଅଧା କପ୍ କଫି ପାଉଡର, ଅଧା କପ୍ କୋକୋ ପାଉଡର, ୧ କପ୍ କ୍ଷୀର, ୧ ଚାମଚ ଲେମ୍ବୁ ରସ ଏବଂ ଏକ ଚାମଚ ମହୁ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୨୦ ମିନିଟ୍ ପରେ ଧୋଇ ଦିଅନ୍ତୁ। ଚେହେରାରେ ଅଙ୍କାପଣ ଦୂର କରିବା ପାଇଁ ଏହି ଫେସ୍ ମାସ୍କ ବେଶ୍ ଉପକାରୀ।



ଖାଦ୍ୟରୁଚି

# ମେଥି ଚିକେନ୍ ମଲାଇ



**ଆବଶ୍ୟକ ସାମଗ୍ରୀ**

ଚିକେନ୍ – ୮୦୦ ଗ୍ରାମ୍, ଗାଢ଼ ଦହି – ୧ କପ୍, ଅଦା ରସୁଣ ପେଷ୍ଟ – ୨ ଚାମଚ, ପିଆଜ – ୧ କପ୍, ମେଥି ପତ୍ର – ୧ କପ୍, ଗରମ ମସଲା – ଅଳେଇଚ, ଡାଲଚିନି ଏବଂ ଲବଙ୍ଗ, ଧନିଆ ପାଉଡର – ୨ ଚାମଚ, ତେଲ – ୪ ଚାମଚ, ହଳଦୀ – ୧ ଚାମଚ, ଲଙ୍କାଗୁଣ୍ଡ – ୨ଚାମଚ, ଗରମ ମସଲା ପାଉଡର– ୧ ଚାମଚ, ଲୁଣ ସ୍ୱାଦ ଅନୁସାରେ, କ୍ରିମ୍– ୧/୨ କପ୍।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ଚିକେନ୍‌କୁ ଭଲଭାବେ ଧୋଇ ଏଥିରେ ଦହି, ଅଦା ରସୁଣ ପେଷ୍ଟ, ହଳଦୀ ଏବଂ ଲୁଣ ମିଶାଇ ଅଧାଘଣ୍ଟା ପର୍ଯ୍ୟନ୍ତ ମ୍ୟାରିନେଟ୍ କରି ରଖନ୍ତୁ। ଏବେ କଡ଼େଇରେ ତେଲ ଗରମ କରନ୍ତୁ। ଏଥିରେ କଟା ପିଆଜ ପକାଇ ଲାଲ୍ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ଏବେ କଞ୍ଚା ଲଙ୍କା, ମେଥିପତ୍ର ପକାନ୍ତୁ। ଏହାପରେ ଧନିଆ ପାଉଡର ଏବଂ ମ୍ୟାରିନେଟ୍ କରିଥିବା ଚିକେନ୍ ପକାନ୍ତୁ। ଚିକେନ୍ ସିଝି ଆସିବା ବେଳକୁ ଗରମ ମସଲା ଏବଂ ଗୋଲମରିଚ ଗୁଣ୍ଡ ପକାଇ ୧୦ ମିନିଟ୍ ପର୍ଯ୍ୟନ୍ତ ଢାଙ୍କି କରି ରଖନ୍ତୁ। ଶେଷରେ ଏହା ଉପରେ କ୍ରିମ୍ ପକାନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ମେଥି ଚିକେନ୍ ମଲାଇ। ଗରମ ଗରମ ଏହାକୁ ରୁଟି କିମ୍ବା ଭାତ ସହ ସର୍ଭ କରନ୍ତୁ।

# ଜାଣିରଖନ୍ତୁ

❖ଫ୍ରିଜ୍‌ରୁ ଦୁର୍ଗନ୍ଧ ଆସିବା ସାଧାରଣ କଥା। ଏଥିପାଇଁ ଆଳୁ ଚୋପାକୁ ଭଲଭାବେ ଫୁଟାଇ ସେହି ପାଣିରେ ଫ୍ରିଜ୍‌ର ଡୋର୍ ଓ ଭିତର ପାର୍ଶ୍ୱକୁ ଭଲଭାବେ ପୋଛନ୍ତୁ।

❖ଟ୍ୟାପ୍‌କୁ ସଫା କରିବା ପାଇଁ ଟୁଥ୍‌ପେଷ୍ଟ ବ୍ୟବହାର କରନ୍ତୁ। ଏକ କପଡାରେ ଟୁଥ୍‌ପେଷ୍ଟ ଲଗାଇ ଟ୍ୟାପ୍‌କୁ ସଫା କରି ଗରମ ପାଣିରେ ଧୋଇ ଦିଅନ୍ତୁ। ଦେଖିବେ ଟ୍ୟାପ୍‌ରେ ଚମକ ଆସିବ।

❖କମୋଡ୍‌ରୁ ଦାଗ ହଟାଇବା ପାଇଁ ବେକିଂ ସୋଡା ବ୍ୟବହାର କରନ୍ତୁ।

❖ଏକ ଗ୍ଲାସ ପାଣି ଓ ଏକ ବୁନ୍ଦା ହ୍ୟାଣ୍ଡ୍‌ୱାଶ୍‌ର ମିଶ୍ରଣରେ କାଚ ସାମଗ୍ରୀକୁ ସଫା କଲେ ଏଥିରେ ଚମକ ଆସିବ।





# ଆଙ୍କଲେଟ୍ ଫ୍ୟାଶନ୍

**କେବଳ ଫୁଟ୍ ଉୟର ନୁହେଁ ଷ୍ଟାଇଲିସ୍ ଆଙ୍କ୍‌ଲେଟ୍ ବି ପାଦକୁ ଖୁବ୍ ସୁନ୍ଦର ମାନିଥାଏ। ମାର୍କେଟରେ ବିଭିନ୍ନ ପ୍ରକାର ଆଙ୍କ୍‌ଲେଟ୍ ମିଳୁଛି ଯାହାକୁ ଆପଣ ୱେଷ୍ଟର୍ନ କିମ୍ବା ଯେକୌଣସି ଆଉଟ୍‌ଫିଟ୍ ସହ ପିନ୍ଧିପାରିବେ..**

❖ହେଭି ଲୁକ୍ ପାଇଁ ବ୍ରାଣ୍ଡ୍ ଆଙ୍କ୍‌ଲେଟ୍‌ସ ଆପଣାନ୍ତୁ। ଏହାର ତଳ ଆଡକୁ ଲେୟର୍ସ ଦିଆଯାଇଛି। ଏହାକୁ ଆପଣ ୱେଷ୍ଟର୍ନ ଓ ଇଣ୍ଡିଆନ୍ ଉଭୟ ଆଉଟ୍‌ଫିଟ୍‌ରେ ପିନ୍ଧିପାରିବେ।

❖ମଲ୍‌ଟି ଲେୟର୍ଡ ଆଙ୍କ୍‌ଲେଟ୍ ଡିଜାଇନ୍ ମଧ୍ୟ ଆପଣଙ୍କୁ କ୍ଲାସି ଲୁକ୍ ଦେବ। ଏହାକୁ ଆପଣ ଲେହେଙ୍ଗା ସହ ପିନ୍ଧିପାରିବେ।

❖ଯଦି ଆପଣଙ୍କୁ କଲରଫୁଲ୍ ଆଙ୍କ୍‌ଲେଟ୍ ପସନ୍ଦ ତେବେ ବିଡେଡ୍ ଆଙ୍କ୍‌ଲେଟ୍‌ସ ପିନ୍ଧନ୍ତୁ। ଏହି ଆଙ୍କ୍‌ଲେଟ୍‌ସକୁ ଆପଣ ଯେକୌଣସି ଆଉଟ୍‌ଫିଟ୍‌ରେ ପିନ୍ଧିପାରିବେ।

❖କ୍ୱର୍କି ଲୁକ୍ ପାଇଁ ଫ୍ଲୋରାଲ୍ ଆଙ୍କ୍‌ଲେଟ୍ ବେଷ୍ଟ ଅପ୍ସନ୍। ଏହାକୁ ଆପଣ ଯେକୌଣସି ସର୍ଟ ଡ୍ରେସ୍ ସହ ପିନ୍ଧିପାରିବେ।



# ଫଏଲ୍ ପେପର୍ ବ୍ୟବହାର କରୁଥିଲେ...

**କିଚେନ୍‌ରେ ଫଏଲ୍ ପେପର ସାଧାରଣତଃ ଖାଦ୍ୟକୁ ପ୍ୟାକ୍ କରିବା ପାଇଁ ବ୍ୟବହାର କରାଯାଏ। ଆପଣ ଚାହିଁଲେ ଏହାକୁ ଅନ୍ୟ କାମରେ ମଧ୍ୟ ବ୍ୟବହାର କରିପାରିବେ। ଜାଣନ୍ତୁ ସେ ସମ୍ପର୍କରେ...**

■କିଚେନ୍ କ୍ୟାବିନେଟ୍‌ର କଡରେ ଫଏଲ୍ ପେପର ଲଗାଇଲେ ଏଥିରେ ତେଲର ଦାଗ ଲାଗିବ ନାହିଁ।

■ଗ୍ରୀଲ୍ ସଫା କଲାବେଳେ ଆଲୁମିନିୟମ୍ ଫଏଲ୍‌ର ବ୍ୟବହାର କଲେ ଏଥିରେ ଜମିଥିବା ଧୂଳି ଛାଡିଯାଇଥାଏ।

■ଆପଣଙ୍କ ମନପସନ୍ଦର ପିଜା କିମ୍ବା କୌଣସି ଫାଷ୍ଟଫୁଡ୍‌କୁ ଦ୍ୱିତୀୟ ଥର ଗରମ କରିବାକୁ ଚାହୁଁଥିଲେ ଆଲୁମିନିୟମ୍ ଫଏଲ୍ ଗୁଡାଇ ଗରମ କରନ୍ତୁ, ଦେଖିବେ ଆଦୌ ଜଳିବ ନାହିଁ।

■ଯଦି ବାସନ ଅତ୍ୟଧିକ ପୋଡିଯାଇଛି ଏବଂ ଆପଣଙ୍କ ପାଖରେ ଷ୍ଟିଲ୍ ସ୍କ୍ରବ୍ ନାହିଁ ତା'ହେଲେ ଆଲୁମିନିୟମ୍ ଫଏଲ୍ ଦ୍ୱାରା ବାସନ ମାଜି ପାରିବେ।

■ବଗିଚାରେ ଲାଗିଥିବା ଫଳକୁ ପକ୍ଷୀମାନଙ୍କଠାରୁ ବଞ୍ଚାଇ ରଖିବାକୁ ଚାହୁଁଥିଲେ ଫଏଲ୍ ପେପର କିଛି ନେଇ ଡାଳରେ ଲଗାଇ ଦିଅନ୍ତୁ। ଏପରି କଲେ ପକ୍ଷୀମାନେ ଡରି ଫଳ ପାଖକୁ ଆସିବେ ନାହିଁ।





> ବର୍ତ୍ତମାନ ସ୍ଥିତିରେ ସୁଧହାର ହ୍ରାସ କରିବା ସ୍ଥିତିରେ ନାହୁଁ।
> – ରଜନୀଶ କୁମାର, ଅଧ୍ୟକ୍ଷ, ଏସ୍‌ବିଆଇ



> ବେଆଇନ କାର୍ଯ୍ୟକଳାପ ଲାଗି ଜିରୋ ଟଲରାନ୍ସ ନୀତି ଗ୍ରହଣ କରାଯାଇଛି।
> – ଫ୍ରାନସିସ୍କୋ ଡିସୌଜା, ସିଇଓ, କଗ୍‌ନିଜାଣ୍ଟ

## ସଂକ୍ଷେପରେ

### ଟଙ୍କା ଏସିଆରେ ସବୁଠୁ ଖରାପ ପ୍ରଦର୍ଶନକାରୀ ମୁଦ୍ରା



**ନୂଆଦିଲ୍ଲୀ,୧୮-୨:** ଭାରତୀୟ 'ଟଙ୍କା' ଏସିଆରେ ସବୁଠୁ ଖରାପ ପ୍ରଦର୍ଶନକାରୀ ମୁଦ୍ରା ପ୍ରମାଣିତ ହୋଇଛି। ଭାରତୀୟ ମୁଦ୍ରା ଡିସେମ୍ବର ପରେ ୨.୪% ହ୍ରାସ ପାଇଛି। ସୋମବାର ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୭୧.୫୧୫ ଥିବା ବେଳେ ଜାନୁୟାରୀରେ ଏହା ୬୯.୨୩ ଥିଲା। ତୈଳ ମୂଲ୍ୟ ବୃଦ୍ଧି ପାଇବା ସହ ଜମ୍ମୁ-କଶ୍ମୀରରେ ଆରମ୍ଭ ହୋଇଥିବା ଉତ୍ତେଜନା ଏବଂ ରାଜନୈତିକ କ୍ଷେତ୍ରରେ ଅନିଶ୍ଚିତତା ଯୋଗୁ ଟଙ୍କାର ମୂଲ୍ୟ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡୁଛି ବୋଲି ଡିବିଏସ୍ ବ୍ୟାଙ୍କ ଲିମିଟେଡର ଟ୍ରେଡିଂ ମୁଖ୍ୟ ଆଶିଷ ବୈଦ୍ୟ କହିଛନ୍ତି। କଶ୍ମୀର ଉତ୍ତେଜନା ବୃଦ୍ଧି ପାଇଲେ ଟଙ୍କାର ମୂଲ୍ୟ ଖୁବଶୀଘ୍ର ୭୩ ସ୍ତର ଛୁଇଁବ ବୋଲି ସେ ଅନୁମାନ କରିଛନ୍ତି। ଭେନେଜୁଏଲା ଓ ଇରାନ ବିରୋଧରେ ଆମେରିକାର କଟକଣା ଏବଂ ସୌଦି ଆରବ ଓ ରୁଷ୍ ଉତ୍ପାଦନ ହ୍ରାସ କରିବାକୁ ନିଷ୍ପତ୍ତି ନେବା ପରେ ଅଶୋଧିତ ତୈଳ ଦର ଅଦ୍ୟାବଧି ୨୦% ବଢ଼ିସାରିଛି।

### ଆମେରିକା କମ୍ପାନୀ ସହ ଆଇଓସିଏଲ୍‌ର ୧.୫ ବିଲିୟନ ଡଲାର ତୈଳ ଚୁକ୍ତି

**ନୂଆଦିଲ୍ଲୀ,୧୮-୨:** ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ(ଆଇଓସିଏଲ୍) ଆସନ୍ତା ବର୍ଷ ଆମେରିକାରୁ ୩୦ ଲକ୍ଷ ଟନ ଅଶୋଧିତ ତେଲ ଆମଦାନୀ କରିବ। ଏଥିଲାଗି ଏହା ସେ ଦେଶର କମ୍ପାନୀ ସହ ୧.୫ ବିଲିୟନ ଡଲାର ଚୁକ୍ତି ସ୍ୱାକ୍ଷର କରିଛି। ଆଇଓସି ପ୍ରଥମ ଭାରତୀୟ କମ୍ପାନୀ ଭାବେ ଆମେରିକା ସହ ଏଭଳି ଚୁକ୍ତି କରିଛି ବୋଲି କମ୍ପାନୀ ପକ୍ଷରୁ ସୋମବାର ଏକ ବିବୃତି ଜାରି କରି କୁହାଯାଇଛି। କମ୍ପାନୀ ଅଶୋଧିତ ତୈଳ କ୍ଷେତ୍ରରେ ବିବିଧତା ଆଣିବା ଲକ୍ଷ୍ୟରେ ଏଭଳି ନିଷ୍ପତ୍ତି ନେଇ ଗତ ୧୫ରେ ଚୁକ୍ତି କରିଛି।

### ଠକାମିର ଶିକାର ହେଉଛନ୍ତି ବିମାନଯାତ୍ରୀ

# ଫ୍ଲାଇଟ୍ସ ବାତିଲ କରି ଏୟାରଲାଇନ୍ସ ମାଲାମାଲ

**ନୂଆଦିଲ୍ଲୀ,୧୮-୨**

ଯେକୌଣସି କାରଣ ଦର୍ଶାଇ ଏୟାରଲାଇନ୍ସ କମ୍ପାନୀ ପ୍ରାୟତଃ ବିମାନ ଯାତ୍ରା (ଫ୍ଲାଇଟ୍) ବାତିଲ କରିବାର ଦେଖାଯାଏ। ଗତ କିଛି ମାସ ହେବ ଏହା ବ୍ୟାପକ ହାରରେ ବଢ଼ିଯାଇଛି। ଗତ ସପ୍ତାହରେ ଦେଶର ଅଗ୍ରଣୀ ବିମାନ କମ୍ପାନୀ ଇଣ୍ଡିଗୋ ଗୋଟିଏ ଦିନରେ ୧୩୦ ଫ୍ଲାଇଟ୍ସ ବାତିଲ କରିବା ପରେ ହଇଚଇ ସୃଷ୍ଟି ହୋଇଛି। ଫ୍ଲାଇଟ୍ସ ବାତିଲ କରି ଏୟାରଲାଇନ୍ସ କମ୍ପାନୀ ମାଲାମାଲ ହେଉଥିବା ବେଳେ ବିଚରା ଗ୍ରାହକ ଠକାମୀର ଶିକାର ହେଉଛି।



ପାଣିପାଗ ଖରାପ ଥିବା, ପାଇଲଟଙ୍କ ଅଭାବ ଆଦି ବାହାନା ଦର୍ଶାଇ ଏୟାରଲାଇନ୍ସ ପ୍ରାୟତଃ ଫ୍ଲାଇଟ୍ସ ବାତିଲ କରିଦେଉଛନ୍ତି। ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ବଡ଼ ଖେଳାଳି ଭାବେ ପରିଚିତ ଇଣ୍ଡିଗୋ ଏବଂ ଜେଟ୍ ଏୟାରୱେଜ ମଧ୍ୟ ଏହି ଖେଳରେ ସାମିଲ ରହିଛି। ଫ୍ଲାଇଟ୍ସ ବାତିଲ କରି ଏୟାରଲାଇନ୍ସ କମ୍ପାନୀ କିଭଳି ମାଲାମାଲ୍ ହେଉଛନ୍ତି, ତାହା ବୁଝିବାକୁ ହେବ।

ନିୟମ ମୁତାବକ, ବିମାନ ଯାତ୍ରା ବାତିଲ କରିବା କ୍ଷେତ୍ରରେ ଏୟାରଲାଇନ୍ସ କମ୍ପାନୀ ସମ୍ପୃକ୍ତ ଯାତ୍ରୀଙ୍କୁ ବୁକିଂ ଅର୍ଥ ସମ୍ପୂର୍ଣ୍ଣ ଫେରାଇବାକୁ ବାଧ୍ୟ। ଏ କ୍ଷେତ୍ରରେ ଯାତ୍ରୀଙ୍କୁ ଅନ୍ୟ କୌଣସି ଫ୍ଲାଇଟ୍‌ରେ ଯାତ୍ରା କରିବାର ସୁଯୋଗ ଦେବାକୁ ପଡେ। ଏଥିଲାଗି ଏହା ଅତିରିକ୍ତ କୌଣସି ଚାର୍ଜ ନେଇପାରିବେ ନାହିଁ। ସାଧାରଣତଃ ଏୟାରଲାଇନ୍ସ କମ୍ପାନୀ ଯାତ୍ରୀଙ୍କୁ ଏଭଳି ଫ୍ଲାଇଟ୍ସ ସୁବିଧା ଯାଚିବ, ଯାହା ଯାତ୍ରୀଙ୍କ ସମୟ ସହ ଖାପଖାଇବ ନାହିଁ। ଏଭଳି ସ୍ଥିତିରେ ନିଜ ହିସାବରେ ଯାତ୍ରୀ ମହଙ୍ଗା ଟିକେଟ ବୁକ୍ କରି ଶସ୍ତା ବିମାନରେ ଯିବାକୁ ବାଧ୍ୟ ହୋଇଥାନ୍ତି। ଏହାଦ୍ୱାରା ଯାତ୍ରୀ ଶସ୍ତା ବିମାନରେ ଅଧିକ ଅର୍ଥ ଦେଇ ଯିବାକୁ ବାଧ୍ୟ ହୋଇଥାଏ। ଉଦାହରଣ ସ୍ୱରୂପ ଜଣେ ଯାତ୍ରୀ ଜେଟ୍ ଏୟାରୱେଜ ମାଧ୍ୟମରେ ଦିଲ୍ଲୀରୁ ଚଣ୍ଡିଗଡ ଯିବାକୁ ସକାଳ ୯.୩୦ଟାରେ ଟିକେଟ ବୁକ୍ କଲେ। ଏଥିଲାଗି ସେ ୨୮୦୦ ଟଙ୍କା ଦେଲେ। ଏବେ ସେହି ବିମାନ ଯାତ୍ରାକୁ ଜେଟ୍ ଏୟାରୱେଜ ବାତିଲ କରିଦେଲେ ଏବଂ ସକାଳ ୬.୩୦ଟାର ଫ୍ଲାଇଟ୍‌ରେ ଯିବାକୁ ପ୍ରସ୍ତାବ ଦେବ। ସମୟକୁ ଦେଖିଲେ ଏହା ସମ୍ପୃକ୍ତ ଯାତ୍ରୀଙ୍କ ପାଇଁ ସୁବିଧାଜନକ ନ ହେଲେ ମଧ୍ୟ ସେ ଏହି ପ୍ରସ୍ତାବକୁ ଗ୍ରହଣ କରିବାକୁ ବାଧ୍ୟ ହୁଅନ୍ତି। କିନ୍ତୁ ଏହି ଫ୍ଲାଇଟ୍‌ର ଭଡ଼ା ମାତ୍ର ୧୬୦୦ ଥିବା ବେଳେ ଏହାକୁ ଗ୍ରହଣ କଲେ ସମ୍ପୃକ୍ତ ଯାତ୍ରୀଙ୍କୁ ଏୟାରଲାଇନ୍ସ ଅବଶିଷ୍ଟ ୧୨୦୦ଟଙ୍କା ଫେରାଇ ନ ଥାଏ। ଅନ୍ୟପକ୍ଷରେ ଯାତ୍ରୀ ରିଫଣ୍ଡ ନେବାକୁ ଚାହିଁଲେ ଅନ୍ୟ ମହଙ୍ଗା ଫ୍ଲାଇଟ ବୁକ୍ କରିବାକୁ ସେ ବାଧ୍ୟ ହୋଇଥାଏ। ଏୟାରଲାଇନ୍ସ କମ୍ପାନୀଙ୍କ ଏଭଳି ଖେଳ ଉପରେ ଏବେ ଏଭିଏଶନ ରେଗୁଲେଟର ଡିଜିସିଏର ନଜର ପଡ଼ିଛି। ଜେଟ୍ ଏୟାରୱେଜ ସମେତ ସମସ୍ତ ଏୟାରଲାଇନ୍ସ ଉପରେ ଏବେ ନଜର ରଖାଯିବ ବୋଲି ଡିଜିସିଏ କହିଛି। ଆସନ୍ତା ୨ ମାସ ମଧ୍ୟରେ ସେମାନେ କେତେ ବିମାନ ବାତିଲ କଲେ ତାହା ଯାଞ୍ଚ କରାଯିବ ବୋଲି ଏହା କହିଛି।

## ମୀରା ମସଲାର ବିଜ୍‌ନେସ ମିଟ୍




**ଭୁବନେଶ୍ୱର,୧୮-୨**

ମୀରା ମସଲା ପକ୍ଷରୁ ଏହାର ୨ୟ ବାର୍ଷିକ ବ୍ୟବସାୟିକ ସମ୍ମିଳନୀ ପୁରୀଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ୨୦୦ରୁ ଊର୍ଦ୍ଧ୍ୱ ଡିଲର, ଡିଷ୍ଟ୍ରିବ୍ୟୁଟର ଏବଂ ସୁପର ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ କର୍ପୋରେଟର ଧର୍ମାନନ୍ଦ ପାତ୍ର ଉଦ୍‌ଘାଟନ କରିବା ସହ ମୀରା ମସଲାର ବ୍ୟବସାୟ ଅଭିବୃଦ୍ଧି କାମନା କରିଥିଲେ। ଦୀର୍ଘ ୨୨ ବର୍ଷ ଧରି ଗ୍ରାହକଙ୍କୁ ଗୁଣବତ୍ତା ଉତ୍ପାଦ, ଉଚିତ ମୂଲ୍ୟ ତଥା ଗ୍ରାହକ ଉପଯୋଗୀ ସେବା ଯୋଗାଣ ଧାରା ଜାରି ରହିଥିବା କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ପଳାଶ ପାତ୍ର କହିଛନ୍ତି। ଗ୍ରାହକ ଏବଂ ବିତରକ କମ୍ପାନୀ ଲାଗି ବଡ ପୁଞ୍ଜି ହୋଇଥିବା ବେଳେ ବଜାରକୁ ନୂଆ ପ୍ରଡକ୍ଟ ଶୀଘ୍ର ଆସିବ ବୋଲି ସେ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ବିତରକଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ କମ୍ପାନୀର ମୁଖ୍ୟ ପରିଚାଳକ ବିକାଶ ରାଉତରାୟ, ନିର୍ଦ୍ଦେଶକ ଅମିତ କୁମାର ପାତ୍ର, ଉପଦେଷ୍ଟା ପ୍ରଶାନ୍ତ ପାତ୍ର, ଫ୍ୟାକ୍ଟ୍ରି ମ୍ୟାନେଜର ଶ୍ରୀବସ୍ତ ରାଉତ ଉପସ୍ଥିତ ଥିଲେ।

# ଇଲେକ୍‌ଟ୍ରିକ୍, ହାଇବ୍ରିଡ ଗାଡ଼ିକୁ ମିଳିବ ପ୍ରୋତ୍ସାହନ

**ନୂଆଦିଲ୍ଲୀ,୧୮-୨**

ପ୍ରଦୂଷଣ ନିୟନ୍ତ୍ରଣ ସହ ତୈଳ ଆମଦାନୀକୁ ହ୍ରାସ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ଏବେ ହାଇବ୍ରିଡ ଗାଡ଼ିକୁ ଇଲେକ୍‌ଟ୍ରିକ ଗାଡ଼ି ସହ ଇନସେନଟିଭ ଦେବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି। ଭାରି ଉଦ୍ୟୋଗ ବିଭାଗ ପକ୍ଷରୁ ପ୍ରସ୍ତୁତ ଯୋଜନା ଅଧୀନରେ ଫେମ୍(ଫାଷ୍ଟର ଆଡପ୍ସନ ଆଣ୍ଡ ମାନୁଫ୍ୟାକଚରିଂ ଅଫ୍ ହାଇବ୍ରିଡ ଆଣ୍ଡ ଇଲେକ୍ଟ୍ରିକ ଭେହିକିଲ୍ସ)-୨ରେ ଇଲେକ୍‌ଟ୍ରିକ ଗାଡ଼ି ସହ ହାଇବ୍ରିଡ ଗାଡ଼ିକୁ ମଧ୍ୟ ବିଭିନ୍ନ ଟିକସ ପ୍ରୋତ୍ସାହନ ଦିଆଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି।



ତାଙ୍କର କହିବାନୁଯାୟୀ, ପ୍ଲଗ୍ ଇନ୍ ହାଇବ୍ରିଡ ଓ ଷ୍ଟ୍ରଙ୍ଗ ହାଇବ୍ରିଡ ସମେତ ସମସ୍ତ ଗାଡ଼ି ଉପରେ ପ୍ରତି କିଲୋୱାଟ ୧୦,୦୦୦ ଟଙ୍କାର ସମାନ ଟିକସ ଛାଡ଼ ଦିଆଯିବ। ତେବେ ଏଥିରେ ହାଇବ୍ରିଡ ବସ୍‌କୁ ସାମିଲ କରାଯାଇନାହିଁ। ସୂଚନାଥାଉ କି, କେନ୍ଦ୍ର ସରକାର ୨୦୧୭ରେ ହାଇବ୍ରିଡ ଗାଡ଼ିକୁ ମିଳୁଥିବା ସବ୍‌ସିଡିକୁ ପ୍ରତ୍ୟାହାର କରିନେଇଥିଲେ ଏବଂ ଏହାକୁ ୨୮%ର ସର୍ବୋଚ୍ଚ ଜିଏସ୍‌ଟି ସ୍ଲାବ୍‌ରେ ରଖିଥିଲେ। ଏହାଉପରେ ୧୫%ର ଅତିରିକ୍ତ ସେସ୍ ଆଦାୟ କରାଯାଉଛି। ଏହି କାରଣରୁ ହାଇବ୍ରିଡ ଗାଡ଼ି ଉପରେ ମୋଟ ୪୩ % ଟିକସ ଲାଗୁ ହେଉଛି। ଅନ୍ୟପକ୍ଷରେ ଇଲେକ୍‌ଟ୍ରିକ ଗାଡ଼ି ଉପରେ ମାତ୍ର ୧୨% ଜିଏସ୍‌ଟି ଆଦାୟ କରାଯାଉଛି। ୨୦୩୦ ସୁଦ୍ଧା ସଡ଼କରେ ସମ୍ପୂର୍ଣ୍ଣ ଇଲେକ୍ଟ୍ରିକ ଗାଡ଼ି ଚାଲୁ ବୋଲି ସରକାର ଚାହୁଁଛନ୍ତି। ଉଲ୍ଲେଖ କରାଯାଇପାରେ ଯେ, ହାଇବ୍ରିଡ ଗାଡ଼ି ଉପରେ ସରକାରଙ୍କ ମନୋଭାବରେ ପରିବର୍ତ୍ତନ ଆଣିବା ଲାଗି ସୁଜୁକି, ଟୟୋଟା ଏବଂ ହୋଣ୍ଡା ଭଳି ଜାପାନର ଶୀର୍ଷ କମ୍ପାନୀ ମାନେ ଲବି ଜୋରଦାର କରିଥିଲେ। ଦେଶରେ ସମ୍ପୂର୍ଣ୍ଣ ଇ-ଯାନକୁ ପ୍ରୋତ୍ସାହିତ କରିବା ଲାଗି ସରକାର ଫେମ-୨ ଅଧୀନରେ ୫୫୦୦ କୋଟି ଟଙ୍କା ବ୍ୟୟ କରିବାର ଯୋଜନା କରିଛନ୍ତି।

## ଓକେସିଏଲ୍ ପକ୍ଷରୁ ବୁଟ୍ କ୍ୟାମ୍ପ

**ଭୁବନେଶ୍ୱର,୧୮-୨**

ଓଡ଼ିଶା ନଲେଜ କର୍ପୋରେଶନ ଲିମିଟେଡ (ଓକେସିଏଲ) ପକ୍ଷରୁ ବାର୍ଷିକ ବୁଟ୍ କ୍ୟାମ୍ପ-୨୦୧୯ ଅନୁଷ୍ଠିତ ହୋଇଛି। ଜିଲାସ୍ତରରେ ୧୦ଟି ଜୋନ୍‌ରେ ଏହା ପାଳନ କରାଯାଉଛି। କଟକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଟକ, ଜଗତ୍‌ସିଂହପୁର, ଯାଜପୁର ଏବଂ କେନ୍ଦ୍ରାପଡା ଜିଲାର ସଂଯୋଜକଙ୍କ ସମେତ ସ୍ୱୀକୃତିପ୍ରାପ୍ତ କେନ୍ଦ୍ର ପରିଚାଳକ ଯୋଗ ଦେଇଥିଲେ। ଏଭଳି କାର୍ଯ୍ୟକ୍ରମ ଭୁବନେଶ୍ୱର, ବାଲେଶ୍ୱର, ଅନୁଗୋଳ ଭଳି ସ୍ଥାନରେ ଆୟୋଜନ ହୋଇଥିବା ବେଳେ ନିକଟବର୍ତ୍ତୀ ଜିଲାଗୁଡ଼ିକରୁ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ଓକେସିଏଲ୍‌ର ବିଭିନ୍ନ ପ୍ରଡକ୍ଟ ଏବଂ ନୂତନ ପ୍ରଡକ୍ଟ ଉପରେ ଏଠାରେ ବିଭିନ୍ନ ଆଲୋଚନା କରାଯାଇଥିଲା। ଓକେସିଏଲର ପରିଚାଳନା ନିର୍ଦ୍ଦେଶକ କାର୍ଯ୍ୟକ୍ରମରେ ଯୋଗଦେବା ସହ ଆଇଟି ସାକ୍ଷରତା ଉପରେ ଗୁରୁତ୍ୱାରୋପ କରିଥିଲେ।

## ସନ୍ଦିପ ଭଟ୍ଟନାଗର, ଅଶୋକ ପାଣ୍ଡେ ସିବିଆଇସି ସଦସ୍ୟ

**ନୂଆଦିଲ୍ଲୀ,୧୮-୨**

ଭାରତୀୟ ରାଜସ୍ୱ ସେବାର ଦୁଇ ବରିଷ୍ଠ ଅଧିକାରୀ ସନ୍ଦିପ ଭଟ୍ଟନାଗର ଏବଂ ଅଶୋକ କୁମାର ପାଣ୍ଡେଙ୍କୁ ସେଣ୍ଟ୍ରାଲ ବୋର୍ଡ ଅଫ୍ ଇନଡାଇରେକ୍ଟ ଟ୍ୟାକ୍ସେସ ଆଣ୍ଡ କଷ୍ଟମ୍ସ(ସିବିଆଇସି)ର ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି। କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ଏ ସଂକ୍ରାନ୍ତରେ ନିର୍ଦ୍ଦେଶ ଜାରି କରାଯାଇଛି। ପାଣ୍ଡେ ୧୯୮୩ ବ୍ୟାଚ୍‌ର ଭାରତୀୟ ରାଜସ୍ୱ ସେବା(ସୀମା ଶୁଳ୍କ ଏବଂ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ)ର ଅଧିକାରୀ ହୋଇଥିବା ବେଳେ ଭଟ୍ଟନାଗର ୧୯୮୪ ବ୍ୟାଚ୍‌ର ଆଇଆର୍‌ଏସ୍ ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି। ନିଯୁକ୍ତି ସମ୍ବନ୍ଧୀୟ କେନ୍ଦ୍ର ମନ୍ତ୍ରିମଣ୍ଡଳ ପକ୍ଷରୁ ଏହି ନିଯୁକ୍ତିକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ସୂଚନାଥାଉ କି, ସିବିଆଇସିରେ ଜଣେ ଅଧ୍ୟକ୍ଷ ଏବଂ ସର୍ବାଧିକ ୬ ଜଣ ସଦସ୍ୟ ରହିପାରିବେ। ଏହି ନିଯୁକ୍ତି ପରେ ବୋର୍ଡ ସଦସ୍ୟ ସଂଖ୍ୟା ସମ୍ପୂର୍ଣ୍ଣ ହୋଇଛି।

## ୪ ଟ୍ରେନର ଅତିରିକ୍ତ ରହଣି

**ଭୁବନେଶ୍ୱର,୧୮-୨**

ଯାତ୍ରୀ ସୁବିଧାକୁ ଧ୍ୟାନରେ ରଖି ୪ ଟ୍ରେନର ଅତିରିକ୍ତ ରହଣି ବ୍ୟବସ୍ଥା ସମ୍ପର୍କରେ ପୂର୍ବତଟ ରେଳପଥ ପକ୍ଷରୁ ଘୋଷଣା କରାଯାଇଛି। ହାଓଡା-ଟିଟଲାଗଡ-ହାଓଡା ଏକ୍ସପ୍ରେସ ବଡମାଲଠାରେ ଅଟକିବ ବୋଲି ଜଣାପଡ଼ିଛି। ସେହିଭଳି ପୁରୀ-ଦୁର୍ଗ-ପୁରୀ ଏକ୍ସପ୍ରେସ ମୁରୀବାହାଲ, ପୁରୀ-ହାଟିଆ-ପୁରୀ ତପସ୍ୱିନୀ ଏକ୍ସପ୍ରେସ କୁଲଙ୍ଗା, ରାଉରକେଲା-ପୁରୀ-ରାଉରକେଲା ଏକ୍ସପ୍ରେସ ବରପାଲି ଏବଂ ରାଜଗାଙ୍ଗଠାରେ ଅତିରିକ୍ତ ରହଣି ବ୍ୟବସ୍ଥା କରାଯାଇଛି। ଟ୍ରେନଗୁଡ଼ିକର ସ୍ଥିରିକୃତ ରହଣିସ୍ଥାନ ଏବଂ ସମୟ ସାରଣୀରେ କୌଣସି ପରିବର୍ତ୍ତନ କରାଯିବ ନାହିଁ। ଏହାକୁ ପରୀକ୍ଷାମୂଳକ ଭାବେ ୬ ମାସ ପାଇଁ ଗ୍ରହଣ କରାଯାଇଥିବା ପୂର୍ବତଟ ରେଳପଥ ପକ୍ଷରୁ ପ୍ରକାଶ।

## ପୁଲ୍‌ୱାମା ଶହୀଦଙ୍କ ଲାଗି ଏସ୍‌ବିଆଇର ଅଭିଯାନ

**ଭୁବନେଶ୍ୱର,୧୮-୨**

ଜମ୍ମୁ କଶ୍ମୀରର ପୁଲ୍‌ୱାମାରେ ଶହୀଦ ବୀର ଯବାନଙ୍କ ଲାଗି ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଘୋଷଣା କରାଯାଇଛି। ବ୍ୟାଙ୍କ ପକ୍ଷରୁ ଯବାନଙ୍କ ଲାଗି ୩୦ ଲକ୍ଷ ଟଙ୍କାର ବୀମା ପ୍ରଦାନ କରାଯାଇଛି। ଯବାନଙ୍କ ସମ୍ପର୍କୀୟଙ୍କୁ ବୀମାରାଶି ହସ୍ତାନ୍ତର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ବ୍ୟାଙ୍କରୁ ଋଣ ନେଇଥିବା ୨୩ ଯବାନଙ୍କ ଋଣକୁ ତତ୍କାଳଭିତ୍ତିରେ ଛାଡ଼ କରାଯାଇଛି। 'ଭାରତ କେ ବୀର' ପୋର୍ଟାଲରେ ସ୍ୱେଚ୍ଛାକୃତ ଦାନ କରିବାକୁ ବ୍ୟାଙ୍କ ଏହାର କର୍ମଚାରୀଙ୍କୁ କହିଛି। ଗ୍ରାହକମାନେ ଯେଭଳି ଭାବେ ସୁବିଧାରେ ଦାନ କରିପାରିବେ ସେ ସଂକ୍ରାନ୍ତ ସମସ୍ତ ବ୍ୟବସ୍ଥା କରାଯାଇଛି। ଅପୂରଣୀୟ କ୍ଷତି ସହିଥିବା ଶହୀଦଙ୍କ ପରିବାର ପ୍ରତି ବ୍ୟାଙ୍କ ପକ୍ଷରୁ ଏହା ଏକ ଛୋଟିଆ ପଦକ୍ଷେପ ବୋଲି ଏସ୍‌ବିଆଇ ଅଧ୍ୟକ୍ଷ ରଜନୀଶ କୁମାର କହିଛନ୍ତି।

# ଦେଶକୁ ଆବଶ୍ୟକ କିଛି ବୃହତ୍ ବ୍ୟାଙ୍କ: ଜେଟ୍‌ଲୀ

**ମୁମ୍ବାଇ,୧୮-୨**

ଦେଶରେ ଆହୁରି କେତେକ ବଡ଼ ଆକାରର ତଥା ଶକ୍ତିଶାଳୀ ବ୍ୟାଙ୍କର ଆବଶ୍ୟକତା ରହିଛି ବୋଲି ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ସୋମବାର ପ୍ରକାଶ କରିଛନ୍ତି।



ଏକ ବିଶେଷ ମୁହୂର୍ତ୍ତରେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଓ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ

ରିଜର୍ଭ ବ୍ୟାଙ୍କ ବୋର୍ଡ ବୈଠକରେ ଉଦ୍‌ବୋଧନ ଦେବା ପରେ ଗଭର୍ନର ଶକ୍ତିକାନ୍ତ ଦାସଙ୍କ ସହ ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୋଗଦେଇ ସେ କହିଛନ୍ତି ଯେ, ସରକାର ନିକଟରେ ଏସ୍‌ବିଆଇ ସହ ଏହାର ସହଯୋଗୀ ୫ଟି ବ୍ୟାଙ୍କ ଏବଂ ମହିଳା ବ୍ୟାଙ୍କକୁ ମିଶାଇଥିଲେ। ଏହାପରେ ଚଳିତ ବର୍ଷ ଦେନା ବ୍ୟାଙ୍କ ଓ ବିଜୟା ବ୍ୟାଙ୍କକୁ ବ୍ୟାଙ୍କ ଅଫ୍ ବରୋଦା ସହ ମିଶ୍ରଣକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଅନ୍ତରୀଣ ବଜେଟ ପରେ ଆର୍‌ବିଆଇ ବୋର୍ଡ ସହିତ ହୋଇଥିବା ପରମ୍ପରାଗତ ବୈଠକରେ ଯୋଗଦେଇ ଜେଟ୍‌ଲୀ କହିଛନ୍ତି ଯେ, ସରକାରଙ୍କ ନିକଟରେ ଏସ୍‌ବିଆଇ ମିଶ୍ରଣର ଅଭିଜ୍ଞତା ରହିଛି। ଏ କ୍ଷେତ୍ରରେ ଆଉ ଏକ ମିଶ୍ରଣ ହେବାକୁ ଯାଉଛି। ବୃହତ୍ ଅଥଚ ଶକ୍ତିଶାଳୀ ବ୍ୟାଙ୍କ ଦ୍ୱାରା ଅର୍ଥନୀତିର ସର୍ବୋଚ୍ଚ ଉପଯୋଗ ହୋଇପାରିବ। ଏଥିଯୋଗୁ ଗ୍ରାହକଙ୍କୁ ଅଧିକ ସୁବିଧା ସୁଯୋଗ ମିଳିବ।

### ଗ୍ରାହକଙ୍କୁ ମିଳୁନି ସୁଧ ହ୍ରାସ ଫାଇଦା

# ୨୧ରେ ବ୍ୟାଙ୍କ ମୁଖ୍ୟଙ୍କୁ ଭେଟିବେ ଶକ୍ତିକାନ୍ତ

**ମୁମ୍ବାଇ,୧୮-୨**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପ୍ରତି ଦୁଇମାସରେ ଥରେ ନିଜର ମୁଦ୍ରାନୀତି ଘୋଷଣା କରୁଛି। ରେପୋ ରେଟ୍‌ହ୍ରାସ ଯୋଗୁ ସୁଧ ହାର କମିବା କଥା। କିନ୍ତୁ ବ୍ୟାଙ୍କଗୁଡ଼ିକ ଏହାର ଫାଇଦା ଗ୍ରାହକଙ୍କୁ ଦେଉନାହାନ୍ତି। ଏହାକୁ ନେଇ ଆସନ୍ତା ୨୧ରେ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ଉଭୟ ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କ ମୁଖ୍ୟମାନଙ୍କ ସହ ବୈଠକରେ ବସିବେ।

କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କେନ୍ଦ୍ରୀୟ ବ୍ୟାଙ୍କର ବୋର୍ଡ ବୈଠକରେ ଉଦ୍‌ବୋଧନ ଦେବା ପରେ ଗଭର୍ନର ଦାସ ଏଠାରେ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି। ରିଜର୍ଭ ବ୍ୟାଙ୍କ ପ୍ରଣୀତ ମୁଦ୍ରାନୀତିର ଲାଭ ଗ୍ରାହକଙ୍କୁ ମିଳିବା ଆବଶ୍ୟକ ବୋଲି ଦାସ କହିଛନ୍ତି। ଉଲ୍ଲେଖଥାଉ କି, ନିକଟରେ ଆର୍‌ବିଆଇ ଫେବୃୟାରୀ ୭ରେ ଘୋଷଣା କରିଥିବା ମୁଦ୍ରାନୀତିରେ ରେପୋ ରେଟ୍‌ରେ ୦.୨୫% ହ୍ରାସ କରିଥିଲେ। ପ୍ରମୁଖ ବ୍ୟାଙ୍କ ମଧ୍ୟରେ କେବଳ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ଗୃହ ଋଣ ଉପରେ ସୁଧ ହାର ୦.୦୫% ହ୍ରାସ ଘୋଷଣା କରିଥିଲା।

**REGIONAL PLANT RESOURCE CENTRE**
Ekamra Kanan, Nayapalli, Bhubaneswar - 751015, Odisha
FOREST & ENVIRONMENT DEPARTMENT, GOVERNMENT OF ODISHA
Tel. No. 0674-2557925, 2552002, Email : rprcbbsr@gmail.com, website : www.rprcbbsr.in

No. : 483/RPRC **TENDER CALL NOTICE** Date : 16.02.2019

Sealed tenders are invited from the registered contractors PWD / CPWD / Railways / MES for works specified below :

| Sl. No. | Name of work | Value of work (in Rs.) (Approx) | EMD in Rs. | Cost of tender paper in Rs. | Last date of sale of tender paper | Last date of receipt of tender paper | Date of opening of tender paper | Class of contractor | Time of completion |
|---|---|---|---|---|---|---|---|---|---|
| 1. | Providing & fixing five steps stainless steel benches for displaying Orchid plants in the Orchadarium at Botanical Garden, RPRC, Bhubaneswar. | 4,70,914/- | 4800/- | 2000/- (+) 18% GST | 23.02.19 Up to 12 P.M. | 23.02.19 Up to 5 P.M. | 25.02.19 at 4.00 P.M. | "D"&"C" | 14 Days |
| 2. | Providing & fixing two steps stainless steel benches for displaying Orchid plants in the Orchadarium at Botanical Garden, RPRC, Bhubaneswar. | 6,09,244/- | 6100/- | 4000/- (+) 18% GST | 23.02.19 Up to 12 P.M. | 23.02.19 Up to 5 P.M. | 25.02.19 at 4.00 P.M. | "D"&"C" | 14 Days |
| 3. | Providing & fixing stainless steel barricade around fountain in the Orchadarium at Botanical Garden, RPRC, Bhubaneswar. | 50,051/- | 500/- | 400/- (+) 18% GST | 23.02.19 Up to 12 P.M. | 23.02.19 Up to 5 P.M. | 25.02.19 at 4.00 P.M. | "D"&"C" | 14 Days |

Further details can be seen from the RPRC website (www.rprcbbsr.in) or from RPRC Notice Board. Any other Changes / Corrigendum's may be seen only from RPRC website (www.rprcbbsr.in) or from RPRC Notice Board.
Sd/- ADMINISTRATIVE OFFICER

**REGIONAL PLANT RESOURCE CENTRE**
Ekamra Kanan, Nayapalli, Bhubaneswar - 751015, Odisha
FOREST & ENVIRONMENT DEPARTMENT, GOVERNMENT OF ODISHA
Tel. No. 0674-2557925, 2552002, Email : rprcbbsr@gmail.com, website : www.rprcbbsr.in

No. 488 / RPRC Date : 16.02.2019

**QUOTATION CALL NOTICE**

Sealed quotations are invited in two bid system (Technical bid and Financial bid) from reputed printing houses / printers based at Bhubaneswar having valid registration certificates, PAN and VAT clearances certificates for printing of books. Details can be obtained from the website (www.rprcbbsr.in) and office notice board. Last date of submission is 28th February, 2019(3.00 pm.).
Sd/-
CHIEF EXECUTIVE

**REGIONAL PLANT RESOURCE CENTRE**
Ekamra Kanan, Nayapalli, Bhubaneswar - 751015, Odisha
FOREST & ENVIRONMENT DEPARTMENT, GOVERNMENT OF ODISHA
Tel. No. 0674-2557925, 2552002, Email : rprcbbsr@gmail.com, website : www.rprcbbsr.in

Letter No. 478 / RPRC Date : 16.02.2019

**ENGAGEMENT OF ENGINEERING CONSULTANT**

Application with biodata are invited from retired Assistant Executive Engineers / Assistant Engineers of State (preferably Work's Department) / Central Government / PSUs / organizations for engagement as **Engineering Consultant** in Regional Plant Resource Centre premises, Bhubaneswar with a consolidated monthly remuneration of **Rs. 30,000/-** only. The applicant should have adequate experience in preparation of drawings / designs / estimates and monitoring and supervision of civil works and must be below **63 years of age as on 31.01.2019**. The terms and conditions of engagement can be obtained from RPRC website (www.rprcbbsr.in) or notice board. The application should reach the Chief Executive, Regional Plant Resource Centre, Bhubaneswar by post or email (rprcbbsr@gmail.com) on or before **28.02.2019 (5.00 PM)**.
Sd/-
CHIEF EXECUTIVE

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
E.H.T. (O&M) Division, Jayanagar-764005. CIN: U40102OR2004SGC007553

**NOTICE INVITING TENDER**

Sealed Tenders are invited by the undersigned from Contractors having valid Licence, I.T PAN No. and GST Registration Certificate for **Tender Call No.-22 :** Roof treatment of control room building with Supply of materials for Grid S/S, Sunabeda and for **Tender Call No.-23 :** Construction and Repairing works of different S/D'S under **EHT (O&M) Division, Jayanagar.** Cost of tender papers are each of **Rs.2,240.00** (non-refundable) in shape of Cash. **EMD:** @ 1% of quoted value. **Sale of tender documents:** from Dt.18.02.2019 to upto 11:30 AM of Dt.26.02.2019. **Last date of submission of tender:** on or before Dt.26.02.2019 upto 2:00PM. **Tenders will be opened:** on Dt.26.02.2019 at 04:30 PM.
Corrigendum, if any, will be published in the website only.
Sd/- DGM (Ele.)
Please connect us: optcl.odisha optcl_odisha energyodisha

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
O/o the DGM, E.H.T. (O&M) Division, Balasore, Dist: Balasore-19. CIN: U40102OR2004SGC007553

**NOTICE INVITING TENDER -13/2018-19**

Sealed tenders in duplicate are invited from intending Bidders having valid Civil license (C or D) & HT license with PAN, GST for **(i) Construction of PCC in 33KV Switchyard & Station Transformer area at 220/132/33KV Grid S/S, Balasore. (ii) Construction of 02 nos of RCC Pillar with stainless steel gate & CC road at 220/132/33KV Grid S/S, Balasore.**
**Cost of Tender Paper :** Rs. 2,240/-, **EMD :** @1% of the quoted price including GST for each tender is to be submitted in shape of DD drawn in favour of **DGM, EHT (O&M) Division, OPTCL, Balasore** payable at **Balasore** without which the tender shall be rejected. **Sale of tender documents :** from Dt.19.02.19 to Dt. 28.02.19. **The tenders shall be received :** up to 1 P.M. on Dt.01.03.19 and will be opened at 3.00P.M on same date.
For details, please visit, our website www.optcl.co.in.
Corrigendum, if any, will be published in the website only.
Sd/- Dy. General Manager
Please connect us: optcl.odisha optcl_odisha energyodisha

**ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ.**
Utkalika
ଜୟଦେବ ବାଟିକା ଛକ, ଘାଟିକିଆ, ଖଣ୍ଡଗିରି, ଭୁବନେଶ୍ୱର
ଫୋନ୍ - ୦୬୭୪-୨୯୭୫୩୯୦

**ବିଜ୍ଞାପନ**

ଏତଦ୍ୱାରା ଓଡ଼ିଶାର ସମସ୍ତ ହସ୍ତଶିଳ୍ପ ଓ ହସ୍ତତନ୍ତ କାରିଗର ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ, ଭୁବନେଶ୍ୱର (ଉତ୍କଳିକା) ଦ୍ୱାରା **ଲାଲା ଲାଜ୍‌ପତ ରାୟ ଭବନ, ଚଣ୍ଡିଗଡ଼ ଠାରେ ୦୧/୦୩/୨୦୧୯ ଠାରୁ ୧୦/୦୩/୨୦୧୯ ପର୍ଯ୍ୟନ୍ତ** ଏବଂ **ଆର୍ଟ ଗ୍ୟାଲେରି, ଅମୃତସର, ପଞ୍ଜାବ ଠାରେ ୧୨/୦୩/୨୦୧୯ ଠାରୁ ୨୧/୦୩/୨୦୧୯ ପର୍ଯ୍ୟନ୍ତ** ଆୟୋଜିତ ହେବାକୁ ଥିବା ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀରେ ଭାଗ ନେବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି।

ଏଥିରେ ଅଂଶ ଗ୍ରହଣ କରିବା ପାଇଁ ଆଗ୍ରହୀ ଥିବା କାରିଗରମାନେ ନିଜର କାରିଗର ପ୍ରମାଣ ପତ୍ର (Artisan I-card), ବ୍ୟାଙ୍କ ଜମା ଖାତା ନଂ, ଆଇ.ଏଫ.ଏସ୍. କୋଡ୍ ନଂ ଏବଂ ମୋବାଇଲ ନଂ ଇତ୍ୟାଦି ସହ ଉପରୋକ୍ତ ଠିକଣାରେ **ତା.୨୧/୦୨/୨୦୧୯ରିଖ ଅପରାହ୍ନ ୪ ଘଟିକା ସୁଦ୍ଧା** ପୃଥକ ପୃଥକ ଭାବରେ ଦରଖାସ୍ତ ଆବେଦନ କରିବା ପାଇଁ ଅନୁରୋଧ।
ସ୍ୱା/-
ପରିଚାଳନା ନିର୍ଦ୍ଦେଶକ

## ସଂକ୍ଷେପରେ

### 'ଇମ୍ରାନ୍‌ଙ୍କ ଫଟୋ ହଟାଯିବା ପଶ୍ଚାତ୍ତାପର ବିଷୟ'

**କରାଚୀ,୧୮।୨:** ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣରେ ସିଆରପିଏଫ୍ ଯବାନ ଶହୀଦ ଘଟଣାର ପ୍ରତିବାଦରେ ଭାରତୀୟ କ୍ରିକେଟ କ୍ଲବ ଓ ମୋହାଲି ଷ୍ଟାଡିୟମ୍‌ରୁ କିମ୍ବଦନ୍ତୀ ପାକିସ୍ତାନ ଖେଳାଳିଙ୍କ ଫଟୋ ହଟାଯିବା ପଶ୍ଚାତ୍ତାପର ବିଷୟ ବୋଲି ପିସିବି ପକ୍ଷରୁ କୁହାଯାଇଛି। ପିସିବି ମ୍ୟାନେଜିଂ ଡିରେକ୍ଟର ୱାସିମ୍ ଖାଁ କହିଛନ୍ତି ଯେ, ଦୁଇ ଦେଶ ମଧରେ ରାଜନୈତିକ ତିକ୍ତତାକୁ ହ୍ରାସ କରିବା ଲାଗି କ୍ରୀଡ଼ା ଏକ ମାଧ୍ୟମ। କ୍ରୀଡ଼ା ଓ ରାଜନୀତିକୁ ସର୍ବଦା ଅଲଗା ରଖାଯିବା ଦରକାର ବୋଲି ଆମେ ବିଶ୍ୱାସ କରୁ। ଇତିହାସ କହୁଛି, ମୁଖ୍ୟତଃ କ୍ରିକେଟ ଦ୍ୱାରା ଦୁଇ ଦେଶ ମଧରେ ତିକ୍ତତା କମ୍ କରାଯାଇପାରିଛି। ପୂର୍ବତନ ପାକିସ୍ତାନ ଅଧିନାୟକ ଓ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାଁଙ୍କ ଭଳି ଅନ୍ୟ କିମ୍ବଦନ୍ତୀ କ୍ରିକେଟରଙ୍କ ଫଟୋ ହଟାଯିବା ପଶ୍ଚାତ୍ତାପର ବିଷୟ। ଉଲ୍ଲେଖଥାଉ କି, ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣରେ ୪୦ ସିଆରପିଏଫ୍ ଯବାନ ଶହୀଦ ହେବା ପରେ ସାରା ଦେଶରେ ପାକିସ୍ତାନକୁ ବିରୋଧ କରାଯାଉଛି।



" ଲିଆଣ୍ଡର ପେସ୍, ମହେଶ ଭୂପତି ଓ ସାନିଆ ମିର୍ଜା ମିଳିତ ଭାବେ କାର୍ଯ୍ୟକଲେ ଭାରତୀୟ ଟେନିସ୍‌ର ବିକାଶ ସମ୍ଭବ ।

–ବୋରିସ୍ ବେକର, ଟେନିସ୍ କିମ୍ବଦନ୍ତୀ

" ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ଉନ୍ନତି ପାଇଁ ମୋତେ ଅଧିକ ଅନ୍ତର୍ଜାତୀୟ ମ୍ୟାଚ ଖେଳିବା ଦରକାର। ଏଥିପାଇଁ ଆର୍ଥିକ ସହାୟତା ଲୋଡ଼ା ।

–ସୌରଭ ବର୍ମା, ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି



# କୋର୍ଟଙ୍କ ଦ୍ୱାରସ୍ଥ ହେଲା ମିନର୍ଭା ପଞ୍ଜାବ

**ନୂଆଦିଲ୍ଲୀ, ୧୮।୨ (ପି.ଟି.)**

ଗତଥରର ଆଇ–ଲିଗ୍ ଚାମ୍ପିୟନ ମିନର୍ଭା ପଞ୍ଜାବ ଏଫ୍‌ସି ଦିଲ୍ଲୀ ହାଇ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଶ୍ରୀଲଙ୍କାରେ ଖେଳାଯିବାକୁ ଥିବା ସେମାନଙ୍କ ଆଇ–ଲିଗ୍ ମ୍ୟାଚ ଅନ୍ୟତ୍ର ଆୟୋଜନ କରିବା ଲାଗି ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ରାଜି ନ ହେବାରୁ ଫୁଟ୍‌ବଲ କ୍ଲବ ତରଫରୁ ଏହି ପଦକ୍ଷେପ ନିଆଯାଇଛି। ମିନର୍ଭା ପଞ୍ଜାବ ଟିମ୍ କହିଛି ଆମେ ଯେଉଁ ଭଳି ସୁରକ୍ଷା ପ୍ରତିଶ୍ରୁତି ଚାହୁଁଥିଲୁ ତାହା ନ ମିଳିବାରୁ ମ୍ୟାଚ ଖେଳିବା ଲାଗି ଆମେ ଜମ୍ମୁ କଶ୍ମୀର ରାଜଧାନୀକୁ ଗସ୍ତ କରି ନାହୁଁ। ଟିଆରସି ଟର୍ଫ ଗ୍ରାଉଣ୍ଡରେ ଘରୋଇ ଦଳର ଖେଳାଳିମାନେ କିନ୍ତୁ ସେମାନଙ୍କ ଜର୍ସି ସହ ପଡ଼ିଆକୁ ଓହ୍ଲାଇଥିଲେ। କୌତୂହଳର କଥା ହେଲା ଏଆଇଏଫ୍‌ଏଫ୍ ଏପର୍ଯ୍ୟନ୍ତ ଏହି ପରିପ୍ରେକ୍ଷୀରେ ରିୟଲ କଶ୍ମୀର ଦଳକୁ ବିଜୟୀ ଘୋଷଣା କରି ନାହିଁ। ଫିଫା ନିୟମ ଅନୁସାରେ କୌଣସି ଦଳ ମ୍ୟାଚ ଖେଳିବାକୁ ନ ଆସିଲେ ବିପକ୍ଷ ଦଳକୁ ବିଜୟୀ ଘୋଷଣା ସହ ପୂରା ପଏଣ୍ଟ ଦିଆଯିବା କଥା। ମିନର୍ଭା ପଞ୍ଜାବ ଏଫସିର ମାଲିକ ରଣଜିତ୍ ବଜାଜ କହିଛନ୍ତି, ବର୍ତ୍ତମାନ ପରିସ୍ଥିତିରେ ଆମକୁ ଶ୍ରୀନଗରରେ ଖେଳିବା ଲାଗି ବାଧ କରାଯିବା ଉଚିତ୍ ନୁହେଁ। ମ୍ୟାଚକୁ ଅନ୍ୟତ୍ର ଆୟୋଜନ କରାଗଲେ ଆମର ଖେଳିବାରେ କୌଣସି ଆପତ୍ତି ନ ଥିଲା। ଏପରିକି ସୋମବାର ଏହି ଅଞ୍ଚଳରେ ଏକ ୧୨ ଘଣ୍ଟିଆ ଏନ୍‌କାଉଣ୍ଟରରେ ଆର୍ମିର ୪ ଜଣ ଶହୀଦ ହୋଇଯାଇଛନ୍ତି। ଏପରି ସ୍ଥଳେ ଆମକୁ କିପରି ସେଠାରେ ମ୍ୟାଚ ଖେଳିବାକୁ କୁହାଯାଉଛି। କୋର୍ଟଙ୍କ ହସ୍ତକ୍ଷେପ ଦ୍ୱାରା ଆମକୁ ପ୍ରକୃତ ନ୍ୟାୟ ମିଳିବ ବୋଲି ଆଶା। ଅନ୍ୟପକ୍ଷରେ ଆଇ–ଲିଗ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ସୁନାନ୍ଦୋ ଧର୍ କହିଛନ୍ତି, ଶ୍ରୀନଗରର ସ୍ଥାନୀୟ ସୁରକ୍ଷା କର୍ତ୍ତୃପକ୍ଷ ମ୍ୟାଚ ପାଇଁ ଅନୁମତି ଦେଇଛନ୍ତି। ଖେଳାଳି ଓ ଅଫିସିଆଲଙ୍କୁ ଆବଶ୍ୟକ ନିରାପତ୍ତା ଯୋଗାଇ ଦିଆଯିବ ସେମାନେ ପ୍ରତିଶ୍ରୁତ ମଧ ଦେଇଛନ୍ତି।

# ଶୀର୍ଷ ସ୍ଥାନ ବଜାୟ ରଖିଲେ ମନ୍ଧାନା

**ଦୁବାଇ, ୧୮।୨(ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ସୋମବାର ପ୍ରକାଶିତ ମହିଳା ଦିନିକିଆ ର୍‍ୟାଙ୍କିଙ୍ଗ୍‌ରେ ଭାରତର ଷ୍ଟାର୍ ଓପନର୍ ସ୍ମୃତି ମନ୍ଧାନା ବ୍ୟାଟିଂରେ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ୨୨ ବର୍ଷୀୟା ମନ୍ଧାନା ୭୭୪ ପଏଣ୍ଟ ସହ ତାଲିକାର ଏକ ନମ୍ବର ସ୍ଥାନରେ ରହିଛନ୍ତି। ଅଷ୍ଟ୍ରେଲିଆର ଦୁଇ ଖେଳାଳି ଏଲିସ ପେରୀ ଓ ମେଗ୍ ଲାନିଂ ଏହି ତାଲିକାରେ ଯଥାକ୍ରମେ ୨ୟ ଓ ୩ୟ ସ୍ଥାନ ହାସଲ କରିଛନ୍ତି। ସେହିଭଳି ଭେଟେରାନ ଭାରତୀୟ କ୍ରିକେଟର ମିଥାଲି ରାଜ ତାଲିକାରେ ନ୍ୟୁଜିଲାଣ୍ଡର ଆମି ସେଟ୍ଟରୱେଟ୍‌ଙ୍କ ପଛକୁ ୫ମ ସ୍ଥାନ ପାଇଛନ୍ତି। ଟପ୍–୨୦'ରେ ସ୍ଥାନ ପାଇଥିବା ଅନ୍ୟ ଦୁଇ ଭାରତୀୟ ମହିଳା କ୍ରିକେଟର ହେଲେ ଦୀପ୍ତି ଶର୍ମା ଓ ହରମନପ୍ରୀତ୍ କୌର। ଦୀପ୍ତି ଏକାଥରରେ ୧୭ଟି ପାହାଚ ଲମ୍ଫ ପ୍ରଦାନ କରି ସପ୍ତଦଶ ସ୍ଥାନରେ ରହିଥିବାବେଳେ ଟି୨୦ ଅଧିନାୟିକା ହର୍‌ମନପ୍ରୀତ୍ ୧୯ତମ



ସ୍ମୃତି ମନ୍ଧାନା

ସ୍ଥାନ ହାସଲ କରିଛନ୍ତି। ନିକଟରେ ପାକିସ୍ତାନ ଓ ୱେଷ୍ଟଇଣ୍ଡିଜ ଟିମ୍ ଆଇସିସି ଓମେନ୍ସ ଚାମ୍ପିୟନଶିପ୍‌ରେ ନିଜ ନିଜ ସିରିଜ ଜିତିଥିବାରୁ ଏହାର ଖେଳାଳିଙ୍କ ର୍‍ୟାଙ୍କିଙ୍ଗ୍‌ରେ ମଧ ଉନ୍ନତି ପରିଲକ୍ଷିତ ହୋଇଛି।

### ଆଇସିସି ମହିଳା ଦିନିକିଆ ର୍‍ୟାଙ୍କିଙ୍ଗ୍

ଅପରପକ୍ଷରେ ବୋଲିଂ ବିଭାଗରେ ଭେଟେରାନ ଝୁଲଣ ଗୋସ୍ୱାମୀ ଶ୍ରେଷ୍ଠ ଭାରତୀୟ ବୋଲର ମାନ୍ୟତା ପାଇଛନ୍ତି। ପାକିସ୍ତାନର ସାନା ମିର୍ (୭୧୮) ଓ ଅଷ୍ଟ୍ରେଲିଆର ମେଗନ ସ୍କଟ୍ (୭୦୭)ଙ୍କ ପଛକୁ ଝୁଲଣ (୬୮୫) ୩ୟ ସ୍ଥାନରେ ରହିଛନ୍ତି। ଟପ୍–୧୦ ଲିଷ୍ଟରେ ଆଉ ଦୁଇ ଭାରତୀୟ ବୋଲର ଦୀପ୍ତି ଶର୍ମା ଓ ପୁନମ ଯାଦବ ସ୍ଥାନ ପାଇବାରେ ସଫଳ ହୋଇଛନ୍ତି। ଦୀପ୍ତି (୬୩୫) ଓ ପୁନମ (୬୩୪) ଯଥାକ୍ରମେ ୮ମ ଓ ୯ମ ସ୍ଥାନରେ ରହିଛନ୍ତି। ଅଲ୍‌ରାଉଣ୍ଡ ତାଲିକାରେ ମଧ ଦୀପ୍ତି କ୍ୟାରିୟର ଶ୍ରେଷ୍ଠ ୩ୟ ସ୍ଥାନରେ ରହିଛନ୍ତି। ପେରୀ ଓ ୱେଷ୍ଟଇଣ୍ଡିଜର ଟେଲର ଯଥାକ୍ରମେ ପ୍ରଥମ ଓ ୨ୟ ସ୍ଥାନ ଦଖଲ କରିଛନ୍ତି। ସେହିଭଳି ଟିମ୍ ର୍‍ୟାଙ୍କିଙ୍ଗ୍‌ରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ପଛକୁ ଭାରତ ୩ୟ ସ୍ଥାନରେ ରହିଛି।

---

## CONVENER PG DENTAL COUNSELING & ADMISSION 2019-20

### NOTICE

**No. PG (D) - SCB-03/2019** **Dt.07.02.2019**

No.896-E:- The PG (Dental) Counseling and Admission Process - 2019-20 will be conducted at SCB Dental College, Cuttack. All the PG (Dental) aspirants are requested to be in touch with the website of DMET, Odisha i.e. **www.dmetodisha.gov.in** in PG Medical / Dental section.

10016/11/0056/1819 **Sd./- Convener**

---

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

### ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧

ଫୋନ : (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବସାଇଟ୍ - www.oshb.org

ପତ୍ର ସଂଖ୍ୟା 1811 H-40/83 ତା 13.2.19

### ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ– ଭିଆଇଏମ୍–୨୧୧ (VIM–211) ଶୈଳଶ୍ରୀ ବିହାର, ଫେଜ୍ – ୬ ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଲୀଳାଦେବି ଗୋଏଙ୍କା, ସ୍ୱାମୀ–ଏମ୍.କେ. ଗୋଏଙ୍କା ଭିଆଇଏମ୍– ୨୧୧, ଫେଜ୍ – ୬ ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଜିଲ୍ଲା ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଲୀଳାଦେବି ଗୋଏଙ୍କା ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଇତିଶ୍ରୀ ସାହୁ, ସ୍ୱାମୀ–ଇନ୍ଦ୍ରମଣୀ ସାହୁ, ଫ୍ଲାଟ୍ ନଂ–ଏ/୧୦୪, ଫାଷ୍ଟ ଫ୍ଲୋର, ଦେ ହାବିଟାଟ, ଶ୍ରୀବିହାର, ପଟିଆ, ଥାନା– ଚନ୍ଦ୍ରଶେଖରପୁର, ଜିଲ୍ଲା– ଖୋର୍ଦ୍ଧାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

**ସ୍ୱା./- ସହ ପ୍ରଶାସନିକ ଅଧିକାରୀ**
**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

---

## OFFICE OF THE COLLECTOR & DISTRICT MAGISTRATE, KALAHANDI

### (Social Welfare Section)

**No.267** **Date: 17.02.2019**

### TENDER CALL NOTICE

Sealed tenders are invited from interested Printing Press / Supplying Agencies etc for printing and supply of "Nua Arunima Abhyasa Pustika Part-I & II for 2018-19" The detailed paper along with terms & conditions vide Tender Call Notice No.263 dated 17.02.2019 of Collector, Kalahandi from DSWO, Kalahandi can be received from DSWO, Kalahandi or downloaded from the website **www.kalahandi.nic.in**

Last date for Receipt of Tender paper: 25.02.2019 latest by 4.00 PM.

**Sd./- Collector, Kalahandi**

---

## OFFICE OF THE ROURKELA MUNICIPAL CORPORATION: ROURKELA

### INVITATION FOR BID

**No.2428** **Dated:16.02.2019**

### Bid Identification No. :- MC/RMC/18/18-19

The Municipal Commissioner, Rourkela Municipal Corporation of behalf of Rourkela Municipal Corporation invites bids for works on percentage rate basis in single cover on online Mode. Bid Identification No.MC/RMC/18/18-19 for 12 nos Civil work with value of Rs.1.71 lakh to Rs.22.82 lakh.

1. Bid documents will be available in **website www.tendersorissa.gov.in** from 18.02.2019
2. Bids must be submitted on "online" on or before 25.02.2019 by 17.00 hours.
3. Hard copies of bid document must be submitted before 26.02.2019 up to 2.00 PM.
4. Bids shall be opened at 4.00 hours on 26.02.2019 in the office of the undersigned in the presence of the bidders or their authorized agents.
5. Other details will be available in the website **tendersorissa.gov.in`**

**Sd./- Municipal Commissioner,**
**Rourkela Municipal Corporation**

---

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
## ODISHA POWER TRANSMISSION CORPORATION LIMITED

(A Government of Odisha Undertaking)
Regd. Office: Janapath Bhubaneswar-751022
**OFFICE OF THE G.M. (ELECT) E.H.T. (O&M) CIRCLE, JAJPUR ROAD**
At: TTS Colony, PO: Sobra, Jajpur Road, Dist: Jajpur, Pin: 755019 (Odisha), Phone/ Fax No: 06726-220965(off) (off), E-mail: ehtm.cle.jjp@optcl.co.in,
CIN: U40102OR2004SGC007553

No.Tech/WO-28/OT-10(18-19/ 232 Dated: 18.02.2019

**TENDER CALL NOTICE NO.- 10/18-19**

Sealed tenders are invited from the registered travel agency/ Private organization/ Individual/ owner of the vehicle having GST registration certificate, PAN card for supply of 01 No. Diesel run hired vehicles 07 seated A.C Bolero/Scorpio or equivalent not older than February-2016 model for General Manager (Elect), EHT (O&M) Circle, Jajpur Road. Cost of tender paper is Rs. 2,000.00 + GST @12%= Rs. 2,240/- (Including GST), EMD= Rs. 3,000/-. Sale of tender documents is from Dated 19.02.2019 to Dated 27.02.2019 (during offce hours). Last date of submission of tender is Date 28.02.2019 upto 01.00 PM. Date of opening of tender is Date 28.02.2019 at 3.00 PM. For details visit our website www.optcl.co.in.

Corrigendum if any will be published in the OPTCL website only.

**Sd./- General Manager (Elect.), EHT (O&M) Circle, Jajpur Road**

---

## DISTRICT AAHAR SOCIETY (DAS), BARGARH

### (Housing & Urban Development Department Govt. of Odisha)

**At- 2nd Floor, DRDA Building, Bargarh, Orissa, PIN-768028,**
**Ph. / Fax : 06646-234352,**
**Email : dsmsbargarh@gmail.com**

### Short Tender Call Notice

**No.78** **Date:15.02.2019**

Sealed tenders are invited in prescribed format from intending, registered GST-compliant Firms / Agencies/ Suppliers / Distributors / Manufacturer for supply of four (04) nos. of industrial Dish Washer (IFB make) as per required specification to the District Aahar Society, Bargarh. For details of terms & conditions with specification please refer to the District Web Portal **www.bargarh.nic.in.**

Last date for Receipt of Tender: 22nd February-2019 latest by 02:00 PM.

**Sd./- Project Director,**
**DRDA-cum-Nodal Officer, DAS DRDA, Bargarh**

---

## OFFICE OF ANGUL MUNICIPALITY, ANGUL

No................ Date.................

### QUOTATION CALL NOTICE

Quotations in prescribed from in sealed cover are invited from the regd. Dealers/ suppliers/ manufactures/ firms having dealership certificate for supply of Gym instruments to Angul Municipality. They should quote the rate for each item inclusive of all taxes. The last date of sale of quotation paper is 23.02.2019 up to 5.00 PM. The last date of receipt of quotation is 25.02.2019 at 11.00 AM. and the same will be opened at 11.30 AM. on the same day i.e on 25.02.2019 in presence of the quotationer or their authorized agent. They should submit the copy of dealership certificate, GSTN certificate, PAN card along with quotation. The cost of quotation paper is Rs.500/- (Rupees five hundred) only in shape of cash. The EMD in shape of bank draft amounting to Rs.2000/- (Rupees two thousand) only to be made in favour of Executive Officer, Angul Municipality. Quotation received after due date and time shall not be entertained. The authority reserves the right to reject any or all quotations without assigning any reason thereof.

**Sd./- Executive Officer, Angul Municipality**

---

## OFFICE OF THE MUNICIPAL COUNCIL, PARALAKHEMUNDI,GAJAPATI

### 'e'-Procurement Notice

**Bid Identification No.04 / PKDM - 2018-19**

**Letter No.386** **Date:16.02.2019**

| | | |
|---|---|---|
| 1 | Nature of the work | 16 (sixteen) no. of civil construction works & 1 electrical work. |
| 2 | Estimated Cost | Varies from Rs.17.44 Lakhs to Rs.0.89 Lakhs. |
| 3 | Period of completion | One to Three Calendar months. |
| 4 | Date & Time of availability of bid documents in the portal. | From 18.02.2019 at 10.00 AM. to 25.02.2019 at 5.00 PM. |
| 5 | Last date / Time for receipt of bids in the portal | 25.02.2019 at 5.00 PM. |
| 6 | Submission of Financial Documents (Bid cost & EMD) by Register Post or Speed Post | On or before 27.02.2019 by 5.00 PM. |
| 7 | Date and time of opening of bid | 28.02.2019 at 11.00 AM. |
| 8 | Name and address of the Officer Inviting Bid | Executive Officer, Paralakhemundi Municipality. |

Further details can be seen from the e-procurement portal **"https://tendersorissa.gov.in"**

**Sd./- Executive Officer, Paralakhemundi Municipality**

---

## ଚାଷୀମାନଙ୍କ ପାଇଁ ବିଶେଷ ସୂଚନା/ ବିହନ ବିଶୋଧନ ଅଭିଯାନ, ରବି'୨୦୧୮-୧୯

ଗଜପତି ଜିଲ୍ଲା ଗୁମ୍ମା ବ୍ଲକ୍‌ର ବଡ଼ କଳାକୋଟ୍, କୁତାମ, ଡୁମ୍ବାଡ଼ା, ତରଭା, ବାପନ୍‌ଗୁଡ଼ି, ଗାଇବା, କୁର୍ଲୁଣ୍ଡା ଓ ଯୋଗୀପାଡୁ ଗ୍ରାମରେ ଚଳିତ ସପ୍ତାହରେ ଡ଼ାଲିଜାତୀୟ ଫସଲ (ମୁଗ/ବିରି) ନିମନ୍ତେ ବିହନ ବିଶୋଧନ କାର୍ଯ୍ୟ ସମ୍ପନ୍ନ କରାଯିବ। ବିପୁଳ ସଂଖ୍ୟାରେ ଚାଷୀମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ କରନ୍ତୁ।

**ଆୟୋଜକଃ- ସହକାରୀ କୃଷି ଅଧିକାରୀ, ଗୁମ୍ମା ବ୍ଲକ୍, ସୌଜନ୍ୟଃ- ଜିଲ୍ଲା କୃଷି ଅଧିକାରୀ, ପାରଳାଖେମୁଣ୍ଡି, ଗଜପତି**

---

## ଭଞ୍ଜନଗର କୃଷି ଜିଲ୍ଲାରେ ବିହନ ବିଶୋଧନ ଅଭିଯାନ କାର୍ଯ୍ୟକ୍ରମ
### ରବି ଫସଲ - ୨୦୧୮-୧୯

ରାଜ୍ୟ ଯୋଜନା ମାଧ୍ୟମରେ ଜିଲ୍ଲା କୃଷିଅଧିକାରୀ ଭଞ୍ଜନଗରଙ୍କ ଆନୁକୂଲ୍ୟରେ ଚଳିତ ରବି ଋତୁରେ ଭଞ୍ଜନଗର ବେଲଗୁଣ୍ଠା, ଜଗନ୍ନାଥ ପ୍ରସାଦ ଓ ବୁଗୁଡ଼ା ବ୍ଲକ୍‌ର ବିଭିନ୍ନ ଗ୍ରାମରେ ଆସନ୍ତା ଫେବୃୟାରୀ ୨୦ ତାରିଖଠାରୁ ମାର୍ଚ୍ଚ ମାସ ୧୫ ତାରିଖ ପର୍ଯ୍ୟନ୍ତ ବିହନ ବିଶୋଧନ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି। ଉକ୍ତ କାର୍ଯ୍ୟକ୍ରମରେ ବିହନ ବିଶୋଧନ ପ୍ରଣାଳୀ ଉପରେ ଚାଷୀଭାଇ ଓ ଭଉଣୀମାନଙ୍କୁ ଅବଗତୀ କରାଇବା ସହିତ ତାଲିମ୍ ଦିଆଯିବ। ଆପଣ ମାନଙ୍କୁ ଅନୁରୋଧ କରାଯାଉଛି ଏହି ଅଭିଯାନରେ ସାମିଲ୍ ହୋଇ ନିଜ ନିଜର ବିହନକୁ ଜମିରେ ବୁଣିବା ପୂର୍ବରୁ ବିଶୋଧନ କରି କମ୍ ଖର୍ଚ୍ଚରେ ନିଜନିଜର ଫସଲକୁ ରୋଗ ପୋକ ଦାଉରୁ ସୁରକ୍ଷିତ ରଖି ଅଧିକ ଉତ୍ପାଦନ ହାସଲ କରନ୍ତୁ।

**ସ୍ୱା./- ଜିଲ୍ଲା କୃଷି ଅଧିକାରୀ, ଭଞ୍ଜନଗର**

---

## PANCHAYAT SAMITI, BOIPARIGUDA

**Letter No. 421 / 19** **Dt. 18.02.2019**

### CORRIGENDUM

Sub:- Corrigendum of Tender Call Notice No. 318 dt. 11.02.2019 of Panchayat Samiti, Boipariguda.

Due to unavoidable circumstances, the time for sale, receipt and opening of tender papers for the Tender Calls Notice published earlier in "The Samaja", "The Dharitri" & Daily English News Paper "Orissa Post" on dt. 14.02.2019 is extended as detailed below in respect of all works.

1. **Sale of Tender paper:-** The bid documents will be sold during office hours i.e. from 10.00 AM to 5.00 PM (on working days only in the Block Office) upto dt. 23.02.2019.
2. **Date of receipt of tender paper:-** Sealed tender in complete shape will be received during office hour upto 2.00 PM on dt. 25.02.2019 in the Block Office, Boipariguda through registered Post/Speed Post only.
3. **Date of opening of the Tender paper:-** The Bid documents shall be opened at 4.00 PM on dt. 25.02.2019 in the office chamber of the Block Development Officer, Boipariguda in presence of the bidders or their authorised representative having written authorization for the purpose.
4. The name of the work mentioned at Sl. No. 8 namely "Const. of Bridge over Baghpakdijodi Nala at village Baghpandi is Tenuligumma G.P" may be read as "Const. of bridge over Baghpakdijodi (Nalla at Bhejiniguda".

The other terms and conditions in the Tender Call Notice No. 318 dt. 11.02.2019 shall remain unchanged.

**Sd./- Block Development Officer, Boipariguda**

---

## DISTRICT PROJECT MANAGEMENT UNIT (MID-DAY MEAL)
## DISTRICT EDUCATION OFFICE, BHADRAK

**SHORT TENDER CALL NOTICE FOR ENGAGEMENT OF TRANSPORTING AGENT UNDER MDM PROGRAMME IN BHADRAK DISTRICT FOR THE FINANCIAL YEAR, 2019-20**

**No. 1762/ Dt. 18.02.2019**

Sealed Tenders in prescribed format under two bid systems are invited from the intending Registered Firms/ Authorized Licensed Transport Contractors / Agents having valid TIN, PAN, GST registration and clearance certificate, for undertaking transportation of rice under MDM feeding Programme in Bhadrak district for the financial year, 2019-20. The intending tenderers may submit their tenders to District Education Office, Bhadrak by Registered Post/ Speed Post (through India Post) or even by dropping the same in the drop box kept in the Office of the District Education Officer, Bhadrak during the office hours i.e., from 10 AM to 5PM from Dt. 18.02.2019 to Dt. 11.03.2019. The last date & time of submitting the tender paper is Dt. 11.03.2019 at 5 P.M. The Tender papers dropped in the Tender Box and received through Registered Post/ Speed Post (through India Post) will be opened in the Residence Office of the Collector, Bhadrak on Dt. 12.03.2019 at 4 P.M. in presence of the Tender Committee of the District and the Bidders or their authorized representatives. The undersigned / the District Tender Committee shall not be responsible for any postal delay.

The tender papers containing detailed specification with terms and conditions can be obtained by downloading from the Bhadrak District website : https://www.bhadrak.nic.in. The cost of tender paper is Rs. 10,000/- which will be deposited in shape of D.D. in favour of the District Nodal Officer (MDM) -cum- District Education Officer, Bhadrak and enclosed with the technical bid of the tender. The cost of tender paper is not refundable. The tender received after due date & time shall not be taken into consideration. The undersigned reserves the rights either to reject any or all tenders or cancel the entire process without assigning any reason thereof.

**Sd./- Collector, Bhadrak**

---

## GOVERNMENT OF ODISHA
## PANCHAYATIRAJ & DRINKING WATER DEPARTMENT
## OFFICE OF THE PANCHAYAT SAMITI, KANIHA

**e-mail address: ori-kanhia@nic.in**
**INVITATION FOR BIDS (IFB)**
**Identification No Kaniha-1**
**TENDER CALL NOTICE NO-4 OF 2018-19**

1. Block Development Officer, Kaniha on behalf of Governor of Odisha invites, Percentage bids for the works 03 Nos. details in the table from class of contractors mentioned in Col.4 below registered with the State Government and contractors of equivalent grade/class registered with Central Government/MES/Railways to be eventually drawn up in PWD(P-1) form for execution of civil works, on productin of definite proof from the appropriate authority. The bidders may submit bid of the following works.

| Sl. No. | Name of the Work | Amount put to Tender including 12% GST (in Rs.) | Class of Contractor | EMD to be deposited 1% (in Rs.) | Cost of tender document (non refundable) (in Rs.) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of CC Road from Ghantianali to Mohani-pal in Deranga G.P | 48,93,916/- | B & A | 48,950/- | 6000/- | Three Calendar Months |
| 2 | Improvement of Road from Daya Pradhan Ghara to Gambharidiha Siva Mandira in Kamrei G.P | 22,01,382/- | C & B | 22,050/- | 6000/- | Three Calendar Months |
| 3 | Construction of Black Toping Road in Sardhapur Jamujodi Road in Badatribida G.P | 19,74,718/- | D & C | 19,750/- | 6000/- | Three Calendar Months |

**Terms & Conditions**

1. The sale of Bid Document shall start from dt. 19.02.2019 and close on dt. 28.02.2019, during office hours i.e. (10 AM to 5 PM) in the office of the Block Development Office, Kaniha. The bid document may also be downloaded from website: www.angul.nic.in during this period. The intending tenderers downloading the tender document has to pay the cost of tender paper as mentioned in shape of bank draft payable ast SBI, Telesingha Branch in favour of B.D.O., Kaniha.
2. Bids shall be received by the Block Development Officer, Kaniha till Dt. 28.02.2019 through Registered Post/ Speed Post only. The authority will not be held responsible for postal delay in the delivering of the documents or non-receipt of the same.
3. the tender will be opened in the office of the Block Develoment Officer, Kaniha at 11.00 AM on Dt. 01.03.2019 in presence of the bidders or their authorised representatives who wish to attend. In the office happened to be closed on the date of receipt/ opening of the bids as specified, the bids will be received/ opened on the next working day at the same time and venue. Bid documents can be purchased from this office against a non-refundable fee towards the cost of documents as indicated in the form of cash or demand draft issued from scheduled bank payable at SBI, Telesingha Branch as per DTCN in favour of the Block Development Officer, Kaniha may be deposited in shape of bank draft prepared on or before the last date of receipt along with the Bid.
4. For other details of term & condition please visit the website: www.angul.nic.in.
5. The Block Development Officer, Kaniha reserves the right to reject any or all the tender without assigning any reason.

**Sd./- Block Development Officer, Kaniha**

“ ଭାରତୀୟ କ୍ରିକେଟ ଦଳରେ ଯୋଗଦେବା ଲାଗି ଡାକରା ପାଇବା ବେଳେ ଆଶ୍ଚର୍ଯ୍ୟ ଚକିତ ହେବା ସହ ମୁଁ ନିର୍ବାକ ହୋଇଯାଇଥିଲି ।

–ମୟଙ୍କ ମାର୍କଣ୍ଡେ, ଭାରତୀୟ କ୍ରିକେଟର



“ ବିଗ୍‌ବାଶ୍ ଟୁର୍ନାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଖେଳାଳି ଭାରତ ଟୁର୍ ବେଳେ ଭଲ ଖେଳିପାରିବ ବୋଲି କୌଣସି ଗ୍ୟାରେଣ୍ଟି ନାହିଁ ।

–ଆରୋନ୍ ଫିଞ୍ଚ୍, ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ



## ସଂକ୍ଷେପରେ

### ପାକିସ୍ତାନ ସହ କ୍ରିକେଟ ସମ୍ଭବ ନୁହେଁ

**ନୂଆଦିଲ୍ଲୀ,୧୮।୨(ପିଟି):** କେନ୍ଦ୍ର ସରକାରଙ୍କ ଅନୁମତି ନ ମିଳିଲା ପର୍ଯ୍ୟନ୍ତ ଭାରତ ଓ ପାକିସ୍ତାନ ମଧ୍ୟରେ କ୍ରିକେଟ ସମ୍ପର୍କ ସମ୍ଭବ ନୁହେଁ ବୋଲି ପୁଲୱାମା ଆକ୍ରମଣ ପରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଅଧକ୍ଷ ରାଜୀବ ଶୁକ୍ଳା କହିଛନ୍ତି। କ୍ରୀଡ଼ା ସବୁଠାରୁ ଉର୍ଦ୍ଧ୍ୱରେ ରହିବା ଉଚିତ। ଯଦି କେହି ଆତଙ୍କବାଦ୍‌କୁ ପ୍ରୋତ୍ସାହନ ଦେଉଛି, ତାହାର ପ୍ରଭାବ କ୍ରୀଡ଼ା ଉପରେ ନିଶ୍ଚିତ ପଡ଼ିବ। ଆମ ସ୍ଥିତି ସମ୍ପୂର୍ଣ୍ଣ ସ୍ପଷ୍ଟ। ସରକାର ଅନୁମତି ନ ଦେଲେ, ଆମେ ପାକିସ୍ତାନ ସହ ଖେଳିବୁ ନାହିଁ ବୋଲି ଶୁକ୍ଳା ସ୍ପଷ୍ଟ କରିଛନ୍ତି। ତେବେ ବିଶ୍ୱକପ୍‌ରେ ପାକିସ୍ତାନ ସହ ଭାରତୀୟ ଦଳ ଖେଳିବ କି ନାହିଁ, ଏ ନେଇ ସ୍ପଷ୍ଟ ଉତ୍ତର ଦେଇ ନାହାନ୍ତି ଶୁକ୍ଳା।

### ଷ୍ଟ୍ରାଣ୍ଡଜା ବକ୍ସିଂ: ଫାଇନାଲରେ ଜରୀନ

**ନୂଆଦିଲ୍ଲୀ, ୧୮।୨(ପି.ଟି.):** ବୁଲଗେରିଆର ସୋଫିଆଠାରେ ଚାଲିଥିବା ୭୦ତମ ଷ୍ଟ୍ରାଣ୍ଡଜା ମେମୋରିଆଲ ବକ୍ସିଂ ଟୁର୍ନାମେଣ୍ଟରେ ଭାରତ ପୂର୍ବତନ ଜୁନିୟର ମହିଳା ବିଶ୍ୱ ଚାମ୍ପିୟନ ନିଖାତ ଜରୀନ ୫୧ କେ.ଜି. ବର୍ଗ ଫାଇନାଲରେ ପ୍ରବେଶ କରିଛନ୍ତି। ଜରୀନଙ୍କ ସମେତ ଆଉ ଦୁଇ ଭାରତୀୟ ମହିଳା ବକ୍ସର ମଧ ଫାଇନାଲକୁ ଉଠିଛନ୍ତି। ପୂର୍ବରୁ ଦୁଇଥର ଜାତୀୟ ଚାମ୍ପିୟନଶିପ୍ ହାସଲ କରିଥିବା ଜରୀନ ସେମିରେ ପୋଲାଣ୍ଡର ସାଣ୍ଡ୍ରା ଡ୍ରାବିକ୍‌ଙ୍କୁ ୩-୨ରେ ହରାଇ ଫାଇନାଲ ଟିକେଟ ହାସଲ କରିଥିଲେ। ସେହିପରି ଫାଇନାଲକୁ ଉଠିଥିବା ଅନ୍ୟ ଦୁଇ ମହିଳା ବକ୍ସର ହେଲେ ମଞ୍ଜୁ ରାନୀ (୪୮ କେ.ଜି.) ଓ ମୀନା କୁମାରୀ ଦେମୀ (୫୪ କେ.ଜି.)। ରାନୀ ବୁଲଗେରିଆର ଏମି- ମାରୀ ଟୋଡୋରୋଭାଙ୍କୁ ଓ ଦେବୀ ରୁଷିଆର ଏକାଟେରିନା ସିଚେଭାଙ୍କୁ ହରାଇ ଫାଇନାଲ ଟିକେଟ ହାସଲ କରିଛନ୍ତି।

### ଅନିଶ୍ଚିତତାରେ ପାକିସ୍ତାନର ଅଂଶଗ୍ରହଣ

**କରାଚୀ, ୧୮।୨(ପି.ଟି.):** ପୁଲୱାମା ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ପଡ଼ୋଶୀ ପାକିସ୍ତାନ ସହ ଭାରତର ସମ୍ପର୍କ ଆହୁରି ବିଗିଡ଼ି ଯାଇଥିବାବେଳେ ଏହାର ସିଧାସଳଖ ପ୍ରଭାବ ଏବେ କ୍ରୀଡ଼ା ଉପରେ ପଡ଼ିଛି। ଆସନ୍ତା ଗୁରୁବାରଠାରୁ ନୂଆଦିଲ୍ଲୀର ଡ. କର୍ନି ସିଂ ରେଞ୍ଜଠାରେ ସିଜନର ପ୍ରଥମ ଶୁଟିଂ ବିଶ୍ୱକପ୍ ଆରମ୍ଭ ହେବାକୁ ଯାଉଛି। ଯେଉଁଥିରେ ଭିଜା ସମସ୍ୟା ନେଇ ପାକିସ୍ତାନ ଶୁଟର୍ ଅଂଶଗ୍ରହଣ ନେଇ ଅନିଶ୍ଚିତତା ଦେଖାଦେଇଛି। ‘ଆମେ ସନ୍ଧ୍ୟା ପର୍ଯ୍ୟନ୍ତ ଅପେକ୍ଷା କରିବୁ। ଯଦି ଭିଜା ମିଳିଯାଏ ତାହାଲେ ଆମର ଶୁଟର୍ ନୂଆଦିଲ୍ଲୀ ଅଭିମୁଖେ ଗସ୍ତ କରିବେ। କିନ୍ତୁ ଯଦି ଭିଜା ମିଳିବାରେ ସୋମବାରଠାରୁ ବିଳମ୍ବ ହୁଏ ତେବେ ଆମେ ୨୧ରୁ ଆରମ୍ଭ ହେବାକୁ ଥିବା ଏହି ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିପାରିବୁ ନାହିଁ’ ବୋଲି ପାକିସ୍ତାନ ଜାତୀୟ ରାଇଫଲ୍ ଶୁଟିଂ ଫେଡେରେଶନର ସଭାପତି ରାଜି ଅହମ୍ମଦ ପିଟିଆଇକୁ କହିଛନ୍ତି। ଅପରପକ୍ଷରେ ନ୍ୟାଶନାଲ ରାଇଫଲ୍ ଆସୋସିଏଶନ ଅଫ୍ ଇଣ୍ଡିଆ (ଏନ୍‌ଆର୍‌ଏଆଇ) ପକ୍ଷରୁ କୁହାଯାଇଛି ଯେ, ଗୁରୁବାରର ଭୟଙ୍କର ଆତଙ୍କବାଦୀ ଆକ୍ରମଣ ଘଟଣା ପୂର୍ବରୁ ଭାରତ ସରକାର ଭିଜା କ୍ଲିୟର କରିସାରିଛନ୍ତି।





କଳିଙ୍ଗ ଷ୍ଟାଡିୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଅଭିନବ ବିନ୍ଦ୍ରା ଟାର୍ଗେଟ ପରଫରମାନ୍ସ ସେଣ୍ଟର ଉଦ୍‌ଘାଟନ କରୁଛନ୍ତି। ନିକଟରେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, ଅଲିମ୍ପିକ୍ସ ଗୋଲ୍ଡ ମେଡାଲିଷ୍ଟ ଅଭିନବ ବିନ୍ଦ୍ରା ଉପସ୍ଥିତ ଅଛନ୍ତି। କ୍ରୀଡ଼ା ଛାତ୍ରାବାସ ଅନ୍ତେବାସୀଙ୍କ ସହ ଅତିଥିମାନେ।

### ଅଭିନବ ବିନ୍ଦ୍ରା ଟାର୍ଗେଟ ପରଫରମାନ୍ସ ସେଣ୍ଟର ଉଦ୍‌ଘାଟିତ

# ବୈଜ୍ଞାନିକ ପଦ୍ଧତିରେ ଟ୍ରେନିଂ ଗୁରୁତ୍ୱପୂର୍ଣ୍ଣ: ବିନ୍ଦ୍ରା

**ଭୁବନେଶ୍ୱର, ୧୮।୨(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରୀଡ଼ା ଇତିହାସରେ ଯୋଡ଼ିହୋଇଛି ଆଉ ଏକ ନୂଆ ଫର୍ଦ୍ଦ। ବିଶ୍ୱସ୍ତରୀୟ ଭିତ୍ତିଭୂମି ଉପଲବ୍ଧ ଯୋଗୁ ଏକାଧିକ କ୍ରୀଡ଼ାର ଅନ୍ତର୍ଜାତୀୟ ଇଭେଣ୍ଟ ପାଇଁ କଳିଙ୍ଗ ଷ୍ଟାଡିୟମ କେନ୍ଦ୍ରବିନ୍ଦୁ ପାଲଟି ସାରିଥିବାବେଳେ ଏବେ ଏଠାରେ ଉପଲବ୍ଧ ହୋଇଛି ବିଶ୍ୱସ୍ତରୀୟ କ୍ରୀଡ଼ା ବିଜ୍ଞାନ କେନ୍ଦ୍ର(ଅଭିନବ ବିନ୍ଦ୍ରା ଟାର୍ଗେଟ ପରଫରମାନ୍ସ ସେଣ୍ଟର)। ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ତାରକା ଶୁଟର ଅଭିନବ ବିନ୍ଦ୍ରାଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି। କ୍ରୀଡ଼ାର ଉନ୍ନତି ପାଇଁ ଗତବର୍ଷ ଶେଷ ଭାଗରେ ବିଭିନ୍ନ କମ୍ପାନୀ ସହ ହୋଇଥିବା ବୁଝାମଣାପତ୍ର ଭିତ୍ତିରେ ରାଜ୍ୟ ସରକାର ଏବେ ଆଗକୁ ବଢ଼ିଛନ୍ତି। ଭୁବନେଶ୍ୱରରେ ଏପରି ଏକ ସେଣ୍ଟରକୁ ଉଦ୍‌ଘାଟନ କରି ସେ ଖୁବ୍ ଖୁସି ବୋଲି ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ। ଅନ୍ୟପକ୍ଷରେ କ୍ରୀଡ଼ା ବିଜ୍ଞାନ ଆଥଲେଟ୍‌ଙ୍କ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ। ଏଠାରେ ଟ୍ରେନିଂ ଦ୍ୱାରା ସେମାନେ ବୈଜ୍ଞାନିକ ପଦ୍ଧତିରେ ସେମାନଙ୍କୁ ପ୍ରସ୍ତୁତ କରିପାରିବେ ବୋଲି ବିନ୍ଦ୍ରା କହିଛନ୍ତି। ଅଘୋଷିତଭାବେ ଭାରତର କ୍ରୀଡ଼ା ରାଜଧାନୀ ପାଲଟିଥିବା ଭୁବନେଶ୍ୱରରେ ଏବେ ବୈଜ୍ଞାନିକ ପଦ୍ଧତିରେ ଦେଶ ବିଦେଶର ଆଥଲେଟମାନେ ସେମାନଙ୍କ ଆହତ ସମସ୍ୟାକୁ ଦୂର କରିବା ସହ ବଡ଼ ଇଭେଣ୍ଟ ପାଇଁ ପ୍ରସ୍ତୁତ ହୋଇପାରିବେ। ଏହି ସେଣ୍ଟର ଉପଲବ୍ଧ ହେବାଦ୍ୱାରା ଭାରତରେ ପ୍ରଥମଥରପାଇଁ ଗୋଟିଏ ଛାତତଳେ ଖେଳାଳିମାନେ ନିଜ ନିଜର ଆହତ ସମସ୍ୟା, ଶକ୍ତି ଓ ସାମର୍ଥ୍ୟକୁ ପରୀକ୍ଷା କରାଇବା ସହ ଆରୋଗ୍ୟଲାଭ କରିପାରିବେ, ଟ୍ରେନିଂ ନେଇପାରିବେ ଏବଂ ଭବିଷ୍ୟତ ପାଇଁ ନିଜକୁ ପ୍ରସ୍ତୁତ କରିପାରିବେ। ଉଦ୍‌ଘାଟନୀ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, କ୍ରୀଡ଼ା ସଚିବ ବିଶାଲ ଦେବ, ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା ଏବଂ କ୍ରୀଡ଼ା ବିଭାଗର ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଓ ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସମାନ୍ତରାୟ ସେଣ୍ଟରରେ ଉପଲବ୍ଧ ସୁବିଧାସୁଯୋଗ ବୁଲି ଦେଖିଥିଲେ।

### ‘ଓଡ଼ିଶା କ୍ରୀଡ଼ା ପାଇଁ ଏକ ବଡ଼ ଦିନ’

ଓଡ଼ିଶା ସରକାର ଓ ରୁଙ୍ଗ୍‌ଟା ମାଇନ୍ସ ମିଳିତ ଉଦ୍ୟମରେ କଳିଙ୍ଗ ଷ୍ଟାଡିୟମ ପରିସରରେ ଆରମ୍ଭ ହୋଇଥିବା ଏହି ସେଣ୍ଟରରେ ୧୨ରୁ ଉର୍ଦ୍ଧ୍ୱ ଅତ୍ୟାଧୁନିକ ମେଶିନ ଉପଲବ୍ଧ। ଏହାକୁ ପରିଚାଳନା କରିବା ପାଇଁ ଦେଶ ଓ ବିଦେଶରୁ ଟେକ୍ନିସିଆନମାନେ ନିୟୋଜିତ ହେବେ। ଓଡ଼ିଶା କ୍ରୀଡ଼ା ପାଇଁ ଆଜି ଏକ ବଡ଼ ଦିନ। ଅଭିନବ ବିନ୍ଦ୍ରା ଟାର୍ଗେଟ ପରଫରମାନ୍ସ ସେଣ୍ଟର କ୍ରୀଡ଼ା ବିଜ୍ଞାନ ଉପରେ ସମ୍ପୂର୍ଣ୍ଣ ଆଧାରିତ। ଏଥିପାଇଁ ଅବିନବ ବିନ୍ଦ୍ରାଙ୍କୁ ଧନ୍ୟବାଦ ଦେବାକୁ ପଡ଼ିବ। ବିଭିନ୍ନ କ୍ରୀଡ଼ାକୁ କ୍ୟାରିୟର କରୁଥିବା ଖେଳାଳିମାନେ ଟେକ୍ନୋଲୋଜି ମାଧ୍ୟମରେ ସେମାନଙ୍କ ସାମର୍ଥ୍ୟ ଏବଂ ପ୍ରଦର୍ଶନକୁ ଆହୁରି ବଢ଼ାଇପାରିବେ। ଟେକ୍ନୋଲୋଜି ଦୃଷ୍ଟିରୁ ଦେଖିବାକୁ ଗଲେ ଭାରତ ବର୍ଷର ସବୁଠାରୁ ଆଡଭାନ୍ସ ସେଣ୍ଟର ଏଠାରେ ପ୍ରତିଷ୍ଠା ହୋଇ ପାରିଛି ବୋଲି କ୍ରୀଡ଼ାମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହାଦ୍ୱାରା ରାଜ୍ୟ ଖେଳାଳିଙ୍କ ଦକ୍ଷତା ଏବଂ ପ୍ରଦର୍ଶନରେ ମଧ୍ୟ ଉନ୍ନତି ଆସିବ। ପର୍ଯ୍ୟାୟକ୍ରମେ କ୍ରୀଡ଼ା ଛାତ୍ରାବାସର ଅନ୍ତେବାସୀମାନଙ୍କୁ ଏଠାକୁ ଅଣାଯାଇ ପରୀକ୍ଷା କରାଯିବ ଏବଂ ସେମାନେ କିପରି ନିଜ ନିଜ ଖେଳରେ ଆଗକୁ ବଢ଼ି ପାରିବେ ତା ଉପରେ ଧ୍ୟାନ ଦିଆଯିବ ବୋଲି ଚନ୍ଦ୍ରସାରଥି କହିଛନ୍ତି।

### ‘ରାଜ୍ୟ ଆଥଲେଟ୍‌ଙ୍କ ପାଇଁ ଦେୟ ମୁକ୍ତ’

ଦୂତୀ ଚାନ୍ଦ ଏବଂ ଶ୍ରାବଣୀ ନନ୍ଦଙ୍କ ପରି ରାଜ୍ୟର ଏଲିଟ ଆଥଲେଟ୍‌ଙ୍କ ସମେତ କ୍ରୀଡ଼ା ଛାତ୍ରାବାସରେ ଥିବା ପିଲାମାନେ ମଧ ଏଠାରେ ଉପଲବ୍ଧ ସୁବିଧାର ସଦୁପଯୋଗ କରିପାରିବେ। ପିଲାମାନେ କିପରି ଅଗ୍ରସର ହେଉଛନ୍ତି ତାହା ଦେଖିବା ପାଇଁ ବର୍ଷକୁ ଅତିକମ୍‌ରେ ଦୁଇଥର ପରୀକ୍ଷା କରାଯିବ। ବିଭିନ୍ନ ରାଜ୍ୟ ଆସୋସିଏଶନ ଏବଂ ନ୍ୟାଶନାଲ ଫେଡେରେଶନ ସହିତ ମଧ ଆମେ ଆଲୋଚନା କରି ଏଠାକାର ସୁବିଧା ସୁଯୋଗ ସମ୍ପର୍କରେ ମଧ ଅବଗତ କରାଇବୁ। ଫଳରେ ରାଜ୍ୟ ବାହାରର ଆଥଲେଟ୍‌ମାନେ ମଧ ଏଠାରେ ଉପଲବ୍ଧ ସୁଯୋଗର ଫାଇଦା ନେଇ ପାରିବେ। ଓଡ଼ିଶା ଆଥଲେଟ୍‌ଙ୍କ ପାଇଁ ଏହା ପ୍ରାୟତଃ ଦେୟ ମୁକ୍ତ ରହିବ, ତେବେ ଅନ୍ୟ ଆଥଲେଟମାନଙ୍କୁ ଫି’ ଦେବାକୁ ପଡ଼ିବ। କେଉଁ ଆଥଲେଟ୍‌ଙ୍କ ପାଇଁ କେତେ ଫି’ ରହିବ ତାହା ପରିସ୍ଥିତି ଅନୁଧ୍ୟାନ କରି ପରେ ସ୍ଥିର ହେବ। ବାହାରୁ ମାଷ୍ଟର ଟ୍ରେନରମାନେ ଆସି ଏଠାରେ କାର୍ଯ୍ୟ କରିବେ। ସେ ସମ୍ପର୍କରେ ଅଭିନବ ବନ୍ଦ୍ରା ନିଷ୍ପତ୍ତି ନେବେ। ଏହା ବ୍ୟତୀତ କିଛି ସ୍ଥାନୀୟ ବ୍ୟକ୍ତିଙ୍କୁ ଟ୍ରେନିଂ ଦେଇ ଏଠାରେ ନିଯୁକ୍ତି ଦିଆଯିବ ବୋଲି କହିଛନ୍ତି କ୍ରୀଡ଼ା ସଚିବ ବିଶାଲ ଦେବ।

### ‘ସବୁବର୍ଗର ଆଥଲେଟ୍ ଉପକୃତ ହେବେ’

ଓଡ଼ିଶାରେ ବିଶ୍ୱସ୍ତରୀୟ ଟେକ୍ନୋଲୋଜି ସମ୍ପନ୍ନ ଏପରି ଏକ ସେଣ୍ଟର ଉପଲବ୍ଧ ହୋଇଥିବାରୁ ମୁଁ ବହୁତ ଖୁସି। ସେଥିପାଇଁ ପ୍ରଥମେ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଦେବାକୁ ଚାହିଁବି। ସରକାରଙ୍କ ସହ ମୋର ଆଲୋଚନା ଫଳପ୍ରଦ ହେବାଦ୍ୱାରା ଖୁବ୍ କମ୍ ସମୟ ମଧ୍ୟରେ ଏଠାରେ ଏକ ବିଶ୍ୱସ୍ତରୀୟ କ୍ରୀଡ଼ା ବିଜ୍ଞାନ ସେଣ୍ଟର ପ୍ରତିଷ୍ଠା ହୋଇପାରିଛି। ଏଠାରେ ତୃଣମୂଳ ସ୍ତରର ଖେଳାଳିଙ୍କ ସହିତ ଯୁବାବସ୍ଥାରେ ଥିବା ଏବଂ ଅଭିଜ୍ଞ ଆଥଲେଟ୍‌ମାନେ ଟ୍ରେନିଂ ନେଇ ପାରିବେ। ଏପରି ବିଶ୍ୱସ୍ତରୀୟ ଟେକ୍ନୋଲୋଜି ସମ୍ପନ୍ନ ମେଶିନ ସବୁ ଦେଶରେ ନାହିଁ। ଅନେକ ଆଥଲେଟ୍ ଜୀବନସାରା ଏପରି ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ମାତ୍ର ଓଡ଼ିଶାରେ ଏବେ ତୃଣମୂଳ ସ୍ତରର ଆଥଲେଟ୍‌ମାନେ ମଧ ଏହାର ସଦ୍‌ବ୍ୟବହାର କରିପାରିବେ। ଏବେ ଏହି ସେଣ୍ଟରକୁ ନେଇ ମୁଁ ବହୁତ ଉତ୍ସାହିତ ବୋଲି କହିଛନ୍ତି ଅଭିନବ ବିନ୍ଦ୍ରା। ଏହି ସେଣ୍ଟରରେ ସବୁ କ୍ରୀଡ଼ାର ଆଥଲେଟ୍‌ମାନେ ଉପକୃତ ହୋଇପାରିବେ। କାରଣ ଏଥିରେ ରହିଛି ବିଜ୍ଞାନ, ଟେକ୍ନୋଲୋଜି, ଇଞ୍ଜିନିୟରିଂ, ଆନାଲିଟିକ୍ସ ଏବଂ ଔଷଧର ସମ୍ମିଶ୍ରଣ। ମୁଁ ଜଣେ ଶୁଟର ହୋଇଥିବାରୁ ଏହା ଏହି କ୍ରୀଡ଼ାକୁ କ୍ୟାରିୟର କରୁଥିବା ପିଲାଙ୍କୁ ଅନେକ ପରିମାଣରେ ଉପକାର ଦେଇ ପାରିବ ବୋଲି ଜୋର ଦେଇ କହିପାରିବି। ଶୁଟିଂରେ ବାଲାନ୍ସ, ଦୃଢ଼ତା ଆବଶ୍ୟକ, ଯାହାକି ଏଠାରେ ଟ୍ରେନିଂ ନେବାଦ୍ୱାରା ସମ୍ଭବ ହୋଇ ପାରିବ। ବିଭିନ୍ନ ଖେଳାଳିଙ୍କଠାରେ ଭିନ୍ନ ଆହତ ସମସ୍ୟା ରହିଛି। ଯାହାର ଉପଚାର ଏଠାରେ ହୋଇ ପାରିବ। ବିଦେଶରୁ ବିଶେଷଜ୍ଞମାନେ ଆସି ସ୍ଥାନୀୟ ବ୍ୟକ୍ତିମାନଙ୍କୁ ଟେକ୍ନୋଲୋଜି ସମ୍ପର୍କରେ ଅବଗତ କରାଇବେ। ମାତ୍ର ସ୍ଥାୟୀଭାବେ ଏଠାରେ ସ୍ଥାନୀୟ ଟ୍ରେନର ମାନେ ହିଁ ଟ୍ରେନିଂ ଦେବେ। ଓଡ଼ିଶାର ଶ୍ରୀୟଙ୍କା ଷଡ଼ଙ୍ଗୀଙ୍କୁ ମୁଁ ବ୍ୟକ୍ତିଗତଭାବେ ଜାଣିଛି। ସେ ଜଣେ ପ୍ରତିଭା ସମ୍ପନ୍ନ ଶୁଟର। ଦିନକୁ ଦିନ ତାଙ୍କ ପ୍ରଦର୍ଶନରେ ଉନ୍ନତି ଆସୁଛି। ତାଙ୍କ ଭବିଷ୍ୟତ ନିଶ୍ଚିତ ଉଜ୍ଜ୍ୱଳ ବୋଲି ବିନ୍ଦ୍ରା ପ୍ରକାଶ କରିଛନ୍ତି। ଚଳିତ ମାସରେ ଆରମ୍ଭ ହେବାକୁ ଯାଉଥିବା ଶୁଟିଂ ବିଶ୍ୱକପ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ। କାରଣ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ମଧ ଆଗକୁ ଆସୁଛି। ଭାରତର ଅନେକ ଯୁବ ଶୁଟର ଏବେ ବହୁତ ଭଲ ପ୍ରଦର୍ଶନ କରୁଛନ୍ତି। ଶୁଟିଂ ସ୍ପୋର୍ଟ୍ସ ଭାରତରେ ଯେପରି ଅଗ୍ରସର ହେଉଛି ନିଶ୍ଚିତଭାବେ ଖୁବ୍‌ଶୀଘ୍ର ଭଲ ଫଳାଫଳ ମିଳିବ। ଗତ ୧୦ ବର୍ଷ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାର ସ୍ତର ବଢ଼ିଛି। ମୁଁ କ୍ୟାରିୟର ଆରମ୍ଭ କଲାଭାବେ ଏତେ ସଂଖ୍ୟକ ଆଥଲେଟ୍ ଶୁଟିଂକୁ ଆସୁ ନ ଥିଲେ। ମାତ୍ର ଏବେ ଏଥିରେ ପରିବର୍ତ୍ତନ ହୋଇଥିବାରୁ ନିଶ୍ଚିତ ଭଲ ଫଳ ମିଳିବ ବୋଲି ଆଶା କରାଯାଇପାରିବ। ୨୦୨୦ ଅଲିମ୍ପିକ୍ସ ପାଇଁ କେଉଁମାନେ ଭାରତର ପଦକ ଦାବିଦାର କହିବା ସମ୍ଭବ ନୁହେଁ, ମାତ୍ର ନିଶ୍ଚିତଭାବେ ଏକାଧିକ ଦାବିଦାର ଆସନ୍ତା ଅଲିମ୍ପିକ୍ସରେ ଉଭାହେବେ ବୋଲି ସେ ପ୍ରକାଶ କରିଛନ୍ତି।



କ୍ରୀଡ଼ା ଛାତ୍ରାବାସର ଜଣେ ଆଥଲେଟ୍ ନିଜ ଦକ୍ଷତା ପରଖୁଛନ୍ତି।

### ଅଲିମ୍ପିକ୍ସ ଚାମ୍ପିୟନ୍ସ ସୃଷ୍ଟି ଲକ୍ଷ୍ୟ: ରାଣାଓ୍ୱତ

ଭୁବନେଶ୍ୱରରେ ହାଇପରଫରମାନ୍ସ ଟ୍ରେନିଂ ଏବଂ ରିହାବ ସେଣ୍ଟର ଉପଲବ୍ଧ ହୋଇଥିବାରୁ ମୁଁ ମୁଁ ବହୁତ ଖୁସି। ଆଗାମୀ ୪–୫ ବର୍ଷରେ ଅଲିମ୍ପିକ୍ସ ଚାମ୍ପିୟନ୍ସ ସୃଷ୍ଟି କରିବା ଏହାର ମୁଖ୍ୟ ଲକ୍ଷ୍ୟ। ଏଠାରେ ଅତ୍ୟାଧୁନିକ ମେଶିନ ଉପଲବ୍ଧ। ତେଣୁ ବିଭିନ୍ନ କ୍ରୀଡ଼ାର ଆଥଲେଟ୍‌ମାନେ ଭିନ୍ନ ଭିନ୍ନ ଟ୍ରେନିଂ କରି ଏଥିରୁ ଉପକୃତ ହୋଇପାରିବେ। ଆହତ ସମସ୍ୟା ସବୁବେଳେ ପ୍ରଦର୍ଶନକୁ ପ୍ରଭାବିତ କରିଥାଏ। ତାହାକୁ ଦୂର କରିବା ଏହି ସେଣ୍ଟରର ଅନ୍ୟତମ ଉଦ୍ଦେଶ୍ୟ। ରାଜ୍ୟର ପାଖାପାଖି ୧୫୦୦ ଆଥଲେଟ୍ ଏଠାରେ ଟ୍ରେନିଂ ନେବେ। ଏହା ଏକ ଆଡ୍‌ଭାନ୍ସ ସେଣ୍ଟର ହୋଇଥିବାରୁ ଆହତ ସମସ୍ୟା ନେଇ ଆସୁଥିବା ବାହାର ଆଥଲେଟ୍‌ଙ୍କର ମଧ ଏଠାରେ ଉପଚାର କରାଯିବ। ଓଡ଼ିଶାରେ ଏବେ ବହୁତ ବଡ଼ ଟୁର୍ନାମେଣ୍ଟ ଆୟୋଜନ ହେଉଛି। ତେଣୁ ବିଦେଶର ଆଥଲେଟ୍‌ମାନେ ମଧ ଏଠାରେ ଟ୍ରେନିଂ ନେଇ ପାରିବେ। ଏବେ ଆମ ନିକଟରେ ୬ ଜଣ ବିଶେଷଜ୍ଞ ରହିଛନ୍ତି। ନିୟମିତ ବ୍ୟବଧାନରେ ସ୍ପୋର୍ଟ୍ସ ମେଡିସିନ ଡାକ୍ତରମାନେ ଏଠାକୁ ଆସିବା କାର୍ଯ୍ୟକ୍ରମ ରହିଛି। ପ୍ରତି ଦୁଇ ମାସରେ ବିଦେଶରୁ ଏକ୍ସପର୍ଟମାନେ ଆସି ସ୍ଥିତି ଅନୁଧ୍ୟାନ କରିବେ ଅଭିନବ ବିନ୍ଦ୍ରା ଟାର୍ଗେଟ ପରଫରମାନ୍ସ ସେଣ୍ଟରର ନିର୍ଦ୍ଦେଶକ ଡକ୍ଟର ଦୀପ୍ତାଲ ରାଣାଓ୍ୱତ ପ୍ରକାଶ କରିଛନ୍ତି।

## ଜାତୀୟ ସବ୍‌ଜୁନିୟର କୁସ୍ତି ଉଦ୍‌ଘାଟିତ

**କଟକ ଅଫିସ,୧୮।୨**

ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ୩୮ତମ ବାଳକ ଫ୍ରି ଷ୍ଟାଇଲ, ଗ୍ରୀକୋ ରୋମାନ ଓ ୨୨ତମ ଫ୍ରି ଷ୍ଟାଇଲ ସବ୍‌ଜୁନିୟର ଜାତୀୟ କୁସ୍ତି ଚାମ୍ପିୟନଶିପ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ଖେଳାଯାଇଥିବା ବାଳକ ଗ୍ରୀକୋ ରୋମାନ ଷ୍ଟାଇଲ କୁସ୍ତିରେ ହରିୟାଣା ଦଳଗତ ଚାମ୍ପିୟନ ହୋଇଥିବା ବେଳେ ଦିଲ୍ଲୀ ରନର୍ସଅପ ହୋଇଛି। ସାଇ ୩ୟ ସ୍ଥାନରେ ରହିଛି। ଉଦ୍‌ଘାଟନୀ ଉତ୍ସବରେ କୁସ୍ତି ଫେଡେରେଶନ ଅଫ ଇଣ୍ଡିଆର ସଭାପତି ବ୍ରିଜ ଭୂଷଣ ସରଣ ସିଂ ସଭାପତିତ୍ୱ କରିଥିଲେ। ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟକ ଦେବାଶିଷ ସାମନ୍ତରାୟ, ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ଓଡ଼ିଶା ଆଥଲେଟିକ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶା କୁସ୍ତି ସଂଘ ସଙ୍ଗଠନ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ରାମଚନ୍ଦ୍ର ପାଢ଼ୀ, ସମ୍ପାଦକ ବିନୋଦ ଚନ୍ଦ୍ର ଦାସ, ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ଦାସ, କିଶୋର ଚନ୍ଦ୍ର ବେହେରା, ଲକ୍ଷ୍ମୀପ୍ରସାଦ ପଟ୍ଟନାୟକ ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିଥିଲେ।



ଦିଲ୍ଲୀ ଓ ଉତ୍ତର ପ୍ରଦେଶ ରେସ୍‌ଲରଙ୍କ ମଧ୍ୟରେ ଅନୁଷ୍ଠିତ ଲଢ଼େଇର ଏକ ଦୃଶ୍ୟ।

## ରୀମାଲକ୍ଷ୍ମୀଙ୍କ ପ୍ରଭାବୀ ପ୍ରଦର୍ଶନ ନିଷ୍ପ୍ରଭ

**ମୁମ୍ବାଇ, ୧୮।୨(ପି.ଟି.)**

ବାମହାତୀ ଦ୍ରୁତବୋଲର କୋମଲ ଜନ୍‌ଜାଦ ଓ ଓଡ଼ିଆ ଉଦୀୟମାନ ମହିଳା ଦ୍ରୁତ ବୋଲର ରୀମାଲକ୍ଷ୍ମୀ ଏକ୍କାଙ୍କ ପ୍ରଭାବୀ ପ୍ରଦର୍ଶନ ସତ୍ତ୍ୱେ ଭାରତୀୟ ବୋର୍ଡ ସଭାପତି ମହିଳା ଏକାଦଶ ଏଠାରେ ଅନୁଷ୍ଠିତ ଏକ ଦିନିକିଆ ଅଭ୍ୟାସ ମ୍ୟାଚ୍‌ରେ ୭୫ଟି ବଲ୍ ବାକିଥାଇ ଦୁଇ ଉଇକେଟରେ ଭ୍ରମଣକାରୀ ଇଂଲଣ୍ଡ ମହିଳା ଦଳଠାରୁ ପରାସ୍ତ ହୋଇଛି। ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯାଇଥିବା ଏହି ଅଭ୍ୟାସ ମ୍ୟାଚ୍‌ରେ ବୋର୍ଡ ସଭାପତି ଏକାଦଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବୋର୍ଡ ଏକାଦଶ ୪୯ ଓଭରରେ ୧୫୪ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଇଂଲଣ୍ଡ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ୩୭.୩ ଓଭରରେ ୮ ଉଇକେଟ ହରାଇ ୧୫୭ ରନ କରି ବିଜୟୀ ହୋଇଛି।

### ଇଂଲଣ୍ଡ ମହିଳା ଦଳ ବିଜୟୀ

ଏହାପରେ ଆସନ୍ତା ୨୨, ୨୫ ଓ ୨୮ ତାରିଖରେ ଭାରତ ଓ ଇଂଲଣ୍ଡ ମହିଳ ଦଳ ମଧ୍ୟରେ ୩ଟି ଦିନିକିଆ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ଗୁଡିକ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଚାମ୍ପିୟନଶିପ୍‌ର ଅଂଶବିଶେଷ ଭାବେ ବିବେଚିତ ହେବ।

୧୫୫ ରନ ବିଜୟ ଲକ୍ଷ୍ୟର ପିଛା କରି ଇଂଲଣ୍ଡ ୧୧ ରନରେ ୪ ଉଇକେଟ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ମିଡିଲ ଅର୍ଡରରେ ବ୍ୟାଟିଂ କରିବାକୁ ଆସି ହିଦର କ୍ଲେୟାର ନାଇଟ୍ ୬୪ ରନ କରି ଅପରାଜିତ ରହିବା ସହ ଇଂଲଣ୍ଡକୁ ବିଜୟୀ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେହିପରି ଟେଲ ଏଣ୍ଡର ବ୍ୟାଟ୍ସମ୍ୟାନ ଲରେନ୍ ୱିନ୍‌ଫିଲ୍ଡ ୨୩ ରନ କରି ଅପରାଜିତ ରହିଥିଲେ। ରୀମାଲକ୍ଷ୍ମୀ ଓ କୋମଲ ଇଂଲଣ୍ଡ ଟପ୍ ଅର୍ଡରର ବିପର୍ଯ୍ୟୟ ଘଟାଇଥିଲେ। ଓପନର ଟାମି ବିୟୁମାଉଣ୍ଟ ଖାତା ଖୋଲିବା ପୂର୍ବରୁ ପ୍ରଥମେ ଆଉଟ ହୋଇଥିଲେ। ଆମି ଜୋନ୍ସ ୨, ଅଧିନାୟିକା ତଥା ଉଇକେଟକିପର ବ୍ୟାଟ୍ସମ୍ୟାନ ସାରା ଟେଲର ୨ ଓ ନାଟାଲି ସ୍କିଭର ବିନାସ୍କୋରରେ ଆଉଟ୍ ହୋଇଥିଲେ। କାଥେରାଇନ୍ ବ୍ରଣ୍ଟ ମଧ ଖାତା ଖୋଲିପାରି ନ ଥିଲେ। ରୀମାଲକ୍ଷ୍ମୀ ଓପନର ଜୋନ୍ସ ଓ ଶ୍ରୁବୋସ୍‌ଲେଙ୍କୁ ଆଉଟ କରିଥିଲେ। ବୋର୍ଡ ଏକାଦଶ ତରଫରୁ କୋମଲ ସର୍ବାଧିକ ୩, ରୀମାଲକ୍ଷ୍ମୀ, ସ୍ପିନର ତନୁଜା କନ୍‌ୱାର ଦୁଇଟି ଲେଖାଏ, ରେନୁକା ସିଂ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ମିନୁ ମାନି ସର୍ବାଧିକ ୨୮, ଭାରତୀ ଫୁଲମାଳି ୨୩, ହାରଲିନ୍ ଦେଓଲ ୨୧, ଅଧିନାୟିକା ସ୍ମୃତି ମନ୍ଧାନା ୧୯, ଓପନର ପ୍ରିୟା ପୁନିଆ ୧୫, ବେଦା କ୍ରିଷ୍ଣମୂର୍ତ୍ତୀ ୧୦, ରବି କଳ୍ପନା ୧୦, ତନୁଜା କନ୍‌ୱାର ୧୧। ରୀମାଲକ୍ଷ୍ମୀ ୩ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ଶ୍ରୁବୋସ୍‌ଲେ ସର୍ବାଧିକ ୪ ଉଇକେଟ ହାସଲ କରିଥିଲେ।



ରୀମାଲକ୍ଷ୍ମୀ ଏକ୍କା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଫେବୃୟାରୀ ୧୯/୨୦୧୯ Bhubaneswar, Tuesday, February 19/ 2019

## ସଂକ୍ଷେପରେ

### ବିଭିନ୍ନ ଦାବିରେ ଷ୍ଟାମ୍ପ ଭେଣ୍ଡରଙ୍କ ଧାରଣା

**ଧର୍ମଶାଳା,୧୮।୨(ଡି.ଏନ୍.ଏ.):** ସରକାରଙ୍କ ଇ ଷ୍ଟାମ୍ପ ପ୍ରଚଳନ ବିରୋଧରେ ଓଡ଼ିଶା ଷ୍ଟାମ୍ପଭେଣ୍ଡର ମହାସଂଘ ଓ ଧର୍ମଶାଳା ସବ୍ ରେଷ୍ଟ୍ରାର ମହାସଂଘ ଡାକରାରେ ଧର୍ମଶାଳା ସବ୍ ରେଷ୍ଟ୍ରାର କାର୍ଯ୍ୟାଳୟର ଷ୍ଟାମ୍ପଭେଣ୍ଡରମାନେ ୪ଦଫା ଦାବିରେ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧରଣା ଦିଆଯାଇଛି। ଧାରଣାରେ ଷ୍ଟାମ୍ପଭେଣ୍ଡରଙ୍କୁ ଦିଆଯାଉଥିବା କ୍ରୟବିକ୍ରୟ ମୂଲ୍ୟର କ୍ଷମତା ମଧ୍ୟରେ ଇ ଷ୍ଟାମ୍ପ ବିକ୍ରୟ ବନ୍ଦ କରିବାକୁ ରାଜସ୍ୱ ବିଭାଗକୁ ଆଦେଶ ଦେବା, ପ୍ରତ୍ୟେକ ଷ୍ଟାମ୍ପଭେଣ୍ଡରଙ୍କୁ ପରିଚୟ ପ୍ରଦାନ, ଷ୍ଟାମ୍ପ ଓ କୋର୍ଟ ଫି ବାବଦକୁ କମିଶନ୍ ବୃଦ୍ଧି ଏବଂ କୋର୍ଟ ଫି ଓ ଷ୍ଟାମ୍ପକ୍ରୟର କ୍ରୟବିକ୍ରୟ କ୍ଷମତା ବୃଦ୍ଧି ଆଦି ଦାବିମାନ ଉପସ୍ଥାପନ କରାଯାଇଥିଲା। ଜିଲା ଷ୍ଟାମ୍ପଭେଣ୍ଡର ସଭାପତି ଶଶିଭୂଷଣ ପାଢ଼ୀ, ସମ୍ପାଦକ ନିଶିକାନ୍ତ ଜେନା, ଧନେଶ୍ୱର ସାହୁ, ବିରଜା ପ୍ରସାଦ ସ୍ୱାଇଁ, ଅଶୋକ କୁମାର ପାଢ଼ୀ, ବିପିନ ବିହାରୀ ପଣ୍ଡା, ବଟକୃଷ୍ଣ ମୁହୁଲି, ଦୀପକ ରଞ୍ଜନ ମହାନ୍ତି, ଶରତ ଚନ୍ଦ୍ର ଦାସ, ପ୍ରଭାକର ପ୍ରଧାନ, ଗୌତମ ଶତପଥୀ, ଗୁରେଶ ଚନ୍ଦ୍ର ରାଉତ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ।

### ସାମାନ୍ୟ ବଚସାରୁ ମରଣାନ୍ତକ ଆକ୍ରମଣ, ଜଣେ ଗୁରୁତର

**କଳିଙ୍ଗନଗର,୧୮।୨(ଡି.ଏନ୍.ଏ):** ଯଖପୁରା ଥାନା ମାଣତିରା ଛକ ନିକଟ ଏକ ମଦବାର ନିକଟରେ ସୋମବାର ସନ୍ଧ୍ୟାରେ ଦଶମାଣିଆ ଗ୍ରାମର ସୀମାଞ୍ଚଳ ପ୍ରଧାନ(୫୫)ଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଫଳରେ ତାଙ୍କ ମୁଣ୍ଡ ଓ ହାତରେ ଗଭୀର ଆଘାତ ହୋଇଛି। ଖବରପାଇ ସ୍ଥାନୀୟଲୋକେ ସୀମାଞ୍ଚଳଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାରକରି ଦାନଗଦୀ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ଏ ନେଇ ସ୍ତ୍ରୀ ଲିଙ୍ଗାଡୁ ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (୧୨/୧୯) ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ,ସୀମାଞ୍ଚଳ ସୋମବାର ଦିନ ୪ଟା ପାଖାପାଖି ସମୟରେ କୌଣସି ଏକ କାମରେ ବାଘବାହାଳି ବଙ୍ଗଳା ଛକକୁ ଯାଇଥିଲେ । ସେଠାରୁ କାମସାରି ଘରକୁ ଫେରିବା ବାଟରେ ମାଣତିରା ଛକ ନିକଟରେ ଥିବା ମଦବାରଠାରେ ଅଟକି ଥିଲେ। ଏହି ସମୟରେ ସେଠାରେଥିବା ମାଣତିରା ଗ୍ରାମର ୪ରୁ ୫ ଜଣ ଯୁବକଙ୍କ ସହିତ କୌଣସି ଏକ କାରଣରୁ ତାଙ୍କର ବଚସା ହୋଇଥିଲା। ପରେ ଉକ୍ତ ଯୁବକମାନେ ସଙ୍ଗବଦ୍ଧ ଭାବେ ଏକ ଲୁହା ରଡରେ ସୀମାଞ୍ଚଳଙ୍କୁ ଆକ୍ରମଣ କରିଥିବା ସିମାଞ୍ଚଳଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଛନ୍ତି ।

### ଯୌତୁକ ପାଇଁ ଗର୍ଭ ନଷ୍ଟ ଅଭିଯୋଗ

**ଜଳେଶ୍ୱର, ୧୮।୨(ଡି.ଏନ.ଏ.):** ଯୌତୁକ ପାଇଁ ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ପୁରୁଣାପାଣି ଗ୍ରାମର ରେଖାରାଣି ଭୂୟାଁ ନାମ୍ନୀ ଜଣେ ମହିଳାଙ୍କ ୪ ମାସର ଗର୍ଭନଷ୍ଟ କରାଯାଇଥିବା ଅଭିଯୋଗ ହୋଇଛି। ତାଙ୍କ ସ୍ୱାମୀ ସାମରିକ କର୍ମଚାରୀ ପ୍ରମୋଦ କୁମାର ଦାସ ତାଙ୍କ ସ୍ତ୍ରୀଙ୍କୁ ଯୌତୁକ ବାବଦକୁ ଅଧିକ ୧ ଲକ୍ଷ ଟଙ୍କା, ବୁଲେଟ୍ ଗାଡ଼ି ଓ ଜଳେଶ୍ୱର ସହରରେ ଜମି କିଣି ଦେବାକୁ ଦାବି କରି ନିର୍ଯାତନା ଦେଇ ଆସୁଥିଲେ। ଏପରିକି ତାଙ୍କ ଅଜ୍ଞାତରେ ୪ ମାସର ଗର୍ଭସ୍ଥ ଶିଶୁକୁ ମଧ ଔଷଧ ଦେଇ ନଷ୍ଟ କରି ଦେଇଥିବା ସେ ଏତଲାରେ ଦର୍ଶାଇଛନ୍ତି। ଗତବର୍ଷ ଏପ୍ରିଲରେ ବିବାହ ହେବା ପରଠୁଁ ସ୍ୱାମୀ ଓ ତାଙ୍କ ପରିବାର ନିର୍ଯାତନା ଦେଇ ଜୀବନରୁ ମାରିଦେବାକୁ ଚେଷ୍ଟା କରିବା ଫଳରେ ସେ ଏବେ ବାପଘରେ ଆଶ୍ରୟ ନେଇଛନ୍ତି। ଜଳେଶ୍ୱର ଥାନାରେ ପ୍ରମୋଦଙ୍କ ବିରୋଧରେ ପୋଲିସ ଏକ ମାମଲା(ନଂ.୪୦/୨୦୧୯) ରୁଜୁ କରି ତଦନ୍ତ କରୁଛି।

## ପାନୀୟଜଳ ଯୋଗାଣରେ ଟାଟାର ଅବହେଳା

# କମ୍ପାନୀ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

### ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

**ଡୁବୁରୀ,୧୮।୨(ଡି.ଏନ୍.ଏ)**

କଳିଙ୍ଗନଗର ଟାଟା କାରଖାନା ଯୋଗୁ ଜମି ହରାଇଥିବା ସୁକିନ୍ଦା ବ୍ଲକ ଅନ୍ତର୍ଗତ ବାରଗାଡ଼ିଆ ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାରେ ଟାଟା କର୍ତ୍ତୃପକ୍ଷ ଅବହେଳା କରିଛନ୍ତି। ଏହାର ପ୍ରତିବାଦରେ ସୋମବାର ସ୍ଥାନୀୟ ସରପଞ୍ଚଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଡୁବୁରୀ ଛକସ୍ଥିତ ଟାଟା ଷ୍ଟିଲ ଗ୍ରାମୀଣ ବିକାଶ ସଂସ୍ଥା କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏ ନେଇ ଗ୍ରାମବାସୀ ଟିଏସ୍ଆରଡିଏସ୍‌ର (ଟାଟା ଷ୍ଟିଲ ରୁରାଲ ଡେଭଲପମେଣ୍ଟ ସୋସାଇଟି) ମୁଖ୍ୟଙ୍କ ସହ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏଥିସହ ରାଜ୍ୟ ମୁଖ୍ୟ ଶାସନ ସଚିବ, ଯାଜପୁର ଜିଲାପାଳ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ, ସୁକିନ୍ଦା ତହସିଲଦାର ଓ କଳିଙ୍ଗନଗର ଥାନା ଅଧିକାରୀଙ୍କୁ ମଧ ଜଣାଯାଇଥିବା ଗ୍ରାମବାସୀ କହିଛନ୍ତି। ତେବେ ଆଗାମୀ ସପ୍ତାହ ମଧ୍ୟରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରା ନ ଗଲେ ଜମିହରା ଗ୍ରାମବାସୀ ଟାଟା ଷ୍ଟିଲ କାର୍ଯ୍ୟାଳୟ ଓ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି ।

ପ୍ରକାଶ ଯେ, ୨୦୦୬ କଳିଙ୍ଗନଗର ଗୁଳିକାଣ୍ଡ ଘଟଣା ପରେ କାରଖାନା ପାଇଁ ପ୍ରଥମେ ବାରଗାଡିଆ ଗ୍ରାମବାସୀ ଜମି ପ୍ରଦାନ କରିଥିଲେ। ପ୍ରତିବଦଳରେ ପାରିପାର୍ଶ୍ୱିକ ଯୋଜନାରେ ବିଭିନ୍ନ ସମସ୍ୟା ସମାଧାନ କରିବା ନେଇ କାରଖାନା ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ସମୟକ୍ରମେ ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି। ଗ୍ରାମରେ ପାନୀୟଜଳ ଭଳି ସାମାନ୍ୟତମ ସମସ୍ୟା ସମାଧାନ କରିବା ଦିଗରେ ମଧ କାରଖାନା କର୍ତ୍ତୃପକ୍ଷ ବିଫଳ ହୋଇଛନ୍ତି। ଏ ଦିଗରେ ବର୍ତ୍ତମାନ ପର୍ଯ୍ୟନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ବାରଗାଡିଆ ସରପଞ୍ଚ ସୁଷମା ନାୟକ, ବିଶ୍ୱମ୍ଭର ରାଜ, ଭରତ ଚନ୍ଦ୍ର ବାରିକ, ସନ୍ତୋଷ କୁମାର ଦେଓ, ରବୀନ୍ଦ୍ର କୁମାର ଦେଓ, ସୁଶାନ୍ତ କୁମାର ଦେଓ, ରଞ୍ଜିତ ଦେଓ, ରାଜକିଶୋର ବାରିକଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଟିଏସ୍ଆରଡିଏସ୍ କାର୍ଯ୍ୟାଳୟରେ ପ୍ରତିବାଦ କରିଥିଲେ। ଏଥିସହ ସପ୍ତାହକ ମଧ୍ୟରେ ପାନୀୟଜଳ ପ୍ରକଳ୍ପ ମାଧ୍ୟମରେ ଗ୍ରାମବାସୀଙ୍କୁ ପାଇପ ଯାଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ କଳିଙ୍ଗନଗର ଟିଏସ୍ଆରଡିଏସ୍‌ର ମୁଖ୍ୟ ଆଲୋନ ଯୋଶେଫଙ୍କ ମତାମତ ମିଳିପାରି ନାହିଁ।

# ବସ୍ ଧକ୍କାରେ ଦୁଇ ମୃତ

**ଟାଙ୍ଗୀ(କଟକ)/ ଧର୍ମଶାଳା, ୧୮।୨(ଡି.ଏନ୍.ଏ.)**

ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥ ରଜକଣା ଛକ ନିକଟରେ ସୋମବାର ଅପରାହ୍ନରେ ସଡ଼କ ଦୁର୍ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଯାଜପୁର ଜିଲା ଜେନାପୁର ଥାନା ଅଧୀନ ଶ୍ୟାମସୁନ୍ଦରପୁର ଗ୍ରାମର ପ୍ରଫୁଲ୍ଲ କୁମାର ସାହୁ ଓ ରେଣୁବାଳା ସାହୁ। ସେମାନେ ସମ୍ପର୍କରେ ଦିଅର ଓ ଭାଉଜ ବୋଲି ପୋଲିସ କହିଛି। ମିଳିଥିବା ସୂଚନା ଅନୁଯାୟୀ, ପ୍ରଫୁଲ୍ଲ ଓ ରେଣୁବାଳା ଏକ କାରରେ ଚଣ୍ଡିଖୋଲରୁ କଟକ ଅଭିମୁଖେ ଆସୁଥିଲେ। ସେହି ସମୟରେ ସମ୍ମୁଖରେ ଯାଉଥିବା ଏକ ଅଟୋ ହଠାତ୍ ବ୍ରେକ୍ ମାରିଥିଲା। ପ୍ରଫୁଲ୍ଲ ଅଟୋକୁ ବଞ୍ଚାଇବାକୁ ଯାଇ ହଠାତ୍ କାରକୁ ନିଜର ଡାହାଣ ପାର୍ଶ୍ୱକୁ କାଟି ଦେବାରୁ ଏହା ଡିଭାଇଡରରେ ପିଟି ହୋଇ ଅପରପାର୍ଶ୍ୱ ରାସ୍ତାକୁ ଚାଲି ଯାଇଥିଲା। ସେହି ସମୟରେ କଟକରୁ ଚଣ୍ଡିଖୋଲ ଯାଉଥିବା ବସ୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ କାର ଭିତରେ ଥିବା ପ୍ରଫୁଲ୍ଲ ଓ ରେଣୁବାଳାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣାରେ ବସ୍ ଭିତରେ ଥିବା ଯାତ୍ରୀମାନେ ସମ୍ମୁଖ ସିଟ୍‌ରେ ପିଟି ହୋଇଯାଇଥିଲେ। ଏଥିରେ ସେମାନଙ୍କ ମଧ୍ୟରୁ ୪ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ପରିଚୟ ମିଳିପାରି ନ ଥିବାବେଳେ ଚିକିତ୍ସାଲାଗି ସେମାନଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ କିଛିସମୟ ପାଇଁ ଉତ୍ତେଜନା ଦେଖାଦେଇଥିବାବେଳେ ଯାନବାହନ ଚଳାଚଳରେ ସମସ୍ୟା ହୋଇଥିଲା। ଖବରପାଇ ଟାଙ୍ଗୀ ଥାନା ଅଧିକାରୀ ବିମଳ କୁମାର ବାରିକ ଓ ଏସ୍ଆଇ ସଦାଶିବ ଧୀର ପହଞ୍ଚି ମୃତକ ଓ ଆହତମାନଙ୍କୁ କଟକ ବଡ ଡାକ୍ତରଖାନା ପଠାଇଥିଲେ। ଏଥିସହ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ରାସ୍ତାରୁ ହଟାଇବା ପରେ ଯାନବାହନ ଚଳାଚଳରେ ସ୍ୱାଭାବିକ ହୋଇଥିଲା।

# ମୁଖ୍ୟମନ୍ତ୍ରୀଙ୍କ ଯାଜପୁର ଜିଲା ଗସ୍ତ ଆଜି

## ଧର୍ମଶାଳା, ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀରେ ସାଧାରଣ ସଭା

**ଯାଜପୁର ଅଫିସ,୧୮।୨**

ଯାଜପୁର ଜିଲାର ଧର୍ମଶାଳା ଓ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ମରାଥନ କାର୍ଯ୍ୟକ୍ରମ ରହିଛି। ଏଥିରେ ସେ ବିଭିନ୍ନ ପ୍ରକଳ୍ପକୁ ଉଦ୍‌ଘାଟନ ଓ ଶିଳାନ୍ୟାସ କରିବା ସହିତ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବେ। ଏନେଇ ବିଞ୍ଝାରପୁର ଓ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିଧାୟକ ଓ ତାଙ୍କ ସମର୍ଥକଙ୍କ ମଧ୍ୟରେ ଉତ୍ସୁକତା ଦେଖାଦେଇଛି। କାର୍ଯ୍ୟକ୍ରମ ବିଶାଳ ଜନସମାବେଶ କରିବାକୁ ଉଭୟ ନିର୍ବାଚନ ମଣ୍ଡଳୀର ନେତା ଓ କର୍ମୀ ଲାଗି ପଡିଛନ୍ତି । ପ୍ରଥମେ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ଦଶରଥପୁର ବ୍ଲକ ଦଉପୁର ପଞ୍ଚାୟତ ପଡିଆରେ ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୧ଟା ୩୫ ମିନିଟରେ ହେଲିକେପ୍ଟର ଯୋଗେ ଅବତରଣ କରିବେ । ସେଠାରେ ଅଧଘଣ୍ଟାର କାର୍ଯ୍ୟକ୍ରମ ସାରି ପୁଣି ମଧ୍ୟାହ୍ନ ୧୨ଟା ୦୫ରେ ଧର୍ମଶାଳା କଳ୍ପତରୁ ଦାସ ଷ୍ଟାଡିୟମ ଅଭିମୁଖେ ବାହାରିବେ । ମଧ୍ୟାହ୍ନ ୧୨ଟା ୧୫ରେ ଧର୍ମଶାଳାରେ ପହଞ୍ଚି ବିଭିନ୍ନ ପ୍ରକଳ୍ପର ଶୁଭ ଉଦଘାଟନ କରିବା ସହ କେତେକ ପ୍ରକଳ୍ପର ଶିଳାନ୍ୟାସ କରିବେ । ସେଠାରୁ ପୁଣି ୧୨ ଟା ୪୫ରେ ବାହାରି ଅପରାହ୍ନ ୧୨ଟା ୫୫ରେ ବିଞ୍ଝାରପୁର ଯଙ୍ଗ ପଡିଆରେ ପହଞ୍ଚିବେ। ସେଠାରେ ପ୍ରକଳ୍ପ ଉଦଘାଟନ ଓ ଶିଳାନ୍ୟାସ କରିବା ସହ ଉପସ୍ଥିତ ଜନସାଧାରଣଙ୍କୁ ଉଦବୋଧନ ଦେଇ ଅପରାହ୍ନ ୧ଟା ୨୫ରେ ଭୁବନେଶ୍ୱର ବାହାରିବାର କାର୍ଯ୍ୟକ୍ରମ ରହିଛି । ଏଥିପାଇଁ ଜିଲା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

### ଜେସିବି ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ଧର୍ମଶାଳା/ ଜେନାପୁର, ୧୮।୨(ଡି.ଏନ୍.ଏ.)**

ଜେନାପୁର ଥାନା ଅନ୍ତର୍ଗତ ୫୩ନଂ ଜାତୀୟ ରାଜପଥ ମା' ତାରିଣୀ ଛକ ନିକଟ କୃଷ୍ଣପୁର ଗ୍ରାମଠାରେ ସୋମବାର ଜେସିବି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ଅଞ୍ଜିରା ପଞ୍ଚାୟତ ଭେଜିଗୋଠ ଗ୍ରାମର ଅଜିତ ରାଉତ(୩୦)। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ସୋମବାର ପାଖାପାଖି ୧୨ଟା ସମୟରେ ଅଜିତ ବାଇକ୍‌ରେ ଚଣ୍ଡିଖୋଲ ଯାଉଥିଲେ। ଏହି ସମୟରେ ସେ ଜେସିବି ସହିତ ମୁହାଁମୁହିଁ ଧକ୍କା ହୋଇଥିଲେ। ଫଳରେ ଅଜିତ୍ ଗୁରୁତର ହୋଇପଡିଥିଲେ। ପ୍ରଥମେ ତାଙ୍କୁ ବଡ଼ଚଣା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ କଟକ ସ୍ଥାନାନ୍ତର କରାଯିବା ବାଟରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି।

## ପାଣିକୋଇଲିରେ ମେଡିକାଲ କଲେଜ ଦାବିରେ ଗଣଧାରଣା ଜାରି

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲା ମିଳିତ କ୍ରିୟାନୁଷ୍ଠାନ କମିଟି

**କୋରେଇ,୧୮।୨(ସ୍ୱ.ପ୍ର.)**

ପାଣିକୋଇଲିଠାରେ ମେଡିକାଲ କଲେଜ ଦାବିରେ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶାନ୍ତିପୂର୍ଣ୍ଣ ଗଣଧାରଣା ୯୯ ଦିନ ଓ ଜନ ସତ୍ୟାଗ୍ରହ ୨୧ ଦିନରେ ପହଞ୍ଚିଛି। କୋରେଇ ବିଧାୟକ ଆକାଶ ଦାସନାୟକଙ୍କ ନେତୃତ୍ୱରେ ସୋମବାର ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଦାବି ଜଣାଇଛି। ଆବାହକ ଧରଣୀଧର ଘଡେଇ, ଯୁଗ୍ମ ଆବାହକ ସୁବାସ ଧଳ, ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡା, ବିବେକାନନ୍ଦ ମହାନ୍ତି, ସଦାଶିବ ଦାସ, ବିଶ୍ୱଜିତ ମହାନ୍ତି, ରୁନୁ ଭୂୟାଁ, ନୃସିଂହ ଚରଣ ଦଳାଇ, ସୁରେନ୍ଦ୍ର ରାୟ, ଚନ୍ଦ୍ରମଣୀ ସ୍ୱାଇଁ, ରାମଚନ୍ଦ୍ର ମଲ୍ଲିକ, ମଧୁସୂଦନ ରାଉତ, ସେକ ଜହର ଅଲ୍ଲୀ, ବିପିନ ବିହାରୀ ଧଳ, ପିତାମ୍ବର ନନ୍ଦ, ଅରୁପାନନ୍ଦ ମଲ୍ଲିକ ପ୍ରମୁଖ ଦାବିପତ୍ର ପ୍ରଦାନରେ ସାମିଲ ଥିଲେ। ନିର୍ମଳ ରଥ ଓ ପୂର୍ଣ୍ଣାନନ୍ଦ ପରିଡା ଉପବାସରେ ଧାରଣାସ୍ଥଳରେ ବସିଥିଲେ। ରତ୍ନାକର ପଣ୍ଡା, ଗୋକୁଳାନନ୍ଦ ମହାରଣା, ସୁଦର୍ଶନ ସାମଲ, ସେକ ଜାହାଙ୍ଗିର, ବାବାଜି ସାହୁ, ଶଶିକାନ୍ତ ମଲ୍ଲିକଙ୍କ ସମେତ କ୍ରିୟାନୁଷ୍ଠାନ କମିଟିର ସମସ୍ତ ସଦସ୍ୟ ଧାରଣାସ୍ଥଳରେ ଉପସ୍ଥିତ ଥିଲେ।



ବିଧାୟକ ଆକାଶ ଦାସନାୟକଙ୍କ ନେତୃତ୍ୱରେ କ୍ରିୟାନୁଷ୍ଠାନ କମିଟି ସଦସ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି।

## ନାବାଳିକାଙ୍କୁ ବଳାତ୍କାର ଘଟଣା

# ଅଭିଯୁକ୍ତ ଶିକ୍ଷକଙ୍କୁ ନିଲମ୍ବନ ପାଇଁ ସୁପାରିସ

**ବିରଜାକ୍ଷେତ୍ର, ୧୮।୨(ଡି.ଏନ୍.ଏ)**

ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଅଭିଯୁକ୍ତ ଶିକ୍ଷକ ଦେବଦତ୍ତ ସ୍ୱାଇଁଙ୍କୁ ନିଲମ୍ବନ କରିବା ପାଇଁ ଯାଜପୁର ପୋଲିସ ଜିଲା ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ଚିଠି ଦ୍ୱାରା ସୁପାରିସ କରିଛନ୍ତି। ପ୍ରକାଶ ଯେ, ଦେବଦତ୍ତ ଜଣେ ସରକାରୀ ଶିକ୍ଷକ ହୋଇଥିବା ବେଳେ ନାବାଳିକା ପଢୁଥିବା ସମ୍ପୃକ୍ତ ଘରୋଇ ବିଦ୍ୟାଳୟର ପରିଚାଳନା କରିଥାନ୍ତି। ତେବେ ଯାଜପୁର ଥାନା ସାନସୁଆର ପଞ୍ଚାୟତ ତରତୋଟା ଗ୍ରାମର ସର୍ବେଶ୍ୱର ଜେନାଙ୍କର ସମ୍ପୃକ୍ତ ଷଷ୍ଠ ଶ୍ରେଣୀରେ ପଢୁଥିବା ନାବାଳିକାଙ୍କ ସହ ପ୍ରେମ ସମ୍ପର୍କ ରହିଥିବା ଦେବଦତ୍ତ ଜାଣିପାରିଥିଲେ। ଏ ନେଇ ସେ ନାବାଳିକାଙ୍କୁ ବ୍ଲାକମେଲ କରିବା ସହ ତାଙ୍କୁ ବଳାତ୍କାର କରିଥିଲେ। ଏହା ଜାଣିବା ପରେ ଲୋକଲଜ୍ଜା ଭୟରେ ସର୍ବେଶ୍ୱର ନାବାଳିକାଙ୍କୁ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ଯାଜପୁର ଥାନାରେ ଏକ ମାମଲା (ନଂ.୧୬/୧୯) ରୁଜୁ ହୋଇଥିଲା। ପୋଲିସ ତଦନ୍ତ କରି ସର୍ବେଶ୍ୱର, ଦେବଦତ୍ତ ଓ ନାବାଳିକାଙ୍କୁ ବଳାତ୍କାରରେ ସମ୍ପୃକ୍ତ ଅନ୍ୟଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସୋମବାର ବଳାତ୍କାର କରିଥିବା ଶିକ୍ଷକ ଦେବଦତ୍ତଙ୍କୁ ଚାକିରିରୁ ନିଲମ୍ବନ କରିବା ପାଇଁ ଯାଜପୁର ଥାନା ପୋଲିସ ପକ୍ଷରୁ ଜିଲା ଶିକ୍ଷାଧିକାରୀ ଓ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଲିଖିତ ସୁପାରିସ କରାଯାଇଛି। ମଙ୍ଗଳବାର ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ଏକ ଦଳ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ବିଦ୍ୟାଳୟକୁ ପରିଦର୍ଶନରେ ଯାଇ ବିଦ୍ୟାଳୟର ଭିତ୍ତିଭୂମି ଓ ବିଭିନ୍ନ କାଗଜପତ୍ର ଯାଞ୍ଚ କରିବେ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ସୂଚନା ଦେଇଛନ୍ତି। ଏପରିକି ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କର ସୁରକ୍ଷା ଉପରେ ବିଧିବଦ୍ଧ ଯାଞ୍ଚ କରାଯାଇ ଜିଲାପାଳଙ୍କୁ ଅବଗତ କରାଯିବ ବୋଲି ଶିଶୁ ସୁରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି।

## ଡଙ୍କାରୀରେ ଦାମ ରାଉତ

# 'ଖଣିଖାଦାନ ଲୁଟ ଶତାବ୍ଦୀର ବଡ଼ ଦୁର୍ନୀତି'

**ଧର୍ମଶାଳା,୧୮।୨(ଡି.ଏନ୍.ଏ.)**

ଧର୍ମଶାଳା ତହସିଲ ଅଧୀନ ଡଙ୍କାରୀ କଳାପଥର ଖାଦାନରେ ସୋମବର ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଦାମଦୋର ରାଉତ ଲୁଟ୍ ଅଭିଯୋଗ ହେଉଥିବା ଖାଦାନଗୁଡିକୁ ବୁଲି ଦେଖିଛନ୍ତି। ତେବେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ଦିନକ ପୂର୍ବରୁ ରାଉତଙ୍କ ଡଙ୍କାରୀ ଅଞ୍ଚଳ ଗସ୍ତ ରାଜନୈତିକ ମହଲରେ ହଟଚମଟ ସୃଷ୍ଟି କରିଛି। ଏପରି କି ଏହା ମୁଖ୍ୟମନ୍ତ୍ରୀଙ୍କୁ ଦାମଙ୍କର ଏକ ଚ୍ୟାଲେଞ୍ଜ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

ଚଣ୍ଡିଖୋଲରେ ପହଞ୍ଚିବା ପରେ ରାଉତ ୫୩ନଂ ଜାତୀୟ ରାଜପଥରେ ସିଧା ଡଙ୍କାରୀ ନ ଯାଇ ୧୬ନଂ ଜାତୀୟ ରାଜପଥରେ ଜାରକା ବଜାର ଦେଇ ଡଙ୍କାରୀକୁ ଯାଇଥିଲେ। ସେଠାରେ ଡଙ୍କାରୀ ଅଞ୍ଚଳର ଖଣି ଖାଦାନଗୁଡିକ ପରିଦର୍ଶନ କରିସାରିବାପରେ ଏକ ବୈଠକରେ ଡଙ୍କାରୀରେ ଅଭିଯୋଗ ହୋଇଆସୁଥିବା ଲୁଟ ଶତାବ୍ଦିର ବଡ ଦୁର୍ନୀତି ବୋଲି କହିଥିଲେ। ଏ ନେଇ ଜିଲାପ୍ରଶାସନ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦାୟୀ ବୋଲି ସେ କହିଥିଲେ। ଏହି ଲୁଟର ପର୍ଯ୍ୟବେକ୍ଷଣ ପାଇଁ ଉଭୟ ଭାଜପା ଓ କଂଗ୍ରେସ ପ୍ରତିନିଧି ଅନୁଧ୍ୟାନ କରିବାକୁ ସେ ଦାବି କରିଛନ୍ତି। ବିସ୍ଫୋରଣ ଫଳରେ ଡଙ୍କାରୀ ଗ୍ରାମରେ ଭୂତଳ ଜଳ ପ୍ରଦୂଷଣରେ କିଡ୍‌ନୀ ରୋଗ ବ୍ୟାପୁଥିବାବେଳେ ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଇ ପାରୁ ନାହିଁ ବୋଲି ସେ କହିଥିଲେ। ଏଥିସହ ତୈଳବିଶୋଧନା ଗାର ପାଇଁ ରାଜ୍ୟ ସରକାର ଜାଗା କାହିଁକି ଯୋଗାଇ ଦେଉ ନାହାଁନ୍ତି ବୋଲି ପ୍ରଶ୍ନ କରିଛନ୍ତି। ତେବେ ଦାମଙ୍କର ଗସ୍ତ ସମୟରେ ସେପରି ଭିଡ ପରିଲକ୍ଷିତ ହୋଇ ନ ଥିଲେ ମଧ ଜିଲା ଓ ତହସିଲ ପ୍ରଶାସନକୁ ୨୫ କୋଟିର ଏନ୍‌ଜିଟି ଛାଟ ପରେ ତାଙ୍କ ଗସ୍ତ ଅନେକ ମହତ୍ୱ ରହୁଛି ବୋଲି ଆଲୋଚନା ହେଉଛି। ଏହି ଅବସରରେ ଅନୁଷ୍ଠିତ ବୈଠକରେ ରାଜ୍ୟସୂଚନା ଅଧିକାର ପ୍ରବକ୍ତା ପ୍ରଦୀପ ପ୍ରଧାନ, ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚର ସମ୍ପାଦକ ସୁଧୀର ମହାନ୍ତି, ସିପ୍ରାରାଣୀ ସାହୁ, ସାବିତ୍ରୀ ସାହୁଙ୍କ ସମେତ ଶତାଧିକ ଲୋକେ ଉପସ୍ଥିତ ଥିଲେ।



ଦାମୋଦର ରାଉତଙ୍କ ଡଙ୍କାରୀ ପରିଦର୍ଶନ।

## ଅଙ୍ଗନୱାଡି କେନ୍ଦ୍ରରେ ଛୁଆଁ ଅଛୁଆଁ ଭେଦଭାବ ଘଟଣା

# ନିର୍ଦ୍ଦେଶନାମା ଜାରିକଲେ ସିଡିପିଓ

**ସୁକିନ୍ଦା,୧୮।୨(ଡି.ଏନ୍.ଏ.)**

ଦଳିତ ବସ୍ତିରେ ରହିବାରୁ ଜଣେ ଆଦିବାସୀ ବର୍ଗ ପରିବାରକୁ ଅଣ୍ଡା, ଛତୁଆ ବନ୍ଦ କରିଦେବା ଘଟଣାରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରି ନିକଟ ଅତିତରେ ରିପୋର୍ଟ ତଲବ କରିଥିଲେ। ଏ ନେଇ ଗତ ଗୁରୁବାର ସିଡିପିଓ ଅଙ୍ଗନୱାଡି କର୍ମୀମାନେ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ତଫସିଲଭୁକ୍ତ ଜାତୀ, ଜନଜାତି ବର୍ଗର ଶିଶୁଙ୍କ ସହ ସେମାନଙ୍କର ଅଭିଭାବକଙ୍କ ମଧ୍ୟରେ ଭେଦଭାବ ସୃଷ୍ଟି କଲେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଅଙ୍ଗନୱାଡି କର୍ମୀଙ୍କ ସହ ସମସ୍ତ ସୁପରଭାଇଜରଙ୍କୁ ନିର୍ଦ୍ଦେଶନାମା ଜାରି କରିଥିବା ଜଣାପଡିଛି। ପ୍ରକାଶ ଯେ, ସୁକିନ୍ଦା ବ୍ଲକ ବଡଲଣ୍ଡା(ପୁବଳ) ଗ୍ରାମର ସରସ୍ୱତୀ ସାମାନଙ୍କର ସ୍ୱାମୀ ଦାଦନ ଖଟିବାକୁ ଯିବାପରେ ଅନନ୍ତପୁର ଗ୍ରାମର ଜଣେ ଦଳିତ ଘରେ ଆଶ୍ରୟ ନେଇଥିଲେ। ସେଠାରେ ଥିବା ମୁଣ୍ଡାକୁଳ ଅଙ୍ଗନୱାଡି କେନ୍ଦ୍ରରେ ପିଲାମାନଙ୍କ ନାମ ମଧ ଦାଖଲ କରିଛନ୍ତି। ହେଲେ କେନ୍ଦ୍ରର ଅଙ୍ଗନୱାଡି କର୍ମୀ ସବିତା ରାଉତ ସରକାରଙ୍କ ତରଫରୁ ମିଳୁଥିବା ଅଣ୍ଡା ଛତୁଆ ପ୍ରଦାନ କରିବା ପରିବର୍ତ୍ତେ ଦଳିତ ବସ୍ତିରେ ରହିଥିବାରୁ ଛୁଆଁ ଅଛୁଆଁ ଭେଦଭାବ ସୃଷ୍ଟି କରି ଅଙ୍ଗନୱାଡି ସାମଗ୍ରୀ ପ୍ରଦାନ କରୁ ନ ଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପରେ ମୁଖ୍ୟମନ୍ତ୍ରୀ ଏ ନେଇ ରିପୋର୍ଟ ତଲବ କରିଥିଲେ। ସୁକିନ୍ଦା ବିଡିଓ ମଣିପ୍ରସାଦ ମିଶ୍ର ମଧ ସିଡିପିଓଙ୍କୁ ଉକ୍ତ ଘଟଣା ସମ୍ପର୍କରେ ତଦନ୍ତକରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଟ୍ରେନ୍ ଧକ୍କାରେ କଲେଜ ଛାତ୍ରୀଙ୍କ ମୃତ୍ୟୁ

**ଜଟଣୀ,୧୮।୨(ଡି.ଏନ୍.ଏ.):** ଖୋର୍ଦ୍ଧାରୋଡ୍ ରେଳଡିଭିଜନର ହରିପୁର ଷ୍ଟେଶନରେ ସୋମବାର ଟ୍ରେନ୍ ଧକ୍କାରେ ଜଣେ କଲେଜ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରୀ ଗଦାଧରପାଟଣା ଅଞ୍ଚଳର ବର୍ଷା ବରାଳ। ହରିପୁର ପଞ୍ଚାୟତ କଲେଜର +୩ ପ୍ରଥମ ବର୍ଷର ଛାତ୍ରୀ ଥିଲେ ବର୍ଷା। ସୂଚନା ଅନୁଯାୟୀ, ପରୀକ୍ଷା ସରିବା ପରେ ଘରକୁ ଯିବା ପାଇଁ ବର୍ଷାଙ୍କ ସହ ଏହି କଲେଜର କେତେଜଣ ଛାତ୍ରୀଛାତ୍ର ଷ୍ଟେଶନରେ ଟ୍ରେନ୍‌କୁ ଅପେକ୍ଷା କରିଥିଲେ। ବର୍ଷା ହାୱଡା-ପୁରୀ ପାସେଞ୍ଜର ଟ୍ରେନ୍‌ରେ ଘରକୁ ଯାଇଥାନ୍ତେ। ଏହି ସମୟରେ ଅପ୍‌ଲାଇନ୍‌ରେ ଆସୁଥିବା ଧଉଳି ଏକ୍ସପ୍ରେସ୍‌କୁ ହାୱଡ଼ା-ପୁରୀ ପାସେଞ୍ଜର ଭାବି ବର୍ଷା ରେଳଧାରଣା ପାର୍ ହେଉଥିବା ବେଳେ ପୁରୀ-ତିରୁପତି ଏକ୍ସପ୍ରେସ୍ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

### ୨୧ ଦିନ ବିତିଲା, ଅଗ୍ନି ବିପନ୍ନଙ୍କୁ ମିଳିନି ସହାୟତା



**ରଣପୁର,୧୮।୨(ସ୍ୱ.ପ୍ର.):** ଅଗ୍ନିକାଣ୍ଡରେ ଗୋଟିଏ ପରିବାରର ଘର ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଥିବାବେଳେ ଏବେ ଉକ୍ତ ପରିବାର ଖୋଲା ଆକାଶ ତଳେ ରହି ଆସୁଛନ୍ତି। ଏହି ଘଟଣାକୁ ୨୧ଦିନ ବିତି ଯାଇଥିଲେ ମଧ ଏପର୍ଯ୍ୟନ୍ତ ଉକ୍ତ ପରିବାରକୁ ସରକାରୀ ସହାୟତା ମିଳିନାହିଁ। ସୋମବାର ନୟାଗଡ ଜିଲା ରଣପୁର ବ୍ଲକ ଅନ୍ତର୍ଗତ ଗଡବାଣିକିଲୋ ପଞ୍ଚାୟତ ଗୁଣ୍ଡୁରିଆ ଗ୍ରାମର ଅଗ୍ନିବିପନ୍ନ ଉଜ୍ୱଲ ଖାଁ କ୍ଷତିପୂରଣ ପାଇ ନଥିବା ସମ୍ପର୍କରେ ରଣପୁର ତହସିଲଦାରଙ୍କୁ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଗୁଣ୍ଡୁରିଆ ଗ୍ରାମରେ ଗତ ଜାନୁୟାରୀ ମାସ ୨୭ ତାରିଖରେ ଶର୍ଟ୍‌ସର୍କିଟ୍‌ରେ ଉଜ୍ୱଲ ଖାଁଙ୍କ ଘରେ ଅଗ୍ନି କାଣ୍ଡ ଘଟି ଧାନ, ଚାଉଳ, ଟିଭି, ଓ ନଗଦ ୫୦ହଜାର ଟଙ୍କା ପୋଡି ଯାଇଥିଲା। ରଣପୁର ଦମକଳ ବାହିନୀ ନିଆଁକୁ ଆୟତ କରିଥିଲେ ମଧ ସେତେବେଳକୁ ଘର ସହ ସମସ୍ତ ସମ୍ପତି ପୋଡି ନଷ୍ଟ ହୋଇଯାଇଥିଲା। କ୍ଷୟକ୍ଷତିର ପରିମାଣ ଲକ୍ଷାଧିକ ଟଙ୍କା ବୋଲି ଆକଳନ କରାଯାଇଛି। ଘଟଣାକୁ ୨୧ ଦିନ ବିତିଯାଇଥିଲେ ମଧ ସ୍ଥାନୀୟ ପ୍ରଶାଶନ ତରଫରୁ ଉକ୍ତ ପରିବାରକୁ କୌଣସି ସହାୟତା ଯୋଗାଇ ଦିଆଯାଇନଥିବା ଅଭିଯୋଗ ହେଉଛି। ତୁରନ୍ତ ଉକ୍ତ ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ଏନେଇ ରଣପୁର ତହସିଲଦାର ସୁଶାନ୍ତ କୁମାର ପତି କୁହନ୍ତି ଉକ୍ତ ପରିବାରକୁ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇ ଦିଆଯିବ।

## କୁରାଳ ମିନିବ୍ୟାଙ୍କ: ୭୦୦ଚାଷୀଙ୍କ ୬ କୋଟି ଜମାଟଙ୍କା ଠକେଇ ଅଭିଯୋଗ

# ଜମାକାରୀଙ୍କ ଅନିର୍ଦ୍ଦିଷ୍ଟ କାଳ ଧାରଣା ନିଷ୍ପତ୍ତି



ସମବାୟ ବ୍ୟାଙ୍କ ଆଗରେ ଜମାକାରୀଙ୍କ ଧାରଣା।

**ଓଡ଼ଗାଁ,୧୮।୨(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ ଥାନା ଅନ୍ତର୍ଗତ କୁରାଳ ସମବାୟ ମିନିବ୍ୟାଙ୍କରେ ୭୦୦ ଚାଷୀଙ୍କ ପ୍ରାୟ ୬ କୋଟି ଜମାଟଙ୍କା ହେରଫେର ହୋଇଥିବା ଅଭିଯୋଗ ବହୁଦିନ ପୁରୁଣା। ଚାଷୀମାନେ ସେମାନଙ୍କ କଷ୍ଟ ଅର୍ଜିତ ଧନ ସେବା ସମବାୟ ସମିତି ଅଧୀନରେ ଥିବା ମିନିବ୍ୟାଙ୍କରେ ଜମା ରଖିଥିଲେ। ହେଲେ ଆବଶ୍ୟକ ସମୟରେ ସେମାନେ ଜମାଟଙ୍କା ଫେରିପାଇ ନ ଥିଲେ। ପ୍ରାୟ ବର୍ଷେ ଦୁଇବର୍ଷ ଭିତରେ ଏହିଭଳି ଜମାକାରୀଙ୍କ ସଂଖ୍ୟା ୭୦୦ରେ ପହଞ୍ଚିଥିଲା। ପରେ ସେମାନେ ଏକଜୁଟ ହୋଇ ଜମା ଟଙ୍କା ଫେରିପାଇବାକୁ ବିଭିନ୍ନ ସମୟରେ କୁରାଳ ମିନିବ୍ୟାଙ୍କ ସାମ୍ନା ଓ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଆଗରେ ଧାରଣା ଦେଇଥିଲେ। ଏପରି କି କେତେକ ପ୍ରତିନିଧି ଜିଲାପାଳଙ୍କ ଡାକରା ପାଇ ଆଲୋଚନା କରି ଫେରିଥିଲେ। ଏତଦ୍‌ବ୍ୟତୀତ ସେମାନଙ୍କ ମଧ୍ୟରୁ ଜଣେ ଜମାକାରୀ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଟ୍ୱିଟର ଓ ଅଭିଯୋଗ ଶୁଣାଣି କାର୍ଯ୍ୟାଳୟକୁ ଇ-ମେଲ କରିବା ପରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଏ ନେଇ ଜୁନ ମାସରୁ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଆସିଥିଲେ ସୁଦ୍ଧା ସୁଫଳ ମିଳି ନ ଥିଲା। ସବୁଆଡୁ ନିରାଶ ହେବାପରେ ସୋମବାର ସକାଳ ୯ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଓଡ଼ଗାଁସ୍ଥିତ ସମବାୟ ବ୍ୟାଙ୍କ ଆଗରେ ଶତାଧିକ ମହିଳାପୁରୁଷ ଜମାକାରୀ ଧାରଣାରେ ବସିବା ସହିତ ବ୍ୟାଙ୍କ ଭିତରକୁ କୋଣସି କର୍ମଚାରୀଙ୍କୁ ପଶିବାକୁ ଦେଇ ନ ଥିଲେ। ମଙ୍ଗଳବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସେମାନେ ବ୍ୟାଙ୍କ ଆଗରେ ଶାନ୍ତିପୂର୍ଣ୍ଣ ଧାରଣା ଦେବେ ବୋଲି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ସ୍ଥାନୀୟ ଥାନା ଆଇଆଇସି ଜ୍ୟୋତିପ୍ରକାଶ ପଣ୍ଡା ଓ ଅନ୍ୟମାନେ ଧାରଣାକାରୀଙ୍କୁ ବୁଝାଶୁଝା କରିବାକୁ ଉଦ୍ୟମ କରିଥିଲେ। ଜିଲା କଂଗ୍ରେସ କମିଟି ସଭାପତି ରଞ୍ଜିତ ଦାଶ ଧାରଣାସ୍ଥଳରେ ପହଞ୍ଚି ଜମାଟଙ୍କା ଫେରି ନ ପାଇବା ପର୍ଯ୍ୟନ୍ତ ସେ ସେମାନଙ୍କ ସହିତ ରହିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁ ସେଠାକୁ ଆସି ଟଙ୍କା ଫେରି ନ ପାଇବା ପର୍ଯ୍ୟନ୍ତ ଧାରଣା ଅବ୍ୟାହତ ରଖିବାକୁ କୁଆଡେ କହିଥିଲେ ବୋଲି ଆନ୍ଦୋଳନରତ ଜମାକାରୀ କ୍ଷୋଭର ସହିତ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ସ୍ଥାନୀୟ ଥାନାରେ ମାତ୍ର ୬ଲକ୍ଷ ୭୨ହଜାର ଟଙ୍କା ହେରଫେର ହୋଇଥିବା ଅଭିଯୋଗ ହୋଇଥିବା ବେଳେ ଜିଲାପାଳ ୫ କୋଟି ୭୬ ଲକ୍ଷ ୪୨ ହଜାର ୯୨୯ ଟଙ୍କା ହେରଫେର ହୋଇଥିବା ଦର୍ଶାଇ ସ୍ଥାନୀୟ ଥାନାରେ ଅଭିଯୋଗ କରିବାକୁ ଏଆରସିଏସକୁ ଗତ ମାସ ୨୫ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏ ଯାବତ୍ ଏ ନେଇ ସମବାୟ ବିଭାଗ ତରଫରୁ ଥାନା ଅଭିଯୋଗ ହୋଇନାହିଁ।

### କ'ଣ କହନ୍ତି ଏମାନେ

" ମିନିବ୍ୟାଙ୍କରେ ବାନ୍ଧିଥିବା ଜମା ଟଙ୍କା ଫେରିପାଇବାକୁ ପରିଣତ ବୟସରେ ଦୁଇ ବର୍ଷ ହେଲା ଡହଙ୍ଗୀ ଗ୍ରାମରୁ ଚାଲିଚାଲି ଆସୁଛି। ନାନା ହଇରାଣ ହେଲିଣି। ସରକାରଙ୍କ ପ୍ରତି ମୋର ଭରସା ନାହିଁ।

- ଏକେଇ ପାତ୍ର (୭୦), ଚାଷୀ

" କୁରାଳ ମିନି ବ୍ୟାଙ୍କରେ ୧ଲକ୍ଷ ୮୦ ହଜାର ଟଙ୍କା ୪ ବର୍ଷ ହେଲା ବାନ୍ଧିଥିଲି। ମୋ ମା'ଙ୍କ ଶୁଦ୍ଧିକ୍ରିୟା ନିମନ୍ତେ ଜମା ଟଙ୍କା ପାଇଲି ନାହିଁ। ବାଧହୋଇ ପୁରୀ ବେଦ ଭବନରେ ଆଶ୍ରୟ ନେଇ ସେଠି ରୋଷେୟା ଭାବେ କାମ କରୁଛି। ଜମା ଟଙ୍କା ଫେରି ପାଇଲେ ପିଲାଙ୍କ କାମରେ ଲାଗିବ।

- ଭିକାରୀ ପାଣିଗ୍ରାହୀ (୬୮), ଚାଷୀରୁ ରୋଷେୟା

" ମିନିବ୍ୟାଙ୍କରେ ପ୍ରାୟ ୬ କୋଟି ଟଙ୍କା ହେରଫେର ହୋଇଥିବା ଜଣାଯାଇଛି। ସାନ ଭାଇ ଆଇଆଇଟିରେ ଉଚ୍ଚ ଶିକ୍ଷା ଓ ବିଦେଶ ଗସ୍ତ ନିମନ୍ତେ ବାପା ପ୍ରାୟ ୧୨ ଲକ୍ଷ ଟଙ୍କା ମିନି ବ୍ୟାଙ୍କରେ ବାନ୍ଧିଥିଲେ। ହେଲେ ସେ ଜମା ଟଙ୍କା ଫେରି ନ ପାଇବାରୁ ସାନଭାଇ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଛି। ଏ ନେଇ ସିଏମଓ ଓ ପିଏମଓଙ୍କୁ ଇ-ମେଲ ମାଧମରେ ଜଣାଇବା ପରେ ପିଏମଓ ଅଫିସରୁ ପ୍ରାୟ ୮ମାସ ହେଲା ଜିଲାପାଳଙ୍କୁ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ରହିଛି। ହେଲେ ତାହା କାର୍ଯ୍ୟକାରୀ ହେଉନାହିଁ।

- ପ୍ରକାଶ କୁମାର ପାଣିଗ୍ରାହୀ(୩୪), ଚାଷୀ

" ପିଲାଙ୍କ ପାଠପଢା ଆଦି ନିମନ୍ତେ ୬ଲକ୍ଷ ଟଙ୍କା ମିନିବ୍ୟାଙ୍କରେ ବାନ୍ଧିଥିଲି। ହେଲେ ଟଙ୍କା ମିଳୁନି। ବିଧାୟକଙ୍କ ଅଯଥା ସାନ୍ତ୍ୱନା ଓ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତିଙ୍କ କଥାରେ କୌଣସି ଭରସା ନାହିଁ। ଟଙ୍କା ନ ମିଳିବା ପର୍ଯ୍ୟନ୍ତ ଆମେ ଧାରଣାରେ ବସିବୁ।

- ଭରତ ସାହୁ(୬୦), ଚାଷୀ

" ପୁଙ୍ଖାନୁପୁଙ୍ଖ ଭାବେ ଅଡିଟ ଚାଲିଛି। ୨୦୧୪-୧୫ ମସିହାର ଅଡିଟ ରିପୋର୍ଟ ଦୁଇ ଚାରିଦିନ ମଧରେ ଆସିବ। ଏହାପରେ ଯାହା କରିହେବ। ହେଲେ ଲୋକେ ଜମା ଟଙ୍କା ଫେରିପାଇବା ନେଇ ସେ ସେମିତି କିଛି ପ୍ରତିଶ୍ରୁତି ଦେଇ ନ ଥିଲେ।

- ଭବାନୀ ଶଙ୍କ ନନ୍ଦ, ନୟାଗଡ଼ ଏଆରସିଏସ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋର ମା' ଲାଜେ ନ କାନ୍ଦେ,**
**ଯେବେ କାନ୍ଦେ ଦୁଆର ଦେଇ କାନ୍ଦେ।**

ପିଲାକୁ ଠିକ୍ ଶିକ୍ଷା ଦେଇ ଭଲ ମଣିଷ କରି ନ ପାରିଲେ, ପିଲା ଅବାଟରେ ଯାଇଥାଏ। ପିଲା ଯଦି ଚୋରି ନାରୀ ଆଦି ହୀନ କର୍ମ କରିବସେ, ତେବେ ଏହାକୁ କାହା ଆଗରେ କହି ଦୁଃଖ ପ୍ରକାଶ କରିବା ସମ୍ଭବପର ହୋଇ ନ ଥାଏ। ଲାଜ ସରମରେ ମନ ଦୁଃଖରେ ଏକୁଟିଆ ହୋଇ କେହି ନ ଦେଖିଲା ଭଳି ଲୁଚିକରି କାନ୍ଦିବା ସାର ହୋଇଥାଏ। ଏପରିସ୍ଥଳେ ଉପରକୁ କିଛି ନ ଜଣାଇ ମନେ ମନେ କାନ୍ଦିବା, ମନ କଷ୍ଟ କରିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚାକିରି ତାଳଗଛ ଛାଇ,**
**ଆଜି ଅଛି କାଲି ନାହିଁ।**

ତାଳଗଛ ଖୁବ୍ ଉଚ୍ଚ ପରନ୍ତୁ ଏହାର ଛାଇ ଖୁବ୍ କମ୍ ସମୟ ରହିଥିବା ହେତୁ ଥିବା ନ ଥିବା ସଙ୍ଗେ ସମାନ ହୋଇଥାଏ। ସେହିପରି ଅନ୍ୟର ଅଧୀନରେ କରାଯାଉଥିବା ଚାକିରି ଉପରେ ଭରସା ପାଉ ନ ଥାଏ। ଆଜି ଥିଲେ କାଲିକି ଚାକିରି ନ ଥିବା ଅସମ୍ଭବ ହୋଇ ନ ଥାଏ। ଚାକିରିର ସ୍ଥାୟିତ୍ୱ ଖୁବ୍ କମ୍ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଶହୀଦଙ୍କ ଉଦ୍ଦେଶ୍ୟରେ ମହମବତି ଶୋଭାଯାତ୍ରା

**ଓଡ଼ଗାଁ,୧୮।୨(ସ୍ୱ.ପ୍ର.)**

ଶହୀଦ ହୋଇଥିବା ଯବାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ସ୍ଥାନୀୟ ଗାୟତ୍ରୀ ପରିବାର ତରଫରୁ ରବିବାର ସନ୍ଧ୍ୟାରେ ଶ୍ରୀରଘୁନାଥଜୀଉଙ୍କ ମନ୍ଦିରରୁ ମହମବତି ଶୋଭାଯାତ୍ରା ବାହାରିଥିଲା। ଶତାଧିକ ଲୋକ ହନୁମାନ ଛକ ପର୍ଯ୍ୟନ୍ତ ଆସି ଦୀପଯଜ୍ଞରେ ଅଂଶଗ୍ରହଣ କରିଥିଲେ। ଗାୟତ୍ରୀ ଓ ମହାମୃତ୍ୟୁଞ୍ଜୟ ମନ୍ତ୍ର ଉଚ୍ଚାରଣ କରିବା ସହିତ ଶହୀଦଙ୍କ ପରିବାରର ମଙ୍ଗଳ କାମନା କରିଥିଲେ। ସେହିପରି ଗୋଡିପଡା ପଞ୍ଚାୟତ ଆନୁକୂଲ୍ୟରେ ଲଡୁକେଶ ମନ୍ଦିର ପ୍ରାଙ୍ଗଣରେ ଶତାଧିକ ଲୋକ ମହମବତି ପ୍ରଜ୍ୱଳନ କରିଥିଲେ। ଗୋଡିପଡା ପଞ୍ଚାୟତ କାର୍ଯ୍ୟାଳୟରେ ଆର୍ମି ଭେଟେରାନ ପ୍ରଫୁଲ୍ଲ କୁମାର ସାହୁଙ୍କ ଆବାହକତ୍ୱରେ ବହୁ ଲୋକ ଉପସ୍ଥିତ ହୋଇ ଶହୀଦଙ୍କ ସ୍ମୃତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ। ସ୍ଥାନୀୟ ଅଞ୍ଚଳର ସମସ୍ତ ଦୋକାନବଜାର, ପେଟ୍ରୋଲ ପମ୍ପ ଦିନସାରା ବନ୍ଦ ରହିଥିଲା।

**ବୋଲଗଡ,(ଡି.ଏନ.ଏ.):** ଜମ୍ମୁ ଓ କଶ୍ମୀରର ପୁଲୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନଙ୍କୁ ବୋଲଗଡ଼ ବ୍ଲକର ବିଭିନ୍ନ ସଂଗଠନ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଅସରଳା ଗ୍ରାମରେ ସରପଞ୍ଚ ଫକୀର ସ୍ୱାଇଁଙ୍କ ସମେତ ଗ୍ରାମର ଯୁବ ସଂଗଠନ କର୍ମକର୍ତ୍ତା କ୍ୟାଣ୍ଡେଲ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଶହୀଦଙ୍କ ସ୍ମୃତିରେ ବୋଲଗଡ ବଣିକ ମହାସଂଘ, ରାଜସୁନାଖଳା ଗଣେଶ ବଜାର, ତ୍ରିନାଥ ବଜାର, ଦୁର୍ଗାବଜାର, ପିଚୁକୁଳି ନୀଳକଣ୍ଠେଶ୍ୱରଦେବ ବଜାର ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ବନ୍ଦ ରହିଥିଲା। ବଣିକ ସଂଘ ସଦସ୍ୟମାନେ ପରିକ୍ରମା ସମୟରେ ଭାରତ ମାତା କୀ ଜୟ ଧ୍ୱନି ଦେବା ସହିତ ପାକିସ୍ତାନ ମୁର୍ଦ୍ଦାବାଦ ନାରା ଦେଇଥିଲେ। ବୋଲଗଡ ବଣିକ ମହାସଂଘ ପକ୍ଷରୁ ଜଗନ୍ନାଥ ମନ୍ଦିରଠାରେ ୨ମିନଟ ନୀରବ ପ୍ରାର୍ଥନା କରିବା ପରେ ପ୍ରଦୀପ ପ୍ରଜ୍ୱଳନ କରି ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି।

# ଜ୍ଞାନ ଆହରଣରେ ବୟସ ସୀମା ନାହିଁ

**ଭାପୁର,୧୮।୨(ଡି.ଏନ୍.ଏ.)**




ଜଣେ ପ୍ରତିଭାଙ୍କୁ ସମ୍ମାନିତ କରୁଛନ୍ତି ମୁଖ୍ୟ ଅତିଥି।

ଜ୍ଞାନ ପିପାସୁ ବ୍ୟକ୍ତି ପାଇଁ ଜ୍ଞାନ ଆହରଣର କୌଣସି ବୟସ ସୀମା ନାହିଁ। ସୋମବାର ଭାପୁର ବ୍ଲକ ଫତେଗଡ଼ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକ ସମାରୋହ ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ଉପସ୍ଥିତ ଛାତ୍ରୀଛାତ୍ର, ଯୁବକ ଓ ଅଭିଭାବକଙ୍କ ଉଦ୍ଦେଶ୍ୟରେ ଏହି ବାର୍ତ୍ତା ଦେଇଥିଲେ। ବରିଷ୍ଠ ଶିକ୍ଷାବିତ୍ ଗଣନାଥ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ମୁଖ୍ୟଅତିଥି, ଡ. ପବିତ୍ର ସୁବୁଦ୍ଧି ମୁଖ୍ୟବକ୍ତା ଓ ବିଧାୟକ ଅନୁଭବ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ତଥା ଉପବାଚସ୍ପତି ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜ, ଯୁଗଳ କିଶୋର ସାହୁ, ରାମେଶ୍ୱର ଶତପଥୀ, ଶିକ୍ଷାକମିଟି ସଭାପତି ଆନନ୍ଦ ଚନ୍ଦ୍ର ବରାଡ, ପ୍ରଧାନଶିକ୍ଷୟିତ୍ରୀ ସୁକାନ୍ତି ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମାଟି ମା'ର ସମ୍ମାନ ପାଇଁ ଉତ୍ସର୍ଗୀକୃତ ହେବାକୁ ମୁଖ୍ୟଅତିଥି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏହି ବିଦ୍ୟାଳୟରେ ଅଧ୍ୟୟନ କରିଥିବା ପ୍ରଥମ ଡାକ୍ତର ଭାଗୀରଥି ପଣ୍ଡା, ପ୍ରଥମ ଆଇନଛାତ୍ର ଯୁଗଳ କିଶୋର ସାହୁ, ପ୍ରଥମ ଓଏଏସ୍ ଅଫିସର ଆଶୁତୋଷ ଗୌରବ କର, ଗୀତାଞ୍ଜଳି ଦାଶ, ପ୍ରଥମ ବୈଜ୍ଞାନିକ ବ୍ରଜ କିଶୋର ତ୍ରିପାଠୀ, ପରିବେଶବିତ୍ ହରିହର ଓଝା, ପଥରଶିଳ୍ପୀ ଭୀମସେନ ଖୁଣ୍ଟିଆଙ୍କ ସମେତ ୨୯ଜଣଙ୍କୁ ମୁଖ୍ୟଅତିଥି ସମ୍ମାନିତ କରିଥିଲେ। ଏହାସହ ପ୍ରାଥମିକ ବିଦ୍ୟାଳୟ, ଏମ୍‌ଇ ସ୍କୁଲ ଓ ହାଇସ୍କୁଲର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ଗଳ୍ପକଥନ, ବକ୍ତୃତା, ସଙ୍ଗୀତ, ସାଧାରଣଜ୍ଞାନ, ଉତ୍ତମ ଆଚରଣ ଓ ଶିକ୍ଷା କ୍ଷେତ୍ରରେ ୨୫୦ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଛି। ମୁଖ୍ୟ ବକ୍ତା ସମ୍ପ୍ରତି ଦେଶ ହରାଇଥିବା ୪୪ଜଣ ବୀର ଯବାନଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ, ଦେଶ ଓ ଜାତି ପାଇଁ ବଞ୍ଚିବାରେ ପୁରୁଷାର୍ଥ ଥାଏ। ସାର୍ଥକ ଜୀବନ ତା'ର ଯାହା ପାଇଁ ଗୋଡିମାଟି ଝୁରେ।

## ଶହୀଦ ଯବାନଙ୍କ ପାଇଁ ନୀରବ ପ୍ରାର୍ଥନା

**ନୟାଗଡ଼ ଅଫିସ,୧୮।୨**

ଜମ୍ମୁ-କଶ୍ମୀରର ପୁଲୱାମାଠାରେ ଶହୀଦ ହୋଇଥିବା ଭାରତୀୟ ଯବାନ୍‌ଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୟାଗଡ଼ ବ୍ଲକ ନାଟୁଗାଁ ପଞ୍ଚାୟତ ସାଲୁଣୀ ଗ୍ରାମରେ ସଂକୀର୍ତ୍ତନ ଓ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୋପୀନାଥଜୀଉ କ୍ଲବ ଓ ସାଲୁଣୀ ଗ୍ରାମକମିଟି ପକ୍ଷରୁ ଗୋପୀନାଥ ମନ୍ଦିରଠାରୁ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲା। ଗୋପୀନାଥ ମନ୍ଦିର ପ୍ରାଙ୍ଗଣରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। କ୍ଲବ ସଭାପତି ମାନସ ବିଶ୍ୱାଳ, ଉପସଭାପତି ବିଭୂତିଭୂଷଣ ସ୍ୱାଇଁ, ପ୍ରଭାକର ରାଉତ, ଦୟାନିଧି ବିଶ୍ୱାଳ, କୃପାସିନ୍ଧୁ ବିଶ୍ୱାଳଙ୍କ ସମେତ ଗ୍ରାମ କମିଟିର ସମସ୍ତ ସଦସ୍ୟ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସେହିପରି ଶରଣକୁଳଠାରେ ଶ୍ରୀ ଶ୍ରୀ ଲଡୁକେଶ ମହେଶ ବରିଷ୍ଠ ନାଗରିକ ସଂଘ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରା ଲଡୁବାବାଙ୍କ ମନ୍ଦିରଠାରୁ ବାହାରି ନରେନ୍ଦ୍ରପୁର ଓ ସୁଆରସାହି ଦେଇ ଲଡୁବାବାଙ୍କ ମନ୍ଦିର ନିକଟରେ ପହଞ୍ଚିଥିଲା। ସେଠାରେ ସଂଘ ସଦସ୍ୟମାନେ ସମୂହ ନୀରବ ପ୍ରାର୍ଥନା କରିଥିଲେ। ଶଦୀଦମାନଙ୍କୁ ସମ୍ମାନ ଜଣାଇ ଶରଣକୁଳ ଓ ଗୋଡ଼ିପଡ଼ା ଅଞ୍ଚଳର ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

## ନିର୍ବାଚନ ପ୍ରଶିକ୍ଷଣରେ ଅନୁପସ୍ଥିତ

# ୧୮ ଶିକ୍ଷକଙ୍କୁ ନିଲମ୍ବନ ପାଇଁ ଡିଇଓଙ୍କୁ ନିର୍ଦ୍ଦେଶ

**ନୟାଗଡ଼ ଅଫିସ,୧୮।୨:** ନୟାଗଡ଼ ଜିଲାର ନିର୍ବାଚନ ପ୍ରଶିକ୍ଷଣରେ ଅନୁପସ୍ଥିତ ରହିବା ୧୮ ଶିକ୍ଷକଙ୍କ ପାଇଁ ମହଙ୍ଗା ପଡ଼ିଛି। ଏମାନଙ୍କୁ ନିଲମ୍ବିତ କରିବା ପାଇଁ ଜିଲା ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି। ୧୮ ତାରିଖରେ ହୋଇଥିବା ଏହି ଚିଠିରେ ୧୯ ତାରିଖରେ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ପାଇଁ ଉଲ୍ଲେଖ ହୋଇଛି। ଏହି ତାଲିକାରେ ବଳଦିଆ ନୂଆଗାଁ ହାଇସ୍କୁଲର ପ୍ରଧାନ ଶିକ୍ଷକ ଭୀମସେନ ଦାଶଙ୍କ ନାମ ରହିଛି। ସେହିପରି ନିଲମ୍ବିତ ହେବାକୁ ଥିବା ଅନ୍ୟମାନେ ହେଲେ ଲେଙ୍କୁଡ଼ିପଡ଼ା ହାଇସ୍କୁଲର ସହକାରୀ ଶିକ୍ଷକ ଶ୍ୟାମ ସୁନ୍ଦର ନାୟକ, କପିଳେଶ୍ୱର ବିଦ୍ୟାପୀଠର ସହକାରୀ ଶିକ୍ଷକ ରବିନାରାୟଣ ଘଡ଼େଇ, ବଳରାମପୁର ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ହାଡ଼ିବନ୍ଧୁ ସାହୁ, ମଧୁକେଶ ନୋଡ଼ାଲ ବିଦ୍ୟାପୀଠ ନାଗମୁଣ୍ଡଳୀର ସହକାରୀ ଶିକ୍ଷକ ପ୍ରମୋଦ କୁମାର ପୃଷ୍ଟି, କେନ୍ଦୁପଲ୍ଲୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ରାଜେନ୍ଦ୍ର କୁମାର ସେନାପତି, ସାଲୁଣି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଅବକାଶ ସାହୁ, ମାଙ୍କପଲ୍ଲୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ କୃଷ୍ଣ କୁମାର ପଟ୍ଟନାୟକ, ଗଣଶିକ୍ଷକ ଦୁଃଖିଶ୍ୟାମ ପ୍ରଧାନ, ବରପଲ୍ଲୀ ହାଇସ୍କୁଲର ସହକାରୀ ଶିକ୍ଷକ ନବକିଶୋର ନନ୍ଦ, ବକଳବନ୍ଧ ପଞ୍ଚାୟତ ହାଇସ୍କୁଲର ହିନ୍ଦୀ ଶିକ୍ଷକ ମନୋରଞ୍ଜନ ପଟ୍ଟନାୟକ, କୁରାଳ ଏଏସ୍ ନୋଡ଼ାଲ ହାଇସ୍କୁଲର ସହକାରୀ ଶିକ୍ଷକ ପ୍ରଦ୍ୟୁମ୍ନ କୁମାର ପାଣିଗ୍ରାହୀ, ଗୁଆଣ୍ଡ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ତ୍ରିନାଥ ପ୍ରଧାନ, ମାଧପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବସନ୍ତ କୁମାର ପଣ୍ଡା, ଝାଡ଼ସାହି ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ପାର୍ଥସାରଥୀ ମହାନ୍ତି, କଇଁଫୁଲିଆ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରଫୁଲ୍ଲ କୁମାର ଧଳ, ବିଜିପୁର ଆର୍‌ସି ହାଇସ୍କୁଲର ପିଇଟି ବିଶ୍ୱନାଥ ମୁଦୁଲି, ରଣପୁର ବିସି ହାଇସ୍କୁଲର ସହକାରୀ ଶିକ୍ଷକ ଶତ୍ରୁଘ୍ନ ପ୍ରଧାନ, କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ପିଇଟି ଅଶୋକ ବେହେରା ଓ ଶରଣକୁଳ ନାରାୟଣ ହାଇସ୍କୁଲର ସହକାରୀ ଶିକ୍ଷକ ବିଜୟ କୁମାର ଗାଆଣ। ଉପରୋକ୍ତ ୧୮ ଶିକ୍ଷକଙ୍କୁ ନିଲମ୍ବିତ କରିବା ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଡା.ଏନ୍ ତିରୁମାଲା ନାୟକ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଚଳିତମାସ ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ଜିଲାର ବିଭିନ୍ନ ବିଦ୍ୟାଳୟର ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଥିଲା। ହେଲେ ଉପରୋକ୍ତ ୧୮ ଶିକ୍ଷକ ପ୍ରଶିକ୍ଷଣରେ ଅନୁପସ୍ଥିତ ରହିଥିଲେ।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE
କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଲେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୁଙ୍କ ଅନବନ୍ ନିରାଶ ମା, ଭାଇ, ଭଉଣୀ ସମ୍ପର୍କ କରନ୍ତୁ
9997928820

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଲୋନ୍ LOAN
ପର୍ସନାଲ ଲୋନ୍, ହୋମ ଲୋନ୍, ବ୍ୟବସାୟିକ, ପ୍ରୋଜେକ୍ଟ, ମଡ୍‌ଗେଜ, କୃଷି, ସ୍ୱରୋଜଗାର ଲୋନ୍। ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No.15 HB Colony, Lewis Road Bhubaneswar-751002
8987997062

Baba Kamal Khan
7th Time Gold Medalist
Jharsuguda, Odisha
୭ ଇଲମ ଜାଣିବାରେ ମାହିର
(ମୋହିନି ବଶିକରଣ ଏବଂ ମୁଠ୍‌କରଣୀ ସ୍ପେଶାଲିଷ୍ଟ)
ପ୍ରେମରେ ଧୋକା, ପତି-ପତ୍ନୀ କନ୍ଦଳ, ସଉତୁଣୀ ଓ ଶତ୍ରୁ ମୁକ୍ତି, ବିବାହରେ ବାଧା, ଗୃହକ୍ଲେଶ, ବ୍ୟବସାୟରେ ବାଧା, ପ୍ରେମ ବିବାହ, ଜୁଆ, ଭୁତ-ପ୍ରେତ ଇତ୍ୟାଦି ଘରେବସି ୭ ଘଣ୍ଟାରେ ସମାଧାନ
କାମ ନହେଲେ ମନଚାହାଁ ପୁରସ୍କାର
7064890616

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

LOAN
ଟଙ୍କା ନେଉନୁ - ଧୋକା ଦେଉନୁ
ଆଗେ କାମ - ପରେ ଦାମ୍
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ, ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ 40% ରିହାତି
ଠକମାନଙ୍କ ପ୍ରତି ସାବଧାନ - ଯୋଗାଯୋଗ କରନ୍ତୁ -
7310612716, 7310616567
SCO- 106, Second Floor, Vishal Tower, Cannaught Place, Delhi.

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi



ଯଦି ତୁମେ ଚାହୁଁଛ ଯେ ଲୋକ ତୁମକୁ ପ୍ରଶଂସା କରନ୍ତୁ, ତେବେ କଦାପି ଆତ୍ମ ପ୍ରଶଂସା କର ନାହିଁ।
- ପାସ୍କଲ୍



## ସଂକ୍ଷେପରେ

### ରାଜସୁନାଖଳା କପ୍ ଫୁଟବଲ: ଫାଇନାଲରେ ଅନୁଗୋଳ

**ବୋଲଗଡ,୧୮।୨(ଡି.ଏନ.ଏ.):** ରାଜସୁନାଖଳା ଉଚ୍ଚବିଦ୍ୟାଳୟ ଖେଳପଡିଆରେ ଫ୍ରେଣ୍ଡସ୍ କ୍ଲବ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ରାଜସୁନାଖଳା କପ ଫୁଟବଲ ଟୁର୍ନାମେଣ୍ଟ ଚାଲୁରହିଛି। ସୋମବାର ୨ୟ ସେମିଫାଇନାଲ ଖେଳ ଅନୁଗୋଳର ପତାକା କ୍ଲବ ଓ ଭବାନିପାଟଣାର ସ୍ପୋର୍ଟସ ହଷ୍ଟେଲ ଫୁଟବଲ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଅନୁଗୋଳ ଟିମ୍ ୧-୦ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚର ୨ୟାର୍ଦ୍ଧରେ ଅନୁଗୋଳ ଦଳ ଏକମାତ୍ର ଗୋଲ ସ୍କୋର କରିଥିଲାବେଳେ ଭବାନିପାଟଣା ଟିମ ପକ୍ଷରୁ କୌଣସି ଗୋଲ ହୋଇପାରି ନ ଥିଲା। ଏମ୍ ଏସ୍ ବେଗ ଖେଳ ପରିଚାଳନା କରିଥିଲାବେଳେ ସୁଶାନ୍ତ ମିଶ୍ର ଓ ସୁକାନ୍ତ ପ୍ରଧାନ ଲାଇନ୍ସରେ ସହାୟତା କରିଥିଲେ। ଭଞ୍ଜକିଶୋର ଯତି ୪ର୍ଥ ରେଫରି କାର୍ଯ୍ୟ ତୁଲାଇଥିଲେ । ଅତିଥି ଭାବେ ପୂର୍ବତନ ଫୁଟବଲ ଖେଳାଳି ଅଜିତ ଖାଁ, ପ୍ରଫୁଲ୍ଲ ମହାପାତ୍ର ଓ ବିଭୂତି ଭୂଷଣ ଷଡଙ୍ଗୀ ଯୋଗଦେଇଥିଲେ। ବୁଧବାର ଫାଇନାଲ ମ୍ୟାଚ ଅନୁଗୋଳର ପତାକା କ୍ଲବ ଓ ଢେଙ୍କାନାଳର ପପୁଲାର କ୍ଲବ ଫୁଟବଲ ଟିମ ମଧ୍ୟରେ ଅନୁଷ୍ଠିତ ହେବ।

### ୨ କୋଟି ଟଙ୍କାର ପାନୀୟ ଜଳ ପ୍ରକଳ୍ପ ଶିଳାନ୍ୟାସ

ଭାପୁର,୧୮।୨(ଡି.ଏନ୍.ଏ.)-ଭାପୁର ବ୍ଲକ କରବର ପଞ୍ଚାୟତରେ ବ୍ଲକର ସର୍ବବୃହତ୍ ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମ ସୋମବାର ଅପରାହ୍ନରେ ଆୟୋଜିତ ହୋଇଯାଇଛି। କଟକ ଏମ୍ପି ଭର୍ତ୍ତୃହରି ମହତାବ ଓ ବିଧାୟକ ଅନୁଭବ ପଟ୍ଟନାୟକ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ମହାନଦୀ କୂଳରେ ଅବସ୍ଥାପିତ ଏହି ପଞ୍ଚାୟତର ପାନୀୟ ଜଳ ଏକ ବଡ଼ ସମସ୍ୟା ଥିଲା। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପଞ୍ଚାୟତର ୪ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଉପକୃତ ହେବେ। କରବର ଗ୍ରାମର ମହାନଦୀ ପଠା ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ ଏମ୍ପି ମହତାବ, ବିଧାୟକ ପଟ୍ଟନାୟକ, ବିଭାଗୀୟ ନିର୍ବାହୀଯନ୍ତ୍ରୀ ରାଜୀବ ପାଣିଗ୍ରାହୀ, ବରିଷ୍ଠ ଯନ୍ତ୍ରୀ ଅମରେଶ ପଣ୍ଡା, ପୂର୍ବତନ ସରପଞ୍ଚ ସୁକାନ୍ତି ଜେନା, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ମହାନ୍ତି, ଗୋଲକ ବିହାରୀ ରାଉତ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସାମାଜିକ କର୍ମୀ ସନ୍ତୋଷ କୁମାର ତ୍ରିପାଠୀ। ଏହି ପ୍ରକଳ୍ପ ପାଇଁ ମୋଟ ୩ କୋଟି ୬୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୧ କୋଟି ୯୨ଲକ୍ଷର ଟେଣ୍ଡର ହୋଇଛି। ଏହି ଅର୍ଥରେ ୨ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଏକ ଓଭରହେଡ ପାଣି ଟାଙ୍କି ନିର୍ମାଣ ସହ ୮କିମି ୧୦୦ମିଟର ନୂତନ ପାଇପ ଲାଇନ ବିଛା ହେବ। ଏହା ଦ୍ୱାରା ୮୩୨ ଘରକୁ ପାନୀୟ ଜଳ ଯୋଗାଇ ଦିଆଯିବ। ପ୍ରାରମ୍ଭରେ ଶତାଧିକ ମହିଳାପୁରୁଷ ସଂକୀର୍ତ୍ତନ ମଣ୍ଡଳୀ ଏମ୍ପି ଓ ବିଧାୟକଙ୍କୁ ସଂକୀର୍ତ୍ତନ କରି ପାଛୋଟି ନେଇଥିଲେ।

### ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟରେ ଆଇନ ସଚେତନତା ଶିବିର



ନୟାଗଡ଼ ଅଫିସ,୧୮।୨- ନୟାଗଡ଼ ଜିଲା ଆଇନସେବା ପ୍ରାଧିକରଣଙ୍କ ପକ୍ଷରୁ ସ୍ଥାନୀୟ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ ପରିସରରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଓ ଦୌରାଜଜ୍ ଗୋପାଳ ଚନ୍ଦ୍ର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ନିଜ ବକ୍ତବ୍ୟରେ ଜିଲା ଓ ଦୌରାଜଜ୍ ପଟ୍ଟନାୟକ ସାଇବର ଆଇନ୍‌ରେ ଥିବା ବିଭିନ୍ନ ବିଧିବ୍ୟବସ୍ଥା ଓ ଦଣ୍ଡ ବ୍ୟବସ୍ଥା ସମ୍ପର୍କରେ ଛାତ୍ରୀମାନଙ୍କୁ ସୂଚନା ଦେଇଥିଲେ। ଅନ୍ୟତମ ଅତିଥି ଭାବେ ମହିଳା ବିଚାରପତି ପ୍ରଜ୍ୟୋତି ରାଉତ, ସବ୍‌ଜଜ୍ ସୁଶାରିତ ଜାହିନ୍, ମହାବିଦ୍ୟାଳୟ ଅଧକ୍ଷ ପୁଷ୍ପଲତା ଦାସ ପ୍ରମୁଖ ଯୋଗଦେଇ ଆଇନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶେଷରେ ଜିଲା ଆଇନ୍‌ସେବା ପ୍ରାଧିକରଣ ସଚିବ ସୁନୀତା ଖଣ୍ଡେଲୱାଲ ଧନ୍ୟବାଦ ଦେଇଥିଲେ।

# ଲାଞ୍ଚ ନେଇ କାମ କରୁନାହାନ୍ତି କିରାଣି

- ଜିଲାପାଳଙ୍କୁ ଅଭିଯୋଗ କଲେ ସ୍ୱାସ୍ଥ୍ୟକର୍ମୀ
- ମଧଖଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖାଦେଇଛି ସମସ୍ୟା

**ନୟାଗଡ଼ ଅଫିସ,୧୮।୨**

ଲାଞ୍ଚ ନେଇ ବି କାମ କରୁନାହାନ୍ତି କିରାଣି। ଏଭଳି ଘଟଣା ଦେଖିବାକୁ ମିଳିଛି ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ମଧଖଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀ (ଏଏନ୍‌ଏମ୍)ଙ୍କଠାରୁ ଜଣେ କିରାଣି ଲାଞ୍ଚ ନେଇ ବି ସେମାନଙ୍କ ବର୍ଦ୍ଧିତ ବକେୟା ପ୍ରାପ୍ୟ (ଇନ୍‌କ୍ରିମେଣ୍ଟ ଏରିଅର) କାମ କରୁନାହାନ୍ତି। ଜଣେ କି ଦୁଇଜଣ ନୁହେଁ ପାଖାପାଖି ୩୦ରୁ ଊର୍ଦ୍ଧ୍ୱ ସ୍ୱାସ୍ଥ୍ୟକର୍ମୀଙ୍କଠାରୁ କିରାଣି ଜଣକ ଲାଞ୍ଚ ନେଇଛନ୍ତି। ଏ ସମ୍ପର୍କରେ କେତେଜଣ କର୍ମୀ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କଠାରେ ଅଭିଯୋଗ କରିଛନ୍ତି। ସେମାନଙ୍କ ଭିତରୁ ଜଣେ ସ୍ୱାସ୍ଥ୍ୟକର୍ମୀ ହେଉଛନ୍ତି ଉର୍ମିଳା ଦାଶ। ସେ ଅଭିଯୋଗ କରିଛନ୍ତି ଯେ, ସ୍ୱାସ୍ଥ୍ୟକେନ୍ଦ୍ରରେ ଆକାଉଣ୍ଟ ଇନ୍‌ଚାର୍ଜରେ ଥିବା କିରାଣି ପ୍ରଦୀପ କୁମାର ଦାଶ ତାଙ୍କଠାରୁ ୬ମାସ ହେଲା ୧୦୦୦ ଟଙ୍କା ଲାଞ୍ଚ ନେଇ ୪୦ ପ୍ରତିଶତ ବର୍ଦ୍ଧିତ ବକେୟା ପ୍ରାପ୍ୟ ଏ ପର୍ଯ୍ୟନ୍ତ କରାଇଦେଉ ନାହାନ୍ତି। ବହୁବାର ସେ ଏ ବିଷୟରେ କହିଥିଲେ ମଧ ପ୍ରଦୀପ ସମୟ ଗଡ଼ାଇ ଚାଲିବା ସହ ତାଙ୍କୁ ହଇରାଣ କରୁଥିବା ଉର୍ମିଳା କହିଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ୟଜଣେ ସ୍ୱାସ୍ଥ୍ୟକର୍ମୀ ପ୍ରଭାତୀ ପଣ୍ଡା ମଧ ସମାନ ଅଭିଯୋଗ ଆଣିଛନ୍ତି। ସେ ନିଜର ଇଏଲ୍ ଦରମା ଓ ଇନ୍‌କ୍ରିମେଣ୍ଟ ଏରିଅର କରାଇଦେବା ପାଇଁ ପ୍ରଦୀପ ତାଙ୍କୁ ୨୫୦୦ ଟଙ୍କା ଦାବି କରିଥିଲେ। ଏହା ପରେ ପ୍ରଭାତୀ ତାଙ୍କ ଦାବି ମୁତାବକ ଟଙ୍କା ଦେଇଥିଲେ। ହେଲେ ପ୍ରଦୀପ ତାଙ୍କ କାମ କଲେ ନାହିଁ। ଏ ନେଇ ପ୍ରଭାତୀ ବାରମ୍ବାର ପଚାରିଥିଲେ ମଧ ସେ ଆଜି ଓ କାଲି କହି ଦିନ ଗଡ଼ାଇ ଚାଲିଲେ। ସେହିଭଳି ଆଉ ଜଣେ ଅଭିଯୋଗକାରୀ ସ୍ୱାସ୍ଥ୍ୟକର୍ମୀ ହେଲେ ମାଳିନୀ ପ୍ରଧାନ। ସେ ତାଙ୍କର ବକେୟା ପ୍ରାପ୍ୟ ପାଇବା ପାଇଁ ବାରମ୍ବାର ଜଣାଇବା ପରେ ମଧ କୌଣସି ସୁଫଳ ମିଳିଲା ନାହିଁ। ଏଥିପାଇଁ ସେ ପ୍ରଦୀପଙ୍କୁ କହିଥିଲେ। ପ୍ରଦୀପ ଏହା କରାଇଦେବା ପାଇଁ ତାଙ୍କଠାରୁ ୧୦୦୦ ଟଙ୍କା ଲାଞ୍ଚ ନେଇଥିଲେ। ଇତିମଧ୍ୟରେ ବର୍ଷେ ବିତିଯାଇଥିଲେ ମଧ ସେ ତାଙ୍କ ବର୍ଦ୍ଧିତ ପ୍ରାପ୍ୟ ପାଇନାହାନ୍ତି। ସୂଚନାଯୋଗ୍ୟ ୧୨ ମାର୍ଚ୍ଚ ୨୦୧୮ରେ ରାଜ୍ୟ ସରକାର ସମସ୍ତ ବିଭାଗର କର୍ମଚାରୀ ୪୦ ପ୍ରତିଶତ ପେ ଫିକ୍ସେସନ ଏରିଅର ପାଇବା ପାଇଁ ଘୋଷଣା କରିଥିଲେ। ୨୯ ତାରିଖ ସୁଦ୍ଧା ସମସ୍ତ କର୍ମଚାରୀ ଏହା ପାଇବେ ବୋଲି ମଧ କୁହାଯାଇଥିଲା। ଘୋଷଣାର ବର୍ଷେ ବିତିବାକୁ ବସିଥିଲେ ମଧ ମଧଖଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୌଣସି କର୍ମଚାରୀ ସେମାନଙ୍କ ଏରିଅର ପାଇ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କିରାଣି ପ୍ରଦୀପ କୁମାର ଦାଶଙ୍କୁ ପଚାରିବାରୁ ସେ କହିଥିଲେ, କେତେଜଣ ସ୍ୱାସ୍ଥ୍ୟକର୍ମୀ ଅକ୍ରୋଶମୂଳକ ମନୋଭାବ ରଖି ମୋ ନାମରେ ମିଥ୍ୟା ଅଭିଯୋଗ କରିଛନ୍ତି। ସେହିପରି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଶ୍ୱେତ କୁମାର ମହାପାତ୍ରଙ୍କ ପ୍ରତିକ୍ରିୟା ଲୋଡିବାରୁ ସେ କୌଣସି ମତାମତ ଦେଇ ନ ଥିଲେ।

## ଶହୀଦଙ୍କ ସ୍ମୃତିରେ ଦୋକାନ ବଜାର ବନ୍ଦ



ନୟାଗଡ଼ ସହରରେ ଦୋକାନଗୁଡ଼ିକ ବନ୍ଦ ରହିଛି।

**ନୟାଗଡ଼ ଅଫିସ,୧୮।୨**

ପୁଲ୍‌ୱାମାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନଙ୍କ ସ୍ମୃତିରେ ସର୍ବଭାରତୀୟ ବାଣିଜ୍ୟ ସଙ୍ଗଠନ ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ସୋମବାର ନୟାଗଡ଼ ସହରରେ ଥିବା ୧୨୦୦ରୁ ଊର୍ଦ୍ଧ୍ୱ ଦୋକାନ ବନ୍ଦ ରହିଥିଲା। ବିଭିନ୍ନ ସଙ୍ଗଠନ ଏହାକୁ ସମର୍ଥନ କରି ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମୁଖ୍ୟ ବଜାର ସମେତ ବିଜୁ ମାର୍କେଟ, ରାଜୀବ ମାର୍କେଟ, ଜୁବୁଲି ମାର୍କେଟ, ପ୍ରିୟଦର୍ଶନୀ ମାର୍କେଟ, ତ୍ରିନାଥ ଛକ, କଲେଜ ଛକ, ଉପର ବଜାର, ତଳ ବଜାର, ଖଣ୍ଡପଡ଼ା ରୋଡ଼, ଲକ୍ଷ୍ମୀ ବଜାର, ଅମରେନ୍ଦ୍ର ବଜାରରେ ଥିବା ୧୨୦୦ରୁ ଊର୍ଦ୍ଧ୍ୱ ଦୋକାନ ବନ୍ଦ ରହିଥିବା ନୟାଗଡ଼ ବଣିକ ସଂଘ ସଭାପତି ଜାନକୀ ବଲ୍ଲଭ ଜେନା ସୂଚନା ଦେଇଛନ୍ତି। ସେହିପରି ବଣିକ ସଂଘ ପକ୍ଷରୁ ସନ୍ଧ୍ୟାରେ ରାମମନ୍ଦିରଠାରେ ସମୂହ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ନୂଆଗାଁ,(ଡି.ଏନ.ଏ.):** ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ସିଆରପିଏଫ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ସୋମବାର ନୟାଗଡ ଜିଲା ନୂଆଗାଁ ବ୍ଲକ ଅଞ୍ଚଳରେ ଦିନ ତମାମ ଦୋକାନ ବଜାର ବନ୍ଦ ରହିଥିଲା। ଶହୀଦମାନଙ୍କ ଉଦ୍ଦେଶ୍ୟରେ ନୂଆଗାଁ ଯୁବଗୋଷ୍ଠୀ ତରଫରୁ ରବିବାର ସନ୍ଧ୍ୟାରେ ନୂଆଗାଁ କଲେଜଠାରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ପ୍ରତିସାହି ପରିକ୍ରମା କରି ବଜାରଠାରେ ପହଞ୍ଚିଥିଲା। ସେଠାରେ ଶହୀଦମାନଙ୍କ ଅମରାତ୍ମାର ସଦ୍‌ଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା। ନୂଆଗାଁ ସରପଞ୍ଚ ଗଜେନ୍ଦ୍ରନାଥ ପ୍ରଧାନ, ବିଶ୍ୱଜିତ ଖଣ୍ଡୁଆଳ, ନୂଆଗାଁ ଯୁକ୍ତ ତିନି ଡିଗ୍ରୀ କଲେଜର ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ସାହୁ , କଲେଜର ସମ୍ପାଦକ ତଥା ନୂଆଗାଁ ସମିତି ସଭ୍ୟ ରମେଶ ଚନ୍ଦ୍ର ପ୍ରଧାନ, ରଣଜିତ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ନୂଆଗାଁ ବ୍ଲକ ମହୀପୁର ଦଧିବାମନ ଜୀଉ ବଣିକ ସଂଘ ତରଫରୁ ସୋମବାର ଦିନ ତମାମ ବଜାର ବନ୍ଦ ଓ ସନ୍ଧ୍ୟାରେ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇ ବୀର ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ନୂଆଗାଁ ବଜାରର ସମସ୍ତ ଦୋକାନ ବନ୍ଦ କରାଯାଇଥିବା ବେଳେ ମଦ ଦୋକାନ ବନ୍ଦ ନ ହେବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା।

**ଖଣ୍ଡପଡା,(ସ୍ୱ.ପ୍ର.):** ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ସିଆରପିଏଫ୍ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ସର୍ବଭାରତୀୟ ବ୍ୟବସାୟୀ ମହାସଂଘ ଆହ୍ୱାନରେ ସୋମବାର ଖଣ୍ଡପଡା ବ୍ଲକ ଅନ୍ତର୍ଗତ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା। ବୀର ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହିତ ଦୀପ ଓ କ୍ୟାଣ୍ଡେଲ ପ୍ରଜ୍ୱଳନ କରି ଗ୍ରାମ ପରିକ୍ରମା କରାଯାଇଥିଲା। ସ୍ଥାନୀୟ ପଞ୍ଚମୁଖୀ ହନୁମାନଙ୍କ ମନ୍ଦିର ପରିସରରେ ବ୍ୟବସାୟୀମାନେ ସମବେତ ହୋଇ ଆକ୍ରମଣ ଘଟଣାରେ ଷଡଯନ୍ତ୍ରକାରୀଙ୍କୁ ମୁହଁତୋଡ ଜବାବ ଦେବା ପାଇଁ ପ୍ରତିକ୍ରିୟା ପ୍ରକାଶ କରିଥିଲେ । ଏହି ପରିପ୍ରେକ୍ଷୀରେ ଉପସ୍ଥିତ ବ୍ୟବସାୟୀମାନଙ୍କ ପକ୍ଷରୁ ଗୋପାଳ ଚନ୍ଦ୍ର ଅଗ୍ରୱାଲ, ଲକ୍ଷ୍ମୀଧର ଚିନରା, ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ଖବରଦାତା ପ୍ରଭାକର ଶିରୋମଣି, ଶିକ୍ଷକ ସିଦ୍ଧାର୍ଥ କୁମାର ମହାପାତ୍ର ପ୍ରମୁଖ ଶହୀଦ ଯବାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରିବା ସହ ଆହତ ଯବାନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ସେହିପରି କଣ୍ଟିଲୋ ଜନକଲ୍ୟାଣ କ୍ଲବର ସଭାପତି ଶରତ ଚନ୍ଦ୍ର ମହାରଣାଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ, ସ୍ଥାନୀୟ ଅଞ୍ଚଳର ପିଲାମାନେ ସନ୍ଧ୍ୟାରେ କ୍ୟାଣ୍ଡେଲ ପ୍ରଜ୍ୱଳନ କରି ମା’ ତାରିଣୀଙ୍କ ପୀଠରେ ନୀରବ ପ୍ରାର୍ଥନା କରିବା ସହିତ ଗ୍ରାମ ପରିକ୍ରମା କରିଥିଲେ।




ନୂଆଗାଁ ବଜାରର ଦୋକାନଗୁଡ଼ିକ ବନ୍ଦ ରହିଛି।

## ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ
# ସମ୍ବଲପୁର ଚାମ୍ପିୟନ

**ଖଣ୍ଡପଡା/ଭାପୁର, ୧୮।୨(ସ୍ୱ.ପ୍ର./ଡି.ଏନ.ଏ.)**

ନୟାଗଡ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ମାଧପୁର ସ୍ପୋର୍ଟସ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ କୁଲାପଦା ଫୁଟବଲ ପଡିଆରେ ଆୟୋଜିତ ୪ର୍ଥ ବାର୍ଷିକ ଫୁଟବଲ ଟୁର୍ନାମେଣ୍ଟର ସୋମବାର ଥିଲା ଉଦ୍‌ଯାପନୀ ଦିବସ। ଏଥିରେ ସମ୍ବଲପୁର ଗେଙ୍ଗୁଟିପାଲୀର ବୀର ସୁରେନ୍ଦ୍ର ସାଏ ଫୁଟବଲ ଏକାଡେମୀ ୪-୧ ଗୋଲରେ ଭୈରବୀ କ୍ଲବ ପୁରୁଣାକଟକକୁ ହରାଇ ଖେଳରେ ବିଜୟୀ ହେବା ସହିତ ଟୁର୍ନାମେଣ୍ଟରେ ଚାମ୍ପିୟନ ବିବେଚିତ ହୋଇଛି । ଖେଳ ଆରମ୍ଭ ହେବା ପୂର୍ବରୁ ଉଭୟ ଦଳର ଖେଳାଳି, ସ୍ଥାନୀୟ ସରପଞ୍ଚ ତ୍ରିନାଥ ମୁଦୁଲି ଓ ଅଞ୍ଚଳର ଯୁବଗୋଷ୍ଠୀ ପୁଲ୍‌ୱାମା ଶହୀଦଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ପ୍ରଜ୍ୱଳନ କରି ଶୋଭାଯାତ୍ରାରେ ଖେଳ ପଡିଆ ଚତର୍ପାର୍ଶ୍ୱ ପରିକ୍ରମା କରି ପଡିଆ ମଧ୍ୟକୁ ପ୍ରବେଶ କରିଥିଲେ। ଖେଳର ପ୍ରଥମାର୍ଦ୍ଧର ୫ ମିନିଟରେ ସମ୍ବଲପୁର ୧୦ନଂ ଖେଳାଳି ବବୁଲ ମୁଣ୍ଡା ପ୍ରଥମ ସ୍କୋର କରି ଥିବା ବେଳେ ଖେଳର ଦ୍ୱିତୀୟାର୍ଦ୍ଧରେ ଉକ୍ତ ଦଳ ଆଉ ୩ଟି ଗୋଲ ସ୍କୋର କରିଥିଲେ। ଖେଳ ସଂଘର୍ଷପୂର୍ଣ୍ଣ ରହିଥିବା ବେଳେ ପୁରୁଣାକଟକ ଦଳର ୧୦ ନଂ ଖେଳାଳି ଅନ୍ତର୍ଯ୍ୟାମୀ ନାୟକ ଗୋଟିଏ ଗୋଲ କରିଥିଲେ । ଫଳରେ ସମ୍ବଲପୁର ଦଳ ୪-୧ରେ ବିଜୟୀ ହୋଇଥିଲା । ଉକ୍ତ ଖେଳକୁ ରାଜୁ ମହାନ୍ତି ପରିଚାଳନା କରିଥିବା ବେଳେ ଲାଇନରେ ସହାୟତା କରିଥିଲେ ସମୀର ଖୁଣ୍ଟିଆ ଓ ସୁବାସ ଚନ୍ଦ୍ର ବେହେରା। ମୁଖ୍ୟ ଅତିଥିଭାବେ ଭାପୁର ବ୍ଲକ ଉପାଧ୍ୟକ୍ଷ ଗୟାଧର ପରିଡା, ସମ୍ମାନିତ ଅତିଥି ଭାବେ ଫତେଗଡ ସରପଞ୍ଚ ତୋଫାନ ପ୍ରଧାନ ଯୋଗଦେଇ ଖେଳ ଉଦ୍‌ଘାଟନ କରିଥିଲେ । ଏହି ପରିପ୍ରେକ୍ଷୀରେ ଆୟୋଜିତ ସମାବେଶରେ ଚାମ୍ପିୟନ ଦଳ ଓ ରନର୍ସଅପ ଦଳଙ୍କୁ ଅତିଥିମାନଙ୍କ ଦ୍ୱାରା ଯଥାକ୍ରମେ ୧୫ ହଜାର ଅର୍ଥରାଶି ସହ ଟ୍ରଫି ଓ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା ।



ଅତିଥିଙ୍କଠାରୁ ଚାମ୍ପିୟନ ଦଳ ପୁରସ୍କାର ଗ୍ରହଣ କରୁଛନ୍ତି।

## ମହାନଦୀ ଆଳତି ମହୋତ୍ସବ ଆଜି

**ଖଣ୍ଡପଡା,୧୮।୨(ସ୍ୱ.ପ୍ର.):** ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବରେ ପରିଚିତ କଣ୍ଟିଲୋସ୍ଥିତ ଶ୍ରୀ ନୀଳମାଧବ ପୀଠରେ ଦୀର୍ଘ ୧୧ ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଥିବା ମହାନଦୀ ଆଳତି ମହୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ଏକ ପ୍ରସ୍ତୁତି ବୈଠକ ପ୍ରଭାକର ଶିରୋମଣିଙ୍କ ଆବାହକତ୍ୱରେ ସ୍ଥାନୀୟ ହାଟମୁଣ୍ଡପାଟଣା ଦୁର୍ଗା ଗୃହଠାରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ବୈଠକରେ ଜନକଲ୍ୟାଣ କ୍ଲବର ସଭାପତି ଶରତ ଚନ୍ଦ୍ର ମହାରଣା, ନାଗରିକ ମଞ୍ଚର ଉପ ସଭାପତି ଶ୍ରୀପତି ମହାରଣା, ଗୋପାଳ ଚନ୍ଦ୍ର ଅଗ୍ରୱାଲ, ଡା. ହରିହର ଦାଶ, ଗୋବିନ୍ଦ ଚନ୍ଦ୍ର ମହାରଣା, ରାମଚନ୍ଦ୍ର ମହାପାତ୍ର, ସୋମନାଥ ମହାରଣା, ସୁଦର୍ଶନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସମାଜରୁ ଆଧ୍ୟାତ୍ମିକ ଚେତନା, ପୂଜ୍ୟପୂଜା ସହିତ ସଂସ୍କୃତି ଓ ପରମ୍ପରା କ୍ରମଶଃ ଦୂରେଇ ଯାଉଛି । ବର୍ତ୍ତମାନର ଯୁବ ପିଢିଙ୍କୁ ଆଧ୍ୟାତ୍ମିକ ମାର୍ଗକୁ ଆଣିବାକୁ ହେଲେ ପୁରାତନ ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ସେମାନଙ୍କୁ ମାର୍ଗ ଦର୍ଶନ ଦେବା ଆବଶ୍ୟକତା ରହିଛି ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଏହି ପରିପ୍ରେକ୍ଷୀରେ ଦୀର୍ଘ ୧୧ ବର୍ଷ ଧରି କଣ୍ଟିଲୋ ସ୍ଥିତ ଗଙ୍ଗା ମନ୍ଦିର ତଟ ଦେଶରେ ପ୍ରବାହିତ ମହାନଦୀରେ ହୋଇ ଆସୁଥିବା ଆଳତି ଉତ୍ସବକୁ ପାରମ୍ପରିକ ରୀତିରେ ପାଳନ କରିବାକୁ କୁହାଯାଇଥିଲା।

## ଓଡ଼ଗାଁ କପ ଫୁଟବଲ ଟୁର୍ନାମେଣ୍ଟ: ସାଇ ହଷ୍ଟେଲ କଟକ ଫାଇନାଲରେ

**ଓଡ଼ଗାଁ, ୧୮।୨(ସ୍ୱ.ପ୍ର.)**

ଓଡ଼ଗାଁ ମିନି ଷ୍ଟାଡିୟମରେ ଓଡ଼ଗାଁ କପ ଫୁଟବଲ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚରେ୍ ପତାକା କ୍ଲବ ଅନୁଗୋଳକୁ ୨-୧ରେ ହରାଇ ସାଇ ହଷ୍ଟେଲ କଟକ ଫାଇନାଲକୁ ଉନ୍ନୀତ ହୋଇଛି। ସ୍ଥାନୀୟ ଥାନା ଆଇଆଇସସି ଜ୍ୟୋତିପ୍ରକାଶ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ମ୍ୟାଚ୍ ଉଦ୍‌ଘାଟନ କରିଥିଲେ। ଅନୁଗୋଳ ଟିମ୍‌ର ରମେଶ ଓରାମ ପ୍ରଥମେ ଗୋଟିଏ ଗୋଲ ସ୍କୋର କରିଥିଲେ। ପରେ କଟକ ଟିମର ଡୋମନ ମାରାଣ୍ଡି ଓ ପ୍ରଭାତ ଡନସନ ଗୋଟିଏ ଲେଖାଏ ଗୋଲ କରି ଦଳକୁ ବିଜୟୀ କରିଥିଲେ। ବିଜୟୀ ଦଳର ପ୍ରଭାତଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷିତ କରାଯାଇ ପୁରସ୍କୃତ କରାଯାଇଥିଲା। ସୁଦୀପ୍ତ ଦାଶ, ରାଜେଶ ଭାଇସା, ମହାବୀର ନାଥ ଓ ରୋସନ ଖାନ ମ୍ୟାଚ ପରିଚାଳନା କରିଥିଲେ। ମଙ୍ଗଳବାର ୨ୟ ସେମିଫାଇନାଲ ମ୍ୟାଚ ଉତ୍କଳ ସ୍ପୋର୍ଟିଂ ଜଟଣୀ ଓ ମଙ୍ଗଳା କ୍ଲବ କଟକ ମଧରେ ଅନୁଷ୍ଠିତ ହେବ।

## ସରସ୍ୱତୀ ଶିଶୁମନ୍ଦିର ବାର୍ଷିକୋତ୍ସବ

**ଓଡ଼ଗାଁ, ୧୮।୨(ସ୍ୱ.ପ୍ର.)**

ନିକଟସ୍ଥ ବାଉଁଶଗାଡିଆ ଗ୍ରାମ ଦୀନବନ୍ଧୁ ବିହାରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ୧୦ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଆର୍ମି ଭେଟେରାନ କଲୋନେଲ ଜୟରାମ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ କନ୍ଧମାଳ ଏମ୍ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ମୁଖ୍ୟଅତିଥି, ଆର୍ମି ଭେଟେରାନ କଲୋନେଲ ସୁଦେଶ କୁମାରୀ ମୁଖ୍ୟବକ୍ତା ଓ ପରିଚାଳନା କମିଟି ସଦସ୍ୟା ପୁଷ୍ପଲତା ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସଭା ପୂର୍ବରୁ ଶହୀଦ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଏମ୍ପି ସିଂ ଶିଶୁ ମନ୍ଦିର ସଂସ୍ଥାପକ ଦୀନବନ୍ଧୁ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ। ସମ୍ପାଦକ ଚିତ୍ତରଞ୍ଜନ ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଉପସଭାପତି ବିଜୟ କୁମାର ମହାନ୍ତି ସହଯୋଗ କରିଥିଲେ। ବିଦ୍ୟା ମନ୍ଦିରର କୁନିକୁନି ଛାତ୍ରୀଛାତ୍ର ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିବା ବେଳେ ମୟୂରଭଞ୍ଜର ମୟୂରୀ ଗ୍ରୁପ ଓ ଖୋର୍ଦ୍ଧାର କଳିଙ୍ଗ ପାଇକ ଆଖଡା ଗ୍ରୁପ ସେମାନଙ୍କ ଅଭିନୟ ପ୍ରଦର୍ଶନ କରି ଦର୍ଶକଙ୍କ ମନ ମୋହିଥିଲେ।




ଜଣେ ଛାତ୍ରୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରୁଛନ୍ତି।

## ୪ ଭୂମିହୀନ ପରିବାରକୁ ପଟ୍ଟା ଦେଇ ଦୋଷ ଛଡ଼ାଇଛି ପ୍ରଶାସନ
# ୧୦ବର୍ଷ ବିତିଲା, କରିପାରୁନାହାନ୍ତି ଘର

**ରାଜାଘର ଜମି ଯୋଗୁ ସମସ୍ୟା**

**ରଣପୁର,୧୮।୨(ସ୍ୱ.ପ୍ର.)**

ନୟାଗଡ ଜିଲା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ୧ନଂ ୱାର୍ଡର ସାନଗଡ ଠାରେ ଭୂମିହୀନ ପରିବାରକୁ ବସୁନ୍ଧରା ଯୋଜନା ମାଧ୍ୟମରେ ଘରବାରି ଜମି ପଟ୍ଟା ପ୍ରଦାନ କରାଯାଇଥିଲା। ପଟ୍ଟା ପାଇବାର ଦୀର୍ଘ ୧୦ବର୍ଷ ବିତି ଯାଇଥିଲେ ମଧ୍ୟ ବିଭାଗୀୟ ଅବହେଳା କାରଣରୁ ତାହା ସେମାନେ ଏଯାଏଁ ଦଖଲ କରି ପାରୁ ନାହାନ୍ତି। ଫଳରେ ଘର ଖଣ୍ଡେ କରିବାରୁ ସେମାନେ ବଞ୍ଚିତ ହେଉଛନ୍ତି।

୪ଜଣ ଭୂମିହୀନଙ୍କୁ ରଣପୁର ତହସିଲ କାର୍ଯ୍ୟାଳୟ ପକ୍ଷରୁ ୨୦୧୧ ମସିହାରେ ୪ଡିସିମିଲି ଲେଖାଏ ଘରବାରି ଜମି ପଟ୍ଟା ପ୍ରଦାନ କରାଯାଇଥିଲା। ସମ୍ପୃକ୍ତ ପରିବାର ଲୋକେ ଘର କରିବାକୁ ଗଲା ବେଳେ ସେମାନଙ୍କୁ ସେହି ଜମିରୁ ବେଦଖଲ କରାଯାଇଥିଲା। ସେହି ଜମି ରଣପୁର ରାଜ ପରିବାରର ହୋଇଥିବାରୁ ସେମାନେ ଉକ୍ତ ଜମିରେ ତାର ବାଉଣ୍ଡରି ଦେଇ ରଖିଥିବା ଅଭିଯୋଗ ହେଉଛି । ପଟ୍ଟା ପାଇଥିବା ପରିବାର ଲୋକମାନେ ବାରମ୍ବାର ଏ ସଂକ୍ରାନ୍ତରେ ସ୍ଥାନୀୟ ତହସିଲଦାରଙ୍କ ସହ ଜିଲା ପ୍ରଶାସନ ଓ ରାଜନୈତିକ ନେତାମାନଙ୍କୁ ଅଭିଯୋଗ କରିଥିଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି । ସମ୍ପୃକ୍ତ ଭୂମିହୀନମାନଙ୍କୁ ରାଜାଙ୍କ ନାମରେ ଥିବା ଜମିକୁ ପ୍ରଦାନ କରି ତହସିଲଦାର ସେମାନଙ୍କୁ ପରିହାସ କରୁଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି। ସମ୍ପୃକ୍ତ ୪ପରିବାର ସଦସ୍ୟ ଏବେ ବେସରକାରୀ ଜମିରେ ଝାଟିମାଟି ଘର କରି ବେଆଇନ ଭାବେ ରହି ଆସୁଥିବାବେଳେ ସେମାନଙ୍କ ମଧ୍ୟରୁ ଗୋଟିଏ ପରିବାରକୁ ଆବାସ ଯୋଜନାରେ ସାମିଲ କରାଯାଇ ୨୦୧୫ ମସିହାରେ ଏନ୍‌ଏସି କାର୍ଯ୍ୟାଳୟରୁ କାର୍ଯ୍ୟାଦେଶ ଦିଆଯାଇଥିଲା। ସେ ଘର କରି ନ ପାରିବାରୁ ଉକ୍ତ କାର୍ଯ୍ୟାଦେଶକୁ କାର୍ଯ୍ୟାଳୟ ତରଫରୁ ଖାରଜ କରାଯାଇଛି । ପ୍ରକାଶ ଯେ, ୧ନଂ ୱାର୍ଡ ସାନଗଡର ସନ୍ତୋଷ କୁମାର ରଥ, ପାର୍ବତୀ ସାହୁ, କାର୍ତ୍ତିକ ବେହେରା, ଲୋଧା ସାହିର ଭଗବାନ ନାୟକ ଘରବାରି କରି ରହିବା ପାଇଁ ବସୁନ୍ଧରା ଯୋଜନାରେ ୨୦୦୫ରେ ରଣପୁର ତହସିଲ କାର୍ଯ୍ୟାଳୟରେ ଆବେଦନ କରିଥିଲେ । ୨୦୧୦ରେ ନୟାଗଡ ରଣପୁର ରାସ୍ତାର ଛତିପୁର ଗ୍ରାମଠାରେ ଖାତା ନଂ ୫୭୯ ପ୍ଲଟ ନଂ ୮୯୫/୧୮୧୮ରୁ ସଂପୃକ୍ତ ୪ଜଣ ଭୂମିହୀନଙ୍କୁ ୪ଡିସିମିଲ ଲେଖାଏ ଘରବାରି ପଟ୍ଟା ପ୍ରଦାନ କରାଯାଇଥିଲା। ସେହି ଦିନ ଠାରୁ ୧୦ବର୍ଷଧରି ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ଏହି ଘରବାରି ଜମି ବାବଦକୁ ଭୂମିହୀନ ପରିବାରଙ୍କ ଠାରୁ ଖଜଣା ନେଉଛନ୍ତି । ୨୦୧୫ ମସିହାରେ ସନ୍ତୋଷଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯାଇ ୨ଲକ୍ଷ ଟଙ୍କାର ଘର କରିବା ପଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ହେଲେ ଉକ୍ତ ଜମି ରାଜାଙ୍କର ହୋଇଥିବାରୁ ସେହି ଜମିକୁ ସେମାନେ ଦଖଲ କରାଇ ଦେଉନାହାନ୍ତି। ଫଳରେ ସନ୍ତୋଷ ସେଠାରେ ଆବାସ ଯୋଜନା କରି ପାରୁ ନାହାନ୍ତି । ଏନେଇ ବାରମ୍ବାର ୪ଟି ଭୂମିହୀନ ପରିବାର ନୟାଗଡ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ଏହି ବିଷୟରେ ରଣପୁର ତହସିଲଦାର ସୁଶାନ୍ତ କୁମାର ପତିଙ୍କୁ ପଚାରିବାରୁ ସେ କୁହନ୍ତି, ମୁଁ କିଛି ଜାଣିନାହିଁ କିମ୍ବା କିଛି କହି ପାରିବି ନାହିଁ । ଏ ସମ୍ପର୍କରେ ରଣପୁର ରାଜା ସାହେବ୍ ଦିଲୀପ ଚନ୍ଦ୍ର ସିଂହଦେଓଙ୍କୁ ପଚାରିବାରୁ ସେ କୁହନ୍ତି, ଏହି ଜମିଟି ମୋ ଜେଜେବାପାଙ୍କ ନାଁରେ ରହିଛି, କିଭଳି ଭାବରେ ରଣପୁର ତହସିଲଦାର ୪ଜଣଙ୍କୁ ପ୍ରଦାନ କଲେ ତାହା ମୋତେ ଆଶ୍ଚର୍ଯ୍ୟ ଲାଗୁଛି । ନୟାଗଡ ଜିଲାପାଳ ଡ. ଏନ୍ ତିରୁମାଲା ନାୟକଙ୍କୁ ପଚାରିବାରୁ ସେ କୁହନ୍ତି, ପଟ୍ଟା ପାଇଥିବା ଲୋକଙ୍କୁ ଭୂମିହୀନ କୁହାଯାଇ ପାରିବ ନାହିଁ। ସେମାନଙ୍କୁ ସ୍ଥାୟୀ ବାସିନ୍ଦା କରିବା ଦାୟିତ୍ୱ ତହସିଲଦାରଙ୍କର। ସେମାନେ କିପରି ଜମି ଦଖଲ କରିବେ ସେ ବ୍ୟବସ୍ଥା ତହସିଲଦାର କରିବେ। ମୁଁ ଏ ବିଷୟରେ ଆଗରୁ ଅବଗତ ନ ଥିଲି। ତହସିଲଦାରଙ୍କ ସହ ଆଲୋଚନା କରି ଯାହା ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କହିଥିଲେ।



୪ ହିତାଧିକାରୀ।

## ସଂକ୍ଷେପରେ

### ସ୍ୱର୍ଗଦ୍ୱାରରେ ଅବ୍ୟବସ୍ଥା, ଜିଲାପାଳଙ୍କୁ ଫେରାଦ

ପୁରୀ ଅଫିସ,୧୮।୨: ସ୍ୱର୍ଗଦ୍ୱାରରେ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଗିଡ଼ି ଯାଇଛି। ଶବଦାହ କରିବା ପାଇଁ ଆସୁଥିବା ଲୋକମାନେ ହଇରାଣ ହେଉଛନ୍ତି। ସ୍ୱର୍ଗଦ୍ୱାରରେ ଏଭଳି ଅବ୍ୟବସ୍ଥାକୁ ନେଇ ସୋମବାର ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି ଦୋଳମଣ୍ଡପ ସାହିର ସାମାଜିକ କର୍ମୀ ସନ୍ତୋଷ ଶେଖର ମହାନ୍ତି। ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ସନ୍ତୋଷ କରିଥିବା ଅଭିଯୋଗ ଅନୁଯାୟୀ, ହରିଶ୍ଚନ୍ଦ୍ର ସହାୟତାରେ ସମସ୍ତ ସୁବିଧା ଉପଲବ୍ଧ ହେଉନାହିଁ। ଶବଦାହ ପାଇଁ ମନଇଚ୍ଛା ଟଙ୍କା ଦାବି କରାଯାଉଛି। ଫଳରେ ଶବ ଦାହ କରିବା ଏବଂ ପଥ ଶ୍ରାଦ୍ଧ କରିବାରେ ୧୫୦୦ରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଉଛି। ସ୍ୱର୍ଗଦ୍ୱାର ବନ ନିଗମ କାଠ ଗୋଲାରେ ଆବଶ୍ୟକ ଚିରା କାଠ ମିଳୁନି। ଏପରି କି କଞ୍ଚା କାଠ ବିକ୍ରି କରାଯାଉଛି। ବାଧ ହୋଇ ମୃତକଙ୍କ ସମ୍ପର୍କୀୟମାନେ ଅନ୍ୟ କାଠ ଗୋଲାକୁ ଯାଇ ଅଧିକ ଦାମରେ କାଠ ଆଣୁଛନ୍ତି। ସ୍ୱର୍ଗଦ୍ୱାରରେ ବସାଉଠା କରିବା ଲାଗି ସାମାନ୍ୟତମ ସୁବିଧା ନାହିଁ। ପାନୀୟ ଜଳ ବ୍ୟବସ୍ଥା, ଶୌଚାଳୟ ନ ଥିବାରୁ ଦୂରଦୂରାନ୍ତରୁ ଆସୁଥିବା ଲୋକେ ହଇରାଣ ହେଉଛନ୍ତି। ଏମିତି ଅନେକ ଅବ୍ୟବସ୍ଥା ସ୍ୱର୍ଗଦ୍ୱାରରେ ରହିଛି। ତେଣୁ ଏଥିପ୍ରତି ଧ୍ୟାନ ଦେବାକୁ ମହାନ୍ତି ଜଣାଇଛନ୍ତି।

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି: ନ୍ୟାୟ ପାଇଁ ମହିଳାଙ୍କ ଗୁହାରି

ପୁରୀ ଅଫିସ,୧୮।୨: ପୁରୀ ସଦର ବ୍ଲକ ବାଲିପଡ଼ା ପଞ୍ଚାୟତ ଦଣ୍ଡା ତଳସାହିର ଏକ ଦଳିତ ପରିବାର ଉପରେ ଜୁଲମ କରୁଛନ୍ତି ଗାଁର କେତେଜଣ ବ୍ୟକ୍ତି। ଏହି ଜୁଲମ ବିରୋଧରେ ଥାନାକୁ ଯାଇ ନିରାଶ ହେବା ପରେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଦଣ୍ଡା ତଳସାହିର ସୁଲୋଚନା ଭୋଇ। ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚି ନ୍ୟାୟ ପାଇଁ ଗୁହାରି କରିଛନ୍ତି। ସୁଲୋଚନା ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ତିନିପୁରୁଷ ଧରି ତାଙ୍କ ପରିବାର ଦଣ୍ଡା ଗ୍ରାମର ଜଳସେଚନ ବିଭାଗ ଜାଗାରେ ଘର କରି ରହିଆସୁଛନ୍ତି। କେବଳ ତାଙ୍କ ପରିବାର ନୁହନ୍ତି, ଗାଁର ଆଉ କିଛି ପରିବାର ମଧ୍ୟ ଏହି ସରକାରୀ ଜାଗାରେ ଘର କରି ରହୁଛନ୍ତି। ନିକଟରେ ଗାଁକୁ ଏକ ଅଙ୍ଗନୱାଡି କେନ୍ଦ୍ର ତିଆରି ପାଇଁ ସରକାର ଅନୁମତି ପ୍ରଦାନ କରିଛନ୍ତି। ହେଲେ ଏହି କେନ୍ଦ୍ର ସୁଲୋଚନା ରହୁଥିବା ଜାଗାରେ କରିବା ଲାଗି ଗାଁର କେତେଜଣ ଲୋକ ଅଡି ବସିଛନ୍ତି। କିଛିଦିନ ତଳେ ସମ୍ପୃକ୍ତ ବ୍ୟକ୍ତିମାନେ ତାଙ୍କୁ ସେଠାରୁ ଉଠିଯିବା ପାଇଁ କହି ଯାଇଥିଲେ। ଏଥିରେ ସେ ରାଜି ହୋଇ ନ ଥିଲେ। ଗତ ୧୫ ତାରିଖରେ ସମ୍ପୃକ୍ତ ବ୍ୟକ୍ତିମାନେ ଏକ ଜେସିବି ଆଣି ସୁଲୋଚନାଙ୍କ ବାଡ଼ିରୁ କଦଳୀ ଏବଂ ଅମୃତଭଣ୍ଡା ଗଛ ଭାଙ୍ଗିଥିଲେ। ସୁଲୋଚନା ଏବଂ ତାଙ୍କ ପୁଅ ପ୍ରତିବାଦ କରିବାରୁ ସେମାନେ ଫେରିଯାଇଥିଲେ। ଏ ନେଇ ସୁଲୋଚନା ସେହିଦିନ ଚନ୍ଦନପୁର ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ପଦକ୍ଷେପ ନ ନେବାରୁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ସୁଲୋଚନା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ସୁଲୋଚନାଙ୍କ ଅଭିଯୋଗ ସଂକ୍ରାନ୍ତରେ ଚନ୍ଦନପୁର ଥାନା ଏଏସ୍‌ଆଇ ତ୍ରିନାଥ କହଁର କହିଛନ୍ତି, ସେ ଦୀର୍ଘଦିନ ଧରି ରହୁଥିବା କହୁଥିଲେ ମଧ୍ୟ ଏ ନେଇ ତାଙ୍କ ପାଖରେ କୌଣସି କାଗଜପତ୍ର ନାହିଁ। ତେଣୁ ପ୍ରଶାସନ ନିକଟକୁ ଯିବା ପାଇଁ କହିଥିଲି।

### ବ୍ରହ୍ମପୁରରେ ରୋଜଗାର ମେଳା



ବ୍ରହ୍ମପୁର ଅଫିସ,୧୮।୨:ଖଲ୍ଲିକୋଟ କଲେଜ ଷ୍ଟାଡିୟମ୍‌ରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦୁଇଦିନିଆ ରୋଜଗାର ମେଳା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଜାତୀୟ ଦକ୍ଷତା ବିକାଶ ନିଗମ ତରଫରୁ ଏହା ଆୟୋଜିତ ହେଉଥିବା ବେଳେ ୪୮ କମ୍ପାନୀ ଏଥିରେ ଭାଗ ନେଇଛନ୍ତି । ପ୍ରଥମ ଦିବସରେ ୧୫ଶହରୁ ଅଧିକ ଯୁବତୀ ଯୁବକ ନିଜ ନାମ ପଞ୍ଜୀକୃତ କରିଥିଲେ। ଅଂଶଗ୍ରହଣ କରିଥିବା କମ୍ପାନୀଗୁଡ଼ିକ ମଧ୍ୟରେ ଗୋଡରେଜ୍, ୟୁରେକା ଫୋର୍ବସ, ଏଲ୍‌ଆଣ୍ଡଟି ଫାଇନାନ୍ସିଆଲ୍ ସର୍ଭିସ୍, ବଜାଜ ଏଲାଏନ୍‌ଜ ଆଦି ରହିଛି। ଏନ୍‌ଏସ୍‌ଡିସିର ଓଡିଶା ମୁଖ୍ୟ ରତ୍ନାକର ପାଣିଗ୍ରାହୀ ମେଳା ପରିଚାଳନା କରିଥିଲେ। ଭବିଷ୍ୟତରେ ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି ।

# ଦୟନୀୟ ସ୍ଥିତିରେ ୪ ତୀର୍ଥ ପୁଷ୍କରିଣୀ

- ଭାଙ୍ଗିଛି ପାଚେରି, ହେଉନି ମରାମତି
- ଇନ୍ଦ୍ରଦ୍ୟୁମ୍ନ ଭିତରେ ପଶୁଛି ନଳା ପାଣି

ପୁରୀ ଅଫିସ,୧୮।୨

ପୁରୀକୁ ପ୍ରତିଦିନ ହଜାର ହଜାର ଭକ୍ତ ଓ ପର୍ଯ୍ୟଟକ ଆସିଥାନ୍ତି। ଶ୍ରୀମନ୍ଦିର ଏବଂ ବେଳାଭୂମି ପରେ ଅନେକ ଶ୍ରୀକ୍ଷେତ୍ରର ବିଭିନ୍ନ ତୀର୍ଥ ପୁଷ୍କରିଣୀ ବୁଲି ଦେଖିଥାନ୍ତି। ପୁରୀ ସହରର ପ୍ରାୟ ଅଧିକାଂଶ ପୁଷ୍କରିଣୀ ସହ ଐତିହ୍ୟ ଯୋଡ଼ି ହୋଇରହିଛି। ଶ୍ରୀକ୍ଷେତ୍ରର ପ୍ରମୁଖ ତୀର୍ଥ ପୁଷ୍କରିଣୀ ତାଲିକାରେ ଥିବା ଇନ୍ଦ୍ରଦ୍ୟୁମ୍ନ, ମାର୍କଣ୍ଡେଶ୍ୱର, ପଥର ଏବଂ ପାର୍ବତୀ ସାଗରର ଅବସ୍ଥା ଏବେ ଦୟନୀୟ ହୋଇପଡିଛି। ବର୍ଷ ବର୍ଷ ଧରି ଏହି ପୁଷ୍କରିଣୀର ପାଚେରି ଭାଙ୍ଗି ଅପରିଷ୍କାର ହୋଇପଡିଥିଲେ ମଧ୍ୟ ଏଥିପ୍ରତି କାହାର ନିଘା ନାହିଁ। ଫଳରେ ବିଭିନ୍ନ ସମୟରେ ଏହି ପୁଷ୍କରିଣୀକୁ ବୁଲି ଯାଉଥିବା ଶ୍ରଦ୍ଧାଳୁ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।

ଶ୍ରୀକ୍ଷେତ୍ରର ପଞ୍ଚତୀର୍ଥ ମଧ୍ୟରୁ ଅନ୍ୟତମ ତୀର୍ଥ ହେଉଛି ଇନ୍ଦ୍ରଦ୍ୟୁମ୍ନ। ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ସ୍ମୃତିର ସ୍ମାରକୀ ବହନ କରୁଥିବା ଏହି ପୁଷ୍କରିଣୀକୁ କୁରୁମ ପୁଷ୍କରିଣୀ ବା ଯଜ୍ଞ ପୁଷ୍କରିଣୀ ବୋଲି କୁହାଯାଏ। ଏହାରି କୂଳରେ ନୀଳକଣ୍ଠେଶ୍ୱରଙ୍କ ମନ୍ଦିର ରହିଛି। କିନ୍ତୁ ଠିକ୍ ଭାବେ ଏହାର ରକ୍ଷଣାବେକ୍ଷଣ କରାଯାଉ ନାହିଁ। ଫଳରେ ବର୍ତ୍ତମାନ ପୁଷ୍କରିଣୀର ପୂର୍ବ, ଉତ୍ତର ଓ ଦକ୍ଷିଣ ପାର୍ଶ୍ୱ ପାଚେରି ଭୁଶୁଡ଼ି ପଡିଛି। ଗତବର୍ଷ ଅଗଷ୍ଟ ୬ ରାତିରେ ପ୍ରବଳ ବର୍ଷା ହୋଇଥିଲା। ବିଳମ୍ବିତ



ଇନ୍ଦ୍ରଦ୍ୟୁମ୍ନ ପୋଖରୀ।

ରାତିରେ ପୁଷ୍କରିଣୀର ପୂର୍ବ ପାର୍ଶ୍ୱ ୫୦ ଫୁଟ ଏବଂ ଦକ୍ଷିଣ ପାର୍ଶ୍ୱ ୫୬ ଫୁଟ୍‌ର ପାଚେରି ଭୁଶୁଡ଼ି ପଡିଥିଲା। ଏହାପରେ ଉତ୍ତର ପାର୍ଶ୍ୱ ପାଚେରି ପ୍ରାୟ ୫୬ ଫୁଟ୍ ଭୁଶୁଡ଼ି ପଡିଛି। ହେଲେ ଏହା ମରାମତି କରାଯାଇ ନାହିଁ। ପୂର୍ବ ଏବଂ ଉତ୍ତର ପାର୍ଶ୍ୱରେ ଅସ୍ଥାୟୀ ଭାବେ ପାଚେରି କରାଯାଇଥିବା ବେଳେ ବାଲିବସ୍ତା ପ୍ୟାକ୍ ଦିଆଯାଇଛି। ସବୁଠୁ ପରିତାପର ବିଷୟ ହେଉଛି ପୂର୍ବପଟରେ ସ୍ୱେରେଜ ପାଇପ ଫାଟି ଯାଇଥିବାରୁ ଏହି ପବିତ୍ର ପୁଷ୍କରିଣୀ ଭିତରକୁ ନଳାପାଣି ପ୍ରବେଶ କରୁଛି।

ଶ୍ରୀମନ୍ଦିର ଉତ୍ତର ପାର୍ଶ୍ୱରେ ରହିଛି ଅନ୍ୟତମ ତୀର୍ଥ ପୁଷ୍କରିଣୀ ମାର୍କଣ୍ଡେୟ। ଅନ୍ୟ ତୀର୍ଥ ଅପେକ୍ଷା ଏଠାରେ ସର୍ବାଧିକ ତୀର୍ଥଯାତ୍ରୀ ସ୍ନାନ, ଦାନ, ତର୍ପଣ, ଶ୍ରାଦ୍ଧ ଓ ଦଶାହ କ୍ରିୟା କରିଥାନ୍ତି। ଭାଦ୍ର କୃଷ୍ଣ ଏକାଦଶୀରେ ଶ୍ରୀଜଗନ୍ନାଥଙ୍କ କାଳୀୟ ଦଳନ ନୀତି ମାର୍କଣ୍ଡେୟ ପୁଷ୍କରିଣୀରେ ଅନୁଷ୍ଠିତ ହୁଏ। ନେତପିଲାମାନେ ଏଠାରେ ବାଲୁକା ଲିଙ୍ଗ ସ୍ଥାପନ କରି ଶାରଦୀୟ ଦୁର୍ଗାପୂଜା ସମୟରେ ପୂଜା କରିଥାନ୍ତି। ଏହି ପୁଷ୍କରିଣୀ କୂଳରେ ଶ୍ରୀମାର୍କଣ୍ଡେଶ୍ୱର ମନ୍ଦିର ମଧ୍ୟ ରହିଛି। ଏତେସବୁ ଐତିହ୍ୟକୁ ଜାବୁଡ଼ି ଧରିଥିବା ଏହି ପୁଷ୍କରିଣୀର ପୁନରୁଦ୍ଧାର ପାଇଁ କାହାର ଆଗ୍ରହ ନାହିଁ। ଗତବର୍ଷ ଜୁଲାଇ ୧୬ ଲଗାଣ ବର୍ଷାରେ ଏହି ପୁଷ୍କରିଣୀର ପୂର୍ବ-ଉତ୍ତର କୋଣ ପାଚେରି ପ୍ରାୟ ୮୦ଫୁଟ୍ ଭୁଶୁଡି ପଡିଥିଲା। ଏ ପର୍ଯ୍ୟନ୍ତ ଏହାର ମରାମତି କରାଯାଇ ନାହିଁ।

ଶ୍ରୀକ୍ଷେତ୍ରର ଅନ୍ୟତମ ଐତିହ୍ୟ ପୁଷ୍କରିଣୀ ହେଉଛି ମା' ଆଲାମଚଣ୍ଡୀଙ୍କ ପୁଷ୍କରିଣୀ ବା ପଥର ପୋଖରୀ। ନବକଳେବର ସମୟରେ ଦାରୁ ଆସିବା ବେଳେ ଦଇତାପତିମାନେ ଆଲାମଚଣ୍ଡୀ ପୀଠରେ ରାତ୍ରିଯାପନ କରିବା ସହ ଏହି ପୋଖରୀରେ ସ୍ନାନ କରିଥାନ୍ତି। ରାତିସାରା ସେଠାରେ ମହାଦାରୁ ଶଗଡି ଅବସ୍ଥାନ କରନ୍ତି। ହେଲେ ଏହାର ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡିଛି। ପୋଖରୀ ପାଣି ଅପରିଷ୍କାର ହୋଇପଡିଥିବା ବେଳେ ଦୁଇପାର୍ଶ୍ୱ ପାଚେରି ଭୁଶୁଡି ଅବ୍ୟବସ୍ଥିତ ଢଙ୍ଗରେ ପଡିରହିଛି। ନବକଳେବର ସମୟରେ ଏହି ପୋଖରୀର ପୁନରୁଦ୍ଧାର କରାଯାଇଥିଲା। କାମ ନିମ୍ନମାନର ଯୋଗୁ ପାଚେରି ଭୁଶୁଡିବା ସହ ଏହା ସ୍ଥିତି ଦୟନୀୟ ହୋଇପଡିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ସେହିପରି ସହରର ଅନ୍ୟତମ ତୀର୍ଥ ପୁଷ୍କରିଣୀ ହେଉଛି ପାର୍ବତୀ ସାଗର। ଏହା ପୁରୀ ସହରର ଆଉ ଏକ ବଡ଼ ପୋଖରୀ। ପ୍ରସିଦ୍ଧ ଶୈବ ପୀଠ ଶ୍ରୀଲୋକନାଥ ମନ୍ଦିର ପରିସରକୁ ଏହା ଲାଗି ରହିଛି। ସୁଉଚ୍ଚ ପାଚେରି ଦ୍ୱାରା ଏହା ପରିବେଷ୍ଟିତ। ଲୋକନାଥ ମନ୍ଦିରକୁ ଯିବାବେଳେ ଏବଂ ଫେରିବା ବେଳେ ଶ୍ରଦ୍ଧାଳୁମାନେ ଏହି ପୁଷ୍କରିଣୀରେ ଗୋଡ, ହାତ ଧୋଇ ଯାଇଥାନ୍ତି। ଏତଦ୍‌ବ୍ୟତୀତ ଶ୍ରାବଣ ମାସରେ ବୋଲବମ୍ ଭକ୍ତ ଏଠାରେ ସ୍ନାନ କରିଥାନ୍ତି। ସେହିପରି ସରନ୍ତି ସୋମବାର ରାତିରେ ପୁଷ୍କରିଣୀରେ ଶ୍ରଦ୍ଧାଳୁ ଗାଧୋଇବା ସହ ଠାକୁରଙ୍କ ବାସନ କୁସନ ପୋଖରୀରେ ସଫା କରାଯାଏ। ଦୀର୍ଘଦିନ ହେବ ଏହାର ଉତ୍ତରପାର୍ଶ୍ୱ ପାଚେରି ଦୁର୍ବଳ ହୋଇପଡିଥିଲା। ଫଳରେ ଗତ ୨୦୧୭ ଅକ୍ଟୋବର ୨୦ରେ ଉତ୍ତର ପାର୍ଶ୍ୱରେ ପ୍ରାୟ ୧୦୦ ଫୁଟ ପାଚେରି ଭୁଶୁଡି ପଡିଥିଲା। ଇତିମଧ୍ୟରେ ବର୍ଷେରୁ ଊର୍ଦ୍ଧ୍ୱ ସମୟ ବିତିଗଲାଣି। ହେଲେ ଏ ପର୍ଯ୍ୟନ୍ତ ଏହି ପାଚେରି ମରାମତି ହୋଇନାହିଁ। ଆସନ୍ତା ମାର୍ଚ୍ଚ ୪ରେ ଜାଗର ଯାତ୍ରା। ଏଠାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ହେଲେ ପୋଖରୀର ଏଭଳି ଅବସ୍ଥା ନିଶ୍ଚିତ ସେମାନଙ୍କ ମନରେ ନକାରାତ୍ମକ ଭାବନା ଆଣିବ ବୋଲି କୁହାଯାଉଛି।

## କ୍ଷେତ୍ର ପ୍ରଚାର ବିଭାଗର ସଚେତନତା କାର୍ଯ୍ୟକ୍ରମ

ବ୍ରହ୍ମପୁର ଅଫିସ,୧୮।୨

ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କ୍ଷେତ୍ରପ୍ରଚାର ବ୍ରହ୍ମପୁର କାର୍ଯ୍ୟାଳୟ ପକ୍ଷରୁ ଡୁରାଠାରେ କେନ୍ଦ୍ର ସରକାରଙ୍କ ଅର୍ଥଲାଭକାରୀ ଯୋଜନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସ୍ଥାନୀୟ ସମିତି ସଭ୍ୟ କବିତା ରାଉଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ୟୁନାଇଟେଡ ବ୍ୟାଙ୍କ ପ୍ରବନ୍ଧକ ବିଶ୍ୱନାଥ ପଟ୍ଟନାୟକ, ଡାକ ବିଭାଗର ସହକାରୀ ନିରୀକ୍ଷକ ମନୋଜ କୁମାର ବେହେରା ବକ୍ତାଭାବେ ଯୋଗଦେଇ ବ୍ୟାଙ୍କ ଓ ଡାକବିଭାଗ ଦ୍ୱାରା ପ୍ରଚଳିତ ବ୍ୟାଙ୍କ ଦ୍ୱାରା ପ୍ରଚଳିତ କେନ୍ଦ୍ର ସରକାରଙ୍କ ବିଭିନ୍ନ ପେନସନ ,ବୀମା ସମ୍ପର୍କିତ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ଅଧ୍ୟାପକ ଡ. ବିଭୂତି ଭୂଷଣ ପାତ୍ର, କ୍ୟାଶ ଅଫିସର ଅଜିତ କୁମାର ଶୁକ୍ଳ ଅନ୍ୟତମ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଆର୍ଥିକ ଲାଭ ଜନିତ ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଶ୍ରୀନଗରର ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ସିଆରପିଏଫ ଯବାନଙ୍କ ଆତ୍ମାର ସଦ୍‌ଗତି ପାଇଁ ସ୍ମୃତିଚାରଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । କ୍ଷେତ୍ରପ୍ରଚାର ଅଧିକାରୀ ମନମୋହନ ପାଢୀ ଅତିଥି ପରିଚୟ ପ୍ରଦାନ ସହ କେନ୍ଦ୍ରର ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ । ଏଥିରେ ରଙ୍ଗେଇଲୁଣ୍ଡା ବ୍ଲକ ଆଇସିଡିଏସ କ୍ଷେତ୍ର ନିରୀକ୍ଷିକା କେ. ଅନୀତା ଯୋଗଦେଇ




କାର୍ଯ୍ୟକ୍ରମରେ ମଞ୍ଚାସୀନ ବ୍ୟକ୍ତିବିଶେଷ।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା କନ୍ୟା ସନ୍ତାନଙ୍କ ସୁରକ୍ଷା ପାଇଁ ପ୍ରଚଳିତ ବିଭିନ୍ନ ଯୋଜନା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ବିଭାଗ ପକ୍ଷରୁ ବିଭିନ୍ନ ଯୋଜନା ଉପରିସ୍ଥ ଏକ କୁଇଜ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ଥାନୀୟ ସାମାଜିକକର୍ମୀ କେ. କ୍ରିଷ୍ଣା ରେଡ୍ଡୀ, କ୍ଷେତ୍ରପ୍ରଚାର ସହାୟକ ଭିଏସ୍ ଫନୀକୁମାର, ପ୍ରମୋଦ କୁମାର ସାବତ ଓ ରଙ୍ଗାଧର ନାୟକ ପ୍ରମୁଖ ସହଯୋଗ କରିଥିଲେ ।

## କୋର୍ଟଙ୍କ ନିର୍ଦ୍ଦେଶରେ ନାବାଳିକାଙ୍କୁ ନେଲେ ପରିବାର

ବ୍ରହ୍ମପୁର ଅଫିସ,୧୮।୨

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅଧୀନ ଏକ ଅଞ୍ଚଳରୁ ୨୦୧୮ ସେପ୍ଟେମ୍ବରରୁ ନିଖୋଜ ଥିବା ଜଣେ ନାବାଳିକାଙ୍କୁ ରବିବାର ଉଦ୍ଧାର କରାଯାଇଛି । ସୋମବାର ଡାକ୍ତରୀ ମାଇନା ପାଇଁ ପଠାଯିବା ପରେ ସନ୍ଧ୍ୟାରେ କୋର୍ଟରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଥିଲା। ପରେ କୋର୍ଟଙ୍କ ନିର୍ଦ୍ଦେଶନୁଯାୟୀ ପୋଲିସ ଉକ୍ତ ନାବାଳିକାଙ୍କୁ ତାଙ୍କ ମାତା, ପିତାଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି । ଏନେଇ ବୈଦ୍ୟନାଥପୁର ପୋଲିସ ନଂ ୧୯୪/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ସଦର ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି ସୂଚନା ଦେଇଛନ୍ତି। ପ୍ରକାଶଯେ, ୨୦୧୮ ସେପ୍ଟେମ୍ବର ୧୯ରେ ବୈଦ୍ୟନାଥପୁର ଥାନା ଅଞ୍ଚଳରୁ ଜଣେ ଯୁକ୍ତ ୨ ପଢୁଥିବା ନାବାଳିକା ଛାତ୍ରୀ ଘରୁ କେଉଁଆଡେ ନିଖୋଜ ହୋଇଯାଇଥିଲେ। ପରିବାର ବର୍ଗ ବହୁ ଖୋଜାଖୋଜି କରିବା ପରେ କୌଣସି ସନ୍ଧାନ ନ ପାଇବାରୁ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ପୋଲିସ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା ।

## ଲୋକନାଥଙ୍କ ପୀଠରେ ଜଳିବ ସବୁଠୁ ବଡ଼ ଦୀପ

ପୁରୀ ଅଫିସ,୧୮।୨: ଆସନ୍ତା ୪ ତାରିଖରେ ମହା ଶିବରାତ୍ରି। ବିଭିନ୍ନ ଶୈବ ପୀଠରେ ଜାଗର ଦୀପ ଜାଳିବେ ଭକ୍ତ। ଏହି ଅବସରରେ ପ୍ରସିଦ୍ଧ ଶୈବ ପୀଠ ଲୋକନାଥଙ୍କ ମନ୍ଦିରରେ ଜଳାଯିବ ସବୁଠୁ ବଡ଼ ମାଟିଦୀପ। ଏହା ବିଶ୍ୱର ସବୁଠୁ ବଡ଼ ଦୀପ ହେବ ବୋଲି ଆଶା ରଖି ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସ ପାଇଁ ଉଦ୍ୟମ କରିଛନ୍ତି ଆୟୋଜକ। ଜଗତ ମଙ୍ଗଳ ଜାଗର ଦୀପ ମହୋତ୍ସବ ନାମରେ ଗତ ୬ ବର୍ଷ ହେଲା ଲୋକନାଥଙ୍କ ପୀଠରେ କେତେଜଣ ବ୍ୟକ୍ତି ଏକ ବଡ଼ ମାଟିଦୀପ ଜାଳି ଆସୁଛନ୍ତି। ପଙ୍କୋଦ୍ଧାର ଏକାଦଶୀଠାରୁ ଏହି ଦୀପ ପ୍ରଜ୍ୱଳନକୁ ବ୍ରାହ୍ମଣଙ୍କ ଉପସ୍ଥିତିରେ ବଡ଼ ଓଡ଼ିଆ ମଠ ମହନ୍ତ ଅଧିକାରୀ ବଂଶୀଧର ଦାସ ଗୋସ୍ୱାମୀ ଉଦ୍‌ଘାଟନ କରିଥାନ୍ତି। ତିନିଦିନ ଅର୍ଥାତ୍ ଶିବରାତ୍ରି ମହାଦୀପ ଉଠିବା ପର୍ଯ୍ୟନ୍ତ ଏହା ଜଳିଥାଏ। ଶ୍ରୀଲୋକନାଥଙ୍କ ପୀଠରୁ ଆଜ୍ଞାମାଳ ଆସିବା ପରେ ଏହି ଦୀପ ପ୍ରଜ୍ୱଳିତ ହୁଏ। ୬ଫୁଟ ଲମ୍ବ, ୬ଫୁଟ ପ୍ରସ୍ଥ ଥିବା ଏହି ଦୀପ କଟକ ବିଡ଼ାନାସୀରେ ତିଆରି ହୋଇ ପୁରୀକୁ ଅଣାଯାଏ। ଗତ ୬ ବର୍ଷ ହେଲା ଆୟୋଜକମାନେ ଏହି ବୃହତ୍ ଦୀପ ଜାଳି ଆସୁଥିଲେ। କିନ୍ତୁ ଏହା ବିଶ୍ୱର ସବୁଠୁ ବଡ଼ ଦୀପ ତାହା କେବେ ସେମାନେ ମନକୁ ଆଣି ନ ଥିଲେ। ଠାକୁରଙ୍କ ଉଦ୍ଦେଶ୍ୟରେ ଦୀପ ଜାଳୁଛନ୍ତି ଏତିକି ହିଁ ସେମାନଙ୍କୁ ସାନ୍ତ୍ୱନା ଦେଉଥିଲା। ଆୟୋଜକମାନେ ଦିନେ ଏକାଠି ବସିଥିବା ବେଳେ ଦୀପର ଡିଜାଇନ ଇଣ୍ଟରନେଟ୍‌ରୁ ଖୋଜିବା ବେଳେ ବିଶ୍ୱର ସବୁଠୁ ବଡ଼ ଦୀପ କଥା ମନକୁ ଆସିଲା। ତେଣୁ ଏହି ଯୁବକମାନେ ଗୁଗୁଲରେ ସର୍ଚ୍ଚ କରିବା ପରେ ବିଶ୍ୱର ସବୁଠୁ ବଡ଼ ଦୀପ ଉତ୍ତରପ୍ରଦେଶର ଗୋରଖପୁରଠାରେ ତିଆରି ହୋଇଥିବା ଜାଣିବାକୁ ପାଇଥିଲେ। ସେହି ଦୀପର ଓଜନ ୧୫୦ କିଗ୍ରା ଥିବା ବେଳେ କ୍ଷମତା ୧୦୧ ଲିଟର ରହିଥିଲା। ଗୋରଖପୁର ମୋହନଲାଲପୁରସ୍ଥିତ ଶ୍ରୀ ଶ୍ରୀ ଲକ୍ଷ୍ମୀପୂଜା ସମିତିର ୧୧ ଯୁବକ ୨୦୧୬ରେ ଏହି ଦୀପ ତିଆରି କରାଇଥିଲେ। ଭାରତୀୟ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହାକୁ ଜାଳିଥିଲେ। କିନ୍ତୁ ଲୋକନାଥଙ୍କ ନିକଟରେ ଯେଉଁ ଦୀପ ଜଳାଯାଉଛି ତାହାର ଓଜନ ପ୍ରାୟ ୪୦୦ରୁ ୫୦୦ କେଜି ରହୁଥିବା ବେଳେ ଏଥିରେ ପ୍ରାୟ ସାଢେ ୪ କୁଇଣ୍ଟାଲ ଘିଅ ଧରିଥାଏ। ତେଣୁ ସେମାନେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସ ପାଇଁ ଏଥର ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ଏହି ଦୀପ ସମଗ୍ର ଓଡ଼ିଶାବାସୀଙ୍କର। ତେଣୁ ଗିନିଜ୍ ବୁକ୍‌ରେ ସ୍ଥାନ ପାଇବା ଲାଗି ଓଡ଼ିଶାବାସୀଙ୍କ ସଦିଚ୍ଛା କାମନା କରିଛନ୍ତି ଏହି ଯୁବକମାନେ। ନିଜର ବଡ଼ପଣ ନୁହେଁ, ଶ୍ରୀଲୋକନାଥଙ୍କ ପ୍ରତି ସମର୍ପଣ ଭାବ ରଖି ଏହି ଦୀପ ଜାଳୁଥିବାରୁ ସେମାନଙ୍କ ନାମ ଗୋପନ ରଖିଛନ୍ତି।

## ବେତାର ଜ୍ଞାନକୌଶଳରୁ ମିଳିବ ସୁଫଳ

# ପ୍ରାକୃତିକ ବିପର୍ଯ୍ୟୟରେ ସହାୟକ ହେବ ହାମ୍ ରେଡିଓ

- ଚିଲିକାରେ ଆୟୋଜିତ ହେଲା ଦୁଇଦିନିଆ ଅଭ୍ୟାସ ଶିବିର
- ଆମେଚର ରେଡିଓ ସୋସାଇଟି ଅଫ୍ ଓଡ଼ିଶାର ପ୍ରୟାସ
- ଉଦ୍ଧାର କାର୍ଯ୍ୟ ବେଳେ ଓଡ୍ରାଫ୍ କରିବ ବ୍ୟବହାର

ବ୍ରହ୍ମପୁର ଅଫିସ,୧୮।୨

ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଯେତେବେଳେ ଲ୍ୟାଣ୍ଡ ଫୋନ୍ କାମ କରେ ନାହିଁ, ମୋବାଇଲ୍ ଫୋନ୍ ଅଚଳ ହୋଇଥାଏ ସେତେବେଳେ ଯୋଗାଯୋଗର ଏକ ପ୍ରମୁଖ ମାଧ୍ୟମ ହୁଏ ରେଡିଓ ଫ୍ରିକ୍ୟୁଏନ୍ସି। ହାମ୍ ରେଡିଓ ଏମିତି ଏକ ବେତାର ଜ୍ଞାନ କୌଶଳ, ଯାହା ଦ୍ୱାରା ରେଡ଼ିଓ ଫ୍ରିକ୍ୟୁଏନ୍ସିମାଧ୍ୟମରେ ଅନ୍ୟମାନଙ୍କ ସହ ଯୋଗାଯୋଗ କରାଯାଇ ପାରିଥାଏ। ରେଡିଓ ଫ୍ରିକ୍ୟୁଏନ୍ସିକୁ ବ୍ୟବହାର କରି, ହାମ୍ ରେଡିଓ ଜରିଆରେ ଯୋଗାଯୋଗର ଏହି କୌଶଳ, ବିଦେଶରେ ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ସୂଚନା ଏବଂ ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟରେ ବହୁଳ ଭାବେ ବ୍ୟବହାର ହୋଇଥାଏ। ବର୍ତ୍ତମାନ ଓଡ଼ିଶାରେ ମଧ୍ୟ ଏହାର ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି। ଲୋକଙ୍କ ମଧ୍ୟରେ ହାମ୍ ରେଡିଓ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ଏବଂ ବ୍ୟବହାର ପ୍ରତି ଆଗ୍ରହ ବଢ଼ାଇବା ଦିଗରେ କାର୍ଯ୍ୟ କରୁଛି ଆମେଚର ରେଡିଓ ସୋସାଇଟି ଅଫ୍ ଓଡ଼ିଶା। ଚିଲିକା ଦ୍ୱୀପରେ ଦୁଇଦିନିଆ ଅଭ୍ୟାସ ଶିବିର ଶନିବାର ଓ ରବିବାର ଆୟୋଜନ ସହ ସାଧାରଣ ଲୋକଙ୍କୁ ହାମ୍ ରେଡିଓର ବ୍ୟବହାର ସମ୍ପର୍କରେ ସଚେତନ କରାଯାଇଥିଲା ।

### କେମିତି ସାହାଯ୍ୟ କରେ ହାମ୍ ରେଡିଓ

ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଯେତେବେଳେ ଲ୍ୟାଣ୍ଡଲାଇନ୍ ଏବଂ ମୋବାଇଲ୍ ଫୋନ୍ ସଂଯୋଗ ବିଚ୍ଛିନ୍ନ ହୋଇଯାଇଥାଏ ସେତେବେଳେ କେବଳ ରେଡିଓ ଫ୍ରିକ୍ୟୁଏନ୍ସି ହିଁ ଥାଏ। ଫଳରେ ହାମ୍ ରେଡିଓ ସାହାଯ୍ୟରେ ଜଣେ ସାଧାରଣ ନାଗରିକ ସରକାର କିମ୍ବା ଉଦ୍ଧାର କାର୍ଯ୍ୟରେ ବ୍ୟବହାର ଦଳ ସହ ଯୋଗାଯୋଗ କରିପାରିବେ । ଅନେକ ସମୟରେ ସରକାରଙ୍କ ଦ୍ୱାରା ଉଦ୍ଧାର କାର୍ଯ୍ୟରେ ନିୟୋଜିତ ବିଭିନ୍ନ ସରକାରୀ ବିଭାଗଗୁଡ଼ିକ ପରସ୍ପର ଭିତରେ ସୂଚନାର ଆଦାନ ପ୍ରଦାନ ପାଇଁ ହାମ୍ ରେଡିଓକୁ ବ୍ୟବହାର କରିଥାନ୍ତି।



ହାମ୍ ରେଡିଓଗୁଡ଼ିକୁ ସାଧାରଣ ଲୋକଙ୍କ ପାଇଁ ପ୍ରଦର୍ଶନ କରାଯାଇଛି ।

### ଚିଲିକା ଦ୍ୱୀପରେ ଅଭ୍ୟାସ

ଆମେଚର ରେଡିଓ ସୋସାଇଟି ଅଫ୍ ଓଡ଼ିଶା ତରଫରୁ ଦୁଇ ଦିନିଆ ଅଭ୍ୟାସ ଶିବିର ଶନିବାର ଏବଂ ରବିବାର ଅନୁଷ୍ଠିତ ହୋଇଥିଲା। ଚିଲିକାର ମିର୍ଜାପୁର ପାଖ ଦ୍ୱୀପରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ହାମ୍ ରେଡିଓ କୌଶଳ ପ୍ରଦର୍ଶନ ସହ ଆପତ୍‌କାଳୀନ ଓ ପ୍ରାକୃତିକ ବିପର୍ଯ୍ୟୟ ସମରେ ଯୋଗାଯୋଗ କିପରି ସ୍ଥାପନ ହୋଇପାରିବ, ସେନେଇ ଅଭ୍ୟାସ କରାଯାଇଥିଲା । ଏହି ଶିବିରରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୮ଜଣ ଲାଇସେନ୍ସପ୍ରାପ୍ତ ରେଡିଓ ଅପରେଟର୍ ଭାଗ ନେଇଥିଲେ। ଶନିବାର ସକାଳ ୭ଟାରୁ ରବିବାର ଅପରାହ୍ଣ ସାଢ଼େ ୪ଟା ପର୍ଯ୍ୟନ୍ତ ଅଭ୍ୟାସ ଚାଲିଥିଲା । ହେଲେ ରବିବାର ସାଧାରଣ ଲୋକମାନଙ୍କୁ ହାମ୍ ରେଡିଓ ସମ୍ପର୍କରେ ସଚେତନ କରାଯାଇଥିଲା। ଓଡ଼ିଶାରେ ପ୍ରଥମ ଥର ପାଇଁ ଆୟୋଜିତ ଏଭଳି କାର୍ଯ୍ୟକ୍ରମକୁ କେନ୍ଦ୍ର ସରକାରଙ୍କ ୱେୟାରଲେସ୍ ପ୍ଲାନିଂ ଆଣ୍ଡ କୋଅର୍ଡିନେଶନ୍ ୱିଙ୍ଗ(ଡବ୍ଲୁପିସି) ଅନୁମୋଦନ କରିଥିଲା । ଏହି ଅଭ୍ୟାସ ସଫଳ ହୋଇଥିବା କୁହାଯାଇଛି । ଦୁଇ ଦିନର ରହଣି ବେଳେ ହାମ୍ ରେଡ଼ିଓକୁ ଚଳାଇବା ପାଇଁ ସୌର ଶକ୍ତିର ବ୍ୟବହାର ହୋଇଥିବା ବେଳେ ବାଉଁଶରେ ଆଣ୍ଟେନା କରାଯାଇଥିଲା ବୋଲି ସଦସ୍ୟ ଗୁରୁଦତ୍ତ ପଣ୍ଡା ପ୍ରକାଶ କରିଛନ୍ତି। ଗୁରୁଦତ୍ତଙ୍କ ସହ ଏହି ଅଭ୍ୟାସରେ ଅନ୍ୟ ଅପରେଟର୍ ଯଥା ପ୍ରୀତିରଞ୍ଜନ ମେକାପ୍, ସମୀର ରଞ୍ଜନ ପଣ୍ଡା, ଉମାକାନ୍ତ ସ୍ୱାଇଁ, ଚନ୍ଦ୍ରଶେଖର ପଟ୍ଟନାୟକ, ସୁନିଲ ବିଶ୍ୱାଳ, ତୁଷାରକାନ୍ତି ମିଶ୍ର ଏବଂ ରାଜେଶ କୁମାର ପ୍ରମୁଖ ଭାଗ ନେଇଥିଲେ ।

### ୧୩୦ଅପରେଟର୍‌ଙ୍କ ସହ ଯୋଗାଯୋଗ

ଅଭ୍ୟାସ ବେଳେ ଦେଶ ବିଦେଶର ପ୍ରାୟ ୧୩୦ ଅପରେଟର୍‌ଙ୍କ ସହ ଯୋଗାଯୋଗ କରାଯାଇଥିଲା । ଏଥିରେ ୯୦ଜଣ ଭାରତର ହୋଇଥିବା ବେଳେ ଅନ୍ୟମାନେ ଡେନମାର୍କ, ରୁଷିଆ, ଇଣ୍ଡୋନେସିଆ, ଥାଇଲାଣ୍ଡ ଏବଂ ଅଷ୍ଟ୍ରେଲିଆର ଥିଲେ। ରବିବାର ପାକିସ୍ତାନ ବ୍ୟତୀତ ଅନ୍ୟାନ୍ୟ ପଡୋଶୀ ଦେଶଗୁଡ଼ିକର ଅପରେଟର୍‌ଙ୍କ ସହ ଯୋଗାଯୋଗ କରାଯାଇଥିଲା।

### ହାମ୍ ରେଡିଓ କ'ଣ

-ହାମ୍ ରେଡିଓ ବ୍ୟବହାର ପାଇଁ କେନ୍ଦ୍ର ସରକାରଙ୍କ ଠାରୁ ଲାଇସେନ୍ସ ନେବାକୁ ହୋଇଥାଏ। ପ୍ରତ୍ୟେକ ଅପରେଟର୍‌ଙ୍କୁ ସରକାରଙ୍କ ତରଫରୁ ଏକ ସ୍ୱତନ୍ତ୍ର କୋଡ୍ ଦିଆଯାଇଥାଏ। କୋଡ୍ ମିଳିବା ପରେ ରେଡ଼ିଓ ଫ୍ରିକ୍ୟୁଏନ୍ସି ଜରିଆରେ ହାମ୍ ଅପରେଟର୍‌ମାନେ ଅନ୍ୟ ଅପରେଟର୍‌ଙ୍କ ସହ ଯୋଗାଯୋଗ କରିପାରନ୍ତି । ଜଣେ ସାଧାରଣ ନାଗରିକ ଚାହିଁଲେ ଭାରତ ସରକାରଙ୍କଠାରୁ ଲାଇସେନ୍ସ ନେଇ ନିଜ ଘରେ ରେଡ଼ିଓ ଟ୍ରାନ୍ସମିଟର୍ ରଖି ପାରିବେ। ଦେଶ ଦୁନିଆର ଅନ୍ୟ ରେଡିଓ ଅପରେଟର୍‌ଙ୍କ ସହ ସମ୍ପର୍କ ସ୍ଥାପନ କରିପାରିବେ । ଛାତ୍ରୀଛାତ୍ର ଓ ଗବେଷକମାନେ ଏହି ଲାଇସେନ୍ସ ନେଇ ନିଜ ଗବେଷଣା ମଧ୍ୟ କରିପାରିବେ। ଆମେଚର ରେଡ଼ିଓ ସୋସାଇଟି ଓଡ଼ିଶା ଏଥିରେ ସହଯୋଗ କରୁଛି ।

### ଅପରେଟର୍ ସଂଖ୍ୟା ବଢ଼ାଇବାକୁ ଗୁରୁତ୍ୱ

ଓଡ଼ିଶା ଉପକୂଳ ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥାଏ। ସମସ୍ତ ପ୍ରକାର ଯୋଗାଯୋଗ ଏହି ସମୟରେ ବିଚ୍ଛିନ୍ନ ହୋଇଯାଇଥାଏ। ଏଣୁ ଓଡ଼ିଶାରେ ଅଧିକରୁ ଅଧିକ ହାମ ରେଡିଓ ଅପରେଟର୍ ସୃଷ୍ଟି ହେଲେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାରେ ଏହା ବେଶ୍ ସହାୟକ ହେବ ବୋଲି ଆମେଚର ରେଡିଓ ସୋସାଇଟି ଓଡ଼ିଶାର ସଦସ୍ୟମାନେ ପ୍ରକାଶ କରିଛନ୍ତି ।

### ତିତ୍‌ଲିରେ ହୋଇଥିଲା ସହାୟକ

ତିତ୍‌ଲି ବାତ୍ୟା ବେଳେ ହାମ୍ ରେଡିଓ ଉଦ୍ଧାର କାର୍ଯ୍ୟରେ ସହାୟକ ହୋଇଥିଲା। ଓଡ୍ରାଫ୍ ତରଫରୁ ହାମ୍ ରେଡିଓକୁ ବ୍ୟବହାର କରାଯାଇଥିଲା। ବାତ୍ୟା ଯୋଗୁ ସମସ୍ତ ପ୍ରକାର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିବା ବେଳେ ରେଡିଓ ଫ୍ରିକ୍ୟୁଏନ୍ସି ଜରିଆରେ ଯୋଗାଯୋଗ ସମ୍ଭବ ହୋଇପାରିଥିଲା। ବର୍ତ୍ତମାନ ଓଡ୍ରାଫ୍ ଟିମ୍ ମଧ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ହାମ୍ ରେଡିଓକୁ ବହୁଳ ଭାବେ ବ୍ୟବହାର କରୁଛି ।